ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

ଚନ୍ଦ୍ରକାନ୍ତ ମଣି

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ବିଶ୍ୱସାହିତ୍ୟ ଗ୍ରନ୍ଥମାଳା :

ଚନ୍ଦ୍ରକାନ୍ତମଣି

[ଊ୍ୱିଲ୍‌କି କୋଲିନ୍‌ସଙ୍କ ରଚିତ
The Moonstone ବହିର ଓଡ଼ିଆ ରୂପାନ୍ତର ।]

ଅନୁବାଦ :

ଅଧ୍ୟାପକ ଶ୍ରୀଧର ଦାସ

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ପ୍ରକାଶକ :

ମନୋଜ କୁମାର ମହାପାତ୍ର
ଗ୍ରନ୍ଥମନ୍ଦିର,
ବିନୋଦବିହାରୀ, କଟକ-୨

ମୁଦ୍ରକ :

ତପନ କୁମାର ମହାପାତ୍ର
ଅପ୍‌ଟିମା ଅଫ୍‌ସେଟ୍ ପ୍ରିଣ୍ଟ୍ସ
ସୂତାହାଟ, କଟକ-୧

ପ୍ରଥମ ମୁଦ୍ରଣ : ଡିସେମ୍ବର ୧୯୭୨
ପରିମାର୍ଜିତ ନୂତନ ସଂସ୍କରଣ : ୧୯୯୬
ପୁନର୍ମୁଦ୍ରଣ : ଜୁନ, ୨୦୦୮

ମୂଲ୍ୟ : ଟ. ୩୦/-

Digitized by srujanika@gmail.com

(୧)

ଭାରତର ପଶ୍ଚିମ ଉପକୂଳରେ ବିଖ୍ୟାତ ସୋମନାଥ ମନ୍ଦିର ଅବସ୍ଥିତ । ଏହି ମନ୍ଦିରରେ ସୋମ, ଅର୍ଥାତ୍ ଚନ୍ଦ୍ରଦେବତାଙ୍କର ମୂର୍ତ୍ତି ପ୍ରତିଷ୍ଠିତ । ଅନେକ ହିନ୍ଦୁ ରାଜା ଏହି ଦେବତାଙ୍କ ଉଦ୍ଦେଶ୍ୟରେ ଧନରତ୍ନ ଦାନକରିଥିଲେ । ଏକାଦଶ ଶତାବ୍ଦୀରେ ଗଜନୀର ସୁଲତାନ୍ ମାମୁଦ୍ ଏହି ସବୁ ଧନରତ୍ନ ଲୁଣ୍ଠନ କରିନେବା ନିମନ୍ତେ ସୋମନାଥ ମନ୍ଦିର ଆକ୍ରମଣ କଲା । ତିନିଜଣ ପୁରୋହିତ ମାମୁଦ୍‌ର ଆକ୍ରମଣର ସୂଚନା ପାଇ ମନ୍ଦିରର ପ୍ରଧାନ ଦେବତା ସୋମନାଥଙ୍କୁ ଘେନି ପଳାଇଲେ । ସେମାନେ ପଥ ମଧ୍ୟରେ ଅନେକ ବିପଦର ସମ୍ମୁଖୀନ ହେଲେହେଁ, ଅବଶେଷରେ ବାରାଣସୀରେ ଉପସ୍ଥିତ ହେଲେ ଓ କେତେକ ହିନ୍ଦୁ ରାଜାଙ୍କ ସାହାଯ୍ୟରେ ସେଠାରେ ଗୋଟିଏ ନୂତନ ମନ୍ଦିର ନିର୍ମାଣ କରାଇ ସେଥିରେ ସୋମନାଥଙ୍କୁ ପ୍ରତିଷ୍ଠା କଲେ । ମାମୁଦ୍ ସୋମନାଥ ମନ୍ଦିର ଅଧିକାର କରି ମନ୍ଦିରର ସମସ୍ତ ଦେବମୂର୍ତ୍ତି ଭାଙ୍ଗିଦେଲା ଓ ଧନରତ୍ନ ଲୁଣ୍ଠନ କରିନେଲା ; ସୋମନାଥଙ୍କ ମୂର୍ତ୍ତି କିନ୍ତୁ ତାହାର ଅତ୍ୟାଚାରରୁ ରକ୍ଷାପାଇଗଲେ । ସେତେବେଳକୁ ସୋମନାଥ ବାରାଣସୀରେ ଲୁକ୍କାୟିତ ଭାବରେ ନିରାପଦରେ ଥିଲେ ।

ସୋମନାଥଙ୍କ ମୂର୍ତ୍ତିର ମସ୍ତକରେ ଗୋଟିଏ ବିଚିତ୍ର ମଣି ଖଚିତ ଥିଲା । ଏହି ମଣିଟିର ନାମ ହେଉଛି 'ଚନ୍ଦ୍ରକାନ୍ତ' । ଚନ୍ଦ୍ରଙ୍କ କଳାର କ୍ଷୟବୃଦ୍ଧି ସଙ୍ଗେ ଏହାର ଜ୍ୟୋତିର କ୍ଷୟବୃଦ୍ଧି ଘଟୁଥିବାରୁ ଏହାର ଏପରି ନାମକରଣ ହୋଇଥିଲା । ଏହାକୁ ହିନ୍ଦୁମାନେ ଏକ ପବିତ୍ର ପଦାର୍ଥ ବୋଲି ମନେକରୁଥିଲେ । ଯେଉଁ ବ୍ରାହ୍ମଣମାନେ ସୋମନାଥଙ୍କୁ ବାରାଣସୀ କ୍ଷେତ୍ରକୁ ନେଇଯାଇଥିଲେ, ସେମାନେ ତାହାଙ୍କର ପୂଜା ଆରାଧନାରେ ନିଜକୁ ସମର୍ପଣ କରିଦେଇଥିଲେ । ଦିନେ ରାତିରେ ଦେବତା ଏହି ବ୍ରାହ୍ମଣମାନଙ୍କ ସମ୍ମୁଖରେ ସ୍ୱପ୍ନରେ ଆବିର୍ଭୂତ ହୋଇ ଆଦେଶଦେଲେ, "ଏହି ଚନ୍ଦ୍ରକାନ୍ତମଣିକୁ ତୁମ୍ଭେମାନେ ଦିନରାତି ଜଗିରହିବ; ଅନ୍ତତଃ ଜଣେ ହେଲେ ସର୍ବଦା ଏହା ନିକଟରେ ରହିଥିବ । ଯଦି କେହି ଏହି ମଣିକୁ ଏଠାରୁ ସ୍ଥାନାନ୍ତର କରିନିଏ, ତେବେ ସେ ଓ ତା'ର ପରିବାରବର୍ଗ ଘୋର ବିପଦରେ ପଡ଼ିବେ । ସୋମନାଥଙ୍କ ବ୍ୟତୀତ ଅନ୍ୟ କେହି ଏହାକୁ ରଖିଲେ ତାର ଧ୍ୱଂସ ଅନିବାର୍ଯ୍ୟ ।" ବ୍ରାହ୍ମଣମାନେ ଦେବତାଙ୍କ ସମକ୍ଷରେ ପ୍ରତିଜ୍ଞା କଲେ ଯେ ସେମାନେ ଆଜୀବନ ଏହି ମଣିକୁ ଜଗିରହିବେ ଏବଂ ପୁରୁଷାନୁକ୍ରମେ ଏହାର ସୁରକ୍ଷାର ବ୍ୟବସ୍ଥା କରିବେ ।

ଏହିପରି କେତେ ଶହ ବର୍ଷ ଚାଲିଗଲା । ବ୍ରାହ୍ମଣମାନଙ୍କ ବଂଶଧରମାନେ ଚନ୍ଦ୍ରକାନ୍ତମଣିକୁ ଜଗି ରହିଥାନ୍ତି । ବାରାଣସୀରେ ସୋମନାଥ ଦେବଙ୍କର ପୂଜା-ଆରାଧନା ଯଥାବିଧି ଅନୁଷ୍ଠିତ ହେଉଥାଏ । କେବେ ଏଥିରେ କିଛି ବିଘ୍ନ ଉପସ୍ଥିତ ହେବ ବୋଲି କେହି କଳ୍ପନା କରିନଥିଲା । ଅଷ୍ଟାଦଶ ଶତାବ୍ଦୀରେ, ମାମୁଦ୍‌ର ସୋମନାଥ ମନ୍ଦିର ଆକ୍ରମଣର ସାତଶହ ବର୍ଷ ପରେ,

Digitized by srujanika@gmail.com

ଆଉରଙ୍ଗଜେବ୍ ଦିଲ୍ଲୀର ସମ୍ରାଟ୍ ହେଲେ । ଏହି ମୋଗଲ ସମ୍ରାଟ୍ ବିଶେଷ ଭାବରେ ହିନ୍ଦୁଧର୍ମର ବିଦ୍ୱେଷୀ ଥିଲେ । ହିନ୍ଦୁମନ୍ଦିର ଧ୍ୱଂସକରିବା, ହିନ୍ଦୁ ଦେବଦେବୀଙ୍କର ମୂର୍ତ୍ତିକୁ ଖଣ୍ଡବିଖଣ୍ଡ କରିବା ତାଙ୍କର ଶାସନ-ନୀତି ଥିଲା । ସେ ବାରାଣସୀରେ ସୋମନାଥଙ୍କ ମନ୍ଦିର ଲୁଣ୍ଠନ କରି ତାଙ୍କ ମସ୍ତକରୁ ଚନ୍ଦ୍ରକାନ୍ତମଣିକୁ ଅପହରଣ କରିନେଲେ ।

ଯେଉଁ ତିନିଜଣ ବ୍ରାହ୍ମଣ ଚନ୍ଦ୍ରକାନ୍ତମଣିର ସୁରକ୍ଷା ନିମନ୍ତେ ସେତେବେଳେ ନିଯୁକ୍ତ ଥିଲେ, ସେମାନେ ମୋଗଲ ସମ୍ରାଟ୍ ଆଉରଙ୍ଗଜେବ୍‌ର ସୈନ୍ୟବଳ ନିକଟରେ କିଛି ମାତ୍ର ପ୍ରତିକାର କରିପାରିଲେନାହିଁ । ଯେଉଁ ରାଜକର୍ମଚାରୀ ଏହାକୁ ମନ୍ଦିରରୁ ଅପହରଣ କରି-ନେଇଥିଲା, ତାହାର ଅପମୃତ୍ୟୁ ଘଟିଲା । ଚନ୍ଦ୍ରକାନ୍ତମଣି ଆଉରଙ୍ଗଜେବ୍‌ର ମୃତ୍ୟୁପରେ ଅନ୍ୟ କେତେକ ରାଜାଙ୍କ ହାତକୁ ଗଲା; କିନ୍ତୁ ବ୍ରାହ୍ମଣମାନଙ୍କ ବଂଶଧରମାନେ ଛଦ୍ମବେଶରେ ବୁଲି ଏହାର ସନ୍ଧାନ ନେଉଥିଲେ । ସେମାନଙ୍କର ଆଶା ଥିଲା, ଦିନେହେଲେ ଦେବତାଙ୍କ କୃପାରୁ ସେମାନେ ଚନ୍ଦ୍ରକାନ୍ତମଣିକୁ ଉଦ୍ଧାର କରି ପୁଣି ଦେବମୂର୍ତ୍ତିର ମସ୍ତକରେ ସ୍ଥାପନ କରିବେ ।

ସମୟର ଗତିକ୍ରମେ ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରେ ଏହି ମଣି ଶ୍ରୀରଙ୍ଗପତ୍ତନର ଟିପୁ ସୁଲତାନ୍‌ଙ୍କ ହସ୍ତଗତ ହେଲା । ସେ ଏହି ବିଚିତ୍ର ମଣିଟିକୁ ନେଇ ତାଙ୍କ ତରବାରିର କୋଷରେ ଲଗାଇଲେ । ତରବାରିଟି ତାଙ୍କ ରାଜପ୍ରାସାଦରେ ରଖାଯାଇଥିଲା ଏବଂ ତିନିଜଣ ସଶସ୍ତ୍ର ପ୍ରହରୀ ଏହାକୁ ଦିବାରାତ୍ର ଜଗିରହୁଥିଲେ । ଏହି ପ୍ରହରୀମାନେ ମୁସଲମାନ ଧର୍ମ ଗ୍ରହଣ କରିଥିଲେ ଓ ସୁଲତାନଙ୍କର ଏକାନ୍ତ ବିଶ୍ୱାସଭାଜନ ଥିଲେ । କିନ୍ତୁ କେହି କେହି କହନ୍ତି ଯେ ଏମାନେ ପ୍ରକୃତ ପକ୍ଷରେ ସୋମନାଥ ଦେବଙ୍କ ପୂଜକ ବ୍ରାହ୍ମଣ; କେବଳ ଚନ୍ଦ୍ରକାନ୍ତମଣିକୁ ଜଗିରହିବା ଉଦ୍ଦେଶ୍ୟରେ ନିଜକୁ ମୁସଲମାନ ବୋଲି ପରିଚୟ ଦେଇ ପ୍ରହରୀ କାର୍ଯ୍ୟରେ ନିଯୁକ୍ତ ରହିଥିଲେ । ଯାହାହେଉ, ଏ ପର୍ଯ୍ୟନ୍ତ ଚନ୍ଦ୍ରକାନ୍ତମଣି ଭାରତବର୍ଷ ମଧ୍ୟରେ ହିଁ ରହିଥିଲା ଓ ବ୍ରାହ୍ମଣମାନେ ସର୍ବଦା ଏହା ଉପରେ ସତର୍କ ଦୃଷ୍ଟି ରଖିଥିଲେ । କିନ୍ତୁ ପରେ ଏହା କିପରି ସମୁଦ୍ର ପାର ହୋଇ ସୁଦୂର ଇଂଲଣ୍ଡକୁ ଯାଇଥିଲା ଓ ସେଠାରେ ମଧ୍ୟ ଏହି ବ୍ରାହ୍ମଣମାନେ କିପରି ଏହାକୁ ଉଦ୍ଧାର କରିବାକୁ ଚେଷ୍ଟିତ ଥିଲେ, ତାହା ପରବର୍ତ୍ତୀ ପରିଚ୍ଛେଦମାନଙ୍କରେ ବର୍ଣ୍ଣିତ ହେବ ।

(୨)

୧୭୯୯ ମସିହା ମଇ ମାସ ୪ ତାରିଖ ଦିନ ଜେନେରାଲ୍ ବେୟାର୍ଡ଼ଙ୍କ ଅଧୀନରେ ଇଂରେଜ ସୈନ୍ୟମାନେ ଶ୍ରୀରଙ୍ଗପତ୍ତନ ଅବରୋଧ କଲେ । ଟିପୁ ସୁଲତାନ୍‌ଙ୍କ ସୈନ୍ୟମାନେ ଭୀଷଣ ପ୍ରତିରୋଧ କରିଥିଲେ ହେଁ ଶେଷରେ ପରାସ୍ତ ହେଲେ । ଶ୍ରୀରଙ୍ଗପତ୍ତନର ପତନ ଘଟିଲା ।

Digitized by srujanika@gmail.com

ଟିପୁ ସୁଲତାନ୍‌ଙ୍କ ପ୍ରାସାଦରେ ଅନେକ ଧନରତ୍ନ, ବିଶେଷତଃ ଚନ୍ଦ୍ରକାନ୍ତ ନାମକ ଏକ ଅଦ୍ଭୁତ-ଶକ୍ତିସମ୍ପନ୍ନ ମଣି ଥିବା ବିଷୟ ଇଂରେଜ ସୈନ୍ୟମାନଙ୍କୁ ଅବିଦିତ ନଥିଲା । ବିଜୟ ଲାଭ କଲାପରେ ସେମାନେ ଦଳ ଦଳ ହୋଇ ବ୍ୟକ୍ତିଗତ ଲାଭ ଉଦ୍ଦେଶ୍ୟରେ ଚୋରି, ଲୁଣ୍ଠନ ପ୍ରଭୃତି ଅତ୍ୟାଚାର କରିବାକୁ ଲାଗିଲେ । ସେନାପତିମାନେ ଏ ପ୍ରକାର ଅନ୍ୟାୟ ଅତ୍ୟାଚାରର ପକ୍ଷପାତୀ ନଥିଲେ । ସେମାନେ ଆଦେଶ ଦେଲେ ଯେ, ଯେଉଁ ସୈନ୍ୟମାନେ ଏଭଳି ଅନ୍ୟାୟ କାର୍ଯ୍ୟ କରିବେ ସେମାନଙ୍କୁ କଠୋର ଦଣ୍ଡ ଦିଆଯିବ ।

ସୈନ୍ୟମାନଙ୍କ ମଧ୍ୟରେ ଜନ୍ ହର୍ଣ୍ଣକାଷ୍ଟଲ୍ ବୋଲି ଜଣେ ଇଂରେଜ ଯୁବକ ଥିଲେ । ଅନ୍ୟମାନଙ୍କ ପରି ସେ ମଧ୍ୟ ବିଚିତ୍ର ଚନ୍ଦ୍ରକାନ୍ତମଣିର କାହାଣୀ ଶୁଣିଥିଲେ ଏବଂ ଏହାକୁ ହସ୍ତଗତ କରିବାକୁ ପ୍ରାଣପଣ ଚେଷ୍ଟା କରିଥିଲେ । ଜେନେରାଲ୍ ବେୟାର୍ଡ଼ ଏକ ଦଳ ସୈନ୍ୟଙ୍କର ଲୁଣ୍ଠନ ଅତ୍ୟାଚାର ବନ୍ଦ କରିବା ଲାଗି କର୍ଣ୍ଣେଲ୍ ହର୍ଣ୍ଣକାଷ୍ଟଲ୍‌କୁ ଆଦେଶ ଦେଲେ । ଏହି ସୈନ୍ୟଦଳରୁ କେତେଜଣ ଗୋଟିଏ ଗୁପ୍ତ ଦ୍ୱାରର ସନ୍ଧାନ ପାଇ ସୁଲତାନ୍‌ଙ୍କ ରାଜକୋଷରେ ପ୍ରବେଶକଲେ ଓ ଯଥେଷ୍ଟ ସୁନାରୂପା ହୀରାନୀଳା ପ୍ରଭୃତି ହସ୍ତଗତ କରିନେଲେ ।

ସୈନ୍ୟମାନେ ବିଶୃଙ୍ଖଳ ହୋଇପଡ଼ିଥିଲେ । ଆଶାତୀତ ଧନରତ୍ନ ଲାଭକରିଥିବାରୁ ସେମାନଙ୍କ ଆନନ୍ଦର ସୀମା ନଥିଲା । ରାଜଭଣ୍ଡାର ଗୃହର ପ୍ରାଙ୍ଗଣରେ ଏକତ୍ର ହୋଇ ସେମାନେ ଲୁଣ୍ଠିତ ଧନର ପରିମାଣ ବିଷୟରେ ଆଲୋଚନା କରୁଥିଲେ । ଏହି ସମୟରେ ରାଜଭଣ୍ଡାରର ଦ୍ୱାରଦେଶରେ ତିନିଜଣ ପ୍ରହରୀଙ୍କର କାତର ଧ୍ୱନି ଶୁଣାଗଲା । ମୁହୂର୍ତ୍ତକ ମଧ୍ୟରେ ସେମାନଙ୍କ ମଧ୍ୟରୁ ଦୁଇଜଣ ପ୍ରାଣତ୍ୟାଗକଲେ । ସେତେବେଳକୁ ଜନ୍ ହର୍ଣ୍ଣକାଷ୍ଟଲ୍ ରକ୍ତଲିପ୍ତ ତରବାରି ଧରି ନିକଟରେ ଛିଡ଼ାହୋଇଥିଲେ । ତାଙ୍କ ତରବାରିର କୋଷରେ ଚନ୍ଦ୍ରକାନ୍ତମଣି ଉଜ୍ଜ୍ୱଳ ଦୀପ୍ତି ବିକିରଣ କରୁଥିଲା । ତୃତୀୟ ଆହତ ବ୍ୟକ୍ତିଟି ହର୍ଣ୍ଣକାଷ୍ଟଲ୍‌ଙ୍କୁ ଲକ୍ଷ୍ୟକରି କହିଲା, ''ତୁମେ ଚନ୍ଦ୍ରକାନ୍ତମଣି ନେଇ ମନେ ମନେ ଗର୍ବ କରୁଛ; କିନ୍ତୁ ମନେ-ରଖିଥାଅ, ଏହା ଫଳରେ ତୁମର କିମ୍ବା ତୁମ ପରିବାରର କାହାରି ମଙ୍ଗଳ ହେବନାହିଁ । ସାବଧାନ !'' ଆହତ ପ୍ରହରୀ ଆଉ କିଛି କହିବା ପୂର୍ବରୁ ତାର ପ୍ରାଣବାୟୁ ବାହାରିଗଲା ।

ଏହିପରି ଚନ୍ଦ୍ରକାନ୍ତମଣି ଜନ୍ ହର୍ଣ୍ଣକାଷ୍ଟଲ୍ ନାମକ ଜଣେ ଇଂରେଜ ସୈନ୍ୟଙ୍କର ହସ୍ତଗତ ହେଲା । ଯେଉଁ ତିନି ଜଣ ପ୍ରହରୀ ନିହତ ହୋଇଥିଲେ, ସେମାନଙ୍କର ଠିକ୍ ପରିଚୟ ମିଳିନଥିଲେହେଁ ଅନେକଙ୍କର ବିଶ୍ୱାସ, ସେମାନେ ପ୍ରକୃତରେ ମୁସଲମାନ ପ୍ରହରୀ ନୁହନ୍ତି; ତିନିଜଣ ବ୍ରାହ୍ମଣ । ସେମାନେ ଚନ୍ଦ୍ରକାନ୍ତମଣିକୁ ରକ୍ଷା କରିବାକୁ ଯାଇ ନିହତ ହୋଇଥିଲେ । କିଏ ସେମାନଙ୍କୁ ହତ୍ୟା କରିଥିଲା ତାହାର କୌଣସି ପ୍ରମାଣ ମିଳିନଥିଲେହେଁ ଜନ୍ ହର୍ଣ୍ଣକାଷ୍ଟଲ୍ ସେମାନଙ୍କର ହତ୍ୟାକାରୀ ବୋଲି ଅନେକ ଲୋକ ବିଶ୍ୱାସ କରନ୍ତି ।

Digitized by srujanika@gmail.com

(୩)

ସାର୍ ଜନ୍ ହର୍ଣ୍ଣକାଷ୍ଟଲ୍‌ଙ୍କର ତିନୋଟି ଭଉଣୀ ଥିଲେ । ସେମାନଙ୍କ ଭିତରେ ଜୁଲିଆ ସବୁଠାରୁ ସାନ । ସାର୍ ଜନ୍ ଭେରିନ୍ଦର୍ ନାମକ ଜଣେ ବିଶିଷ୍ଟ ଜମିଦାରଙ୍କ ସହିତ ତାଙ୍କର ବିବାହ ହୋଇଥିଲା । ବିବାହ ପରେ ସେ ସ୍ୱାମୀଙ୍କ ସହ ୟର୍କଶାୟାରରେ ବାସକରିବାକୁ ଲାଗିଲେ । ମିଷ୍ଟର୍ ଗ୍ରେବ୍ରିଏଲ୍ ବେଟରେଜ୍ ଏହି ଭେରିନ୍ଦର୍ ପରିବାରରେ ମେନେଜର୍ ଭାବରେ କାର୍ଯ୍ୟ କରୁଥିଲେ । ସାର୍ ଜନ୍ ଭେରିନ୍ଦର୍‌ଙ୍କର ମୃତ୍ୟୁ ପରେ ମଧ୍ୟ ସେ ଜୁଲିଆ ଭେରିନ୍ଦର୍‌ଙ୍କର ମେନେଜର୍ ଭାବରେ ରହିଥିଲେ । ବିଶ୍ୱସ୍ତ ପୁରାତନ କର୍ମଚାରୀ ରୂପେ ସେ ଜୁଲିଆଙ୍କର ଶ୍ରଦ୍ଧା ଅର୍ଜନ କରିପାରିଥିଲେ ଓ ତାଙ୍କ ପରିବାର ମଧ୍ୟରେ ବାସକରୁଥିଲେ । ସାର୍ ଜନ୍‌ଙ୍କର ରାଚେଲ୍ ନାମରେ ଏକମାତ୍ର କନ୍ୟା ଥିଲା । ତେଣୁ ସେ ସାର୍ ଜନ୍‌ଙ୍କର ଉତ୍ତରାଧିକାରିଣୀ ଥିଲେ । ବେଟରେଜ୍ ମୃତଦାରଥିଲେ । ତାଙ୍କର ଏକମାତ୍ର କନ୍ୟାର ନାମ ପେନିଲୋପ୍ । ରାଚେଲ୍ ଓ ପେନିଲୋପ୍ ପ୍ରାୟ ସମବୟସୀ ଥିବାରୁ ଦୁହିଁଙ୍କ ମଧ୍ୟରେ ବନ୍ଧୁତା ରହିଥିଲା ଓ ପେନିଲୋପ୍ ଭେରିନ୍ଦର୍ ପରିବାରରେ ରାଚେଲ୍‌ଙ୍କର ସହଚରୀ ରୂପେ ରହିଥିଲେ । ଫ୍ରାଙ୍କଲିନ୍ ବ୍ଲେକ୍ ହେଉଛନ୍ତି ଜୁଲିଆ ଭେରିନ୍ଦର୍‌ଙ୍କର ପୁତୁରା । ତେଣୁ ବ୍ଲେକ୍ ଓ ରାଚେଲ୍ ପରସ୍ପର ଭାଇ ଭଉଣୀ ।

୧୮୪୮ ମସିହା ଜୁନ ମାସ ୨୧ ତାରିଖ ଦିନ ମିସ୍ ରାଚେଲ୍‌ଙ୍କର ଏକବିଂଶତମ ଜନ୍ମଦିବସ ପାଳିତ ହେଉଥିଲା । ସେହି ଉତ୍ସବ ଦିନ ମିସ୍ ରାଚେଲ୍ ଚନ୍ଦ୍ରକାନ୍ତମଣିଟିକୁ ଜନ୍ମଦିବସର ଉପହାର ରୂପେ ପାଇଥିଲେ; କିନ୍ତୁ ବାରଘଣ୍ଟା ମଧ୍ୟରେ ମିସ୍ ରାଚେଲ୍ ଶୋଇଥିବା ଅବସ୍ଥାରେ ତାଙ୍କ ପାଖଘର କାଠ ଆଲମାରିରୁ ତାହା ଚୋରିଯାଇଥିଲା । ଏହି ଚୋରି ସମ୍ବନ୍ଧରେ ନାନା ସନ୍ଦେହ ଜନ୍ମିଥିଲା ଓ ବିଭିନ୍ନ ଲୋକ ବିଭିନ୍ନ ମତ ପୋଷଣ କରିଥିଲେ । ଏପରିକି ପ୍ରସିଦ୍ଧ ଗୋଇନ୍ଦା ପୁଲିସ କର୍ମଚାରୀମାନେ ମଧ୍ୟ କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରିନଥିଲେ । ଏହି ଚୋରି ସଂପର୍କରେ ଅନେକ ଲୋକ ବହୁ କଷ୍ଟ ଭୋଗିଥିଲେ । ଏହି ଘଟନା ସହିତ ଯେଉଁମାନେ ପ୍ରତ୍ୟକ୍ଷ ଭାବରେ ହେଉ ବା ପରୋକ୍ଷରେ ହେଉ ସଂପୃକ୍ତ ଥିଲେ, ସେମାନେ ନିଜନିଜର ବିବରଣ ଲିପିବଦ୍ଧ କରିଯାଇଛନ୍ତି । ଗ୍ରେବ୍ରିଏଲ୍ ବେଟରେଜ୍ କାହିଁକି ଓ କିପରି ଅବସ୍ଥାରେ ଏହି ବର୍ଣ୍ଣନା ଲିପିବଦ୍ଧ କଲେ ତାହା ଉଲ୍ଲେଖ କରିଅଛନ୍ତି ।

ଚନ୍ଦ୍ରକାନ୍ତମଣି ଚୋରିଯିବାର ୨ ବର୍ଷ ପରେ ୧୮୫୦ ମସିହା ମଇ ମାସ ୨୦ ତାରିଖ ଦିନ ମିଷ୍ଟର୍ ଫ୍ରାଙ୍କଲିନ୍ ବ୍ଲେକ୍ କୌଣସି ପରାମର୍ଶ ପାଇଁ ତାଙ୍କ ଓକିଲ ମିଷ୍ଟର୍ ବ୍ରଫ୍‌ଙ୍କ ପାଖକୁ ଯାଇଥିଲେ । କଥାପ୍ରସଙ୍ଗରେ ଚନ୍ଦ୍ରକାନ୍ତମଣି ବିଷୟ ପଡ଼ିଲା । ଏହି ଚୋରି ସମ୍ପର୍କରେ ନାନା ଜନରବ ଉଠୁଥିବାରୁ ମିଷ୍ଟର୍ ବ୍ରଫ୍ ପ୍ରସ୍ତାବ କଲେ, ଯେଉଁମାନେ ଏହି ଘଟନା ସହିତ ସଂପୃକ୍ତ, ସେମାନେ ଏହାର ବିବରଣ ଲିପିବଦ୍ଧ କରିବା ଉଚିତ । ପ୍ରତ୍ୟେକ ବ୍ୟକ୍ତିଗତ ଅନୁଭୂତି ଦୃଷ୍ଟିରୁ ଘଟନାର ବର୍ଣ୍ଣନା କରିବେ । କିପରି ଭାରତୀୟ ସୈନ୍ୟ ବିଭାଗରେ

Digitized by srujanika@gmail.com

କାର୍ଯ୍ୟକରୁଥିଲାବେଳେ ଏହି ବିଚିତ୍ର ମଣି ହର୍ଣ୍ଣକାଷ୍ଟଲ୍‌ଙ୍କର ହସ୍ତଗତ ହେଲା, ତତ୍ପରେ କିପରି ଏହା ଲେଡ଼ି ଭେରିନ୍ଦର୍‌ଙ୍କ ୟର୍କଶାୟାରସ୍ଥିତ ବାସଭବନକୁ ଆସି ମାତ୍ର ବାରଘଣ୍ଟା ମଧ୍ୟରେ ଅପହୃତ ହେଲା, ତାହା ଲିପିବଦ୍ଧ କରିବାକୁ ହେବ । ମିଷ୍ଟର୍ ଗ୍ରେବ୍ରିଏଲ୍ ବେଟରେଜ୍ ଯେଉଁ ବିବରଣୀ ଲେଖିଯାଇଛନ୍ତି, ତାହା ଏଠାରେ ଦିଆଗଲା । ଅନ୍ୟମାନଙ୍କର ବିବରଣୀ ପରେ ଯଥାସ୍ଥାନରେ ଦିଆଯିବ ।

(୪)

ଭେରିନ୍ଦର୍ ପରିବାର ସହିତ ମୋର ଘନିଷ୍ଠ ସମ୍ବନ୍ଧ । ବହୁ ବର୍ଷ ଧରି ମୁଁ ତାଙ୍କ ଗୃହରେ ରହିଆସିଛି । ମୋର କନ୍ୟା ପେନିଲୋପ୍ ମଧ୍ୟ ସେହି ପରିବାରରେ ଲାଳିତପାଳିତ ହୋଇଛି ।

୧୮୪୮ ମସିହା ମଇ ମାସ ୨୪ ତାରିଖ ସକାଳବେଳା ଲେଡ଼ି ଭେରିନ୍ଦର୍ ମୋତେ ଡାକି କହିଲେ, ''ଗ୍ରେବ୍ରିଏଲ, ଫ୍ରାଙ୍କଲିନ୍ ବ୍ଲେକ୍ ବିଦେଶରୁ ଫେରିଆସି ବର୍ତ୍ତମାନ ଲଣ୍ଡନରେ ତାଙ୍କ ପିତାଙ୍କ ନିକଟରେ ଅଛନ୍ତି । ସେ କାଲି ଏଠାକୁ ଆସିବେ ଓ ରାଚେଲ୍‌ର ଜନ୍ମଦିବସ ଉତ୍ସବ ଅର୍ଥାତ୍ ଜୁନ୍ ୨୧ ତାରିଖ ପର୍ଯ୍ୟନ୍ତ ଏହିଠାରେ ରହିବେ ।''

ଏହି ସମ୍ବାଦରେ ମୁଁ ଅତ୍ୟନ୍ତ ଆନନ୍ଦିତ ହେଲି । ଫ୍ରାଙ୍କଲିନ୍‌ଙ୍କୁ ମୁଁ ବହୁତ ଦିନ ତଳେ ଦେଖିଥିଲି । ସେତେବେଳେ ସେ ବାଳକ ମାତ୍ର । ତାଙ୍କର ଚେହେରାଟି ଯେପରି ସୁନ୍ଦର, ବ୍ୟବହାର ମଧ୍ୟ ସେହିପରି ଉତ୍ତମ ! ସେ ପ୍ରଥମେ ଜର୍ମାନୀରେ ଓ ପରେ ଫ୍ରାନ୍ସରେ ପଢୁଥିଲେ । ତେଣୁ ଅନେକ ଦିନ ହେଲା ମୋର ତାଙ୍କ ସଙ୍ଗେ ଦେଖାହୋଇନଥିଲା । ଏବେ ସେ ଏଠାକୁ ଆସୁଥିବା ସମ୍ବାଦ ପାଇ ମୁଁ ବିଶେଷ ଆନନ୍ଦିତ ହେଲି । ସେ ପଢ଼ିବାକୁ ବିଦେଶକୁ ଯିବା-ପୂର୍ବରୁ ମୋ'ଠାରୁ ଗୋଟିଏ ସୁନ୍ଦର ଛୁରି, ସାମାନ୍ୟ କିଛି ପଇସା ଓ ଅନ୍ୟ କେତୋଟି ଜିନିଷ ନେଇଥିଲେ । ସେସବୁ ଫେରିପାଇବି ବୋଲି ମୁଁ ଆଦୌ ଆଶା ରଖିନଥିଲି । ସେ ସମୟେ ସମୟେ ଲେଡ଼ି ଭେରିନ୍ଦର୍ ଓ ମିସ୍ ରାଚେଲ୍‌ଙ୍କ ପାଖକୁ ପତ୍ର ପଠାଉଥିଲେ । ଏହା ଛଡ଼ା ତାଙ୍କ ସହିତ ମୋର ପ୍ରାୟ କିଛି ସମ୍ବନ୍ଧ ନଥିଲା । ଏବେ ସେ ୨୫ ବର୍ଷର ଯୁବକ ହେଲେଣି ! ତାଙ୍କୁ ଦେଖିବା ଆଶାରେ ମୁଁ ଆନନ୍ଦିତ ହେବା ସ୍ୱାଭାବିକ ।

ଗୁରୁବାର ସନ୍ଧ୍ୟାକୁ ଫ୍ରାଙ୍କଲିନ୍ ପହଞ୍ଚିବାର କଥା । ସେଦିନ ଲେଡ଼ି ଭେରିନ୍ଦର୍ ମିସ୍ ରାଚେଲ୍‌ଙ୍କୁ ସାଙ୍ଗରେ ନେଇ ଜଣେ ବନ୍ଧୁଙ୍କ ଘରକୁ ନିମନ୍ତ୍ରଣ ରକ୍ଷା କରିବାକୁ ଗଲେ । ସନ୍ଧ୍ୟା-ପୂର୍ବରୁ ସେମାନେ ଫେରିବେ ବୋଲି ମୋତେ କହିଗଲେ । ମୋର ସେ କାମ ଶେଷ ହେବା ପରେ ମୁଁ ବଗିଚାରେ ଖଣ୍ଡିଏ ଚଉକି ପକାଇ ବସିଲି । ପବନ ଦେହକୁ ବଡ଼ ଭଲଲାଗୁଥାଏ । ଏହି ସମୟରେ ମୁଁ ଦେଖିଲି ତିନିଜଣ ଭାରତୀୟ ଆମ ଘର ଆଡ଼କୁ କାହିଁକି ଚାହିଁରହିଛନ୍ତି । ସେମାନଙ୍କ ଦେହରେ ଧଳା ଜାମା ଓ ମୁଣ୍ଡରେ ପଗଡ଼ି । ପ୍ରତ୍ୟେକଙ୍କ ଗଳାରେ ଗୋଟିଏ ଲେଖାଏଁ ଛୋଟ ଢୋଲ ଝୁଲୁଥାଏ । ଏମାନଙ୍କ ସଙ୍ଗରେ ଗୋଟିଏ ଇଂରେଜ ବାଳକ ଥିଲା । ସେ ଗୋଟିଏ ଝୁଲାମୁଣି ଧରିଥିଲା । ଏମାନଙ୍କୁ ଦେଖିଲାମାତ୍ରେ ମୁଁ ଜାଣିପାରିଲି ଯେ ଏମାନେ

Digitized by srujanika@gmail.com

ହେଉଛନ୍ତି ଭାରତୀୟ ବାଜିକର । ଇଂରେଜ ବାଳକଟି ସେମାନଙ୍କ ଭୋଜବିଦ୍ୟାର ଉପକରଣ ଧରିଛି ବୋଲି ମୁଁ ସ୍ଥିରକରିନେଲି । ସେମାନଙ୍କ ଭିତରୁ ଜଣେ ଭାରତୀୟ ମୋ ପାଖକୁ ଆସି ବିଶୁଦ୍ଧ ଇଂରେଜୀ ଭାଷାରେ କହିଲା, "ଆମେମାନେ ଭାରତୀୟ ବାଜିକର । ଅନୁମତି ଦେଲେ ଏ ଘରର ମହିଳାମାନଙ୍କୁ ଆମର ଖେଳ ଦେଖାଇବୁ ।"

ଘରର ଦାୟିତ୍ୱ ମୋ ଉପରେ । ମୋ ମନରେ ସନ୍ଦେହ ହେଲା, ଏମାନେ ଚୋର ହୋଇପାରନ୍ତି । ତେଣୁ ସେମାନଙ୍କୁ ଶୀଘ୍ର ବିଦାୟ ଦେବା ଉଦ୍ଦେଶ୍ୟରେ ମୁଁ କହିଲି, "ଘରର ମାଲିକାଣୀ ନାହାନ୍ତି । ତୁମେମାନେ ଚାଲିଯାଅ ।" ଏହା ଶୁଣି ସେମାନେ ଚାଲିଗଲେ । ମୁଁ ପୂର୍ବପରି ଚଉକିରେ ବସି ଢୁଳେଇବାକୁ ଲାଗିଲି । ଏହି ସମୟରେ ମୋର ଝିଅ ପେନିଲୋପ୍ ଦୌଡ଼ି ଆସି ମୋତେ କହିଲା, "ବାପା, ବାପା, ପୋଲିସକୁ ଶୀଘ୍ର ଖବର ଦିଅ । ଏ ତିନିଜଣ ଭାରତୀୟଙ୍କ ଉଦ୍ଦେଶ୍ୟ ବଡ଼ ଖରାପ । ଆଜି ମିଷ୍ଟର୍ ଫ୍ରାଙ୍କଲିନ୍ ଲଣ୍ଡନରୁ ଏଠାକୁ ଆସୁଥିବା ଖବର ସେମାନେ କିପରି ପାଇଛନ୍ତି । ତାଙ୍କର ଅନିଷ୍ଟ କରିବା ସେମାନଙ୍କର ଉଦ୍ଦେଶ୍ୟ ।"

ତାର ଏପରି ସନ୍ଦେହର କାରଣ ପଚାରିବାରୁ ସେ କହିଲା, "ମୁଁ ଦରୱାନ୍‌ର ଝିଅ ସଙ୍ଗେ ଗପକରୁଥିଲି । ସେ ତିନିଜଣ ଭାରତୀୟ ଇଂରେଜ ବାଳକଟି ସହିତ ଆମ ଫାଟକ ବାଟେ ବାହାରିଗଲାବେଳେ ଆମେ ଚାହିଁଥିଲୁ । ବାଳକଟି ଦେଖିବାକୁ ଅତି ସୁନ୍ଦର; ମାତ୍ର ତାର ଦେହଟି କ୍ଷୀଣ । ତାର ଚେହେରା ଦେଖି ଆମେ ମନେକଲୁ ଯେ ଏହି ଭାରତୀୟମାନେ ପିଲାଟି ପ୍ରତି ଦୁର୍ବ୍ୟବହାର କରୁଛନ୍ତି । ସେମାନେ ରାସ୍ତା ଉପରକୁ ଚାଲିଗଲେ । ଆମେ ଦୁହେଁ ରାସ୍ତାକଡ଼ ବାଡ଼ ପାଖରେ ଲୁଚି ରହି ସେମାନଙ୍କୁ ଲକ୍ଷ୍ୟକଲୁ ।

"ଭାରତୀୟମାନେ ପ୍ରଥମେ ରାସ୍ତାର ଚାରିଆଡ଼କୁ ଚାହିଁ ପାଖରେ ଅନ୍ୟ କେହି ଅଛନ୍ତି କି ନା ଦେଖିଲେ । କେହି ନ ଥିବାର ଜାଣି ସେମାନଙ୍କର ସରଦାର୍ ଜଣକ – ଯିଏ କି ଭଲ ଇଂରେଜୀ କହିପାରେ – ସେ ପିଲାକୁ କହିଲା, 'ତୋର କଅଣ ଇଚ୍ଛା, କହ । ଲଣ୍ଡନର ବଜାର ପାଖେ ଛିଣ୍ଡା କନ୍ଥା ପିନ୍ଧି ଯେମିତି ପଡ଼ିଥିଲୁ ସେମିତି ପୁଣି ରହିବୁ, କି ଆମ ସାଥିରେ ରହି ଆମ କଥା ମାନି ଚଳିବୁ ?' ପିଲାଟି କିଛି ଉତ୍ତର ନଦେଇ ଡାହାଣ ହାତଟି ବଢ଼ାଇଦେଲା । ସରଦାର ଗୋଟିଏ ବୋତଲ ବାହାରକରି ସେଥିରୁ କଅଣ ଗୋଟାଏ କାଳିଆ ଜିନିଷ ତା' ହାତରେ ଢାଳିଦେଲା । ତା'ପରେ ପିଲାଟିର ମୁଣ୍ଡ ଉପରେ ଦୁଇ ଚାରିଥର ହାତ ବୁଲାଇ ଆଣି ସେ କହିଲା, 'ଚାକୁ ଚାହାଁ ।' ପିଲାଟି କାଠ ପରି ଠିଆହୋଇ ହାତର କାଳିକୁ ଚାହିଁରହିଲା । ତହୁଁ ସର୍ଦାର ପଚାରିଲା, 'ବିଦେଶରୁ ଯେଉଁ ଇଂରେଜ ଯୁବକ ଆସିବାର କଥା, ତାଙ୍କୁ ଦେଖିପାରୁଛୁ ?'

ବାଳକ – ହଁ, ଦେଖିପାରୁଛି ।

ସର୍ଦାର – ସେ ଆଜି ଏ ଘରକୁ ଆସୁଛନ୍ତି ?

ବାଳକ – ହଁ ।

Digitized by srujanika@gmail.com

ସର୍ଦ୍ଦାର – ତାଙ୍କ ପାଖରେ ସେ ଜିନିଷଟି ଅଛି ?

ବାଳକ – ହଁ ।

ସର୍ଦ୍ଦାର – ସେ ଆଜି ସନ୍ଧ୍ୟାକୁ ଆସିବେ ବୋଲି କହିଥିଲେ । ସେ ଆଜି ଠିକ୍ ସନ୍ଧ୍ୟାବେଳେ ପହଞ୍ଚିବେ କି ?

କିନ୍ତୁ ବାଳକଟି ଶେଷ ପ୍ରଶ୍ନର କୌଣସି ନିର୍ଦ୍ଦିଷ୍ଟ ଉତ୍ତର ନଦେଇ କହିଲା – 'ମୋତେ ବଡ଼ କ୍ଳାନ୍ତି ଆସିଲାଣି । ମୁଁ ଆଉ କିଛି ଦେଖିପାରୁନାହିଁ । ମୁଁ କିଛି କହିପାରିବି ନାହିଁ ।'

ଏହା ପରେ ସେହି ଭାରତୀୟ ଇଂରେଜ ବାଳକଟିର ମୁଣ୍ଡ ଉପରେ ପୂର୍ବପରି ଦୁଇଚାରିଥର ହାତ ବୁଲାଇଦେଲା । ପିଲାଟି ତାର ସ୍ୱାଭାବିକ ଅବସ୍ଥାକୁ ଫେରିଆସିଲା । ଏହାପରେ ସେମାନେ ସହର ଭିତରକୁ ଚାଲିଗଲେ ।''

ପେନିଲୋପ୍‌ର ଏହି କଥା ଶୁଣି ମୁଁ ଭାବିଲି ଯେ ଏ ତିନିଜଣ ଭାରତୀୟ କୌଣସିଠାରୁ ଫ୍ରାଙ୍କଲିନ୍‌ଙ୍କ ଆସିବା ଖବର ପାଇଛନ୍ତି । ସେ ଆସି ପହଞ୍ଚିବା ଆଗରୁ ଏମାନେ ଲେଡ଼ି ଭେରିନ୍ଦର୍‌ଙ୍କ ଆଗରେ ଏହି ପିଲା କିପରି ଭବିଷ୍ୟତ କହିପାରେ ତାହା ଦେଖାଇ କିଛି ପଇସା ରୋଜଗାର କରିବେ ବୋଲି ଆସିଥିଲେ । କିପରି ମ୍ୟାଜିକ୍ ଦେଖାଇବେ ତାର ପୂର୍ବାଭ୍ୟାସ କରୁଥିଲେ ।

ମୁଁ ପେନିଲୋପ୍‌କୁ ଏହା କହିବାରୁ ସେ ପ୍ରତିବାଦ କରି କହିଲା, ''ନା ବାପା, ତୁମେ ଯାହା ଭାବିଛ କଦାପି ତାହା ନୁହେଁ । ସେ ଲୋକଟା ପିଲାକୁ ପଚାରିଲା – ତାଙ୍କ ପାଖରେ ସେ ଜିନିଷଟି ଅଛି ? 'ସେ ଜିନିଷଟି' ବୋଇଲେ କଅଣ ?'' ମୁଁ କହିଲି, ''ଆଚ୍ଛା, ଫ୍ରାଙ୍କଲିନ୍ ଆସିଯାଆନ୍ତୁ । ତାଙ୍କୁ ପଚାରିଲେ ସବୁ ସନ୍ଦେହ ତୁଟିଯିବ ।'' ପେନିଲୋପ୍ ଘର ଭିତରକୁ ଚାଲିଗଲା ।

(୫)

ପେନିଲୋପ୍ ଚାଲିଯିବା ପରେ ମୁଁ ବିଶ୍ରାମ ନେବାକୁ ଚଉକି ଉପରେ ପୁଣି ଢୁଳେଇବାର ଉପକ୍ରମ କରୁଛି, ଏହି ସମୟରେ ଘରର ଚାକରାଣୀ ନାନ୍‌ସୀ ଆସି ମୋତେ କହିଲା, ''ଏତେବେଳ ହେଲାଣି । ରୋଶାନା ଖାଇନାହିଁ । ପୂଜାରୀ ମୋତେ କହିଲେ – ଯା' ତାକୁ ଡାକିଆଣିବୁ । ମୁଁ କେତେଆଡ଼େ ଦଉଡ଼ିବି । ଏ ଘରର ସବୁ ଭିଡ଼ କାମ ମୋ'ରି ଉପରେ ।''

ରୋଶାନା କେଉଁଠାକୁ ଯାଇଛି ବୋଲି ପଚାରିବାରୁ ନାନ୍‌ସୀ କହିଲା, ''ସେଇ ସମୁଦ୍ରକୂଳ ବାଲିକି ଯାଇଥିବ – ଆଉ ଯିବ କୁଆଡ଼େ ! ଆଜି ସକାଳେ ଆଗଭଳି ତାର ମଥାବୁଲା ରୋଗ ବାହାରିଲା । କହୁଥିଲା, ଖୋଲା ପବନରେ ବୁଲିଆସିଲେ ଭଲହେବ । ତା' ଭଳି ଚାକରାଣୀକୁ ମୁଁ ଆଉ ପାରିବି ନାହିଁ ।''

ମୁଁ ନାନ୍‌ସୀକୁ କହିଲି, ''ନାନ୍‌ସୀ, ତୁ ଯାଆ ଖାଇବୁ, ମୁଁ ଯାଇ ତାକୁ ନେଇଆସୁଛି ।'' – ଏହା କହି ମୋର ହାତବାଡ଼ିଟି ଧରି ମୁଁ ସମୁଦ୍ରକୂଳ ଆଡ଼କୁ ଚାଲିଲି ।

Digitized by srujanika@gmail.com

ଆମ ଘରେ ରୋଶାନା ନୂଆ ହୋଇ ଚାକିରି କରିଥିଲା । ପ୍ରାୟ ଚାରିମାସ ତଳେ ଲେଡ଼ି ଭେରିନ୍ଦର୍ ଗୋଟିଏ ସଂଶୋଧନାଳୟକୁ ବୁଲିଯାଇଥିଲେ । ଯେଉଁ ନାରୀମାନେ କୌଣସି ଅପରାଧରେ କାରାଦଣ୍ଡ ଭୋଗିଥାନ୍ତି, ସେମାନଙ୍କୁ କାରାଗାରରୁ ମୁକ୍ତି ପରେ ଏଠାରେ ରଖି ଶିକ୍ଷାଦିଆଯାଉଥିଲା । ସଂଶୋଧନାଳୟ ସୁପରିଣ୍ଟେଣ୍ଡେଣ୍ଟଙ୍କଠାରୁ ଲେଡ଼ି ଭେରିନ୍ଦର୍ ଅନ୍ୟାନ୍ୟମାନଙ୍କ ଇତିହାସ ସଙ୍ଗେ ରୋଶାନାର ଇତିହାସ ମଧ୍ୟ ଶୁଣିଲେ । ସୁପରିଣ୍ଟେଣ୍ଡେଣ୍ଟ କହିଲେ, ''ଚୋରି ଅପରାଧରେ ରୋଶାନାର କାରାଦଣ୍ଡ ହୋଇଥିଲା । କାରାଗାରରୁ ମୁକ୍ତି ପାଇବା ପରେ ସେ ଏଠାରେ ରହିଅଛି । ତାର ଆଚରଣରେ ମୁଁ ବିଶେଷ ସନ୍ତୁଷ୍ଟ । ହୁଏତ କୌଣସି ସାମୟିକ ଉତ୍ତେଜନା ହେତୁ ବା କୁସଙ୍ଗରେ ପଡ଼ି ସେ ଚୋରିକରିଥିବ; କିନ୍ତୁ ତାର ସ୍ୱଭାବ ଉତ୍ତମ । ମୋର ଦୃଢ଼ବିଶ୍ୱାସ, ସୁଯୋଗ ପାଇଲେ ସେ ତାର ସାଧୁତା ଓ ସଚ୍ଚରିତ୍ରର ଉପଯୁକ୍ତ ପରିଚୟ ଦେଇପାରିବ । କେହି ତାହା ପ୍ରତି ସହାନୁଭୂତି ପ୍ରକାଶ କରି ସେହି ସୁଯୋଗ ଦେଲେ ସେ ପ୍ରକୃତ ମନୁଷ୍ୟ ହୋଇପାରିବ ।''

ଲେଡ଼ି ଭେରିନ୍ଦର୍ ଦୟା କରି ତାକୁ ଘରକୁ ଆଣି ଚାକରାଣୀ ରୂପେ ନିଯୁକ୍ତକଲେ । ତାର ଅତୀତର କଳଙ୍କମୟ ଜୀବନ-କାହାଣୀ କେବଳ ମୁଁ ଓ ମିସ୍ ରାଚେଲ୍‌ଙ୍କ ଛଡ଼ା ଅନ୍ୟ କେହି ଜାଣିନଥିଲେ । ତା' ପ୍ରତି ଯଥାସମ୍ଭବ ସଦୟ ବ୍ୟବହାର କରାଯାଉଥିଲା । ଅନ୍ୟ ଚାକରାଣୀ ନାନ୍‌ସୀକୁ ଯେତିକି ବେତନ ଦିଆଯାଇଥିଲା, ତାକୁ ମଧ୍ୟ ସେତିକି ବେତନ ଦିଆଯାଉଥିଲା । ଅନ୍ୟ ଚାକର-ଚାକରାଣୀଙ୍କ ଭଳି ସେ ମଧ୍ୟ ଛୁଟି ଉପଭୋଗ କରୁଥିଲା । ସେ ଅତି ସାବଧାନରେ ଓ ବାଧ୍ୟଭାବରେ ତାର କର୍ତ୍ତବ୍ୟ କରିଯାଉଥିଲା । ତେଣୁ ତା' ଉପରେ ଅସନ୍ତୋଷ ପ୍ରକାଶ କରିବାର କୌଣସି କାରଣ ନଥିଲା ।

ସେ ସୁନ୍ଦରୀ ନଥିଲା – ସାଧାରଣ ଚେହେରା, ବରଂ ତାର ଗଢ଼ଣରେ ଗୋଟିଏ ଦୋଷ ଥିଲା । ତାର ଗୋଟିଏ କାନ୍ଧ ଅନ୍ୟ କାନ୍ଧଠାରୁ ଟିକିଏ ଉଚ୍ଚ ଥିଲା । କିନ୍ତୁ ତା'ର ବ୍ୟବହାରରେ ଗୋଟାଏ ଗାମ୍ଭୀର୍ଯ୍ୟ ଥିଲା – ସତେ ଯେପରି କି ସେ ନିଜକୁ ଜଣେ ଧନୀ-ସମ୍ଭ୍ରାନ୍ତ ପରିବାରର ରମଣୀ ବୋଲି ମନେକରୁଥିଲା । ସେଥିପାଇଁ ଅନ୍ୟ ଚାକର-ଚାକରାଣୀମାନେ ତାକୁ ଭଲପାଉନଥିଲେ ।

ରୋଶାନାର ପରିଚୟ ଦେବା ପରେ ସେ ଯେଉଁ ସମୁଦ୍ରକୂଳ ବାଲିକୁ ଯାଏ ତା'ର ବର୍ଣ୍ଣନା ଦେବା ଆବଶ୍ୟକ । ଆମ ଘରଟି ୟର୍କଶାୟାରର ସମୁଦ୍ରକୂଳଠାରୁ ଅଳ୍ପ ଦୂରରେ ଏକ ଉଚ୍ଚ ସ୍ଥାନରେ ଅବସ୍ଥିତ । ଘରର ତିନି ପାଖରେ ସୁନ୍ଦର ରାସ୍ତା । ଅନ୍ୟ ଦିଗଟିରେ ଫାର୍ ଗଛର ଗୋଟିଏ ଛୋଟ ଜଙ୍ଗଲ । ଏହି ଜଙ୍ଗଲର ସରୁ ରାସ୍ତାରେ ଗଲେ କେତେଗୁଡ଼ିଏ ଛୋଟ ପାହାଡ଼ ଦେଖିବାକୁ ମିଳିବ । କେତେକ ବାଲିକୁଦ ଅତିକ୍ରମ କଲା ପରେ ସମୁଦ୍ରକୂଳରେ ଏକ ଛୋଟ ଉପସାଗରରେ ପହଞ୍ଚିବାକୁ ହେବ । ଏଠାରେ ପରସ୍ପରର ବିପରୀତ ପାର୍ଶ୍ୱରେ ଦୁଇଟି ଛୋଟ ମୁଣ୍ଡିଆ ଅବସ୍ଥିତ । ଉତ୍ତର ପାଖର ପାହାଡ଼ଟିର ନାମ ନର୍ଥସ୍ପିଟ୍ ଓ ଅନ୍ୟଟିର

Digitized by srujanika@gmail.com

ନାମ ସାଉଥ୍‌ସିଟ୍ । ଏହି ଦୁଇଟି ମୁଣ୍ଡିଆର ମଝିରେ ଚୋରାବାଲି ବିସ୍ତୃତ ହୋଇ ରହିଅଛି । ଏହା ଅତି ବିପଜ୍ଜନକ ସ୍ଥାନ । ସମୁଦ୍ରରେ ଜୁଆର ହେଲାବେଳେ ଏହି ବାଲିରେ ଏକ ବିଚିତ୍ର କମ୍ପନ ଅନୁଭୂତ ହୁଏ । ଏ ସମୟରେ ସେହି ବାଲି ଉପରେ କୌଣସି ପଦାର୍ଥ ପଡ଼ିଗଲେ, ତାହା କିଛି ସମୟ ମଧ୍ୟରେ ଭୂଗର୍ଭକୁ ଚାଲିଯାଏ । ଏପରି ଯେ କାହିଁକି ଘଟେ ତାହା କେହି ଜାଣନ୍ତିନାହିଁ; କିନ୍ତୁ ସମସ୍ତେ ଏ ସ୍ଥାନଟିକୁ ଭୟ କରନ୍ତି । ତାର ନାମ ଦିଆଯାଇଛି, 'ଚୋରାବାଲି' ।

କୌଣସି ଏକ ଅଜ୍ଞାତ କାରଣରୁ ଏହି ସ୍ଥାନଟିରେ ବୁଲିବାକୁ ରୋଶାନା ସୁଖପାଏ । ତାକୁ ଡାକିଆଣିବା ଉଦ୍ଦେଶ୍ୟରେ ମୁଁ ସେଠାକୁ ଗଲି । ବୁଦୁବୁଦିକିଆ ଫାର୍ ଜଙ୍ଗଲରେ ରୋଶାନାର ଦେଖା ପାଇଲି ନାହିଁ । ବାଲିକୁଦ ପାରହୋଇ ସମୁଦ୍ରକୂଳରେ ପହଞ୍ଚି ମୁଁ ତାକୁ ଦେଖିପାରିଲି । ସେ ତାର ଧୂସର ରଙ୍ଗର ପୋଷାକଟି ପିନ୍ଧିଥିଲା ଓ ବସିରହି ଚୋରାବାଲି ଓ ସମୁଦ୍ର ଆଡ଼କୁ ଚାହୁଁଥିଲା । ସେ କାନ୍ଦୁଥିବାର ଦେଖି ମୁଁ ବିସ୍ମିତ ହେଲି । ପକେଟ୍‌ରୁ ରୁମାଲ୍ ବାହାର କରି ତାର ଲୁହ ପୋଛିଦେଇ ମୁଁ କହିଲି, ''କାନ୍ଦୁଛୁ କାହିଁକି ରୋଶାନା ? କ'ଣ ହୋଇଛି, ମୋତେ କହ । ତୋର ଦୁଃଖର କାରଣ କ'ଣ ?''

ସେ ମୋ ପାଖରେ ବସି କାନ୍ଦି କାନ୍ଦି କହିଲା, ''ମିଷ୍ଟର୍ ବେଟରେଜ୍, ବେଳେବେଳେ କେଜାଣି କାହିଁକି ମୋର ଅତୀତ ଜୀବନର ଘଟନାସବୁ ମନେପଡୁଛି । ସେସବୁ ମନେପଡ଼ିଲେ ଦୁଃଖ ହେଉଛି, କାନ୍ଦମାଡୁଛି ।''

ତାକୁ ଆଶ୍ୱାସନା ଦେଇ ମୁଁ କହିଲି, ''ରୋଶାନା, ତୋର ଅତୀତ ଜୀବନକୁ ଭୁଲିଯାଆ । ଯେଉଁ ଦିନ ସବୁ ଚାଲିଯାଇଛି ସେ ଆଉ ଫେରିଆସିବ ନାହିଁ; ତେଣୁ ତାକୁ ଭୁଲିଯିବା ଉଚିତ ।''

ଗଭୀର ଦୁଃଖରେ ସେ କହିଲା, ''ଭୁଲିଯିବି କିପରି ? ସେ ଜୀବନ ଯାଇଛି ସତ, ମାତ୍ର ତାର କଳଙ୍କ ଲିଭିଯାଇନାହିଁ . . . ଜୀବନ ଥିବାଯାକେ ରହିଥିବ ।'' ତାକୁ ସାନ୍ତ୍ୱନା ଦେବାପାଇଁ ଆଉ ଚେଷ୍ଟା ନକରି ମୁଁ କହିଲି ''ରୋଶାନା, ବହୁତ ଡେରିହେଲାଣି । ଯାଆ, ଆଗ ଖାଇବୁ । ମୁଁ ତୋତେ ଡାକିବାକୁ ଆସିଛି ।'' ସେ କାନ୍ଦ କାନ୍ଦ ହୋଇ କହିଲା, ''ମିଷ୍ଟର୍ ବେଟରେଜ୍, ଆପଣଙ୍କର ମୋ ପ୍ରତି ବିଶେଷ ଦୟା । ମୋର ଆଜି ଖାଇବାକୁ ଆଦୌ ଇଚ୍ଛାନାହିଁ । ଆଉ କିଛି ସମୟ ଏଠାରେ ରହିବାକୁ ମୋତେ ଅନୁମତି ଦିଅନ୍ତୁ ।''

ଏହି ସ୍ଥାନ ପ୍ରତି ତାର ଏପରି ମମତାର କାରଣ ପଚାରିବାରୁ ସେ କହିଲା, ''ଏ ସ୍ଥାନର ଗୋଟାଏ ଅଦ୍ଭୁତ ଆକର୍ଷଣ ଅଛି । ଯେତେ ଚେଷ୍ଟାକଲେ ମଧ୍ୟ ମୁଁ ଏଠାକୁ ନଆସି ରହିପାରୁନାହିଁ । ବେଳେବେଳେ ମୋର ମନେହୁଏ – ଏଇଠାରେ ମୋର କବର ମୋତେ ଅପେକ୍ଷାକରି ରହିଛି ।''

କଥାର ସ୍ରୋତ ବଦଳାଇବା ପାଇଁ ମୁଁ କହିଲି, ''ପୂଜାରୀ ଅନେକବେଳୁ ତୋତେ ଚାହିଁ ବସିଛି । ଚାଲ ଯିବା ।'' ମୋ କଥା ନଶୁଣିଲା ପରି କହିଲା, ''ଏ ସ୍ଥାନଟିର ମୋ

Digitized by srujanika@gmail.com

ଉପରେ ଏକ ବିଚିତ୍ର ପ୍ରଭାବ ଅଛି । ରାତିରେ ମୁଁ ଏହାକୁ ସ୍ୱପ୍ନରେ ଦେଖେ । ଦିନଯାକ ଏହାରି କଥା ଭାବୁଥାଏ । କାମ କଲାବେଳେ ମଧ୍ୟ ଏହାରି କଥା ମୋ ମନରେ ଥାଏ ।''

ହଠାତ୍ ମୁଁ ଶୁଣିପାରିଲି – ''ବେଟରେଜ୍, ତୁମେ ଆସି ଏଠାରେ ?''

ରୋଶାନା ଉଠିପଡ଼ି ଠିଆହୋଇ ଏହି ଶବ୍ଦ ଆଡ଼କୁ ଚାହିଁଲା । ମୁହୂର୍ତ୍ତକ ମଧ୍ୟରେ ମିଷ୍ଟର୍ ଫ୍ରାଙ୍କଲିନ୍ ବାଲିକୁଦ ଆଡୁ ଦୌଡ଼ି ଆସି ମୋତେ ଆଲିଙ୍ଗନ କରି କହିଲେ, ''ମିଷ୍ଟର୍ ବେଟରେଜ୍, ମନେଅଛି ମୁଁ ଆପଣଙ୍କଠାରୁ ସାଢ଼େ ସାତ ପେନ୍ସ ଧାରନେଇଛି ? ଏବେ ମୋତେ ଚିହ୍ନିପାରିଲେ ?''

ମୁଁ ଫ୍ରାଙ୍କଲିନ୍‌ଙ୍କୁ ଅଭିବାଦନ ଜଣାଇଲି । ତାଙ୍କର ସନ୍ଧ୍ୟା ବେଳକୁ ଆସିବାର କଥା ଥିଲା । ଚାରିଘଣ୍ଟା ଆଗରୁ ସେ ପହଞ୍ଚିବା ଦେଖି ମୁଁ ବିସ୍ମିତ ହେଲି । ରୋଶାନାର ଚେହେରାରେ ହଠାତ୍ ପରିବର୍ତ୍ତନ ଦେଖାଗଲା । ତାର ମୁହଁ ଉଜ୍ଜ୍ୱଳ ହୋଇଉଠିଲା । ସେ ଫ୍ରାଙ୍କଲିନ୍‌ଙ୍କୁ ଚାହିଁରହିଲା । ତାହାର ଗଣ୍ଡଦେଶ ରକ୍ତିମ ହୋଇଗଲା । ଫ୍ରାଙ୍କଲିନ୍ ତାକୁ ଦେଖି ବିସ୍ମିତ ହେଲେ । ହଠାତ୍ ରୋଶାନା ସେଠାରୁ ପଳାଇଗଲା । ରୋଶାନାର ଏ ପ୍ରକାର ଆଚରଣରେ ମିଷ୍ଟର୍ ଫ୍ରାଙ୍କଲିନ୍ ଆଶ୍ଚର୍ଯ୍ୟାନ୍ୱିତ ହୋଇ କହିଲେ, ''ଏ ଝିଅଟି ବଡ଼ ଅଦ୍ଭୁତ । ମୋତେ ଦେଖି ସେ ଏପରି ହେଲା କାହିଁକି ?''

ଆମ ଦୁହିଁଙ୍କ ଭିତରେ କଥାବାର୍ତ୍ତା ଚାଲିଲା । ଫ୍ରାଙ୍କଲିନ୍ ପିଲାଦିନେ କିପରି ଥିଲେ, ସେ କଥା ମୋର ମନେପଡ଼ିଗଲା । ଏବେ ତାଙ୍କ ମୁହଁରେ ଦାଢ଼ିନିଶ । ମୁଁ କହିଲି, ''ଦୁଃଖର କଥା ଆପଣ ଆମ ଘରେ ପହଞ୍ଚିଲା ବେଳକୁ ମୁଁ ନଥିଲି । କିନ୍ତୁ ଆପଣ ଏତେଶୀଘ୍ର ଆସିଲେ କିପରି ? ଆପଣ ଆଜି ସନ୍ଧ୍ୟାରେ ପହଞ୍ଚିବେ ବୋଲି ଆମେ ଖବରପାଇଥିଲୁ ।''

ଫ୍ରାଙ୍କଲିନ୍ କହିଲେ, ''ମୁଁ ପ୍ରାୟ ଚାରିଘଣ୍ଟା ଆଗରୁ ଆସିବାର ବିଶେଷ କାରଣ ଅଛି । ଗଲା ତିନି-ଚାରିଦିନ ହେଲା ଲଣ୍ଡନରେ ଜଣେ ଲୋକ ମୋ ପିଛାରେ ଲାଗିଥିବାର ସନ୍ଦେହ କରୁଛି । ମୋ ପଛେ ପଛେ ସେ ଲାଗିରହିଛି । ସେଥିପାଇଁ ମୁଁ ଉପରବେଳା ଗାଡ଼ିରେ ନଆସି ସକାଳବେଳା ଗାଡ଼ିରେ ଚାଲିଆସିଲି ।''

ଏହା ଶୁଣିଲାମାତ୍ରେ ପେନିଲୋପ୍ ମୋତେ ଯାହା କହିଥିଲା ତାହା ମନେପଡ଼ିଗଲା । ମୁଁ ପଚାରିଲି, ''ଆପଣଙ୍କ ପିଛାରେ କିଏ ଲାଗିଛି କାହିଁକି ?'' ଫ୍ରାଙ୍କଲିନ୍ ମୋ ପ୍ରଶ୍ନର ଉତ୍ତର ନଦେଇ କହିଲେ, ''ଆଜି ଆପଣଙ୍କ ଘରକୁ ଯେଉଁ ତିନିଜଣ ଭାରତୀୟ ଲୋକ ଆସିଥିଲେ, ସେମାନଙ୍କ ବିଷୟରେ କ'ଣ ଜାଣନ୍ତି କହିଲେ ? ହୁଏତ ମୋ ପିଛାରେ ଲାଗିଥିବା ଲୋକ ସହିତ ଏମାନଙ୍କର କିଛି ସମ୍ବନ୍ଧ ଥାଇପାରେ ।''

ମୁଁ ପଚାରିଲି, ''ସେହି ଭାରତୀୟ ଯାଦୁକରଙ୍କ କଥା ଆପଣ କିପରି ଜାଣିଲେ ?''

ଫ୍ରାଙ୍କଲିନ୍ ଉତ୍ତର ଦେଲେ, ''ଘରେ ମୋର ପେନିଲୋପ୍ ସଙ୍ଗରେ ଦେଖାହୋଇଥିଲା । ସେ ମୋତେ ସବୁ କହିଛି ।'' – ଏହା କହିବା ସଙ୍ଗେ ସଙ୍ଗେ ସେ ଯାଦୁକରମାନଙ୍କର

Digitized by srujanika@gmail.com

କଥାବାର୍ତ୍ତା – 'ତାଙ୍କ ପାଖରେ ସେ ଜିନିଷଟି ଅଛି ?' ଏ ବିଷୟ ଉତ୍‌ଥାପନ କଲେ । ପକେଟ୍‌ରୁ ଗୋଟିଏ ଛୋଟ ପୁଡ଼ିଆ ବାହାରକରି ମୋତେ ଦେଖାଇ କହିଲେ – ମି. ବେଟରେଜ୍ ମୋର ସନ୍ଦେହ ହେଉଛି, 'ସେ ଜିନିଷଟି'ର ଅର୍ଥ ହେଉଛି ଏହି ପ୍ରସିଦ୍ଧ ମଣିଟି । ମୋର ଦାଦା ହର୍ଣ୍ଣକାଷ୍ଟଲ୍ ଏହି ମଣିଟିକୁ ଭାରତବର୍ଷରୁ ଘେନିଆସିଥିଲେ ।'

ମୁଁ ବିସ୍ମୟରେ କହିଉଠିଲି, "ଅଭିଶପ୍ତ କର୍ଣ୍ଣେଲ୍‌ଙ୍କ ଅଭିଶପ୍ତ ମଣି ଆପଣଙ୍କ ହାତକୁ କିପରି ଆସିଲା ?"

ଫ୍ରାଙ୍କଲିନ୍ ଉତ୍ତର ଦେଲେ, "ସେହି ଅଭିଶପ୍ତ କର୍ଣ୍ଣେଲ୍‌ଙ୍କର ମୃତ୍ୟୁ ହେଲାଣି । ସେ ଏହି ମଣିଟିକୁ ରାଚେଲ୍‌ଙ୍କର ଜନ୍ମଦିବସ ଉପଲକ୍ଷେ ଉପହାର ଦେବାକୁ ରଖିଯାଇଛନ୍ତି । ସେ ତାଙ୍କ ଉଇଲ୍‌ରେ ମୋର ବାପାଙ୍କୁ ତାଙ୍କ ସମ୍ପତ୍ତିର ପରିଚାଳକ ରୂପେ ନିଯୁକ୍ତ କରିଯାଇଛନ୍ତି । ବାପା ମୋହାତରେ ମଣିଟି ପଠାଇଛନ୍ତି । ଆଚ୍ଛା, ଆପଣ ତାଙ୍କୁ ଅଭିଶପ୍ତ କର୍ଣ୍ଣେଲ୍ ବୋଲି କହୁଛନ୍ତି କାହିଁକି ?"

ମୁଁ ବାଧହୋଇ ସମସ୍ତ ଘଟନା ବର୍ଣ୍ଣନାକରିଗଲି । ମୁଁ କହିଲି – "ଲେଡ଼ି ଜୁଲିଆ ଭେରିନ୍ଦର୍‌ଙ୍କ ପିତା ହେଉଛନ୍ତି ସାର୍ ଫିଲିପ୍ ହର୍ଣ୍ଣକାଷ୍ଟଲ୍ । ତାଙ୍କର ପାଞ୍ଚଟି ସନ୍ତାନ ମଧ୍ୟରୁ ପ୍ରଥମ ଦୁଇଟି ପୁଅ, ଅନ୍ୟ ତିନୋଟି ଝିଅ । ସାର୍ ଫିଲିପ୍‌ଙ୍କ ମୃତ୍ୟୁ ପରେ ବଡ଼ପୁଅ ଆର୍ଥର୍ ତାଙ୍କ ଜମିଦାରୀର ଉତ୍ତରାଧିକାରୀ ହେଲେ । ଦ୍ୱିତୀୟ ପୁଅ ଜନ୍ ମଧ୍ୟ ତାଙ୍କର ଜଣେ ଆତ୍ମୀୟଙ୍କର ସମ୍ପତ୍ତି ପାଇଥିଲେ । ସେ ଯୁଦ୍ଧବିଭାଗରେ ଯୋଗଦେଲେ । ମାତ୍ର ମିଥ୍ୟାବାଦିତା ଓ ପ୍ରତାରଣା ତାଙ୍କର ପ୍ରକୃତି ଥିଲା । ତେଣୁ ସେ ଇଂଲଣ୍ଡରେ ଯୁଦ୍ଧବିଭାଗର ଶୃଙ୍ଖଳା ଭିତରେ ରହିନପାରି ଭାରତର ସୈନ୍ୟବିଭାଗରେ ଯୋଗଦେଲେ; କିନ୍ତୁ ସେଠାରେ ମଧ୍ୟ ସୈନ୍ୟବିଭାଗରେ ସେହିପରି ଶୃଙ୍ଖଳା ଓ ନ୍ୟାୟପରାୟଣତା ଆବଶ୍ୟକ । ଯାହାହେଉ, ସେ ଭାରତରେ ଥିଲାବେଳେ କେତେକ ପ୍ରହରୀଙ୍କୁ ହତ୍ୟାକରି ଏହି ଅମୂଲ୍ୟ ମଣିଟି ହସ୍ତଗତ କରିଥିଲେ । ତାଙ୍କର ଦୁଶ୍ଚରିତ୍ର ଯୋଗେ ସାର୍ ଜନ୍ ଓ ଲେଡ଼ି ଭେରିନ୍ଦର୍ ତାଙ୍କ ସହିତ ସବୁ ସମ୍ପର୍କ ତୁଟାଇଦେଇଥିଲେ ଓ ତାଙ୍କୁ ଘରେ ପଶିବାକୁ ଦେଉନଥିଲେ ।

"ଜନ୍ ହର୍ଣ୍ଣକାଷ୍ଟଲ୍ ମରିବାର ପ୍ରାୟ ଦେଢ଼ବର୍ଷ ପୂର୍ବରୁ ଥରେ ଲେଡ଼ି ଭେରିନ୍ଦର୍‌ଙ୍କର ଲଣ୍ଡନସ୍ଥିତ ବାସଭବନକୁ ଯାଇଥିଲେ । ସେଦିନ ମିସ୍ ରାଚେଲ୍‌ଙ୍କର ଜନ୍ମଦିନ ଥିଲା ଓ ଅନେକ ଅତିଥି ଆସିଥିଲେ । ଜନ୍ ମୋତେ କହିଲେ, 'ଖବର ଦିଅ, ମୁଁ ଭଉଣୀଙ୍କ ସଙ୍ଗେ ଦେଖାକରିବି ଓ ଝିଆରୀକୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ଚାଲିଯିବି ।' ମୁଁ ଏହି ସମ୍ବାଦ ଦେବାରୁ ଲେଡ଼ି ଭେରିନ୍ଦର୍ ବିରକ୍ତି ପ୍ରକାଶ କରି କହିଲେ, 'କର୍ଣ୍ଣେଲ୍ ହର୍ଣ୍ଣକାଷ୍ଟଲ୍‌କୁ କହିଦିଅ ତା' ସଙ୍ଗେ କଥାବାର୍ତ୍ତା କରିବାକୁ ମୋର ସମୟର ଅଭାବ । ମୁଁ ତାର ମୁହଁ ଦେଖିବାକୁ ଚାହେଁନାହିଁ ।'

ମୁଁ ଟିକିଏ ଭଦ୍ରଭାଷାରେ ଏହି ସମ୍ବାଦ କର୍ଣ୍ଣେଲ୍‌କୁ ଜଣାଇଦେଲି । କିନ୍ତୁ ସେ କ୍ରୋଧ ବା ବିରକ୍ତି ପ୍ରକାଶ ନକରି ହସି ହସି ମୋତେ ଧନ୍ୟବାଦ ସହ ବିଦାୟନେଲେ । ଯିବାବେଳେ

Digitized by srujanika@gmail.com

କେବଳ ଏତିକି କହିଲେ, 'ମୁଁ ମୋର ଝିଆରୀର ଜନ୍ମଦିନଟି ସ୍ମରଣ ରଖିଥିବି ।'

ମୋ'ଠାରୁ ଏତିକି ଶୁଣି ଫ୍ରାଙ୍କଲିନ୍ ଅସ୍ଥିର ହୋଇପଡ଼ିଲେ । ସେ କହିଲେ, ''କର୍ଣ୍ଣେଲ୍ ହର୍ଣ୍ଣକାଷ୍ଟଲ୍ ଏ ଯେଉଁ ଉପହାରଟି ରାଚେଲ୍‌ଙ୍କ ଜନ୍ମଦିନ ପାଇଁ ଉଇଲ୍‌ରେ ରଖିଯାଇଅଛନ୍ତି, ସେବିଷୟରେ ମୋ ମନରେ ତିନୋଟି ଗୁରୁତର ପ୍ରଶ୍ନ ଜାଗିଛି । ପ୍ରଥମତଃ, କର୍ଣ୍ଣେଲ୍ ଏହି ମଣିଟିକୁ ଭାରତରୁ ଅପହରଣ କରି ଆଣିଛନ୍ତି କି ନା ? ଦ୍ୱିତୀୟତଃ, ଏହି ମଣିର ରକ୍ଷକମାନେ କର୍ଣ୍ଣେଲ୍‌ଙ୍କୁ ଅନୁସରଣ କରି କରି ଇଂଲଣ୍ଡକୁ ଆସିଛନ୍ତି କି ନା ? ତୃତୀୟତଃ, କର୍ଣ୍ଣେଲ୍ ଜାଣିଶୁଣି କେବଳ ଭଉଣୀ ଓ ଝିଆରୀଙ୍କ ପାଇଁ ଅନର୍ଥ ଓ ବିପଦ ସୃଷ୍ଟି କରିବା ଅଭିପ୍ରାୟରେ ଏହି ମଣିଟି ରାଚେଲ୍‌ଙ୍କୁ ଉପହାର ଦେଇଯାଇଅଛନ୍ତି କି ନା ?

ଶେଷ ପ୍ରଶ୍ନଟିରେ ମୁଁ ଟିକିଏ ବିଚ୍‌କିତ ହୋଇପଡ଼ିଲି । ପ୍ରତିବାଦ ଜଣାଇ ମୁଁ କହିଲି, 'ଧରିନିଆଯାଉ ଏହି ମଣିର ରକ୍ଷକମାନେ ଇଂଲଣ୍ଡକୁ ଆସିଛନ୍ତି । ତେବେ ସେମାନେ କର୍ଣ୍ଣେଲ୍‌ଙ୍କଠାରୁ ତାହା ଉଦ୍ଧାର କରିବାର ଚେଷ୍ଟା ନକରି ତାଙ୍କ ମୃତ୍ୟୁ ପରେ କରନ୍ତେ କାହିଁକି ? ପ୍ରାୟ ଦୁଇବର୍ଷ ହେଲା ଅପେକ୍ଷା କରିଥିଲେ କାହିଁକି ?'

ଫ୍ରାଙ୍କଲିନ୍ ଉତ୍ତରକଲେ, 'କର୍ଣ୍ଣେଲ୍‌ଙ୍କ ଜୀବନ ଉପରେ ମୃତ୍ୟୁ ପର୍ଯ୍ୟନ୍ତ କେହି ଆକ୍ରମଣ କରିନଥିଲେ, ସତ । କାହିଁକି କରିନଥିଲେ, ତାହାର କାରଣ ମୁଁ କହୁଛି . . . ଶୁଣ । ସେ ମଣିଟିକୁ ନିଜ ପାଖରେ ନରଖି ବ୍ୟାଙ୍କ୍‌ରେ ରଖିଥିଲେ ଏବଂ ଏହାକୁ କଅଣ କରାଯିବ ସେ ବିଷୟରେ ମୋର ବାପାଙ୍କୁ ଓ ଆମ ପରିବାରର ଓକିଲ ମିଷ୍ଟର୍ ବ୍ରଫ୍‌ଙ୍କୁ ଉପଦେଶ ଦେଇଥିଲେ । ଏହି ଉପଦେଶ ଗୋଟିଏ ସିଲ୍‌ଦିଆ ପତ୍ର ଆକାରରେ ଦିଆଯାଇଥିଲା । ସେଥିରେ ବ୍ୟବସ୍ଥା ଥିଲା ଯେ ମଣିଟି ବ୍ୟାଙ୍କ୍‌ରେ ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ ରହିଥିବ । କୌଣସି ଦୁର୍ଘଟଣାରେ ତାଙ୍କର ଅକାଳ ମୃତ୍ୟୁ ନହୋଇ ସ୍ୱାଭାବିକ ମୃତ୍ୟୁ ଘଟିଲେ ଚନ୍ଦ୍ରକାନ୍ତମଣିଟିକୁ ତାଙ୍କର ଝିଆରୀ ରାଚେଲ୍ ଭେରିନ୍ଦର୍‌ଙ୍କୁ ଉପହାର ଦିଆଯିବ । କିନ୍ତୁ ଯଦି ତାଙ୍କୁ ହତ୍ୟାକରାଯାଏ ବା କୌଣସି ଅସ୍ୱାଭାବିକ ଅବସ୍ଥାରେ ତାଙ୍କର ଅପମୃତ୍ୟୁ ଘଟେ, ତେବେ ମୋର ବାପା ମଣିଟିକୁ ଗୋପନରେ ନେଇ ଆମଷ୍ଟରଡ଼ାମ୍‌ର ଜଣେ କାରିଗର ହାତରେ କଟାଇ ଛଅଟି ଛୋଟ ମଣିରେ ପରିଣତ କରାଇ ଆଣିବେ । କର୍ଣ୍ଣେଲ୍‌ଙ୍କ ଜୀବନ ଯେ ମୃତ୍ୟୁ ପର୍ଯ୍ୟନ୍ତ ନିରାପଦ ରହିଥିଲା, ତାର କାରଣ ହେଉଛି ଏଇ ଚନ୍ଦ୍ରକାନ୍ତମଣି । ସେ ଯେଉଁ ବ୍ୟବସ୍ଥା କରିଥିଲେ ତାର ସାରକଥା ହେଉଛି – ତାଙ୍କୁ ଯଦି ହତ୍ୟାକରିବ, ତେବେ ଚନ୍ଦ୍ରକାନ୍ତମଣି ପାଇବନାହିଁ; କାରଣ ତାଙ୍କର ମୃତ୍ୟୁ ପରେ ପରେ ତାହାକୁ ଖଣ୍ଡ ଖଣ୍ଡ କରିଦିଆଯିବ । ଯେଉଁ ଭାରତୀୟ ବ୍ରାହ୍ମଣଙ୍କ ବଂଶଧରମାନେ ଚନ୍ଦ୍ରକାନ୍ତମଣି ଉଦ୍ଧାର କରିବାକୁ ଚେଷ୍ଟିତ ଥିଲେ, ସେମାନଙ୍କ ପକ୍ଷରେ ଏହାର ଆର୍ଥିକ ମୂଲ୍ୟ ବଡ଼ନଥିଲା; ମାତ୍ର ସେମାନେ ଏହାକୁ ଏକ ପବିତ୍ର ଦେବଭୋଗ୍ୟ ମଣି ବୋଲି ମନେକରୁଥିଲେ । ଚନ୍ଦ୍ରକାନ୍ତମଣି ଖଣ୍ଡ ଖଣ୍ଡ ହେବା କଥା ସେମାନେ କଳ୍ପନା କରିପାରିନଥିଲେ ।

Digitized by srujanika@gmail.com

ବର୍ତ୍ତମାନ ଦେଖାଯାଉ, କର୍ଣ୍ଣେଲ୍‌ଙ୍କ ମୃତ୍ୟୁ ପରେ ମଣିର ଉଦ୍ଧାର ପାଇଁ ଷଡ଼ଯନ୍ତ୍ର ଚାଲିଛି କି ନା ? ଚାଲିଥିଲେ କର୍ଣ୍ଣେଲ୍ ଏପରି ଘଟିବ ବୋଲି ଜାଣିଥିଲେ କି ? ମୋର ବିଶ୍ୱାସ ଥିଲା, କର୍ଣ୍ଣେଲ୍‌ଙ୍କ ପ୍ରକୃତି ଯେତେ ଖରାପ ହେଲେ ମଧ୍ୟ ସେ କେବେହେଲେ ଜାଣିଶୁଣି ନିଜ ଝିଆରୀର ଜୀବନକୁ ବିପନ୍ନ କରିବା ଅଭିପ୍ରାୟ ରଖି ଚନ୍ଦ୍ରକାନ୍ତମଣି ଉପହାର ଦେବାକୁ କହିନାହାନ୍ତି । କିନ୍ତୁ ଏହା ଫଳରେ ବିପଦର ଯେ ସମ୍ଭାବନା ଅଛି, ତାହା ମୁଁ ସ୍ୱୀକାର କରୁଛି । ମୁଁ ପଚାରିଲି, 'ଫ୍ରାଙ୍କଲିନ୍, ଏଥିରେ ବିପଦ ଘଟିବାର ସମ୍ଭାବନା ଥିବା ସ୍ଥଳେ ଆପଣ କାହିଁକି ଏ ମଣିଟି ଏଠାକୁ ଆଣି ଆସିଲେ ?'

ଫ୍ରାଙ୍କଲିନ୍ ଉତ୍ତର କଲେ, 'ମୁଁ ଯେ ସ୍ୱେଚ୍ଛାରେ ଏ ଭାର ନେଇଛି ତାହା ନୁହେଁ । ମିଷ୍ଟର୍ ବ୍ରଫ୍ ମୋତେ ଏକପ୍ରକାର ବାଧ୍ୟକଲେ । ସେ କହିଲେ, 'ତୁମେ ଏହାକୁ ନେଇ ରାଚେଲ୍‌ଙ୍କୁ ଦେବା ସବୁଠାରୁ ଭଲହେବ । ମୁଁ ବ୍ୟାଙ୍କ୍‌ରୁ ମଣିଟି ଆଣିବାବେଳେ ଜଣେ କଳାରଙ୍ଗର ଲୋକ ମୋ ପଛେ ପଛେ ଆସୁଥିବାର ମୁଁ ଦେଖିଥିଲି । ଘରକୁ ଆସି ଜିନିଷପତ୍ର ବନ୍ଧାବନ୍ଧି କରୁ-କରୁ ଖଣ୍ଡିଏ ଚିଠି ପାଇଲି । ମୋତେ ଏହି ଚିଠି ହେତୁ ଲଣ୍ଡନରେ ଆଉ କିଛିଦିନ ରହିବାକୁ ପଡ଼ିବ ଦେଖି ମୁଁ ମଣିଟିକୁ ପୁଣି ବ୍ୟାଙ୍କ୍‌ରେ ରଖିବାକୁ ଗଲି । ସେତେବେଳେ ମଧ୍ୟ ସେହି ଲୋକଟିକୁ ଦେଖିବାକୁ ପାଇଲି । ଆଜି ସକାଳେ ବ୍ୟାଙ୍କ୍‌ରୁ ମଣିଟି ଆଣିବାବେଳେ ତାକୁ ତୃତୀୟଥର ଦେଖିଲି; କିନ୍ତୁ କୌଣସି ପ୍ରକାରେ ମୁଁ ତାହା ପାଖରୁ ଖସିଆସି ସକାଳ ଗାଡ଼ିରେ ଚାଲିଆସିଲି – ଉପରବେଳା ଗାଡ଼ିକୁ ଅପେକ୍ଷା କଲିନାହିଁ । ଏବେ ଏଠାରେ ପହଞ୍ଚିବାମାତ୍ରେ ଶୁଣୁଛି, ତିନିଜଣ ଭାରତୀୟ ଏଠାକୁ ଆସି ମୋର ପହଞ୍ଚିବାର ସମୟ ଓ ମୁଁ ଆଣିଥିବା ଜିନିଷର ସନ୍ଧାନ ନେଉଥିଲେ । ଯାହାହେଉ, ଝିଅମାନଙ୍କୁ ଅଯଥା ଭୀତତ୍ରସ୍ତ କରିବା ଅନୁଚିତ । ଆବଶ୍ୟକ ହେଲେ ସାବଧାନ ରହିବାକୁ କହିଦେବି । ଆପଣଙ୍କର ମତ କଅଣ ମି: ବେଟେରେଜ୍ ?'

ମୁଁ ଉତ୍ତର କଲି, 'ଯେପରି ହେଉ, ମିସ୍ ରାଚେଲ୍‌ଙ୍କ ଜନ୍ମଦିନ ଉତ୍ସବରେ ତାଙ୍କୁ ମଣିଟି ଦେବାକୁ ହେବ । ଆଜି ହେଉଛି ମଇ ମାସର ୨୫ ତାରିଖ । ରାଚେଲ୍‌ଙ୍କର ଜନ୍ମଦିନ ହେବ ଜୁନ୍ ୨୧ ତାରିଖରେ । ଏହି ଚାରି ସପ୍ତାହ ଭିତରେ କଅଣ ହେଉଛି ଦେଖାଯାଏ । ଅବସ୍ଥା ଦେଖି ଲେଡ଼ି ଭେରିନ୍ଦର୍‌ଙ୍କୁ ସାବଧାନ କରିବା କି ନାହିଁ ବିଚାର କରିବା ।' ସେ ମୋର ଏହି ମତକୁ ଗ୍ରହଣକଲେ ଏବଂ ଜୁନ୍ ୨୧ ତାରିଖ ପର୍ଯ୍ୟନ୍ତ ମଣିଟିକୁ ଫ୍ରିଜିଙ୍ଗ୍ ହଲ୍‌ର ପୋଟିଏ ବ୍ୟାଙ୍କ୍‌ରେ ନିରାପଦରେ ରଖିଦେବାକୁ ସ୍ଥିରକଲେ ।

ଫ୍ରିଜିଙ୍ଗ୍ ହଲ୍ ଆମ ଘରଠାରୁ ଅଳ୍ପ ଦୂର । ସେଠାକୁ ଯାଇ ଫେରିଆସିବା ପାଇଁ ଯଥେଷ୍ଟ ସମୟ ଥିଲା । ଲେଡ଼ି ଭେରିନ୍ଦର୍ ଓ ମିସ୍ ରାଚେଲ୍ ଘରକୁ ଫେରିବା ପୂର୍ବରୁ ସେ ଫ୍ରିଜିଙ୍ଗ୍ ହଲ୍‌ରୁ ଫେରିଆସିପାରିବେ । ଘୋଡ଼ାଶାଳରୁ ଗୋଟିଏ ଭଲ ଘୋଡ଼ା ବାଛି ନେଇ ଫ୍ରାଙ୍କଲିନ୍ ତା' ଉପରେ ବସି ଫ୍ରିଜିଙ୍ଗ୍ ହଲ୍‌କୁ ବାହାରିଗଲେ । ମୁଁ ଘରକୁ ଆସିଲି । ମୋର ମନେହେଉଥାଏ ଏ ସବୁ ଆଶଙ୍କା ବୃଥା ।

Digitized by srujanika@gmail.com

(୬)

ମୋର ଆଶଙ୍କା ଥାଏ ହୁଏତ ମି: ଫ୍ରାଙ୍କଲିନ୍ ବାଟରେ ବା ଫ୍ରିଜିଙ୍ଗ୍ ହଲ୍‌ରେ ଭାରତୀୟମାନଙ୍କ ହାବୁଡ଼ରେ ପଡ଼ିବେ ବା ଅନ୍ୟ କୌଣସି ବିପଦର ସମ୍ମୁଖୀନ ହେବେ । କିନ୍ତୁ ମି: ଫ୍ରାଙ୍କଲିନ୍ ଘରକୁ ଫେରିବା ପରେ ମୋର ଆଶଙ୍କା ବୃଥା ବୋଲି ପ୍ରମାଣିତହେଲା । ସେ ନିରାପଦରେ ଚନ୍ଦ୍ରକାନ୍ତମଣିକୁ ବ୍ୟାଙ୍କ୍‌ରେ ଜମାଦେଇ ଆସିଥିଲେ ଓ ବିଧିମତେ ରସିଦ୍ ମଧ ଆଣିଥିଲେ ।

ନିମନ୍ତ୍ରଣ ରକ୍ଷା କରିସାରି ଲେଡ଼ି ଭେରିନ୍ଦର୍ ଓ ରାଚେଲ୍ ଫେରିଆସିଲେ ଓ ଫ୍ରାଙ୍କଲିନ୍‌ଙ୍କୁ ସ୍ୱାଗତ ସମ୍ଭାଷଣ ଜଣାଇଲେ । ରାତି-ଭୋଜନ ପରେ ମୋର ଫ୍ରାଙ୍କଲିନ୍‌ଙ୍କ ସଙ୍ଗେ କଥାବାର୍ତ୍ତା ହେଲା । ତାଙ୍କ ମୁହଁରୁ ରାଚେଲ୍‌ଙ୍କର ଉଚ୍ଛ୍ୱସିତ ପ୍ରଶଂସା ଶୁଣିବାକୁ ପାଇଲି । ରାଚେଲ୍‌ଙ୍କ ପରି ସୁନ୍ଦରୀ ଓ ଗୁଣବତୀ ଭଦ୍ରମହିଳା ସେ ଇଂଲଣ୍ଡ ଫେରିବା ଦିନୁ ଦେଖିନଥିବା ପ୍ରକାଶକଲେ । ମୋର ମନେହେଲା, ସେ ଚନ୍ଦ୍ରକାନ୍ତମଣି ବିଷୟ ଏକବାରେ ଭୁଲିଯାଇଥିଲେ ।

ପ୍ରାୟ ରାତି ଅଧବେଳକୁ ସବୁ କାର୍ଯ୍ୟ ଶେଷହେବାରୁ ମୁଁ ଘରଦ୍ୱାର ବନ୍ଦକରିବାକୁ ଗଲି । ସାମୁଏଲ୍ ବୋଲି ଚାକରଟି ମୋ ସଙ୍ଗରେ ଥାଏ । ଘରଦ୍ୱାର ବନ୍ଦ ହେବା ପରେ ମୁଁ ସାମୁଏଲ୍‌କୁ ବିଦାୟ ଦେଲି । ଉପର ମହଲାର ନିଜ କୋଠରିକୁ ଶୋଇବାକୁ ଯିବା ପୂର୍ବରୁ ଟିକିଏ ପବନ ଖାଇବା ଉଦ୍ଦେଶ୍ୟରେ ମୁଁ ଏପାଖ ସେପାଖ ହେଲି । ରାତିଟା ଟିକିଏ ଗରମ ହୋଇଥାଏ । ଆମ ଘର ଆଗ ରାସ୍ତାରେ ସଫା ଜହ୍ନ-ଆଲୁଅ ପଡ଼ିଥାଏ । ମୁଁ ସେହି ରାସ୍ତା ଆଡ଼କୁ ଅନାଇ ଦେଖିଲି ଯେ ରାସ୍ତାର ବାଙ୍କରେ କୌଣସି ଲୋକ ଯାଉଛି । ମୁଁ ବାଙ୍କଯାଏ ଗଲାବେଳକୁ ଦୁଇ ତିନିଜଣ ଲୋକ ବାଟଧାରରେ ଥିବା ବୁଦା ଭିତରେ ଲୁଚିଗଲେ । ସେହି ବୁଦା ଭିତରୁ ସେମାନେ ବାଡ଼ ଡେଇଁ ହତା ଭିତରେ ପଶିପାରିବାର ସମ୍ଭାବନା ଥିଲା । ତେଣୁ ମୁଁ ଘରକୁ ଫେରିଆସି ସାମୁଏଲ୍‌କୁ ଡାକିଲି । ଆମେ ଦୁହେଁ ଗୋଟାଏ ଲେଖାଏଁ ବନ୍ଧୁକ ଧରି ବଗିଚା ଭିତରେ ଖୋଜିବାକୁ ଗଲୁ; କିନ୍ତୁ କାହାରି ଦେଖାପାଇଲୁନାହିଁ ।

ତହୁଁ ଆମେ ରାସ୍ତା ଉପରକୁ ଆସିଲୁ । ରାସ୍ତା ଉପରେ ଗୋଟିଏ ଛୋଟ କାଚ୍‌ଶିଶି ଚକ୍‌ଚକ୍ କରୁଥିବାର ଦେଖି ମୁଁ ତାହା ଉଠାଇନେଲି । ପରୀକ୍ଷା କରି ଦେଖିଲି, ତାହା ଭିତରେ ବହଳିଆ କାଳିପରି ଗୋଟାଏ କିଛି ସୁଗନ୍ଧ ପଦାର୍ଥ ଅଛି । ମୁଁ ସାମୁଏଲ୍‌କୁ କିଛି କହିଲି ନାହିଁ । ଭାରତୀୟ ବାଜିକରଙ୍କ ବିଷୟରେ ପେନିଲୋପ୍ ମୋତେ ଯାହା କହିଥିଲା ତାହା ମନେପଡ଼ିଲା । ମୋର ସନ୍ଦେହ ହେଲା – ବାଜିକରମାନେ ପୁଣି ଥରେ ଏଠାକୁ ଆସି ଚନ୍ଦ୍ରକାନ୍ତମଣିର ସନ୍ଧାନ ନେଉଥିଲେ ।

ସାମୁଏଲ୍ ଓ ମୁଁ ନିଜ ନିଜ କୋଠରିରେ ଶୋଇଲୁ । ସକାଳ ହେବାରୁ ମୁଁ ଫ୍ରାଙ୍କଲିନ୍‌ଙ୍କୁ ସେହି ବୋତଲଟି ଦେଖାଇ ରାତିର ସମସ୍ତ ଘଟଣା କହିଲି । କିନ୍ତୁ ଫ୍ରାଙ୍କଲିନ୍ ମୋ କଥାକୁ

Digitized by srujanika@gmail.com

ହସରେ ଉଡ଼ାଇଦେଇ କହିଲେ, "ହଁ, ସେମାନେ ହୁଏତ ଚନ୍ଦ୍ରକାନ୍ତମଣିର ସନ୍ଧାନରେ ଆସିଥିବେ; କିନ୍ତୁ ସେମାନେ ମନ୍ତ୍ରଯନ୍ତ୍ରରେ ବିଶ୍ୱାସ କରି ସେ ପିଲାକଥା ଉପରେ ଆସ୍ଥା ରଖୁଥିଲେ ମୁଁ ସେମାନଙ୍କୁ ନିର୍ବୋଧ ବୋଲି କହିବି । ଯଦି ପିଲାଟା ସେମାନଙ୍କ ମନ୍ତ୍ରପ୍ରଭାବରେ କହେ ଯେ ମଣିଟି ବ୍ୟାଙ୍କ୍‌ରେ ରହିଛି, ତାହେଲେ ସେମାନେ ଆଉ ଏଠାକୁ ଆସି ଆମକୁ ବ୍ୟତିବ୍ୟସ୍ତ କରିବାର କାରଣ ରହିବନାହିଁ । କିନ୍ତୁ ଯଦି ସେ ପିଲା ତାହା କହିନପାରେ, ତେବେ ସେମାନେ ପୁଣି ଏଠାକୁ ଆସିପାରନ୍ତି ।'

କେତେ ଦିନ ଚାଲିଗଲା । ବାଜିକରଙ୍କର ଦେଖାନାହିଁ । ହୁଏତ ସେମାନେ କୌଣସି ସୂତ୍ରରୁ ଖବର ପାଇଥିଲେ ଯେ ଫ୍ରାଙ୍କଲିନ୍ ମଣିଟିକୁ ବ୍ୟାଙ୍କ୍‌ରେ ଜମାଦେଇଛନ୍ତି; କିମ୍ବା ପିଲାଟି ମନ୍ତ୍ରବଳରେ ଏହା କହିଥିଲା । ଖବର ମିଳିଲା ଯେ ବାଜିକରମାନେ ଫ୍ରିଜିଙ୍ଗ୍ ହଲ୍‌ରେ ଅଛନ୍ତି ।

ସେଇ ମଇ ମାସ ୨୯ ତାରିଖ ଦିନ ରାଚେଲ୍ ଓ ଫ୍ରାଙ୍କଲିନ୍‌ଙ୍କ ମୁଣ୍ଡରେ ଗୋଟାଏ ଖିଆଲ ପଶିଲା । ଏହା ସହିତ ଭବିଷ୍ୟତ ଘଟଣାବଳୀର ବିଶେଷ ସମ୍ପର୍କ ଥିବାରୁ ଏହାର ବିଶଦ ବର୍ଣ୍ଣନା ଦେବା ଆବଶ୍ୟକ । ମି: ଫ୍ରାଙ୍କଲିନ୍ ଘରର କବାଟ ଝରକା ପ୍ରଭୃତିକୁ ଚିତ୍ର କରିବାକୁ ଭଲପାଉଥିଲେ । ଏହି ଉଦ୍ଦେଶ୍ୟରେ ସେ ଗୋଟାଏ ନୂଆ ପ୍ରକାରର ରଙ୍ଗ ଆବିଷ୍କାର କରିଥିଲେ । କେତେଗୁଡ଼ିଏ ବିଭିନ୍ନ ରାସାୟନିକ ଦ୍ରବ୍ୟ ମିଶାଇ ଏହା ତିଆରି କରାଯାଉଥିଲା । ରାଚେଲ୍‌ଙ୍କ ବୈଠକଖାନାର କବାଟ ଝରକା ପ୍ରଭୃତିକୁ ଚିତ୍ର କରିବା ସ୍ଥିରହେଲା । ରାଚେଲ୍ ଏଥିରେ ଫ୍ରାଙ୍କଲିନ୍‌ଙ୍କୁ ସାହାଯ୍ୟ କରିବାକୁ ବାହାରିଲେ । ଲଣ୍ଡନରୁ ରାସାୟନିକ ଜିନିଷମାନ ଅଣାଗଲା । ପ୍ରଥମେ ପୁରୁଣା ବାର୍ନିସ୍ ଓ ରଙ୍ଗ ଛଡ଼ାଇଦିଆହେଲା । ରାଚେଲ୍ ନକ୍‌ସାମାନ ଆଙ୍କିଲେ ଓ ସେହି ନକ୍‌ସା ଅନୁସାରେ ଚିତ୍ର କରାଗଲା । ଏହି କାର୍ଯ୍ୟ ନିତାନ୍ତ ବିରକ୍ତିକର ହେବାର କଥା । ଏକେ ତ ରଙ୍ଗଟାର ଗନ୍ଧ ଏତେ କଦର୍ଯ୍ୟ ଯେ ବାରମ୍ବାର ଛିଙ୍କ ମାଡୁଥାଏ । ପୁଣି କେତେବେଳେ ବସି, କେତେବେଳେ ଛିଡ଼ାହୋଇ କାମ କରିବାକୁ ହେଉଥାଏ; କିନ୍ତୁ ରାଚେଲ୍ ଓ ଫ୍ରାଙ୍କଲିନ୍ ଦିନରାତି ଏହି କାମରେ ଲାଗିପଡ଼ିଥାନ୍ତି । ବୈଠକଖାନାକୁ ସୁନ୍ଦର କରିବା ଦୁହିଁଙ୍କର ଏକାନ୍ତ ଇଚ୍ଛା ।

ଜୁନ୍ ମାସ ୧୨ ତାରିଖ ଦିନ ରାଚେଲ୍‌ଙ୍କ ଜନ୍ମଦିନ ଉପଲକ୍ଷେ ମି: ଗଡ୍‌ଫ୍ରେ ଏବଲ୍ ହ୍ୱାଇଟ୍ ବୋଲି ଜଣେ ଭଦ୍ରଲୋକଙ୍କ ପାଖକୁ ନିମନ୍ତ୍ରଣ ପତ୍ର ପଠାଗଲା । ଫ୍ରାଙ୍କଲିନ୍ ଯେପରି ଦୂର-ସମ୍ପର୍କରେ ରାଚେଲ୍‌ଙ୍କର ଭାଇ, ଗଡ଼ଫ୍ରେ ମଧ୍ୟ ସେହିପରି ସମ୍ପର୍କୀୟ ଭାଇ । ଆଗରୁ ମୋର ତାଙ୍କ ସଙ୍ଗେ ପରିଚୟ ଥିଲା ଓ ମୋର ଧାରଣା ଜନ୍ମିଥିଲା ଯେ ଦିନେ ରାଚେଲ୍ ଏହି ଗଡ଼ଫ୍ରେଙ୍କୁ ବିବାହକରିବେ । ଅବଶ୍ୟ ମୋ ଝିଅ ପେନିଲୋପ୍‌ର ମତ ଏ ବିଷୟରେ ମୋର ମତଠାରୁ ଭିନ୍ନ ଥିଲା । ମୋର ବିଶ୍ୱାସର କେତେକ କାରଣ ଥିଲା । ଅବଶ୍ୟ ଫ୍ରାଙ୍କଲିନ୍ ଖୁବ୍ ଚାଲାକ୍ ଚତୁର, ଚେହେରା ମଧ୍ୟ ମନ୍ଦ ନୁହେଁ; କିନ୍ତୁ ଗଡ଼ଫ୍ରେ ଦେଖିବାକୁ ଫ୍ରାଙ୍କଲିନ୍‌ଙ୍କଠାରୁ ସୁନ୍ଦର । ସେ ହାଇକୋର୍ଟର ଜଣେ ବାରିଷ୍ଟର୍ ଓ ଅବସର ସମୟରେ ଅନେକ ଦାତବ୍ୟ

Digitized by srujanika@gmail.com

ଅନୁଷ୍ଠାନ ପାଇଁ କାର୍ଯ୍ୟ କରନ୍ତି । ତାଙ୍କର କଥା କହିବା ଭଙ୍ଗୀରେ ଲୋକେ ସନ୍ତୁଷ୍ଟ ହେବେ । ଏପରି ସ୍ଥଳେ ରାଚେଲ୍ ତାଙ୍କୁ ପସନ୍ଦ କରିବେ ବୋଲି ମୋର ଦୃଢ଼ ବିଶ୍ୱାସ ଥିଲା ।

ଲେଡ଼ି ଭେରିନ୍ଦର୍‌ଙ୍କର ନିମନ୍ତ୍ରଣ ପାଇ ମି: ଗଡ଼ଫ୍ରେ ଉତ୍ତର ଦେଲେ, "ମୁଁ ମୋର ଦୁଇ ଭଉଣୀଙ୍କ ସହିତ ୨୧ ତାରିଖ ବୁଧବାର ଉପରବେଳା ପହଞ୍ଚିବି ଓ ସେଠାରେ ୨୩ ତାରିଖ ଶୁକ୍ରବାରଯାଏଁ ରହି ରାଚେଲ୍‌ଙ୍କ ଜନ୍ମଦିନ ଉତ୍ସବରେ ଯୋଗଦେବି ;" ରାଚେଲ୍‌ଙ୍କର ଦୀର୍ଘଜୀବନ କାମନା କରି ସେ ଏକ କବିତା ରଚନା କରି ଚିଠି ସହିତ ପଠାଇଥିଲେ ।

ପେନିଲୋପ୍ ପୁଣି ଆସି ମୋତେ କହିଲା, "ବାପା, ମୋ କଥା ଠିକ୍ । ରାଚେଲ୍ ଗଡ଼ଫ୍ରେଙ୍କ କବିତା ପାଇ ଫ୍ରାଙ୍କଲିନ୍‌ଙ୍କୁ ଶୁଣାଇଲେ । ଦୁହେଁ ସେ କବିତାକୁ ହସରେ ଉଡ଼ାଇଦେଲେ । ଆଉ ଗୋଟିଏ କଥା – ତୁମେ ଜାଣ ଫ୍ରାଙ୍କଲିନ୍ ଦିନରାତି ସିଗାରେଟ୍ ଟାଣୁଥିଲେ । ଦିନେ ରାଚେଲ୍ କହିଲେ, ସିଗାରେଟ୍‌ର ଧୂଆଁ ମୋତେ ଖରାପ ଲାଗୁଛି । ଏତିକିରେ ସେ ଏକବାରେ ସିଗାରେଟ୍ ଛାଡ଼ିଦେଇଛନ୍ତି । ସେଥିପାଇଁ ତାଙ୍କ ମୁଣ୍ଡ ଘୂରାଉଛି; ରାତିରେ ଆଦୌ ନିଦ ହେଉନାହିଁ । ରାଚେଲ୍ ପରେ ଯେତେ ଅନୁରୋଧ କଲେ ସୁଦ୍ଧା ସେ ଆଉ ସିଗାରେଟ୍ ଛୁଉଁନାହାନ୍ତି ।"

ଏଥିମଧ୍ୟରେ ରୋଶାନାର ଆଚରଣରେ ଘୋର ପରିବର୍ତ୍ତନ ଦେଖାଗଲା । କାମ ତ କଲା ନାହିଁ, କିପରି ଫ୍ରାଙ୍କଲିନ୍‌ଙ୍କ ପାଖରେ ରହିବ ସେଥିପାଇଁ ଚେଷ୍ଟାକଲା । ଅଯଥା ତାଙ୍କ ଘରକୁ ପଶିଯାଏ, ତାଙ୍କର ବହିପତ୍ର ଓଲଟାଏ । ପେନିଲୋପ୍ ମୋତେ କହିଲା – "ବାପା, ରୋଶାନା ଫ୍ରାଙ୍କଲିନ୍‌ଙ୍କୁ ଭଲପାଏ, ତାଙ୍କୁ ବିବାହ କରିବାକୁ ତାର ଇଚ୍ଛା । କିନ୍ତୁ ଫ୍ରାଙ୍କଲିନ୍ ତାକୁ ଥରେ ସୁଦ୍ଧା ଚାହିଁନାହାନ୍ତି । ସେଥିପାଇଁ ମନୋଦୁଃଖରେ ସେ ବାୟାଣୀ ପରି ହୋଇଛି ।" ମୁଁ ଏପରି ଅସମ୍ଭବ କଥା ଉପରେ କିଛି ଗୁରୁତ୍ୱ ନଦେଇ ଲେଡ଼ି ଭେରିନ୍ଦର୍‌ଙ୍କ ପରାମର୍ଶ ଅନୁସାରେ ଡାକ୍ତରଙ୍କୁ ଡକାଇଲି । ଏହା ହେଉଛି ଜୁନ୍ ୧୯ ତାରିଖର ଘଟଣା ।

ଡାକ୍ତର ରୋଶାନାକୁ ପରୀକ୍ଷା କରି କହିଲେ, "ତାର ସେପରି କୌଣସି ରୋଗ ନାହିଁ; କେବଳ ମନର ଅଶାନ୍ତି ହେତୁ ସେ ଏପରି ହେଉଛି । ତାକୁ ଛୁଟିଦେଇ ଅନ୍ୟତ୍ର ପଠାଇଦିଅ । ସ୍ଥାନ ପରିବର୍ତ୍ତନରେ ସେ ଭଲହୋଇଯିବ ।" କିନ୍ତୁ ରୋଶାନା କାନ୍ଦି କାନ୍ଦି କହିଲା, "ମୋତେ ଏହିଠାରେ ରହିବାକୁ ଦିଅ । ମୋର ଅନ୍ୟ କେଉଁଠାକୁ ଯିବାକୁ ଇଚ୍ଛା ନାହିଁ ।" ଶେଷରେ ରୋଶାନାକୁ ଅନ୍ୟତ୍ର ପଠାଇବା ପ୍ରସ୍ତାବ ବନ୍ଦହେଲା ।

୨୦ ତାରିଖ ଦିନ ମି: ଗଡ଼ଫ୍ରେ ଆଉ ଖଣ୍ଡିଏ ଚିଠି ପଠାଇଲେ । ସେଥିରେ ଲେଖାଥିଲା, "ମୋର ବାପା ଓ ମାଆ ଫ୍ରିଜିଙ୍ଗ୍‌ହଲ୍‌ରେ ଅଛନ୍ତି । ଆଜି ରାତିଟି ମୋତେ ସେମାନଙ୍କ ପାଖରେ ରହିବାକୁ ହେବ । ମୁଁ ଭଉଣୀମାନଙ୍କ ସହିତ ୨୧ ତାରିଖ ଉପରବେଳା ଆପଣଙ୍କ ଘରେ ପହଞ୍ଚି ଉତ୍ସବରେ ଯୋଗଦେବି ।"

Digitized by srujanika@gmail.com

(୭)

ଜୁନ୍ ୨୧ ତାରିଖ ଶୁକ୍ରବାର; ପ୍ରଭାତ ଉପସ୍ଥିତ । କିପରି ଫ୍ରିଜିଙ୍ଗ୍‌ହଲ୍‌ର ବ୍ୟାଙ୍କ୍‌ରୁ ଚନ୍ଦ୍ରକାନ୍ତମଣିଟି ଆଣି ରାଚେଲ୍‌ଙ୍କୁ ଦିଆଯିବ ସେ ବିଷୟରେ ମୋର ଫ୍ରାଙ୍କଲିନ୍‌ଙ୍କ ସଙ୍ଗେ ପରାମର୍ଶ ହେଲା । ଆମ ଭିତରେ ସ୍ଥିରହେଲା ଯେ ଫ୍ରାଙ୍କଲିନ୍ ଖାଇସାରି ଦିନ ତିନିଟାବେଳକୁ ଘୋଡ଼ାରେ ବସି ବ୍ୟାଙ୍କ୍‌କୁ ଯିବେ ଓ ବ୍ୟାଙ୍କ୍‌ରୁ ମଣିଟି ଆଣିଲା ପରେ ଗଡ଼୍‌ଫ୍ରେ ଓ ତାଙ୍କ ଭଉଣୀଦୁହିଁଙ୍କ ସହିତ ଆସିବେ ।

ରାଚେଲ୍‌ଙ୍କ ବୈଠକଖାନା କବାଟର ଚିତ୍ର ସରିନଥାଏ । ତେଣୁ ଫ୍ରାଙ୍କଲିନ୍ ଓ ରାଚେଲ୍ ସେହି କାମରେ ଲାଗିପଡ଼ିଲେ । କାମ ଶେଷ ହେଲାବେଳକୁ ଦିନ ତିନିଟା । ଫ୍ରାଙ୍କଲିନ୍ ଶୀଘ୍ର ଖାଇଦେଇ ଫ୍ରିଜିଙ୍ଗ୍ ହଲ୍‌କୁ ଘୋଡ଼ାରେ ବସି ଚାଲିଗଲେ । ସନ୍ଧ୍ୟାର ଠିକ୍ ପୂର୍ବରୁ ଚାହାଖିଆ ବେଳକୁ ମି: ଫ୍ରାଙ୍କଲିନ୍, ମି: ଗଡ଼୍‌ଫ୍ରେ ଓ ତାଙ୍କ ଭଉଣୀ ଆସି ପହଞ୍ଚିଲେ । ମୁଁ ଦେଖିଲି ମି: ଗଡ଼୍‌ଫ୍ରେଙ୍କ ମୁହଁ ବିଷଣ୍ଣ ଦେଖାଯାଉଛି; କିନ୍ତୁ ଭଉଣୀ ଦୁହେଁ ଖୁବ୍ ପ୍ରଫୁଲ୍ଲ ଥା'ନ୍ତି । ସୁବିଧା ଦେଖି ମୁଁ ଚୁପ୍‌କରି ଫ୍ରାଙ୍କଲିନ୍‌ଙ୍କୁ ପଚାରିଲି, ''ମଣି ଆଣିଲେ ?''

ସେ ମୁଣ୍ଡ ନୁଆଇଁ ଓ ପକେଟ୍‌ରେ ହାତ ମାରି ଜଣାଇଦେଲେ ଯେ ଚନ୍ଦ୍ରକାନ୍ତମଣି ଏବେ ତାଙ୍କ ପକେଟ୍‌ରେ । ତଥାପି ମୁଁ ପୁଣି ପଚାରିଲି, ''ସେ ଭାରତୀୟମାନଙ୍କର ଖବର କ'ଣ ?'' ଫ୍ରାଙ୍କଲିନ୍ ସଂକ୍ଷେପରେ ଉତ୍ତରକଲେ – ''ସେମାନଙ୍କର ଦେଖାଦର୍ଶନ ନାହିଁ ।'' ଏହା ପରେ ମି: ଫ୍ରାଙ୍କଲିନ୍ ପେନିଲୋପ୍ ହାତରେ ରାଚେଲ୍‌ଙ୍କୁ ଡକାଇପଠାଇଥିଲେ ।

ଭୋଜିର ବ୍ୟବସ୍ଥା ବିଷୟରେ ଲେଡ଼ି ଭେରିନ୍ଦର୍‌ଙ୍କ ପରାମର୍ଶ ପାଇଁ ମୁଁ ଛୋଟ ବୈଠକଖାନା ଭିତରକୁ ପଶିଯାଇ ଦେଖିଲି ରାଚେଲ୍ ଚନ୍ଦ୍ରକାନ୍ତମଣିକୁ ହାତରେ ଧରି ଗୋଟିଏ ଟେବୁଲ ପାଖରେ ଛିଡ଼ାହୋଇଛନ୍ତି; ତାଙ୍କର ଦୁଇପାଖରେ ଗଡ଼୍‌ଫ୍ରେଙ୍କ ଦୁଇ ଭଉଣୀ ଛିଡ଼ାହୋଇ ମଣିଟିର ପ୍ରଶଂସା କରୁଥାନ୍ତି । ମି: ଫ୍ରାଙ୍କଲିନ୍ ଗୋଟିଏ ଚୌକିରେ ବସିଥାନ୍ତି ଓ ଲେଡ଼ି ଭେରିନ୍ଦର୍ ହର୍ଣ୍ଣକାଷ୍ଟଲ୍‌ଙ୍କ ଉଇଲ୍‌ଟିକୁ ଚାହିଁ ଝରକା ପାଖରେ ଛିଡ଼ାହୋଇଥାନ୍ତି । ତାଙ୍କ ମୁଖ ଚିନ୍ତାରେ ମଳିନ ଦିଶୁଥାଏ । ବୋଧହୁଏ ସେ ଆମରି ଭଳି ଭାବୁଥିଲେ – କର୍ଣ୍ଣେଲ୍ ହର୍ଣ୍ଣକାଷ୍ଟଲ୍ ଏ ମହାମୂଲ୍ୟ ମଣିଟି ଦେଇ ଉଦାରତା ଦେଖାଇଛନ୍ତି ନା ନିଜ ଦୁଷ୍ଟ ପ୍ରକୃତିର ପରିଚୟ ଦେଇଛନ୍ତି ? ରାଚେଲ୍ ହର୍ଣ୍ଣକାଷ୍ଟଲ୍‌ଙ୍କ ସ୍ୱଭାବ ବିଷୟରେ କିଛି ଜାଣିନଥିଲେ । ତେଣୁ ସେ ମଣିଟିକୁ ଧରି ଆନନ୍ଦରେ ଦେଖୁଥିଲେ । ତାଙ୍କ ମନକୁ କୌଣସି ସନ୍ଦେହ ସ୍ପର୍ଶ କରିନଥିଲା ।

ମୁଁ ବୈଠକଖାନାରୁ ବାହାରିଗଲାବେଳକୁ ରାଚେଲ୍ ମୋତେ ଡାକି କହିଲେ, ''ଗ୍ରେବ୍ରିଏଲ୍, ଦେଖିଲ ଏ କଅଣ ।'' – ଏହା କହି ସେ ମୋ ଆଡ଼କୁ ମଣିଟି ଦେଖାଇଦେଲେ । ମଣିଟିର ତେଜରେ ମୋର ଆଖି ଝଲସିଗଲା । ମୁଁ ଏପରି ବିଚିତ୍ର ମଣି ଜୀବନରେ ଦେଖିନଥିଲି । ତାର ଜ୍ୟୋତିରେ ଘରଟିଯାକ ଉଜ୍ଜ୍ୱଳ ଦିଶିଲା ।

Digitized by srujanika@gmail.com

ମୁଁ ଭୋଜିର ବ୍ୟବସ୍ଥା କରିବାରେ ଲାଗିଲି । ସବୁ ବନ୍ଦୋବସ୍ତ ଶେଷକରି ମୁଁ ପୋଷାକ ବଦଳାଇବା ପାଇଁ ଉପର ମହଲାକୁ ଗଲି । ଏହି ସମୟରେ ପେନିଲୋପ୍ ଦୌଡ଼ିଆସି ମୋତେ କହିଲା, ''ବାପା ! ମୋ କଥା ସତ ହେଲା । ରାଚେଲ୍ ଗଡ଼ଫ୍ରେଙ୍କୁ ବିବାହ କରିବେ ନାହିଁ ବୋଲି କହିଦେଇଛନ୍ତି ।''

ସେ କିପରି ଏହା ଜାଣିଲା ବୋଲି ପଚାରିବାରୁ ପେନିଲୋପ୍ କହିଲା, ''ବଗିଚା ଭିତରେ ରାଚେଲ୍ ଓ ଗଡ଼ଫ୍ରେ କଥାବାର୍ତ୍ତା ହେଉଥିଲେ । ମୁଁ ଦୂରରୁ ସେମାନଙ୍କ କଥା ଶୁଣି ପାରୁଥିଲି । ଶେଷରେ ଗଡ଼ଫ୍ରେ କହିଲେ, 'ମୁଁ ତେବେ କ'ଣ ଆଜି ଏଠାରୁ ଚାଲିଯିବି ?' ରାଚେଲ୍ କହିଲେ, 'ନା, ମାଆ ତୁମକୁ ନିମନ୍ତ୍ରଣ କରିଛନ୍ତି । ତୁମେ ଅତିଥି ଭାବରେ ଏଠାରେ ରହିବା ଉଚିତ । ଆମ ଭିତରେ ଯାହା ଘଟିଯାଇଛି, ତାହା ଭୁଲିଯିବା ଓ ପରସ୍ପରକୁ ବନ୍ଧୁରୂପେ ଗ୍ରହଣ କରିବା ।' ବାପା, ମିସ୍ ରାଚେଲ୍ ଯେ ଫ୍ରାଙ୍କଲିନ୍‌ଙ୍କୁ ଭଲପାଆନ୍ତି, ଏଥିରେ ସନ୍ଦେହ ନାହିଁ ।'' ଏହି ସମୟରେ ଗୋଟିଏ ଘୋଡ଼ାଗାଡ଼ି ଆସି ପହଞ୍ଚିଲା । ମୁଁ ଦୌଡ଼ିଯାଇ ଗାଡ଼ିରୁ ଗଡ଼ଫ୍ରେଙ୍କ ବାପା ଓ ମାଆଙ୍କୁ ସମ୍ବର୍ଦ୍ଧନା ଜଣାଇ ଡାକିଆଣିଲି ।

ଅନ୍ୟାନ୍ୟ ଅତିଥିମାନେ ଆସିବାକୁ ଲାଗିଲେ । ପରିବାରର ଲୋକମାନଙ୍କୁ ମିଶାଇ ମୋଟରେ ଚବିଶ ଜଣ ଭୋଜନସ୍ଥଳରେ ଉପସ୍ଥିତ ଥିଲେ । ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କର ନାମ ଉଲ୍ଲେଖ କରିବା ପ୍ରୟୋଜନ । ସେ ଦୁଇଜଣ ମିସ୍ ରାଚେଲ୍‌ଙ୍କର ଦୁଇପାଖରେ ବସିଥିଲେ । ତାଙ୍କର ବାମ ପାଖରେ ଯେ ବସିଥିଲେ ତାଙ୍କ ନାମ ଡାକ୍ତର କାଣ୍ଡି । ସେ ଫ୍ରିଜିଙ୍ଗ୍‌ହଲ୍‌ରେ ରହୁଥିଲେ । ଆମ ପରିବାରର ଡାକ୍ତର ଭାବରେ ତାଙ୍କ ସହିତ ଆମର ଆତ୍ମୀୟତା ଥିଲା । ଅନ୍ୟପାଖରେ ବସିଥିଲେ ବିଖ୍ୟାତ ଭାରତପର୍ଯ୍ୟଟକ ମି: ମୁର୍ଥଓଏଟ୍ । ମିସ୍ ରାଚେଲ୍‌ଙ୍କ ମଣିଟି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରୁଥିଲା । ଜଣେ ଅତିଥି ଡାକ୍ତର କାଣ୍ଡିକୁ ମଣିଟି ବିଷୟରେ ତାଙ୍କର ମତ ପଚାରିବାରୁ ସେ ହସି ହସି କହିଲେ, ''ମୁଁ ଦେଖୁଛି, ଏ ମଣିଟି ଅତି ମୂଲ୍ୟବାନ୍ ହୋଇଥିବାରୁ ଅନେକ ଲୋକଙ୍କର ଚିନ୍ତାର କାରଣ ହୋଇଛି । ମୁଁ ଆପଣମାନଙ୍କୁ ସେ ଚିନ୍ତାରୁ ସହଜରେ ଉଦ୍ଧାର କରିପାରିବି ।'' ଡାକ୍ତର ପରିହାସପ୍ରିୟ ଲୋକ । ତାଙ୍କର ଏହି କଥାରେ ସମସ୍ତେ ହସିଉଠିଲେ । ଜଣେ କେହି କହିଲା, ''କିପରି ଆପଣ ଚିନ୍ତା ଦୂର କରିପାରିବେ ?'' ଡାକ୍ତର ହସି ହସି ଉତ୍ତରକଲେ, ''ଅତି ସହଜରେ କରିପାରିବି । ମିସ୍ ରାଚେଲ୍ ମୋତେ ମଣିଟି ଦାନକରନ୍ତୁ । ମୁଁ ମୁହୂର୍ତ୍ତକରେ ସେଇଟି ଗୁଣ୍ଡ କରିଦେବି । ତେଣିକି ତାକୁ ନିରାପଦରେ ରଖିବା ପାଇଁ କାହାରି ମଥା ବଥେଇବ ନାହିଁ ।'' ଅତିଥିମାନେ ଆଉ ଥରେ ହସିଉଠିଲେ ।

ମି: ମୁର୍ଥଓଏଟ୍ ଜଣେ ପ୍ରସିଦ୍ଧ ପର୍ଯ୍ୟଟକ । ଭାରତର ନାନା ଅଜ୍ଞାତ ସ୍ଥାନ ସେ ଭ୍ରମଣ କରିଥିବା ଜଣାଶୁଣା । ଅତିଥିମାନଙ୍କ ଗଳ୍ପରେ ସେ ଆଦୌ ଯୋଗନଦେଇ ଚୁପ୍‌କରି ବସିଥିଲେ । ତାଙ୍କର ଦୃଷ୍ଟି ମିସ୍ ରାଚେଲ୍‌ଙ୍କ ପୋଷାକ ଉପରିସ୍ଥ ମଣି ଉପରେ ଲାଖିଥିଲା । କିଛି ସମୟଯାଏ ସେ ତାହାକୁ ଚାହିଁରହି କହିଲେ, ''ମିସ୍ ରାଚେଲ୍ ! ଯଦି ତୁମେ କେବେ ଭାରତକୁ ଯାଅ,

Digitized by srujanika@gmail.com

ତେବେ କେବେହେଁ ତୁମ ଦାଦାଙ୍କର ଏହି ଅଭିଶପ୍ତ ଉପହାରଟିକୁ ନେଇଯିବନାହିଁ। ମୁଁ ଭାରତର ଗୋଟିଏ ସହର ବିଷୟ ଜାଣେ । ସେଠାରେ ହିନ୍ଦୁମାନଙ୍କର ଗୋଟିଏ ମନ୍ଦିର ଅଛି । ତୁମେ ଏହି ମଣିକୁ ନେଇ ସେଠାକୁ ଗଲେ ପାଞ୍ଚମିନିଟ୍ ମଧ୍ୟରେ ଜୀବନ ହରାଇବ ।''

ଅତିଥିମାନେ ଗମ୍ଭୀର ହୋଇଗଲେ । ମିସ୍ ରାଚେଲ୍‌ଙ୍କର ଏଥିରେ ଚିନ୍ତାର କାରଣ ନଥିଲା, କେବେ ଭାରତକୁ ଯିବା ସେ କଳ୍ପନା କରିନଥିଲେ । ତଥାପି ତାଙ୍କୁ ବଡ଼ ଖରାପ ଲାଗିଲା । ଭୋଜି ଶେଷ ହେଲା ସତ; ମାତ୍ର ଅତିଥିମାନଙ୍କ ମନରେ ହର୍ଷ ନଥିଲା । ଭୋଜନ ପରେ ସମସ୍ତେ ଲେଡ଼ି ଭେରିନ୍ଦର୍‌ଙ୍କ ସହିତ ଉପର ମହଲାର ଡ୍ରଇଂରୁମ୍‌କୁ ଗଲେ ।

ଏହି ସମୟରେ ଗୋଟାଏ ବିଚିତ୍ର ବାଦ୍ୟ ତଳୁ ଶୁଣାଗଲା । ମୁଁ ଓ ଫ୍ରାଙ୍କଲିନ୍ ଦେଖିଲୁ ସେହି ଭାରତୀୟ ତିନି ଜଣ ବାଦ୍ୟ ବଜାଉଛନ୍ତି । ବିପଦ ଆଶଙ୍କା କରି ମୁଁ ସେମାନଙ୍କୁ ବିଦାୟ କରିଦେବାକୁ ଯାଉଥିଲି; ମାତ୍ର ମୋ ଆଗରୁ ଗଡ଼ଫ୍ରେଙ୍କ ଭଉଣୀଦୁହେଁ ସେମାନଙ୍କୁ ଖେଳ ଦେଖାଇବାକୁ ବରାଦଦେଇସାରିଥିଲେ । ଅନ୍ୟ ଅତିଥିମାନେ ମଧ୍ୟ ସେହି ଭଉଣୀ ଦୁହିଁଙ୍କ ପରି ଖେଳ ଦେଖିବାକୁ ଆଗ୍ରହୀ ଥିଲେ ; ଅଗତ୍ୟା ମୁଁ ଭାରତୀୟମାନଙ୍କୁ ତଡ଼ିଦେଇ ପାରିଲି ନାହିଁ ।

ମିସ୍ ରାଚେଲ୍‌ଙ୍କ ପାଖକୁ ଲାଗି ମି: ଫ୍ରାଙ୍କଲିନ୍ ଛିଡ଼ାହୋଇଥିଲେ । ମୁଁ ସେ ଦୁହିଁଙ୍କ ପଛରେ ରହିଥିଲି । ମିସ୍ ରାଚେଲ୍‌ଙ୍କ ମଣିଟିର ତେଜ ଚାରିଆଡ଼କୁ ବିଛେଇ ପଡୁଥିଲା । ଭାରତୀୟମାନେ ଅବଶ୍ୟ ଏହାକୁ ଦେଖିପାରିଥିଲେ । ଭାରତୀୟମାନେ ସଲାମ୍ କରି ସେମାନଙ୍କ ଖେଳ ଦେଖାଇଲେ; କିନ୍ତୁ ମୋର ମନ ଚିନ୍ତାଗ୍ରସ୍ତ ଥିବାରୁ ମୁଁ ସେଥିପ୍ରତି ଆଦୌ ଧ୍ୟାନ ଦେଇନଥିଲି । ମାତ୍ର ଗୋଟିଏ ଘଟଣା ମୋର ସ୍ପଷ୍ଟ ମନେଅଛି । ମି: ମୁର୍ଥଓଏଟ୍ ଭାରତୀୟମାନଙ୍କ ପାଖକୁ ଯାଇ ଭାରତୀୟ ଭାଷାରେ ସେମାନଙ୍କୁ କିଛି କହି ଫେରିଆସିଥିଲେ । ଏହା ପରେ ପରେ ବାଜିକର ଦଳର ନେତା କହିଲେ, ''ଆମର ଖେଳ ଶେଷହେଲା ।'' ଅତିଥିମାନେ କିଛି କିଛି ପୁରସ୍କାର ଦେଲେ । ଲେଡ଼ି ଭେରିନ୍ଦର କିଛି ଟଙ୍କା ଦେଇ ସେମାନଙ୍କୁ ବିଦାୟ ଦେଲେ । ମୁଁ ଓ ସାମୁଏଲ୍ ସେମାନଙ୍କୁ ହତା ବାହାରେ ଛାଡ଼ିଦେଲୁ ।

ମୁଁ ଫେରି ଦେଖିଲି ମି: ଫ୍ରାଙ୍କଲିନ୍ ଓ ମି: ମୁର୍ଥଓଏଟ୍ କଥାବାର୍ତ୍ତା ହେଉଛନ୍ତି । ମୋତେ ଦେଖି ମି: ମୁର୍ଥଓଏଟ୍ କହିଲେ, ''ମି: ବେଟରେଜ୍ ! ବୁଝିଲ, ଏ ଭାରତୀୟମାନେ ଆଦୌ ବାଜିକର ନୁହନ୍ତି । ମୁଁ ଭାରତରେ କେତେ ବାଜିକର ଦେଖିଛି । ଏମାନେ ଅନୁକରଣ କରି ବାଜି ଦେଖାଇବାର ଚେଷ୍ଟା କରୁଛନ୍ତି ମାତ୍ର । ମୋର ବିଶ୍ୱାସ, ଏମାନେ ଖୁବ୍ ଉଚ୍ଚଜାତିର ଲୋକ । ଏମାନଙ୍କର ଆଚରଣ ମୋତେ ଆଶ୍ଚର୍ଯ୍ୟ ଲାଗୁଛି । ପ୍ରଥମ କଥା, ଏଭଳି ଉଚ୍ଚଜାତିର ଲୋକେ ସମୁଦ୍ର ପାରହୋଇ ଏଠାକୁ ଆସି ଜାତି ହରାଇଛନ୍ତି । ଦ୍ୱିତୀୟତଃ, ବାଜିକର ବେଶରେ ଏଠାରେ ବୁଲୁଛନ୍ତି । ବାଜିକରମାନେ ଭାରତରେ ନିତାନ୍ତ ଛୋଟଜାତିର ଲୋକ । କୌଣସି ବିଶେଷ କାରଣ ନଥିଲେ ଏମାନେ ଏପରି କରିନଥାନ୍ତେ ।''

Digitized by srujanika@gmail.com

ମୁଁ ଭୟ ଓ ବିସ୍ମୟରେ କିଛି କହି ପାରିଲି ନାହିଁ । ଫ୍ରାଙ୍କଲିନ୍ କହିଲେ, "ମି: ମୁର୍ଥଓଏଟ୍, ଆମର ପାରିବାରିକ ବିଷୟ ଆପଣଙ୍କ ନିକଟରେ ପ୍ରକାଶ କରିବା ଉଚିତ ହୋଇନପାରେ; କିନ୍ତୁ ଆପଣ ଏହି ଭାରତୀୟଙ୍କ ବିଷୟରେ ଯାହା କହିଲେ ସେଥିରୁ ମୋର ମନେହୁଏ, ଆମର କେତେକ ଗୋପନୀୟ ବିଷୟ ଆପଣଙ୍କୁ କହିବା ଦରକାର ।" ଏହିପରି ଆରମ୍ଭ କରି ମି: ଫ୍ରାଙ୍କଲିନ୍ ତାଙ୍କୁ ଚନ୍ଦ୍ରକାନ୍ତମଣି ସଂକ୍ରାନ୍ତ ସମସ୍ତ ଘଟନା କହିଗଲେ ।

ମି: ମୁର୍ଥଓଏଟ୍ ଦୀର୍ଘନିଃଶ୍ୱାସ ପକାଇ କହିଲେ, "ମି: ଫ୍ରାଙ୍କଲିନ୍ ! ଆପଣଙ୍କର ଭାଗ୍ୟ ଭଲ ଯେ ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷାପାଇଯାଇଛନ୍ତି । କିପରି ଯେ ଆପଣ ରକ୍ଷାପାଇଗଲେ, ତାହା ଭାବି ମୁଁ ଆଶ୍ଚର୍ଯ୍ୟ ହୋଇଯାଉଛି । ମୋର ବିଶ୍ୱାସ, ଏହି ଭାରତୀୟମାନେ ମଣିଟିକୁ ପୁଣି ଭାରତକୁ ନେବାଲାଗି ଉଦ୍ୟମ କରୁଛନ୍ତି । ଏମାନେ ସେଥିପାଇଁ ଅନନ୍ତକାଳ ପାଇଁ ଅପେକ୍ଷା କରିପାରନ୍ତି । ସୁଯୋଗ ଦେଖି ଯେତେ ଇଚ୍ଛା ତେତେ ନରହତ୍ୟା କରିପାରନ୍ତି । ଆପଣ କିପରି ଏମାନଙ୍କ ହାତରୁ ରକ୍ଷାପାଇଲେ ? ଆଚ୍ଛା, ଆପଣ ଲଣ୍ଡନ ବ୍ୟାଙ୍କ୍‌ରୁ ମଣିଟି କେତେବେଳେ ଆଣିଲେ ?"

"ଦିନ ଦୁଇପ୍ରହର ବେଳେ । ସେତେବେଳେ ସହରରେ ଖୁବ୍ ଲୋକ ଚଳାଚଳ ଥିଲା ।"

"ଲୋକ ଯିବା ଆସିବା ଲାଗିଥିବାରୁ ସେମାନେ ଆପଣଙ୍କୁ ଆକ୍ରମଣ କରିବାର ସୁଯୋଗ ପାଇନଥିବେ । କିନ୍ତୁ ଫ୍ରିଜିଙ୍ଗ୍‌ହଲ୍ ଷ୍ଟେସନ୍‌ଠାରୁ ଏ ପର୍ଯ୍ୟନ୍ତ ରାସ୍ତା ନିଛାଟିଆ । ବାଟରେ ସେମାନେ ଆପଣଙ୍କୁ ଆକ୍ରମଣ ନକଲେ କିପରି ? ଆଚ୍ଛା, ଆପଣ ଠିକ୍ ଯେତିକିବେଳେ ଫ୍ରିଜିଙ୍ଗ୍‌ହଲ୍‌ରୁ ବାହାରିବାର କଥା, ସେହି ସମୟରେ ବାହାରିଥିଲେ ?"

"ନା, ମୁଁ ଚାରିଘଣ୍ଟା ଆଗରୁ ଆସିଥିଲି, ଆଉ ସଙ୍ଗେ ସଙ୍ଗେ ଯାଇ ମଣିଟିକୁ ଫ୍ରିଜିଙ୍ଗ୍‌ହଲ୍‌ର ବ୍ୟାଙ୍କ୍‌ରେ ଜମା ଦେଇ ଆସିଥିଲି ।"

"ତାହାହେଲେ ଭାରତୀୟମାନେ ପ୍ରକୃତରେ ଆପଣଙ୍କ ପହଞ୍ଚିବା ସମୟ ଜାଣି-ପାରିନଥିବେ । କିନ୍ତୁ ଆଜି ମଣିଟିକୁ ବ୍ୟାଙ୍କ୍‌ରୁ ଆଣି କଅଣ ଏକୁଟିଆ ଆସିଲେ ?"

"ନା, ମୋ ସାଥିରେ ମି: ଗଡ୍‌ଫ୍ରେ ଓ ତାଙ୍କର ଦୁଇ ଭଉଣୀ ଥିଲେ । ଆମେ ସମସ୍ତେ ଘୋଡ଼ାରେ ବସି ଆସିଲୁ ।"

"ତେବେ ସବୁ ଜଣାପଡ଼ିଗଲା । ଆପଣ କେତେବେଳେ ହେଲେ ଏକୁଟିଆ ଥିବା ଅବସ୍ଥାରେ ମଣିକୁ ପାଖରେ ରଖିନଥିଲେ – ସେଥିପାଇଁ ଆପଣ ମରଣ ମୁହଁରୁ ବର୍ତ୍ତିଯାଇଛନ୍ତି ।"

ମୁଁ ପଚାରିଲି, "ତେବେ ପ୍ରକୃତରେ କଅଣ ମି: ଫ୍ରାଙ୍କଲିନ୍‌ଙ୍କ ଜୀବନ ଏପରି ବିପନ୍ନ ହେବାର କାରଣ ଥିଲା ?"

ମି: ମୁର୍ଥଓଏଟ୍ କହିଲେ, "ନିଶ୍ଚୟ, ଏହି ମଣିଟି ଭାରତୀୟଙ୍କ ଦୃଷ୍ଟିରେ ଅତି ପବିତ୍ର । ଏହାକୁ ଦେବତାଙ୍କ ଦେହରେ ଖଞ୍ଜିବା ପାଇଁ ସେମାନେ ଯୁଗ-ଯୁଗ ଧରି ପୁରୁଷାନୁକ୍ରମେ

Digitized by srujanika@gmail.com

ପଣ କରିଆସିଛନ୍ତି । ଏଥିପାଇଁ ନରହତ୍ୟା କରିବାକୁ ସେମାନେ ଲବମାତ୍ର କୁଣ୍ଠିତ ହେବେ ନାହିଁ । ଏପରି ଉଦ୍ଦେଶ୍ୟରେ ଜୀବନ ଦେବା ବା ନେବା ସେମାନଙ୍କ ଦୃଷ୍ଟିରେ ମହାନ୍ ଧର୍ମ ।''

ମୁଁ ବିବ୍ରତ ହୋଇ ପଚାରିଲି, ''ବର୍ତ୍ତମାନ କର୍ତ୍ତବ୍ୟ କଅଣ କହନ୍ତୁ ?''

ମି: ମୁର୍ଥଓଏଟ୍ କହିଲେ, ''ମୋ ମତରେ କାଲି ସକାଳୁ ସେ ମଣିଟିକୁ ଆମଷ୍ଟର୍‌ଡାମ୍‌ର କାରିଗର ପାଖକୁ ନେଇ ବାରଖଣ୍ଡ କରି କିଛି ଅଳଙ୍କାର ଗଢ଼ାଇ ଆଣନ୍ତୁ । ଖଣ୍ଡ ଖଣ୍ଡ ହୋଇଗଲେ ଏହାର ପବିତ୍ରତା ନଷ୍ଟହୋଇଯିବ । ତେଣିକି ଭାରତୀୟମାନେ ଏହା ନେବାକୁ ଆଦୌ ଚେଷ୍ଟା କରିବେ ନାହିଁ ।''

ମି: ଫ୍ରାଙ୍କଲିନ୍ ଏ ବିଷୟରେ ଲେଡ଼ି ଭେରିନ୍ଦର୍‌ଙ୍କର ମତ ନେବାକୁ ପରାମର୍ଶ ଦେଲେ । ମୁଁ ପଚାରିଲି, ''କାଲି କଥା ତ ଅଛି – ଆଜି ରାତିରେ କଅଣ କରାଯିବ ? ହୁଏତ ସେମାନେ ପୁଣି ଆସିପାରନ୍ତି ।'' ମି: ମୁର୍ଥଓଏଟ୍ କହିଲେ, ''ସେମାନେ ଆଜି ରାତିରେ ଆସିବାର ସମ୍ଭାବନା ନାହିଁ । ତଥାପି ବଗିଚାରେ ଗୋଟାଏ କୁକୁର ରଖିଲେ ଭଲହେବ ।'' ଆମର ବଗିଚାରେ ଦୁଇଟି କୁକୁର ଜଗିଆ ରହୁଥିଲେ । ତେଣୁ ମୁଁ ଆଶ୍ୱସ୍ତ ହେଲି ।

ଲେଡ଼ି ଭେରିନ୍ଦର୍‌ଙ୍କଠାରୁ ବିଦାୟ ନେଇ ସମସ୍ତେ ନିଜ ନିଜ ଗାଡ଼ିରେ ଫେରିଗଲେ । କେବଳ ଡାକ୍ତର କାଣ୍ଡି ଘୋଡ଼ାରେ ବସି ଆସିଥିଲେ । ଏତିକିବେଳକୁ ଘୋର ବର୍ଷା ଆସିଲା । ଡାକ୍ତର କାଣ୍ଡିଙ୍କ ଯିବା ବିଷୟରେ ଆମେ ଚିନ୍ତିତ ହୋଇପଡ଼ିଲୁ । କିନ୍ତୁ ସେ ହସି ହସି କହିଲେ, ''ତୁମର ଚିନ୍ତାର କାରଣ ନାହିଁ । ବର୍ଷା ମଧ୍ୟ ଡାକ୍ତରଙ୍କର କିଛି କ୍ଷତି କରି ପାରିବ ନାହିଁ; ଡାକ୍ତର ଦେହ ଅନ୍ୟ ଧାତୁରେ ତିଆରି ।'' – ଏହା କହି ସେ ଘୋଡ଼ାରେ ବସି ଫ୍ରିଜିଙ୍ଗ୍‌ହଲ୍ ଆଡ଼କୁ ଗଲେ । ଜନ୍ମଦିନ-ଉତ୍ସବ ଶେଷହେଲା ।

(୮)

ଅତିଥିମାନେ ବିଦାୟ ନେବା ପରେ ଲେଡ଼ି ଭେରିନ୍ଦର୍, ମିସ୍ ରାଚେଲ୍, ମି: ଗଡ଼୍‌ଫ୍ରେ ଓ ମି: ଫ୍ରାଙ୍କଲିନ୍ ଡ୍ରଇଂରୁମ୍‌ରୁ ବାହାରିଆସିଲେ । ବିଶେଷ କ୍ଳାନ୍ତ ହୋଇଥିବାରୁ ମି: ଗଡ଼୍‌ଫ୍ରେ ଓ ମି: ଫ୍ରାଙ୍କଲିନ୍ ପିଇବା ନିମନ୍ତେ କିଛି କିଛି ବ୍ରାଣ୍ଡି ଓ ସୋଡ଼ା ହାତରେ ଧରିଥିଲେ । ଲେଡ଼ି ଭେରିନ୍ଦର୍ ପଚାରିଲେ, ''ରାଚେଲ୍, ଆଜି ରାତିରେ ସେ ମଣିକୁ କେଉଁଠାରେ ରଖିବୁ ?''

ମିସ୍ ରାଚେଲ୍ ଏ କଥା ଉପରେ ଆଦୌ ଗୁରୁତ୍ୱ ନଦେଇ ପରିହାସ କଲାପରି କହିଲେ, ''କାହିଁକି – ଡ୍ରେସିଂ ଟେବୁଲ ଉପରେ ଅନ୍ୟ ଜିନିଷମାନଙ୍କ ସାଥିରେ ରଖିଦେବି ।'' କିଛି ସମୟ ପରେ ପୁଣି କହିଲେ, ''ନାଇଁ ମାଆ, ମୁଁ ଥଟାରେ କହୁଥିଲି । ଏ ଘରେ ଗୋଟିଏ ଭାରତୀୟ ଆଲମିରା ଅଛି । ସେଥିରେ କେତୋଟି ଡ୍ରୟର୍ ଅଛି । ଗୋଟାଏ ଡ୍ରୟର୍ ଭିତରେ ମଣିଟିକୁ ରଖିଦେବି । ଭାରତୀୟ ମଣିକୁ ଭାରତୀୟ ଆଲମାରିରେ ରଖିବା ଠିକ୍ ହେବ ।''

ଲେଡ଼ି ଭେରିନ୍ଦର୍ ଆପତ୍ତି କଲେ ଯେ ଆଲମିରାର ଚାବି ନାହିଁ । ଏହା ଶୁଣି ମିସ୍ ରାଚେଲ୍ କହିଲେ, ''ଏ କଅଣ ହୋଟେଲ୍ ହୋଇଛି ନା ଆମ ଘରେ ଚୋର ଅଛନ୍ତି ?

Digitized by srujanika@gmail.com

ଘରର ଜିନିଷ ଘରେ ରହିବ – ସେଥିପାଇଁ ଏତେ ବ୍ୟତିବ୍ୟସ୍ତ ହେବାର କାରଣ ନାହିଁ ।'' ଝିଅ ସଙ୍ଗେ ଏ ବିଷୟରେ ଯୁକ୍ତି କରିବା ଅନାବଶ୍ୟକ ମନେକରି ଲେଡ଼ି ଭେରିନ୍ଦର୍ ଉପରମହଲାକୁ ଶୋଇବାକୁ ଚାଲିଗଲେ । ଅନ୍ୟମାନେ ମଧ୍ୟ ଶୋଇବାକୁ ଗଲେ ।

ମୁଁ ସକାଳୁ ଟିକିଏ ଡେରିରେ ଉଠିଲି । ପୋଷାକ ପିନ୍ଧି ତଳକୁ ଓହ୍ଲାଉଛି, ଏହି ସମୟରେ ପେନିଲୋପ୍ ପଛରୁ ଦଉଡ଼ିଆସି କହିଲା, ''ବାପା, ବାପା, ଶୁଣିଲେଣି – ସେ ଚନ୍ଦ୍ରକାନ୍ତମଣି ହରଣଚାଳ ହୋଇଯାଇଛି ।'' ମୋତେ ଏ କଥା ଅସମ୍ଭବ ବୋଧହେଲା । ମୁଁ ଭାବିଲି କୁକୁରମାନେ ଜଗିଛନ୍ତି – ଉପରମହଲାକୁ ବାହାର ଲୋକ କିପରି ଆସିବ ? କିନ୍ତୁ ପେନିଲୋପ୍ ମୋତେ ମିସ୍ ରାଚେଲ୍‌ଙ୍କ ପାଖକୁ ଡାକିନେଲା ।

ମୁଁ ବୈଠକଖାନା ଘର ପାଖକୁ ଗଲି । ବୈଠକଖାନାକୁ ଲାଗି ରାଚେଲ୍‌ଙ୍କ ଶୋଇବାଘର । ସେ ଶୋଇବାଘର ଦ୍ୱାରବନ୍ଧ ପାଖରେ ଠିଆହୋଇଥିଲେ । ତାଙ୍କର ମୁହଁ ଶେତାପଡ଼ିଯାଇଥିଲା । ମୁଁ ଭାରତୀୟ ଆଲମିରା ଆଡ଼କୁ ଚାହିଁ ଦେଖିଲି ଗୋଟାଏ ଡ୍ରୟର୍ ପୂରା ବାହାରିପଡ଼ିଛି ଓ ସେଥିରେ କିଛି ନାହିଁ ।

ପେନିଲୋପ୍ କହିଲା, ''ବାପା, ମିସ୍ ରାଚେଲ୍ ଏ ଡ୍ରୟର୍ ଭିତରେ ମଣିଟି ରଖିଲା ବେଳେ ମୁଁ ଦେଖିଛି – ଏବେ କୁଆଡ଼େ ଗଲା ?'' ଜିଜ୍ଞାସୁ ଦୃଷ୍ଟିରେ ମୁଁ ମିସ୍ ରାଚେଲ୍‌ଙ୍କୁ ଚାହିଁଲି । ''ମଣିଟି ଅପହୃତ ହୋଇଯାଇଛି ।'' – ଏତିକି ମାତ୍ର କହି ସେ ଶୋଇବାଘରକୁ ପଶିଯାଇ ଦ୍ୱାର ବନ୍ଦକରିଦେଲେ ।

ଏଥିମଧ୍ୟରେ ଲେଡ଼ି ଭେରିନ୍ଦର୍ ମୋ ତୁଣ୍ଡ ଶୁଣି ସେଠାରେ ପହଞ୍ଚିଲେ । ମଣିଟି ହରଣଚାଳ ହୋଇଯାଇଥିବା ସମ୍ବାଦ ଶୁଣି ସେ ତଟସ୍ଥ ହୋଇଗଲେ । ସେ ମିସ୍ ରାଚେଲ୍‌ଙ୍କ ଶୋଇବାଘର କବାଟରେ ହାତ ମାରି ଡାକିଲେ । ରାଚେଲ୍ କବାଟ ଫିଟାଇବାରୁ ସେ ଭିତରକୁ ଗଲେ ।

ମି: ଗଡ୍‌ଫ୍ରେ ଓ ମି: ଫ୍ରାଙ୍କଲିନ୍ ମଧ୍ୟ ଏହି ସମ୍ବାଦ ପାଇଲେ । ଉଭୟେ ବିସ୍ମୟରେ ସ୍ତବ୍ଧ ହେଲାପରି ଜଣାଗଲା । ମି: ଫ୍ରାଙ୍କଲିନ୍ ଚାକରମାନଙ୍କୁ ଡାକି କହିଲେ, ''କାଲି ରାତିରେ ଯେଉଁ ଜିନିଷ ଯେଉଁଠାରେ ଯେପରି ଥିଲା ଠିକ୍ ସେହିପରି ଥାଉ । କୌଣସି ଜିନିଷ ଇତସ୍ତତଃ କରନାହିଁ ।'' କାଳେ କେଉଁଠାରେ ମଣିଟି ପଡ଼ିଯାଇଥିବ, ସେଥିପାଇଁ ଘରର ସବୁ ଅଂଶ ଖୋଜାଗଲା; କିନ୍ତୁ ମଣିର କିଛି ସନ୍ଧାନ ମିଳିଲାନାହିଁ ।

ଫ୍ରାଙ୍କଲିନ୍ ଡାକିବାରୁ ଲେଡ଼ି ଭେରିନ୍ଦର୍ ବାହାରିଆସିଲେ ଓ ମିସ୍ ରାଚେଲ୍ ପୁଣି ନିଜ ଶୋଇବାଘର କବାଟ ବନ୍ଦକରିଦେଲେ । ଲେଡ଼ି ଭେରିନ୍ଦର୍ ନିତାନ୍ତ ଦୁଃଖିତ ଜଣାଯାଉଥିଲେ । ସେ ଫ୍ରାଙ୍କଲିନ୍‌ଙ୍କୁ କହିଲେ, ''ରାଚେଲ୍ ନିତାନ୍ତ ବିଚଳିତ ହୋଇପଡ଼ିଛି । ସେ ଏତେ ମାତ୍ରାରେ ହତାଶ ହୋଇଯାଇଛି ଯେ ଚନ୍ଦ୍ରକାନ୍ତମଣିର ନାମ ସୁଦ୍ଧା ତୁଣ୍ଡରେ ଧରୁନାହିଁ । ତୁମେ ବର୍ତ୍ତମାନ ତା' ପାଖକୁ ଯାଅନାହିଁ । ମୁଁ ଭାବୁଛି, ପୋଲିସ୍‌କୁ ଖବର ଦେବି ।''

Digitized by srujanika@gmail.com

ଫ୍ରାଙ୍କଲିନ୍ କହିଲେ, ''ଖାଲି ଖବର ଦେଲେ ହେବ ନାହିଁ, ପୋଲିସ ପ୍ରଥମେ ଭାରତୀୟ ଯାଦୁକରଙ୍କର ସନ୍ଧାନ ନେବା ଦରକାର ।''

ଏହି ପ୍ରସ୍ତାବ ଶୁଣି ଲେଡ଼ି ଭେରିନ୍ଦର୍ ଓ ଗଡ଼ଫ୍ରେ ବିସ୍ମିତ ହୋଇ ଫ୍ରାଙ୍କଲିନ୍‌ଙ୍କ ଆଡ଼କୁ ଚାହିଁଲେ । ଫ୍ରାଙ୍କଲିନ୍ ସେମାନଙ୍କର ଅଭିପ୍ରାୟ ବୁଝିପାରି କହିଲେ, ''ଅନେକ କଥା ଅଛି; ସେ ବର୍ତ୍ତମାନ ବୁଝାଇପାରିବ ନାହିଁ । ସେହି ଭାରତୀୟ ବାଜିକରମାନେ ଯେ ମଣିଟିକୁ ଚୋରିକରିଛନ୍ତି, ସେଥିରେ ସନ୍ଦେହ ନାହିଁ । ମୁଁ ଫ୍ରିଜିଙ୍ଗ୍‌ହଲ୍‌କୁ ଯାଇ ପୋଲିସ୍‌କୁ ଖବର ଦେଉଛି ।'' ଏହା କହି ସେ ଘୋଡ଼ାରେ ବସି ଚାଲିଗଲେ । ଅଳ୍ପ ସମୟ ପରେ ସେ ଫେରିଆସିବାରୁ ଲେଡ଼ି ଭେରିନ୍ଦର୍ ପଚାରିଲେ, ''ପୋଲିସ୍ ଆସୁଛନ୍ତି ?''

''ହଁ, ପୋଲିସ୍ ସୁପରିଣ୍ଟେଣ୍ଡେଣ୍ଟ ସୀଗ୍ରେଭ୍ ଦୁଇଜଣ ସବ୍‌ଇନ୍‌ସପେକ୍‌ଟର୍‌ଙ୍କୁ ସଙ୍ଗରେ ଘେନି ଗାଡ଼ିରେ ଆସୁଛନ୍ତି । କିନ୍ତୁ ସେମାନେ କିଛି କରିପାରିବାର ଆଶା ଦିଶୁନାହିଁ ।''

''କାହିଁକି ? ଭାରତୀୟମାନେ କଅଣ ଇଂଲଣ୍ଡରୁ ପଳାଇଯାଇଛନ୍ତି ?''

''ନା, ସେମାନେ ଇଂଲଣ୍ଡରେ ଅଛନ୍ତି; କିନ୍ତୁ ସେମାନେ ସଂପୂର୍ଣ୍ଣ ନିର୍ଦ୍ଦୋଷ । ପୋଲିସ୍ ପ୍ରମାଣ ପାଇଛନ୍ତି ଯେ ସେହି ତିନିଜଣ ଭାରତୀୟ ବାଜିକର ଇଂରେଜ ବାଳକଟି ସହିତ ଗଲା ରାତି ୧୧ଟା ବେଳେ ଫ୍ରିଜିଙ୍ଗ୍‌ହଲ୍‌କୁ ଫେରିଯାଇଛନ୍ତି । ଏଥିରୁ ଜଣାଗଲା, ସେମାନେ ଏଠାରେ ଖେଳ ଦେଖାଇ ଚାଲିଯାଇଛନ୍ତି – ରହିନାହାନ୍ତି । ଅନ୍ୟ କୌଣସି ଘଟନା ସମ୍ପର୍କରେ ପୋଲିସ ସେମାନଙ୍କ ଉପରେ କଡ଼ା ନଜର ରଖିଥିଲେ । ରାତି ବାରଟା ପରେ ମଧ ପୋଲିସ ସେମାନଙ୍କୁ ହୋଟେଲରେ ଶୋଇଥିବାର ଦେଖିଥିଲେ । ପୋଲିସ ପକ୍ଷରୁ ହୋଟେଲ ପାଖରେ ଜଣେ କନେଷ୍ଟବଳଙ୍କୁ ଜଗିଆ ରଖାଯାଇଥିଲା । ସାରା ରାତି ଭାରତୀୟମାନେ ଅନ୍ୟ କୌଣସି ଆଡ଼େ ଯାଇନଥିବାର ଯଥେଷ୍ଟ ପ୍ରମାଣ ମିଳିଛି ।

ଯଦି ଭାରତୀୟମାନେ ମଣିଚୋରିରେ ସଂପୃକ୍ତ ନୁହନ୍ତି, ତେବେ କିଏ ଚୋରି କଲା – ଏହି ପ୍ରଶ୍ନ ସମସ୍ତଙ୍କୁ ବିବ୍ରତ କରିଦେଲା ।

ଦଶମିନିଟ୍ ପରେ ସୁପରିଣ୍ଟେଣ୍ଡେଣ୍ଟ୍ ସୀଗ୍ରେଭ୍ ସବ୍‌ଇନସ୍‌ପେକ୍‌ଟର୍‌ମାନଙ୍କ ସହିତ ପହଞ୍ଚିଲେ । ସେ ପ୍ରଥମେ କବାଟ ଓ ଝରକା ପ୍ରଭୃତି ପରୀକ୍ଷା କରି ସ୍ଥିରକଲେ ଯେ ବାହାରୁ କୌଣସି ଚୋର କବାଟ ବା ଝରକା ଭାଙ୍ଗି ଫିଟାଇ ଚୋରିକରିନାହିଁ । ତେଣୁ ତାଙ୍କର ଧରଣା ହେଲା ଯେ ଘରର କୌଣସି ଲୋକ ଏହି କାର୍ଯ୍ୟ କରିଅଛି ।

ମିଃ ସୀଗ୍ରେଭ୍ ପ୍ରଥମେ ମିସ୍ ରାଚେଲ୍‌ଙ୍କଠାରୁ ଘଟଣାର ବିବରଣ ଶୁଣିବା ପାଇଁ ଡକାଇଲେ । କିନ୍ତୁ ମିସ୍ ରାଚେଲ୍ ନଆସି ଖବରପଠାଇଲେ ''ପୋଲିସ୍‌କୁ ମୋର କିଛି କହିବାର ନାହିଁ । ମୁଁ ଯାଇପାରିବି ନାହିଁ ।'' ଏହାଶୁଣି ମିଃ ସୀଗ୍ରେଭ୍ ବିସ୍ମିତ ହେଲେ – ଟିକିଏ ବିରକ୍ତ ଯେ ହୋଇନଥିଲେ ତାହା କୁହାଯାଇନପାରେ ।

ମୁଁ ମିଃ ସୀଗ୍ରେଭ୍‌କୁ କହିଲି, ''ଏହି ଘଟଣାରେ ମିସ୍ ରାଚେଲ୍ ନିତାନ୍ତ ବିବ୍ରତ

Digitized by srujanika@gmail.com

ହୋଇପଡ଼ିଛନ୍ତି । ଆପଣ ଟିକିଏ ଅପେକ୍ଷା କରନ୍ତୁ; ପରେ ତାଙ୍କ ସଙ୍ଗେ ଦେଖାକରିବେ ।''

ଏହା ପରେ ମି: ସୀଗ୍ରେଭ୍ ରାଚେଲ୍‌ଙ୍କ ବୈଠକଖାନାର ଚଉକି ଟେବୁଲ୍ ପ୍ରଭୃତି ପରୀକ୍ଷା କରିବାକୁ ଗଲେ । ଏହି ସମୟରେ ରାଚେଲ୍ ହଠାତ୍ ଶୋଇବାଘରୁ ବାହାରିପଡ଼ି ବଡ଼ପାଟିରେ କହିଲେ, ''ପେନିଲୋପ୍, ମି: ଫ୍ରାଙ୍କଲିନ୍ କାହାନ୍ତି ?''

ମୁଁ ଝରକାବାଟେ ଚାହିଁଲି । ମି: ଫ୍ରାଙ୍କଲିନ୍ ଓ ମି: ଗଡ଼ଫ୍ରେ ଉପର ମହଲାରେ ଟହଲୁଥିବାର ଦେଖି କହିଲି, ''ମି: ଫ୍ରାଙ୍କଲିନ୍ ଏଇ ଉପରେ ଅଛନ୍ତି ।''

ଏହା ଶୁଣିବାମାତ୍ରେ ରାଚେଲ୍ କାହାରି ପ୍ରତି ଦୃଷ୍ଟି ନପକାଇ ସିଧା ସିଧା ସେ ଦୁହିଁଙ୍କ ପାଖକୁ ଚାଲିଗଲେ । ଗଡ଼ଫ୍ରେ ଧୀରପାଦରେ ସେଠାରୁ ଅପସରି ଯିବାରୁ ରାଚେଲ୍ କ୍ରୋଧ ପ୍ରକାଶ କରି ଫ୍ରାଙ୍କଲିନ୍‌ଙ୍କୁ କେତେକ କଥା କହିଲେ । ଏହି ସମୟରେ ଲେଡ଼ି ଭେରିନ୍ଦର୍ ସେଠାରେ ଉପସ୍ଥିତହେଲେ । ତହୁଁ ରାଚେଲ୍ ମୁହୂର୍ତ୍ତେ ମାତ୍ର ଅପେକ୍ଷା ନକରି ବିରକ୍ତ ଭାବରେ ପୁଣି ନିଜ ଶୋଇବାଘରକୁ ଚାଲିଗଲେ । ସେ ଚାଲିଯାଉଥିବାବେଳେ ମି: ସୀଗ୍ରେଭ୍ ତାଙ୍କୁ କିଛି ପଚାରିବାକୁ ଯିବା ମାତ୍ରେ ସେ କହିଲେ, ''ମୁଁ ଆପଣଙ୍କୁ ଡକାଇନାହିଁ । ମୋର ଆପଣଙ୍କଠାରେ କିଛି କାମ ନାହିଁ । ମୋର ମଣିଟି ହଜିଯାଇଛି – ବେଶ୍, ସେତିକି । ମୁଁ ଜାଣେ ଆପଣ ମୋତେ ତାହା ଫେରାଇ ଦେଇ ପାରିବେ ନାହିଁ – ଆଉ କେହି ଯେ ପାରିବ ତାହା ମଧ୍ୟ ନୁହେଁ ।'' – ଏତିକି କହି କାନ୍ଦି କାନ୍ଦି ସେ ଶୋଇବାଘରକୁ ପଶିଗଲେ ଓ ଭିତରୁ କବାଟ ବନ୍ଦକରିଦେଲେ ।

ବୋଧହୁଏ ପୋଲିସ୍ ସୁପରିଟେଣ୍ଡେଣ୍ଟ୍ ସନ୍ଦେହ କରିଥିଲେ ଯେ କୌଣସି ଚାକର ଏହି କାର୍ଯ୍ୟ କରିଛି । ମୋର ରୋଶାନା କଥା ମନେପଡ଼ିଗଲା । କିନ୍ତୁ ତାର ନାମ ପ୍ରକାଶ କରିବାକୁ ମୋର ଇଚ୍ଛା ନଥିଲା । ଯେତେ ଦିନ ସେ ଆମ ଘରେ ଥିଲା, ତାହା ଭିତରେ ସେ କିଛି ଚୋରି କରିନଥିଲା, ତେଣୁ ତାକୁ ସନ୍ଦେହକରିବା ମୋ ପକ୍ଷରେ ଅନ୍ୟାୟ ହେବ ବୋଲି ମୁଁ ମନେକଲି । ଅବଶ୍ୟ କୌଣସି କାରଣରୁ ପୋଲିସ ତାକୁ ସନ୍ଦେହ କଲେ ମୁଁ ସେଥିରେ ବାଧାଦେବାର କାରଣ ନ ଥିଲା । ତେଣୁ ମୁଁ ତା ବିଷୟରେ କିଛି ନକହି ଚୁପ୍ ରହିଲି ।

ମି: ସୀଗ୍ରେଭ୍ ଚାକରମାନଙ୍କୁ ଜଣ ଜଣ କରି ପରୀକ୍ଷାକଲେ; କିନ୍ତୁ କିଛି ସନ୍ଧାନ ପାଇଲେ ନାହିଁ । ତତ୍ପରେ ସେ ପ୍ରତ୍ୟେକ ଶୋଇବାଘର ପରୀକ୍ଷା କରି ଦେଖିଲେ; କିନ୍ତୁ ମଣିର କିଛି ସଙ୍କେତ ମିଳିଲା ନାହିଁ । ଦୁଇ-ତିନି ଘଣ୍ଟା ଅନୁସନ୍ଧାନ କରି ମଧ୍ୟ ପୋଲିସ ମଣି-ଚୋରି ବିଷୟରେ କିଛି ଜାଣିପାରିଲେ ନାହିଁ ।

ତିନିଜଣଯାକ ପୋଲିସ୍ ଅଫିସର୍ ଡ୍ରଇଁ ରୁମ୍‌ରେ ବସି ଆଲୋଚନା କଲେ । ମୁଁ ଫ୍ରାଙ୍କଲିନ୍‌ଙ୍କ ସଙ୍ଗେ କଥାବାର୍ତ୍ତା ହେବାକୁ ଲାଇବ୍ରେରୀକୁ ଗଲି । ମୁଁ ଦ୍ୱାର ପାଖରେ ପହଞ୍ଚିଲାବେଳକୁ ଏହା ବନ୍ଦ ଥିଲା । ହଠାତ୍ ରୋଶାନା ଦ୍ୱାର ଫିଟାଇ ବାହାରକୁ ଆସିଲା । ମୁଁ ତାକୁ ଅଟକାଇ ପଚାରିଲି, ''ତୁ ଏତେବେଳେ ଏଠାକୁ ଆସିଥିଲୁ କାହିଁକି ?''

Digitized by srujanika@gmail.com

ରୋଶାନା ଉତ୍ତର ଦେଲା, ''ମି: ଫ୍ରାଙ୍କଲିନ୍ ବାରଣ୍ଡାରେ ଗୋଟାଏ ମୁଦି ପକାଇ ଦେଇଥିଲେ । ମୁଁ ତାହା.ପାଇ ତାଙ୍କୁ ଦେବାକୁ ଆସିଥିଲି ।'' ଏହା କହି ସେ ହଠାତ୍ ଚାଲିଗଲା ।

ଲାଇବ୍ରେରୀ ଘରେ ବସି ମି: ଫ୍ରାଙ୍କଲିନ୍ କିଛି ଲେଖୁଥିଲେ । ମୋତେ ଦେଖିଲାକ୍ଷଣି ସେ କହିଲେ, ''ମୋର ମାଉସୀଙ୍କ (ଲେଡ଼ି ଭେରିନ୍ଦର୍) ସଙ୍ଗେ କଥା ହୋଇଛି । ମୁଁ ବାପାଙ୍କ ପାଖକୁ ଲଣ୍ଡନ ଟେଲିଗ୍ରାମ୍ କରୁଛି । ଏ ଚୋରିର ସନ୍ଧାନ କରିବାକୁ ହେଲେ ଜଣେ ବିଚକ୍ଷଣ ଡିଟେକ୍‌ଟିଭ୍ ଦରକାର । ଏ କାମ ମି: ସୀଗ୍ରେଭ୍‌ଙ୍କ ଦ୍ୱାରା ହୋଇପାରିବ ନାହିଁ । ଲଣ୍ଡନର ଚିଫ୍ ପୋଲିସ୍ କମିଶନର୍‌ଙ୍କ ସହିତ ବାପାଙ୍କର ପରିଚୟ ଅଛି । ବାପା ତାଙ୍କୁ କହି ଜଣେ ଅଭିଜ୍ଞ ଅଫିସର୍‌ଙ୍କୁ ପଠାଇବେ । ଅବଶ୍ୟ ଏ ଚୋରି ରହସ୍ୟମୟ ଜଣାଯାଉଅଛି । ଏ ରୋଶାନା ଚନ୍ଦ୍ରକାନ୍ତମଣି ବିଷୟରେ ଅନେକ କିଛି ଜାଣେ, କିମ୍ବା ତାର ମସ୍ତିଷ୍କ ବିକୃତ ହୋଇଯାଇଛି ।''

ମୋର ବିସ୍ମୟ ଭାବ ଦେଖି ସେ କହିବାକୁ ଲାଗିଲେ, ''ମୋ ଶୋଇବାଘରେ ମୁଦିଟା ପଡ଼ିଯାଇଥିଲା, ସେଇଟିକୁ ଦେବାପାଇଁ ସେ ଆସିଥିଲା । ମୁଦିଟି ଦେବା ପରେ ସେ ଘରୁ ବାହାରିନଯାଇ ମୋ ଆଗରେ ଛିଡ଼ା ହୋଇ ରହିଲା । ତାର ଆଚରଣ ମୋତେ ଅଦ୍ଭୁତ ବୋଧହେଲା । ସେ ମୋତେ କହିଲା – 'ଏ ଯେଉଁ ମଣି ଚୋରି, ତାହା ଗୋଟାଏ ବିଚିତ୍ର ବ୍ୟାପାର – ଆପଣଙ୍କ ମତ କଅଣ ? ଯାହାହେଉ, ସେ ମଣି ଆଉ କଅଣ ମିଳିବ ? ନା, ନା, ଆଉ କେବେ ମିଳିବ ନାହିଁ । ଯିଏ ନେଇଛି ସେ ମଧ ଧରାପଡ଼ିବନାହିଁ । ମୁଁ ଜୋର୍‌କରି କହିପାରେ, ଚୋର ଧରାପଡ଼ିବ ନାହିଁ ।''

''ଏହିପରି କହି ସେ ମୋତେ ନମସ୍କାର କରି ହସିଦେଲା । ଚାକରାଣୀର ଏପରି ବ୍ୟବହାର ମୋତେ ଆଶ୍ଚର୍ଯ୍ୟ ଲାଗୁଛି । ମୁଁ ତା କଥାର ଉଦ୍ଦେଶ୍ୟ କଅଣ ପଚାରିଥାନ୍ତି; କିନ୍ତୁ ଆପଣଙ୍କର ଆସିବା ଶବ୍ଦ ଶୁଣି ସେ ପଳାଇଗଲା । ଆପଣ ଏଥିରୁ କଅଣ ବୁଝୁଛନ୍ତି ? ରୋଶାନାର କଅଣ ମୁଣ୍ଡ ବିଗିଡ଼ିଯାଇଛି ?''

ରୋଶାନାର ବିଗତ ଇତିହାସ କହିଦେବାକୁ ମୋର ମନହେଉଥିଲା, କିନ୍ତୁ ମୁଁ ନିଜକୁ ଦମନ କରିନେଲି । ଯଦି ରୋଶାନା ଚନ୍ଦ୍ରକାନ୍ତମଣି ଚୋରିକରିଥାନ୍ତା, ସେ ତାହା ଫ୍ରାଙ୍କଲିନ୍‌ଙ୍କ ଆଗରେ ପ୍ରକାଶ କରନ୍ତା କିପରି ? ମୁଁ କହିଲି, ''ସେ ଜାଣେ ମଣି ହଜିଛି । ଆଉ ତାହା ମିଳିବ ନାହିଁ ବୋଲି ଭବିଷ୍ୟତବାଣୀ କହି ସେ ନିଜର ବାହାଦୁରି ଦେଖାଇବାକୁ ଚେଷ୍ଟାକରୁଥିବ । ଏହାଛଡ଼ା ମୁଁ ଅନ୍ୟ କିଛି ମନେ କରି ପାରୁନାହିଁ ।''

ମି: ଫ୍ରାଙ୍କଲିନ୍ ଅଳ୍ପ କେତେ ମିନିଟ୍ ପରେ ଫ୍ରିଜିଙ୍ଗହଲ୍‌କୁ ଚାଲିଗଲେ ।

Digitized by srujanika@gmail.com

(୯)

ଜୁନ୍ ୨୧ ତାରିଖ ବୁଧବାର ଦିନ ଚୋରି ହୋଇଥିଲା । ଗୁରୁବାର ଦିନ କିଛି ଉଲ୍ଲେଖଯୋଗ୍ୟ ଘଟନା ଘଟିନଥିଲା । ଶୁକ୍ରବାର ଦିନ ଦୁଇଟି ସମ୍ବାଦ ମିଳିଲା । ଜଣେ ଲୋକଠାରୁ ଶୁଣିବାକୁ ମିଳିଲା ଯେ ପୂର୍ବଦିନ ଉପରବେଳା ରୋଶାନା ଚୋରାବାଲି ପାଖ ରାସ୍ତାବାଟେ ଫ୍ରିଜିଙ୍ଗ୍‌ହଲ୍ ଆଡ଼କୁ ଯାଉଥିଲା । କିନ୍ତୁ ଆମେ ଏ ସମ୍ବାଦକୁ ମିଥ୍ୟା ବୋଲି ସ୍ଥିରକଲୁ; କାରଣ ରୋଶାନା ଲାଇବ୍ରେରିରୁ ଆସିବା ପରେ ଦେହ ଖରାପ ଥିଲା ବୋଲି ତାର କୋଠରି ଭିତରେ ଦିନସାରା ରହିଥିଲା । ବୋଧହୁଏ ଲୋକଟି ଅନ୍ୟ କାହାରିକୁ ରୋଶାନା ବୋଲି ଭ୍ରମ କରିଥିବ ।

ଦ୍ୱିତୀୟ ସମ୍ବାଦଟିକୁ ଅବିଶ୍ୱାସ କରିବାର କାରଣ ନଥିଲା । ପୋଷ୍ଟମ୍ୟାନ୍‌ଠାରୁ ଶୁଣିଲୁ ଯେ ଡାକ୍ତର କାଣ୍ଡି ବୁଧବାର ରାତିରେ ବର୍ଷାରେ ଯିବାହେତୁ ଭୀଷଣ ସର୍ଦ୍ଦି ଓ ଜ୍ୱରରେ ପଡ଼ିଛନ୍ତି ।

ସକାଳ ଜଳଖିଆ ଶେଷହେଲାବେଳକୁ ଫ୍ରାଙ୍କଲିନ୍‌ଙ୍କ ବାପାଙ୍କ ପାଖରୁ ଏକ ଟେଲିଗ୍ରାମ୍ ପହଞ୍ଚିଲା । ସେଥିରେ ଲେଖାଥିଲା, "କମିଶନରଙ୍କ ପରାମର୍ଶରେ ସର୍ଜେଣ୍ଟ କଫ୍‌କୁ ପଠାଯାଉଛି । ସେ ସକାଳ ଗାଡ଼ିରେ ପହଞ୍ଚିବେ ।" ମି: ଫ୍ରାଙ୍କଲିନ୍ ଏ ସମ୍ବାଦରେ ଆନନ୍ଦିତ ହେଲେ ।

ସର୍ଜେଣ୍ଟଙ୍କ ଆସିବା ସମୟ ନିକଟ ହେବାରୁ ମୁଁ ତାଙ୍କୁ ଫାଟକପାଖେ ଅପେକ୍ଷା କରି ରହିଲି । କିଛି ସମୟ ପରେ ଗୋଟିଏ ଘୋଡ଼ାଗାଡ଼ି ରେଲଷ୍ଟେସନ୍ ଆଡୁ ଆସି ଫାଟକ ପାଖରେ ରହିଲା । ଗାଡ଼ି ଭିତରୁ ଜଣେ ପ୍ରୌଢ଼ ଭଦ୍ରଲୋକ ଓହ୍ଲାଇପଡ଼ି ପଚାରିଲେ – ଏ କ'ଣ ଲେଡ଼ି ଭେରିନ୍ଦର୍‌ଙ୍କ ଘର ? ମୁଁ 'ହଁ' କହିବାରୁ ସେ ନିଜର ପରିଚୟ ଦେଇ କହିଲେ, "ମୁଁ ହେଉଛି ସର୍ଜେଣ୍ଟ କଫ୍ ।" ମୁଁ ମଧ ଆତ୍ମପରିଚୟ ଦେଇ ତାଙ୍କୁ ଘର ଆଡ଼କୁ ନେଲି । ଏ ଚୋରିର ତଦନ୍ତ କରୁଥିବା ସୁପରିଣ୍ଟେଣ୍ଡେଣ୍ଟ ସୀଗ୍ରେଭ୍‌ଙ୍କ ସଙ୍ଗେ ସାକ୍ଷାତ୍ କରିବାକୁ ସେ ଇଚ୍ଛା ପ୍ରକାଶକଲେ । ସାମନା ଦ୍ୱାର ପାଖରେ ଆମେ ପହଞ୍ଚିଲୁ । ଏହି ସମୟରେ ମି: ସୀଗ୍ରେଭ୍ ବାହାରିଆସି ସର୍ଜେଣ୍ଟଙ୍କୁ ସ୍ୱାଗତ ସମ୍ଭାଷଣ ଜଣାଇଲେ । ସେ ଦୁହେଁଯାକ ଡ୍ରଇଁରୁମ୍‌ରେ ବସି ଅନେକ ବେଳଯାଏ ଆଲୋଚନା କଲେ । ତତ୍ପରେ ଦୁହେଁ ବାହାରକୁ ଆସିଲେ । ସୁପରିଣ୍ଟେଣ୍ଡେଣ୍ଟ ମୋତେ କହିଲେ, "ମି: ବେଟରେଜ୍, ସର୍ଜେଣ୍ଟ କଫ୍ ପ୍ରଥମେ ମିସ୍ ରାଚେଲ୍‌ଙ୍କ ବୈଠକଖାନା ଦେଖିବାକୁ ଚାହୁଁଛନ୍ତି ।" ଏହାପରେ ସେ ସର୍ଜେଣ୍ଟଙ୍କୁ କହିଲେ, "ଅନୁଗ୍ରହ କରି ମୋତେ ବର୍ତ୍ତମାନ ବିଦାୟ ଦିଅନ୍ତୁ । ଆପଣ ଏ ଦାୟିତ୍ୱ ନେଇଥିବାରୁ ଆପଣଙ୍କୁ ଧନ୍ୟବାଦ । ମୋର ଅନେକ କାର୍ଯ୍ୟ ଅଛି । ଯଦି ମୋର ସାହାଯ୍ୟ ଆବଶ୍ୟକ ପଡ଼େ ତେବେ ମୋତେ ଦେଖାକରିବେ ।"

Digitized by srujanika@gmail.com

ଏହା କହି ସୁପରିଣ୍ଟେଣ୍ଡେଣ୍ଟ ସିଗ୍ରେଭ୍ ବିଦାୟନେଲେ । ମୁଁ ସର୍ଜେଣ୍ଟଙ୍କୁ ନେଇ ରାଚେଲ୍‌ଙ୍କ ବୈଠକଖାନା ଦେଖାଇଦେଲି । ସେ ଭାରତୀୟ ଆଲମିରାଟିର ଡ୍ରୟର୍ ଓ ଅନ୍ୟାନ୍ୟ ଆସବାବ୍ ସବୁ ତନ୍ନତନ୍ନ କରି ପରୀକ୍ଷାକଲେ । ମଝିରେ ମଝିରେ ମୋତେ କେତେକ ପ୍ରଶ୍ନ କରୁଥାନ୍ତି ଓ ମୁଁ ସେ ସବୁର ଉତ୍ତର ଦେଉଥାଏ । ଶେଷରେ ସେ କବାଟରେ ଚିତ୍ରଗୁଡ଼ିକୁ ପରୀକ୍ଷାକଲେ । ଚାବି ଲାଗିବା ସ୍ଥାନରେ ଠିକ୍ ତଳକୁ ଟିକିଏ ରଙ୍ଗ ଘଷିହୋଇଯାଇଥିଲା । ତାହା ଦେଖାଇ ସେ ମୋତେ ପଚାରିଲେ, ‘‘କବାଟରେ କେଡ଼େ ସୁନ୍ଦର ରଙ୍ଗ ଦିଆଯାଇ ଚିତ୍ର କରାହୋଇଥିଲା । ଏ ଜାଗାଟି ଘଷିହୋଇ ଖରାପ ହେଲା କିପରି ?’’

ଏଥିପୂର୍ବରୁ ସୁପରିଣ୍ଟେଣ୍ଡେଣ୍ଟ୍ ସୀଗ୍ରେଭ୍ ଏହି ଅଂଶକୁ ପରୀକ୍ଷା କରି ଏ ବିଷୟରେ ସବୁ ଚାକରଙ୍କୁ ପଚାରିଥିଲେ; କିନ୍ତୁ କେହି ସନ୍ତୋଷଜନକ କାରଣ ଦେଇପାରିନଥିଲେ । ମୁଁ ସର୍ଜେଣ୍ଟ କଫ୍‌ଙ୍କୁ କହିଲି, ‘‘ତା’ କହିହେବନାହିଁ । ତେବେ ମୁଁ ଏତିକି ଜାଣେ ଯେ ବୁଧବାର ଦିନ ଅଢ଼େଇପହର ବେଳକୁ ରଙ୍ଗ ଦେବା କାମ ଶେଷହୋଇଥିଲା ।’’

ସେ ପ୍ରଶ୍ନକଲେ, ‘‘କେତେ ସମୟ ପରେ ରଙ୍ଗ ଶୁଖିଥିବ କେହି କହିପାରିବେ କି ?’’

ମୁଁ ଉତ୍ତର କଲି, ‘‘ଲେଡ଼ି ଭେରିନ୍ଦର୍‌ଙ୍କ ପୁତୁରା ମି: ଫ୍ରାଙ୍କଲିନ୍ ସେ କଥା ଜାଣନ୍ତି ।’’

ପୁଣି ପ୍ରଶ୍ନ ହେଲା, ‘‘ସେ ବର୍ତ୍ତମାନ ଏଠାରେ ଅଛନ୍ତି ?’’

ମି: ଫ୍ରାଙ୍କଲିନ୍ ପାଖରେ ଅପେକ୍ଷା କରି ରହିଥିଲେ । ସେ ଘର ଭିତରକୁ ଆସି ବିସ୍ତୃତ ଭାବରେ ବୁଝାଇବାକୁ ଲାଗିଲେ – ‘‘ଏ କବାଟଟିକୁ ମୁଁ ଓ ମିସ୍ ରାଚେଲ୍ ଦୁହେଁଯାକ ବହୁତ ଶ୍ରମକରି ଚିତ୍ର କରିଛୁ । ଏଥିରେ ଯେଉଁ ରଙ୍ଗ ବ୍ୟବହୃତ ହୋଇଛି ତାହାର ଉପାଦାନ ମୁଁ ନିଜେ ଆବିଷ୍କାର କରିଛି । ଏହା ଶୁଖିବାକୁ ଠିକ୍ ବାର ଘଣ୍ଟା ଲାଗେ ।’’

ସର୍ଜେଣ୍ଟ ତାଲାର ନିମ୍ନ ଅଂଶଟି ଦେଖାଇ ପଚାରିଲେ, ‘‘ଏହି ଅଂଶଟି ଆପଣ କେତେବେଳେ ରଙ୍ଗ ଦେଇଥିଲେ ମନେଅଛି କି ?’’

ମି: ଫ୍ରାଙ୍କଲିନ୍ ଉତ୍ତର କଲେ, ‘‘ହଁ ଠିକ୍ ମନେଅଛି । ସେ ସ୍ଥାନଟିରେ ସବା ଶେଷରେ ରଙ୍ଗ ଦିଆଯାଇଥିଲା – ବୁଧବାର ଉପରବେଳା ପ୍ରାୟ ତିନିଟା ବେଳେ ।’’

ସର୍ଜେଣ୍ଟ କଫ୍ – ‘‘ଆଜି ହେଉଛି ଶୁକ୍ରବାର । ବୁଧବାର ଦିନ ତିନିଟାବେଳେ ରଙ୍ଗ ଦିଆଯାଇଥିଲା । ତେବେ ଗୁରୁବାର ଭୋର ପୂର୍ବରୁ ରାତି ତିନିଟାବେଳକୁ ତାହା ଶୁଖିଯାଇଥିବ । ଯାହାହେଉ, ଆପଣ ଗୋଟାଏ ମୂଲ୍ୟବାନ୍ ତଥ୍ୟ ଯୋଗାଇ ମୋତେ ଖୁବ୍ ସାହାଯ୍ୟ କରିଛନ୍ତି ।’’

ଠିକ୍ ଏତିକିବେଳେ ରାଚେଲ୍ ବାହାରିପଡ଼ିଲେ । ସେ ଫ୍ରାଙ୍କଲିନ୍‌ଙ୍କ ଆଡ଼କୁ ହାତ ଦେଖାଇ ସର୍ଜେଣ୍ଟଙ୍କୁ ପଚାରିଲେ, ‘‘ଏଇ ଭଦ୍ରଲୋକ ଆପଣଙ୍କୁ ମୂଲ୍ୟବାନ୍ ତଥ୍ୟ ଯୋଗାଇଛନ୍ତି ବୋଲି କହୁଥିଲେ ନା ?’’

‘ହଁ’ ବୋଲି ସର୍ଜେଣ୍ଟ ଉତ୍ତର ଦେଲେ । ମୁହୂର୍ତ୍ତକ ପାଇଁ ରାଚେଲ୍ ଫ୍ରାଙ୍କଲିନ୍‌ଙ୍କ ଆଡ଼କୁ ଚାହିଁ ମୁହଁ ବୁଲାଇଦେଲେ । ରାଚେଲ୍ କହିଲେ, ‘‘ମୋ ପରାମର୍ଶର ଯଦି କିଛି ମୂଲ୍ୟ ଅଛି

Digitized by srujanika@gmail.com

ବୋଲି ମନେକରୁଥାନ୍ତି, ତେବେ ମୋର ଅନୁରୋଧ, ଆପଣ ନିଜର କର୍ତ୍ତବ୍ୟ ନିଜେ କରନ୍ତୁ । ମି: ଫ୍ରାଙ୍କଲିନ୍‌ଙ୍କର ସାହାଯ୍ୟ ଉପରେ ନିର୍ଭର କରନ୍ତୁନାହିଁ ।'' ଏତିକି କହି ସେ ନିଜ ଶୋଇବାଘରକୁ ଚାଲିଗଲେ ।

ରାଚେଲ୍ ଫ୍ରାଙ୍କଲିନ୍‌ଙ୍କ ପ୍ରତି ଯେ ପ୍ରକାର ବ୍ୟବହାର ଦେଖାଇଲେ ସେଥିରେ ମୁଁ ବିସ୍ମିତ ହୋଇଗଲି । ଫ୍ରାଙ୍କଲିନ୍‌ଙ୍କୁ ଚାହିଁ ବୁଝିଲି, ସେ ମଧ୍ୟ ମୋହରି ପରି ବିସ୍ମିତ ଓ ଦୁଃଖିତ ।

ସର୍ଜେଣ୍ଟ କଫ୍ ମଧ୍ୟ ଏ ଅବସ୍ଥା ବୁଝିପାରି କହିଲେ, ''ମିସ୍ ରାଚେଲ୍ ଏ ଘଟଣାରେ ବଡ଼ ବିବ୍ରତ ହୋଇପଡ଼ିବା ସ୍ୱାଭାବିକ । ଏତେ ମୂଲ୍ୟବାନ୍ ମଣି ହରାଇଲେ କିଏ ବା ବିବ୍ରତ ନହୁଅନ୍ତା ।'' ତପ୍ରେ ସେ ମି: ଫ୍ରାଙ୍କଲିନ୍‌ଙ୍କୁ ଲକ୍ଷ୍ୟ କରି କହିଲେ, ''ମିସ୍ ରାଚେଲ୍‌ଙ୍କ କଥା ଭୁଲିଯାନ୍ତୁ । ତାଙ୍କ ମନର ଅବସ୍ଥା ବୁଝିପାରୁଥିବେ । ଆମର କାମ କରିଯିବା ଉଚିତ । ହଁ, ବର୍ତ୍ତମାନ ପ୍ରଶ୍ନ ହେଉଛି, କେତେବେଳଯାଏ ଏହି ରଙ୍ଗ ଅବିକୃତ ଅବସ୍ଥାରେ ଥିଲା ?''

ଆମେମାନେ କୌଣସି ଉତ୍ତର ଦେଇନପାରିବାରୁ ସେ ପୁଣି ପଚାରିଲେ, ''ବୁଧବାର ରାତିରେ କିଏ ଶେଷରେ ଘର ଭିତରେ ଥିଲା ?'' ଫ୍ରାଙ୍କଲିନ୍ ଉତ୍ତର କଲେ, ''ମିସ୍ ରାଚେଲ୍ କିମ୍ବା ପେନିଲୋପ୍ ।'' ମୋଠାରୁ ପେନିଲୋପ୍‌ର ପରିଚୟ ପାଇ ସର୍ଜେଣ୍ଟ ମୋତେ କହିଲେ, ''ମୁଁ ଆପଣଙ୍କ ଝିଅକୁ କେତୋଟି କଥା ପଚାରିବାକୁ ଚାହେଁ ।'' ମୁଁ ସଙ୍ଗେ ସଙ୍ଗେ ପେନିଲୋପ୍‌କୁ ଡକାଇ ଆଣିଲି ।

ସର୍ଜେଣ୍ଟଙ୍କ ପ୍ରଶ୍ନର ଉତ୍ତରରେ ସେ କହିଲା, ''ମୁଁ ଏହି ରଙ୍ଗ ତିଆରିରେ ଅନେକ ସାହାଯ୍ୟ କରିଛି । ବିଭିନ୍ନ ରଙ୍ଗ ମିଶାଇବା କାମ ମୁଁ ଫ୍ରାଙ୍କଲିନ୍‌ଙ୍କ ଉପଦେଶ ଅନୁସାରେ କରିଛି । ତାଲା ତଳ ଅଂଶରେ ଶେଷରେ ରଙ୍ଗ ଦିଆଯାଇଥିବାରୁ ସେ କଥା ମୋର ସ୍ପଷ୍ଟ ମନେଅଛି । ମୁଁ ରାତି ବାରଟାବେଳେ ଘରୁ ବାହାରିଯାଇଥିଲି । ସେତେବେଳକୁ ରଙ୍ଗ ଠିକ୍ ଥିଲା । ମୁଁ ବାହାରିଗଲା ବେଳକୁ ରଙ୍ଗ ଓଦା ଥିଲା; ତେଣୁ ମୁଁ ଖୁବ୍ ସାବଧାନରେ ଯାଇଥିଲି ।''

ସର୍ଜେଣ୍ଟ ଗୋଟାଏ ମାଗ୍ନିଫାଇଙ୍ଗ୍ କାଚ ନେଇ କବାଟର ସେ ଜାଗାକୁ ପରୀକ୍ଷା କରି ଦେଖିଲେ ଯେ ସେଥିରେ ଆଙ୍ଗୁଠିର କୌଣସି ଦାଗ ନାହିଁ । କୌଣସି କନା ଘଷିହୋଇଥିବା ଜଣାଗଲା ।

ମି: କଫ୍ ଚିନ୍ତିତ ଭାବରେ ପାଦଚାରଣା କରିବାକୁ ଲାଗିଲେ । ମି: ଫ୍ରାଙ୍କଲିନ୍ ପଚାରିଲେ, ''କିଏ ଚୋରି କରିଛି କିଛି ଅନୁମାନ କରିପାରିଲେ ?''

ସର୍ଜେଣ୍ଟ କଫ୍ ସଂକ୍ଷେପରେ ଉତ୍ତର କଲେ, ''କେହି ଚୋରି କରିନାହିଁ ।''

ଆମେମାନେ ବିସ୍ମୟରେ ଚାହିଁବାରୁ ସେ ପୁଣି କହିଲେ, ''ଦେଖନ୍ତୁ, ଏତେବେଳଯାଏ ମୁଁ ସମସ୍ତ ପ୍ରମାଣ ଏକତ୍ର କରି କିଛି ସିଦ୍ଧାନ୍ତ କରିନାହିଁ । ମୁଁ ବର୍ତ୍ତମାନ ଲେଡ଼ି ଭେରିନ୍ଦର୍‌ଙ୍କ ସଙ୍ଗେ କିଛି ପରାମର୍ଶ କରିବାକୁ ଚାହେଁ ।''

ମୁଁ ତାଙ୍କୁ ଲେଡ଼ି ଭେରିନ୍ଦର୍‌ଙ୍କ ବୈଠକଖାନାକୁ ନେଇଗଲି । ସର୍ଜେଣ୍ଟ କଫ୍ କବାଟର

Digitized by srujanika@gmail.com

ରଙ୍ଗ ଘଷି ହୋଇଯାଇଥିବା ଘଟନା ଉଲ୍ଲେଖ କରି କହିଲେ, ''ଏହି ରଙ୍ଗ ଘରର କୌଣସି ଲୋକର ପୋଷାକରେ ଲାଗିଥିବ । ବର୍ତ୍ତମାନ ସେହି ରଙ୍ଗ ଲାଗିଥିବା ପୋଷାକ ବାହାରକରିବା ଦରକାର ।''

ଲେଡ଼ି ଭେରିନ୍ଦର୍ ପଚାରିଲେ, ''କିନ୍ତୁ କେଉଁ ପୋଷାକରେ ରଙ୍ଗ ଲାଗିଛି କିପରି ଜଣାଯିବ ?''

ସର୍ଜେଣ୍ଟ – ''ବୁଧବାର ରାତିରେ ଯେଉଁମାନେ ସେହି ଘରେ ଶୋଇଥିଲେ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର ପୋଷାକ ପରୀକ୍ଷା କରି ଦେଖିବା ମୋର ଉଦ୍ଦେଶ୍ୟ ।''

ଲେଡ଼ି ଭେରିନ୍ଦର୍ ଆପଣାର ପୋଷାକ-ଆଲମାରିର ଚାବି ବଢ଼ାଇଦେଇ କହିଲେ, ''ଚାକରକୁ କହିଲେ ସେ ମୋର ପୋଷାକ ଆଲମାରି ଫିଟାଇ ସବୁ ଦେଖାଇଦେବ ।''

କିନ୍ତୁ ସର୍ଜେଣ୍ଟ କଫ୍ ଚାବିଟି ନନେଇ କହିଲେ, ''ଅନ୍ୟ ଭଦ୍ରବ୍ୟକ୍ତି ଓ ଭଦ୍ରମହିଳାମାନଙ୍କର ଏ ବିଷୟରେ ମତ ନନେଇ ଅଗ୍ରସର ହେବା ଠିକ୍ ହେବନାହିଁ । ହୁଏତ କାହାରି ଆପତ୍ତି ଥାଇପାରେ ।''

ଲେଡ଼ି ଭେରିନ୍ଦର୍ କହିଲେ, ''ଆପତ୍ତି କିଏ କରିବ ? କାହିଁକି କରିବ ? ସେମାନଙ୍କ ଭିତରୁ ଦୁଇଜଣ ହେଉଛନ୍ତି ମୋର ପୁତୁରା – ମି: ଫ୍ରାଙ୍କଲିନ୍ ଓ ମି: ଗଡ୍‌ଫ୍ରେ । ସେମାନଙ୍କଆଡୁ ଆପତ୍ତି ହେବାର ଆଶଙ୍କା ନାହିଁ ।''

ଏହି ସମୟରେ ଗଡ଼୍‌ଫ୍ରେ ଓ ଫ୍ରାଙ୍କଲିନ୍ ଆସି ଲେଡ଼ି ଭେରିନ୍ଦର୍‌ଙ୍କ ପାଖେ ପହଞ୍ଚିଲେ । ଗଡ୍‌ଫ୍ରେ ଲଣ୍ଡନ ଯିବାର କଥା; ଫ୍ରାଙ୍କଲିନ୍ ତାଙ୍କ ସାଥିରେ ଷ୍ଟେସନ୍‌କୁ ଯିବେ । ସର୍ଜେଣ୍ଟ କଫ୍‌ଙ୍କ ଉଦ୍ଦେଶ୍ୟ ଶୁଣିବାମାତ୍ରେ ଗଡ଼୍‌ଫ୍ରେ ତତ୍‌କ୍ଷଣାତ୍ ସାମୁଏଲ୍‌କୁ ଡାକି କହିଲେ, ''ଯାଅ, ଗାଡ଼ିରୁ ମୋର ମାଲପତ୍ର ଆଣି ରଖିଦିଅ । ପୋଲିସ ଅନୁସନ୍ଧାନ ପରେ ସେସବୁ ମୋ ପାଖକୁ ପଠାଇଦେଲେ ଚଳିବ ।'' ଫ୍ରାଙ୍କଲିନ୍ ସର୍ଜେଣ୍ଟଙ୍କୁ କହିଲେ, ''ଆପଣ ମୋର ସମସ୍ତ ପୋଷାକ ପରୀକ୍ଷା କରିବାରେ ମୋର କିଛି ଆପତ୍ତି ନାହିଁ । ମୁଁ ବର୍ତ୍ତମାନ ଷ୍ଟେସନ୍‌କୁ ଯାଉଛି ।'' ମି: ଫ୍ରାଙ୍କଲିନ୍ ଓ ମି: ଗଡ଼୍‌ଫ୍ରେ ଷ୍ଟେସନ୍‌କୁ ଗଲେ ।

ଲେଡ଼ି ଭେରିନ୍ଦର୍ ସର୍ଜେଣ୍ଟଙ୍କୁ କହିଲେ, ''ଦେଖିଲେ ତ, କାହାରି ଆପତ୍ତି ହୁଅନ୍ତା କାହିଁକି ? ମୁଁ ରାଚେଲ୍‌ର ଓ୍ୱାର୍ଡ୍‌ରୋବ୍‌ର ଚାବି ପଠାଇଦେଉଛି ।''

ସର୍ଜେଣ୍ଟ କଫ୍ କହିଲେ, ''ହଁ, କିନ୍ତୁ ତା' ପୂର୍ବରୁ ମୁଁ ଆପଣଙ୍କ ଘରର ଲଣ୍ଡ୍ରି ହିସାବ ଖାତାଟା ଦେଖିବା ଉଚିତ ମନେକରୁଛି । ଘଟନାରେ ସଂପୃକ୍ତ ପୋଷାକ ଲଣ୍ଡ୍ରି ଯାଇନାହିଁ, ଏ ବିଷୟରେ ନିଶ୍ଚିତ ହେବା ଦରକାର ।''

ଲେଡ଼ି ଭେରିନ୍ଦର୍ ସର୍ଜେଣ୍ଟଙ୍କ ପାଖେ ରହି ଲଣ୍ଡ୍ରି ହିସାବ ଖାତା ମଗାଇପଠାଇଲେ । ରୋଶାନା ଖାତାଟି ଆଣି ରଖିଦେଲା । ସର୍ଜେଣ୍ଟ କିଛି ସମୟଯାଏ ତାର ମୁହଁକୁ ଚାହିଁଲେ । ରୋଶାନା ଚାଲିଯିବା ପରେ ସର୍ଜେଣ୍ଟ ପଚାରିଲେ, ''ଏ ସ୍ତ୍ରୀଲୋକଟି କଅଣ ଆପଣଙ୍କର

Digitized by srujanika@gmail.com

ଖୁବ୍ ପୁରୁଣା ଚାକରାଣୀ ?''

ଲେଡ଼ି ଭେରିନ୍ଦର୍ – ଆପଣ ଏହା ପଚାରିବାର ଉଦ୍ଦେଶ୍ୟ ବୁଝିପାରୁନାହିଁ ।

ସର୍ଜେଣ୍ଟ – ସେପରି କୌଣସି ଉଦ୍ଦେଶ୍ୟ ନାହିଁ । ତେବେ କଥା ହେଉଛି, ମୁଁ ଏହାକୁ ଆଗେ ଜେଲ୍‌ଖାନାରେ ଥିବାର ଦେଖିଥିଲି । ତେଣୁ ତାର ଏଠିକାର ସମ୍ପର୍କ ଜାଣିବାରେ ଆଗ୍ରହୀ ।

ଅଗତ୍ୟା ଲେଡ଼ି ଭେରିନ୍ଦର୍ ରୋଶାନା ବିଷୟରେ ଯାହା ଜାଣିଥିଲେ ସବୁ କହିଲେ । ତାହା ସଙ୍ଗେ ସଙ୍ଗେ ରୋଶାନାର ସାଧୁତା ଓ ଭଦ୍ର ଆଚରଣର ପ୍ରଶଂସା କରି କହିଲେ, ''ଆପଣ ତାକୁ ସନ୍ଦେହ କରୁନାହାନ୍ତି ବୋଲି ମୋର ଆଶା ।''

ସର୍ଜେଣ୍ଟ ଉତ୍ତର କଲେ, ''ଏ ପର୍ଯ୍ୟନ୍ତ ଏ ଘରର କେହି ଚୋରିକରି ମଣିଟି ନେଇଛି ବୋଲି ମୋର ସନ୍ଦେହ ହୋଇନାହିଁ ।''

ଏହାପରେ ଲେଡ଼ି ଭେରିନ୍ଦର୍ ରାଚେଲ୍‌ଙ୍କଠାରୁ ଚାବି ଆଣିବାକୁ ଗଲେ, କିନ୍ତୁ ସେ ଚାବି ଦେବାକୁ ନିତାନ୍ତ ନାରାଜ । ଶେଷରେ ଲେଡ଼ି ଭେରିନ୍ଦର୍ ସର୍ଜେଣ୍ଟଙ୍କୁ ଖବରଦେଲେ ଯେ ରାଚେଲ୍ ଚାବି ଦେବାକୁ ଏକାନ୍ତ ଅନିଚ୍ଛା ପ୍ରକାଶ କରୁଛି; ନଦେବାର କାରଣ କହୁନାହିଁ; ପଚାରିଲେ କାନ୍ଦୁଛି ।''

ସର୍ଜେଣ୍ଟ ୱାର୍ଡରୋବ୍ ଖୋଲି ପୋଷାକପତ୍ର ପରୀକ୍ଷା କରିବା ପ୍ରସ୍ତାବ ବନ୍ଦକରିଦେଲେ । ସେ କହିଲେ, ''ସବୁ ପୋଷାକ ପରୀକ୍ଷା କରାଯାଇଥିଲେ କିଛି ଜଣାପଡ଼ିଥାନ୍ତା । ତାହା ନକରି କେତେଜଣଙ୍କର ପୋଷାକ ପରୀକ୍ଷା କରିବାରେ ଲାଭନାହିଁ ।''

ମି: ଗଡ଼ଫ୍ରେଙ୍କର ପୋଷାକ ପରବର୍ତ୍ତୀ ଟ୍ରେନ୍‌ରେ ଲଣ୍ଡନକୁ ପଠାଇଦିଆଗଲା ।

(୧୦)

ସର୍ଜେଣ୍ଟ କଫ୍ ମୋ ସାମନାରେ ପ୍ରତ୍ୟେକ ଚାକରକୁ ଜେରା କଲେ । ସେମାନେ ଯାହା କହିଲେ, ସେଥିରୁ କୌଣସି ନୂଆ ତଥ୍ୟ ମିଳିଲାନାହିଁ । କେବଳ ଜଣେ ଚାକରାଣୀ ଯାହା କହିଲା ସେଥିରୁ ରୋଶାନା ଉପରେ ଯଥେଷ୍ଟ ସନ୍ଦେହ ହେବାର କଥା । ସେ କହିଲା – 'ସେଦିନ ରୋଶାନାର ଦେହ ଖରାପ ଥିବା କଥା ମିଛ । ଗୁରୁବାର ଦିନ ଉପରବେଳା ମୁଁ ଅନେକଥର ଉପର ମହଲାକୁ ଯାଇଛି । ରୋଶାନାର ଘର କବାଟ ବନ୍ଦହୋଇଥିବାର ଦେଖିଛି । ଥରେ ଦୁଇଥର କବାଟରେ ହାତମାରି ଡାକିଛି । କିଛି ଉତ୍ତର ପାଇନାହିଁ । ସେହି ଦିନ ରାତି ବାରଟା ପରେ ତା' ଘର ଭିତରେ ନିଆଁଜଳୁଥିଲା । କାଠର ଚଡ଼୍‌ଚଡ଼୍ ଶବ୍ଦ ମୁଁ ଶୁଣିପାରିଛି । ଖରାଦିନେ ସେ ନିଆଁ ଜାଳୁଥିଲା କାହିଁକି ?''

ରୋଶାନାକୁ ଡକାଇ ସର୍ଜେଣ୍ଟ କଫ୍ ଏଇସବୁ ବିଷୟରେ ପ୍ରଶ୍ନ କଲେ । ସେ କହିଲା, ''ଏ କଥା ସବୁ ମିଛ ।'' ଉତ୍ତର ଦେଲାବେଳେ ରୋଶାନାର ମୁହଁ ପାଉଁଶିଆପଡ଼ିଯାଇଥାଏ ।

Digitized by srujanika@gmail.com

ତାର ଦେହ ଥରୁଥାଏ । ମୁଁ ତା ସକାଶେ ଚିନ୍ତିତ ହୋଇପଡ଼ିଲି । ଚାକରମାନଙ୍କ ଜମାନବନ୍ଦି ନେଇସାରି ସର୍ଜେଣ୍ଟ କଫ୍ ରୋଶାନାକୁ ପୁଣି ଖୋଜିଲେ, କିନ୍ତୁ ସେ ଘରୁ ଚାଲିଯାଇଥିଲା । ଚାକରମାନେ ଯେଉଁ ବାଟେ ଯିବା ଆସିବା କରନ୍ତି ତାହା ବୁଝି ସର୍ଜେଣ୍ଟ କଫ୍ ସେହିବାଟେ ଚାଲିଲେ । ମୋର ଧାରଣା ହେଲା, ସର୍ଜେଣ୍ଟ ରୋଶାନାକୁ ସନ୍ଦେହ କରି ତାର ପିଛା ଧରିଛନ୍ତି । ମୋର ଅନ୍ୟ କାର୍ଯ୍ୟ ଥିବାରୁ ମୁଁ ତାଙ୍କ ସଙ୍ଗେ ଗଲିନାହିଁ । ସେ ମଧ୍ୟ ମୋତେ ଡାକିନଥିଲେ ।

ଘଣ୍ଟାଏ ଦେଢ଼ଘଣ୍ଟା ପରେ ସର୍ଜେଣ୍ଟ ଫେରିଆସି ମୋତେ କହିଲେ, ‘‘ଦୟାକରି ମୋ ସାଥିରେ କିଛି ସମୟ ବୁଲିବାକୁ ଯାଇପାରିବେ ?’’ ମୁଁ ପଚାରିଲି, ‘‘ଆପଣ ମୋ’ଠାରୁ କଅଣ ଚାହାନ୍ତି ?’’ ସର୍ଜେଣ୍ଟ ଉତ୍ତରକଲେ, ‘‘ଏ ଅଞ୍ଚଳ ବିଷୟରେ କିଛି ଜାଣିବା ମୋର ଇଚ୍ଛା । ଏ ଘରୁ ସମୁଦ୍ରକୂଳକୁ ଯିବାପାଇଁ କୌଣସି ରାସ୍ତା ଅଛି ?’’

ମୁଁ କହିଲି, ‘‘ହଁ, ଗୋଟିଏ ସଂକୀର୍ଣ୍ଣ ରାସ୍ତା ଅଛି ।’’

ସର୍ଜେଣ୍ଟ – ଆଚ୍ଛା, ଆମେ ସେହି ରାସ୍ତାରେ ଯିବା ।

ଦୁହେଁ ସାଙ୍ଗହୋଇ ଚୋରାବାଲି ଆଡ଼କୁ ଚାଲିଲୁ । ପ୍ରଥମେ ଫର୍ ଗଛର ଜଙ୍ଗଲ ପଡ଼ିଲା । ସର୍ଜେଣ୍ଟ ମୋତେ ପଚାରିଲେ, ‘‘ମି: ବେଟରେଜ୍ ! ମୋର ବିଶ୍ୱାସ, ଆପଣ ରୋଶାନା ପ୍ରତି ବିଶେଷ ଦୟା ଦେଖାନ୍ତି । ଆପଣ ତାର କିଛି କ୍ଷତି ହେବା ଚାହାନ୍ତି ନାହିଁ । ମୁଁ ଆପଣଙ୍କୁ ନିର୍ଭର ଜବାବ୍ ଦେଉଛି, ରୋଶାନା କୌଣସି ବିପଦରେ ପଡ଼ିବାର ଆଶଙ୍କା ନାହିଁ ।’’

ମୁଁ ପଚାରିଲି – ‘‘ତେବେ କଅଣ ରୋଶାନା ସେ ମଣି ଚୋରିକରିନାହିଁ ?’’

ସର୍ଜେଣ୍ଟ କହିଲେ, ‘‘ମୋର ବିଶ୍ୱାସ ହୋଇଛି, ସେ ଅନ୍ୟଜଣକ ପାଇଁ ଏହାକୁ ନେଇଛି ।’’

ମୁଁ ପ୍ରଶ୍ନ କଲି, ‘‘ସେହି ଅନ୍ୟ ଜଣକ କିଏ ମୋତେ କହିବାରେ କ’ଣ ଆପତ୍ତି ଅଛି ?’’

ମୋ ପ୍ରଶ୍ନର ଉତ୍ତର ଦେବା ପରିବର୍ତ୍ତେ ସେ ମୋତେ ପ୍ରଶ୍ନକଲେ, ‘‘ନିକଟରେ ଆପଣ ରୋଶାନାକୁ କିଛି ନୂଆ ପୋଷାକ ଦେଇଛନ୍ତି କି ?’’

ମୁଁ ଉତ୍ତରକଲି, ‘‘ସେ ଆସିଲାବେଳେ ସାମାନ୍ୟ ଚିରା ପୋଷାକ ପିନ୍ଧି ଆସିଥିଲା । ପ୍ରାୟ ଦୁଇ ସପ୍ତାହ ତଳେ ଆମେ ତାକୁ ସାରେ ନୂଆ ପୋଷାକ ଦେଇଛୁ ।’’

ସର୍ଜେଣ୍ଟ କହିଲେ, ‘‘ମି: ବେଟରେଜ୍, କାଲି ଦିନଯାକ ରୋଶାନା ବେମାର ଥିଲା ବୋଲି କହୁଥିଲା; କିନ୍ତୁ ସେ ପ୍ରକୃତରେ କଅଣ କରୁଥିଲା ଜାଣନ୍ତି ? ଗୁରୁବାର ଦିନ ସକାଳେ ମି: ସୀଗ୍ରେଭ୍ କବାଟର ରଙ୍ଗ ଘଷିଦେଇଥିବା କଥା କହିଥିଲେ । ରୋଶାନା ତାର ନିଜ ପୋଷାକକୁ ଦେଖି ଆପଣା ଘର ଭିତରକୁ ଚାଲିଗଲା । ଚୁପ୍‌କରି ଘରୁ ଖସିଯାଇ ସହରରୁ କିଛି କନା କିଣିଆଣିଲା । ନିଜ କୋଠରିରେ ସେଥିରେ ଗୋଟିଏ ନାଇଟ୍ ଗାଉନ୍ ସିଲେଇକଲା – ସେଇ ଗୁରୁବାର ରାତିରେ । ନୂଆ କନା ଚିହ୍ନାପଡ଼ିଯିବ ବୋଲି ତାକୁ ଧୋଇ ଘରେ ନିଆଁଜାଳି ସେଥିରେ ଶୁଖାଇଲା । ଏଥିମଧ୍ୟରେ ରଙ୍ଗ ଲାଗିଥିବା ସେ ଗାଉନ୍‌ଟିକୁ ଲୁଚାଇବା

Digitized by srujanika@gmail.com

ଦରକାର । ବର୍ତ୍ତମାନ ସେ କଅଣ କରୁଥିବ ଜାଣନ୍ତି ? ଆମ ଆଗରେ ସମୁଦ୍ରକୂଳରେ ସେ ସେହି ଗାଉନ୍‌ଟିକୁ କୌଣସିଠାରେ ପୋତୁଥିବ । ମୁଁ କିପରି ଏ ସବୁ ଜାଣିଲି, ଶୁଣନ୍ତୁ । ମୁଁ କିଛି ସମୟ ପୂର୍ବେ ତା ପିଛାରେ ଯାଇଥିଲି । କବ୍‌ସହୋଲ୍ ବୋଲି ଯେଉଁ କେଉଟ ଗାଆଁ ଅଛି, ସେ ସେହି ଗାଆଁର ଜଣକ ଘରକୁ ଯାଇଥିଲା । ସେଠାରେ କିଛି ସମୟ ରହିବା ପରେ ସେ ବାହାରିଆସିଲା । ସେତେବେଳେ ସେ ତାର ଗାଉନ୍ ତଳେ କୌଣସି ଜିନିଷ ନେଇ ଆସୁଥିଲା । କେଉଟ ଗାଆଁରୁ ସେ ଉତ୍ତର ମୁହାଁ ସମୁଦ୍ରକୂଳ ଆଡ଼କୁ ଗଲା । ମୁଁ ତା ପଛେ ପଛେ ସମୁଦ୍ରକୂଳକୁ ନଯିବାର କାରଣ ହେଉଛି, ସେଠାରେ ସେ ମୋତେ ଦେଖିପାରିଥାନ୍ତା । ବର୍ତ୍ତମାନ ତାର ପଦଚିହ୍ନ ଥିଲେ ଆପଣ ମୋ କଥାର ସତ୍ୟାସତ୍ୟ ବୁଝିପାରିବେ ।''

ଏହା କହି ସେ ଅଗ୍ରସର ହେବାକୁ ଲାଗିଲେ । ମୁଁ ଅନିଚ୍ଛା ସତ୍ତ୍ୱେ ତାଙ୍କ ପଛେ ପଛେ ଗଲି । ଆମେ ଅଳ୍ପ ଦୂର ଯିବାପରେ ଦେଖିଲୁ, ଗୋଟିଏ ପାଦଚିହ୍ନ କବ୍‌ସହୋଲ୍ ଆଡ଼କୁ ଓ ଅନ୍ୟ ଧାଡ଼ିଏ ପାଦଚିହ୍ନ କବ୍‌ସହୋଲ୍‌ରୁ ସମୁଦ୍ରକୂଳକୁ ପଡ଼ିଛି । ଏହା ଯେ ରୋଶାନାର ଜୋତାର ଚିହ୍ନ ତାହା ମୁଁ ଅକ୍ଳେଶରେ ଜାଣିପାରିଲି । ସମୁଦ୍ରକୂଳର ଦୁଇଧାଡ଼ି ଚିହ୍ନ ମଧ୍ୟରେ କିଛି ଦୂରତ୍ୱ ଥିଲା । ସର୍ଜେଣ୍ଟ କଫ୍ ମୋତେ କହିଲେ, ''ଦେଖ, ପାଦଚିହ୍ନ ଧରାନପଡ଼ିବ ବୋଲି ଏଠାରେ ସେ କିଛି ଦୂର ପାଣି ଭିତରେ ଯାଇଛି । ବର୍ତ୍ତମାନ ମୋର ବିଶ୍ୱାସ, ସେ ଯେଉଁ ଜିନିଷ ପୋଷାକ ଭିତରେ ଲୁଚାଇ ଆଣିଥିଲା ତାକୁ ସେ ବାଲିରେ ପୋଡ଼ିଦେବା କିମ୍ବା ପୋତିଦେବା ପାଇଁ ଆଣିନଥିଲା; ଲୁଚାଇ ରଖିବାକୁ ଆଣିଥିଲା । କବ୍‌ସହୋଲ୍‌ର ଯେଉଁ ଘରକୁ ରୋଶାନା ଯାଇଥିଲା, ସେଠାକୁ ଗଲେ ଅନେକ ସନ୍ଦେହ ଦୂରହୋଇପାରିବ ।''

ଘରଟି ଖୋଜିବାକୁ ସମୟ ଲାଗିଲା ନାହିଁ । ଏହି ଘରଟି ହେଉଛି ୟୋଲାଣ୍ଡ ବୋଲି ଜଣେ କେଉଟର । ସେ ଓ ତାଙ୍କ ପୁଅ ମାଛ ଧରିବାକୁ ଯାଇଥିଲେ; କିନ୍ତୁ ତାଙ୍କ ସ୍ତ୍ରୀ ଓ ଛୋଟୀ ଝିଅଟିଏ ଘରେ ଥିଲେ । ମିସେସ୍ ୟୋଲାଣ୍ଡ ଆମକୁ ତାଙ୍କ ଘରେ ବସାଇଲେ । ଅଳ୍ପ କଥାବାର୍ତ୍ତା ଭିତରେ ସର୍ଜେଣ୍ଟ କଫ୍ ତାଙ୍କର ଏପରି ବିଶ୍ୱାସ ଜନ୍ମାଇଦେଲେ ଯେ ସେ ସବୁ କଥା ଖୋଲି କହିବାକୁ ଲାଗିଲେ । ସେ କହିଲେ, ''ରୋଶାନା ଆଜି ଉପରଓଳି ଆମ ଘରକୁ ଆସିଥିଲା । ମୋ ଝିଅ ଲୁସି ସାଥିରେ କିଛିବେଳ କଥାବାର୍ତ୍ତା ହେଲାପରେ ସେ ଉପରମହଲାକୁ ଯାଇ କାହା ପାଖକୁ ଚିଠି ଲେଖିଲା । କାହା ପାଖକୁ ସେ ଚିଠି ଲେଖିଲା ମୁଁ ଜାଣେନାହିଁ । କିନ୍ତୁ ସେ ଚିଠିଟି ଧରି ତଳକୁ ଆସିଲା । ଚିଠିରେ ଟିକେଟ୍ ଲାଗିନଥିଲା – ମୁଁ ଟିକେଟ ଯାଚିବାରୁ ନେବାକୁ ମନାକଲା । ବୋଧହୁଏ ସେ କୁଆଡ଼େ ଯିବବୋଲି ବିଚାର କରିଛି ।''

ସର୍ଜେଣ୍ଟ – ଅନ୍ୟ ଆଡ଼େ ଯିବାର ଥିଲେ ସେ ଆମକୁ କହିଥାନ୍ତା । ତୁମେ ଏପରି ମନେକରିବାର କାରଣ କ'ଣ ?

ମିସେସ୍ ୟୋଲାଣ୍ଡ – ସେ ଏଇଠାରେ ମୋ'ଠାରୁ କେତୋଟି ଜିନିଷ କିଣିନେଇଛି, ଯାହା କେବଳ ଭ୍ରମଣକାଳରେ ଆବଶ୍ୟକ ହୋଇପାରେ ।

Digitized by srujanika@gmail.com

ସର୍ଜେଣ୍ଟ – କି କି ଜିନିଷ ?

ମିସେସ୍ ୟୋଲାଣ୍ଡ ରୋଷେଇଘରର ଗୋଟାଏ କଣ ଦେଖାଇଦେଲେ । ସେଠାରେ ଏଣୁତେଣୁ ଅନେକ ଜିନିଷ ଜମାଥିଲା । ସେ ସବୁ ଭଙ୍ଗା ଜାହାଜରୁ କୂଳରେ ଲାଗିଥିବା ଜିନିଷ । ମିସେସ୍ ୟୋଲାଣ୍ଡ ସେଥିରୁ ଗୋଟିଏ ଟିଣର ନଳ ଆଣି କହିଲେ, "ଏଥିରେ ଜାହାଜର କପ୍ତାନ ମାନଚିତ୍ର ପ୍ରଭୃତି ଦରକାରୀ କାଗଜପତ୍ର ରଖନ୍ତି । ଢାଙ୍କୁଣୀ ବନ୍ଦକରିଦେଲେ ଏଥିରେ ପାଣି ପଶିପାରେନାହିଁ । ଦୈବାତ୍ ଜାହାଜ ବୁଡ଼ିଗଲେ ମଧ୍ୟ ଏହା ଭାସି ଭାସି କୌଣସିଠାରେ କୂଳରେ ଲାଗେ । ରୋଶାନା ଏହିପରି ଦୁଇଟି ଟିଣ ନଳ ନେଇଛି ।"

ସର୍ଜେଣ୍ଟ – ଏହାଛଡ଼ା ସେ ଆଉ କଅଣ ନେଇଛି ?

ମିସେସ୍ ୟୋଲାଣ୍ଡ – ନା, ଆଉ କିଛି ନେଇନାହିଁ । ସେ ନିଶ୍ଚୟ କୌଣସିଠାକୁ ଯିବା ଉଦ୍ଦେଶ୍ୟରେ ତାହା ନେଇଛି ।

ସର୍ଜେଣ୍ଟ – ହଁ, ତା ହୋଇପାରେ ।

ଆମେ ବିଦାୟ ନେଇ ଆସିଲୁ । ବାଟରେ ସର୍ଜେଣ୍ଟ କଫ୍ ମୋତେ କହିଲେ, "ମି: ବେଟରେଜ୍, ମୁଁ ଏବେ ଆହୁରି ଅଧିକ ସନ୍ଦେହରେ ପଡ଼ିଛି । ଅବଶ୍ୟ ରୋଶାନା ଆଜି ଯାହା କରିଛି ମୁଁ ଜାଣିପାରୁଛି । ସେ ନିଶ୍ଚୟ ନଳର ଗୋଟିଏ ମୁଣ୍ଡରେ ଥିବା ଜଞ୍ଜିରକୁ ସମୁଦ୍ରପାଣିରେ କିମ୍ବା ବାଲିରେ ପୋତିଥିବ ଓ ଅନ୍ୟ ମୁଣ୍ଡରେ ଜଞ୍ଜିରକୁ ମୁଣ୍ଡିଆତଳେ କୌଣସିଠାରେ ପୋତିଥିବ । କିନ୍ତୁ ପ୍ରଧାନ ପ୍ରଶ୍ନ ହେଉଛି – ନଳରେ ସେ କଅଣ ପୂରାଇଛି ?"

ମୁଁ କହିପକାଇଲି – "ଚନ୍ଦ୍ରକାନ୍ତମଣି ହୋଇପାରେ ।" କିନ୍ତୁ ସର୍ଜେଣ୍ଟ କହିଲେ, "ନା, ସେଥିରେ ଚନ୍ଦ୍ରକାନ୍ତମଣି ଯେ ନାହିଁ ଏ ବିଷୟରେ ମୁଁ ନିଃସନ୍ଦେହ ।"

ତହୁଁ ମୁଁ ଅନୁମାନ କରି କହିଲି, "ତେବେ ରଙ୍ଗ ଲାଗିଥିବା ଗାଉନ୍ ହୋଇଥିବ ।"

ଏହାପରେ ସର୍ଜେଣ୍ଟ ମୋ'ଠାରୁ ବୁଝିଲେ ଯେ ଚୋରାବାଲିରେ କିଛି ପଡ଼ିଲେ ତାହା ଚିରଦିନ ପାଇଁ କେଉଁ ଅତଳ ଗର୍ଭକୁ ଚାଲିଯାଏ । ଏ କଥା ରୋଶାନା ମଧ୍ୟ ଭଲରୂପେ ଜାଣେ । ସର୍ଜେଣ୍ଟ କହିଲେ, "ତାହାହେଲେ ରୋଶାନା ରଙ୍ଗଲଗା ଗାଉନ୍‌ଟିକୁ ଚୋରାବାଲିଗର୍ଭକୁ ଚିରଦିନ ପାଇଁ ବିଦାୟଦେଇପାରିଥାନ୍ତା । କିନ୍ତୁ ସେ ତା' ନକରି କୌଣସିଠାରେ ଲୁଚାଇଛି କାହିଁକି ? ଏଥିର କାରଣ ଜାଣିବା ଦରକାର ।"

ସର୍ଜେଣ୍ଟ ଚିନ୍ତାକୁଳ ଭାବରେ ମୋ ସଙ୍ଗେ ଘରକୁ ଫେରିଲେ ।

(୧୧)

ଆମେ ଘରେ ପହଞ୍ଚିବା ମାତ୍ରେ ଲେଡ଼ି ଭେରିନ୍ଦର୍ ସର୍ଜେଣ୍ଟ କଫ୍‌କୁ ଡକାଇ କହିଲେ, "ଯଦି ଘରର କୌଣସି ଲୋକ ଅନ୍ୟତ୍ର ଯାଏ, ତେବେ ଆପଣଙ୍କର ଅନୁସନ୍ଧାନରେ କିଛି ବାଧା ହେବ କି ?"

ସର୍ଜେଣ୍ଟ ଭଦ୍ରଭାବରେ କହିଲେ, "ନିଶ୍ଚୟ, ଅସୁବିଧା ଘଟିପାରେ ।"

Digitized by srujanika@gmail.com

ଲେଡ଼ି ଭେରିନ୍ଦର୍ କହିଲେ, ''ମୋର ଏହା ପଚାରିବାର ଉଦ୍ଦେଶ୍ୟ ହେଉଚି ରାଚେଲ୍ ଫ୍ରିଜିଙ୍ଗ୍‌ହଲ୍‌କୁ ଯାଇ ସେଠାରେ ତାର ମାଉସୀ ପାଖରେ ରହିବାକୁ ଚାହେଁ । ସେ କାଲି ସକାଳେ ଯିବ ବୋଲି ସ୍ଥିରକରିଛି ।''

ସର୍ଜେଣ୍ଟ – ମିସ୍ ରାଚେଲ୍‌ଙ୍କ ଇଚ୍ଛାରେ ବାଧାଦେବା ମୋର ଅଧିକାରର ବହିର୍ଭୂତ । କିନ୍ତୁ ତାଙ୍କର ଏପରି ଯିବାରେ ମୁଁ ଦୁଃଖିତ । ଯାହାହେଉ ତାଙ୍କ ଯିବାଦ୍ୱାରା ମୋର ଅନୁସନ୍ଧାନ ବନ୍ଦହେବାର ଆଶଙ୍କା ନାହିଁ ।''

ଆମେ ଦୁହେଁ ଏକାଠି ହେବାରୁ ମୁଁ କହିଲି, ''ସର୍ଜେଣ୍ଟ, ମୁଁ ଦେଖୁଛି ଆମ ମିସ୍ ରାଚେଲ୍‌ଙ୍କର କିଛି ସ୍ଥିରତା ନାହିଁ । କଥା କଅଣ ?''

ସର୍ଜେଣ୍ଟ ମୋ ବୈଠକଖାନାକୁ ଆସିବାରୁ ମୁଁ ପଚାରିଲି, ''ଆପଣ କିଛି କହୁନାହାନ୍ତି କାହିଁକି ? ମିସ୍ ରାଚେଲ୍‌କୁ ଆପଣ ସନ୍ଦେହ କରୁଛନ୍ତି କି ?''

ସର୍ଜେଣ୍ଟ ଉତ୍ତରକଲେ, ''ମୁଁ କଅଣ ସନ୍ଦେହ କରିବି ମୁଁ ଠିକ୍ କରି ଜାଣେ ।''

''କ'ଣ ଜାଣନ୍ତି ସ୍ପଷ୍ଟ କରି କହନ୍ତୁ ।''

''ମୋ କହିବାର ଉଦ୍ଦେଶ୍ୟ ମିସ୍ ରାଚେଲ୍‌ଙ୍କ ପାଖରେ ମଣିଟି ଅଛି । ସେ ରୋଶାନାକୁ ଏ ଘଟଣାରେ ଜଡ଼ିତକରିପକାଇଛନ୍ତି – କାରଣ ଆମେ ରୋଶାନାକୁ ସନ୍ଦେହ କରିବୁ ବୋଲି ସେ ଜାଣନ୍ତି ।''

''ଆପଣଙ୍କର ଏପରି ଭାବିବାର କାରଣ କ'ଣ ?''

''କାଲି ମୁଁ ସମସ୍ତ ଘଟନା ଲେଡ଼ି ଭେରିନ୍ଦର୍‌କୁ ବୁଝାଇଦେବି । ସେତେବେଳେ ଆପଣ କାରଣ ଜାଣିପାରିବେ ।''

ମୁଁ ବିଷଣ୍ଣ ମନରେ ତଳମହଲାକୁ ଗଲାବେଳକୁ ହଠାତ୍ ରୋଶାନା ତା' ଘରୁ ବାହାରିପଡ଼ିଲା । ତାର ଚେହେରା ଦେଖି ମୁଁ କହିପକାଇଲି, ''ରୋଶାନା, ତୋର ଦେହ ଭଲନାହିଁକି ?''

ସେ କିଛି ଉତ୍ତର ନଦେଇ ଚାଲିଗଲା । ଜଣେ ଚାକରକୁ ତା' ପ୍ରତି ଦୃଷ୍ଟି ରଖିବାକୁ କହି ମୁଁ ହଲ୍‌କୁ ଗଲି । ସେଠାରେ ମି: ଫ୍ରାଙ୍କଲିନ୍ ବିଲିୟାର୍ଡ଼ ଖେଳୁଥିଲେ । ମୋତେ ଦେଖି ସେ ପଚାରିଲେ, ''ଆପଣ ରୋଶାନାକୁ ଦେଖିଲେ କି ?''

ମୁଁ ଉତ୍ତର କଲି, ''ହଁ, ଏଇକ୍ଷଣି ସେ ଚାଲିଗଲା । ଘଟଣା କଅଣ ?''

ମି: ଫ୍ରାଙ୍କଲିନ୍ କହିଲେ, ''ଯଦି ରୋଶାନା ଏ ମଣି-ଚୋରି ସହିତ ସଂପୃକ୍ତ ଥାଏ, ତେବେ ସେ ମୋ ନିକଟରେ ତାହା ସ୍ୱୀକାର କରିବାକୁ ଯାଉଥିଲା । ମୁଁ ଏଠାରେ ବିଲିୟାର୍ଡ ବିଲ୍‌ରେ ଖେଳୁଥିଲି । ରୋଶାନା ଆସି ମୋ ପାଖରେ ଛିଡ଼ାହେଲା । ତାର ମୁହଁ ଏକବାରେ ଶୁଖିଯାଇଥିଲା; ଆଖିରେ କାନ୍ଦିବାର ଚିହ୍ନ ଥିଲା । ମୁଁ ପଚାରିଲି – କିଛି କହିବାର ଅଛି ? ସେ ଉତ୍ତର କଲା, 'ମୋ ପରି ହତଭାଗିନୀର ଯଦି କହିବାର ସାହସ . . . ।' ମୁଁ ଜାଣେ ସେ

Digitized by srujanika@gmail.com

ଅସୁନ୍ଦରୀ; କିନ୍ତୁ ସେ ତାର ଦୋଷ ନୁହେଁ । ତେଣୁ ମୁଁ ତା ଆଡ଼କୁ ନଚାହିଁ ଖେଳିବାରେ ଲାଗିଲି ଓ କହିଲି, 'କୁହ ରୋଶାନା, ତୁମପାଇଁ ମୁଁ କଅଣ କରିପାରେ ।' ସେ ହଠାତ୍ ବୁଲିପଡ଼ି ଚାଲିଗଲା । ଗଲାବେଳେ କହିଲା, 'ସେ ତ ଖେଳୁଛନ୍ତି, ମୋ ମୁହଁକୁ ସୁଦ୍ଧା ଚାହୁଁନାହାନ୍ତି ।' ସେ ଚାଲିଗଲା; ମାତ୍ର ମୋ ମନ ଖରାପ ହେଉଛି । କୌଣସି ସ୍ତ୍ରୀଲୋକର ମନରେ କଷ୍ଟଦେବା ମୋର ଆଦୌ ଇଚ୍ଛା ନୁହେଁ । ଆପଣ ତାକୁ ଲାଇବ୍ରେରୀକୁ ପଠାଇଦେଲେ ସେ ତା ମନର କଥା ମୋତେ କହିପାରିବ ।''

ରୋଶାନାର ସନ୍ଧାନ ନେବାକୁ ଯାଇ ମୁଁ ଖବର ପାଇଲି ଯେ ସେ କବାଟ ବନ୍ଦକରି ରହିଛି ଓ ତାକୁ କେହି ଡାକିବାକୁ ମନାକରିଛି । ମୁଁ ମି: ଫ୍ରାଙ୍କଲିନ୍‌କୁ ଏହି ସମ୍ବାଦ ଜଣାଇଦେବାରୁ ସେ ଉପର ମହଲାର ଶୋଇବାଘରକୁ ଚାଲିଗଲେ ।

ପରଦିନ ସକାଳେ ଜଳଖିଆ ଖାଇସାରି ଫ୍ରିଜିଙ୍ଗ୍‌ହଲ୍‌କୁ ଯିବାପାଇଁ ଅପେକ୍ଷା କଲି; କିନ୍ତୁ ସର୍ଜେଣ୍ଟ କଫ୍ ନଆସିବାରୁ ମୁଁ ବଗିଚାକୁ ଗଲି । ସେଠାରେ ମି: ଫ୍ରାଙ୍କଲିନ୍ ବୁଲୁଥିଲେ । ଆମେ ଦୁହେଁ କିଛି କଥାବାର୍ତ୍ତା ଆରମ୍ଭ କରିବା ପୂର୍ବରୁ ସର୍ଜେଣ୍ଟ କଫ୍ ସେଠାରେ ଉପସ୍ଥିତ ହୋଇ ମି: ଫ୍ରାଙ୍କଲିନ୍‌କୁ ପଚାରିଲେ ମି: ଫ୍ରାଙ୍କଲିନ୍, କାଲି ରାତିରେ କୌଣସି ଚାକରାଣୀ ଆସି ଆପଣଙ୍କ ସଙ୍ଗେ ଏକୁଟିଆ କିଛି କଥାବାର୍ତ୍ତା କରିଥିଲା କି ? ଏପରି ପ୍ରଶ୍ନ ପଚାରିବାଲାଗି ମୋତେ କ୍ଷମାକରିବେ; କିନ୍ତୁ ଏ ପ୍ରଶ୍ନର ଉତ୍ତର ସଙ୍ଗେ ମୋ ଅନୁସନ୍ଧାନର ସମ୍ବନ୍ଧ ଥିବାରୁ ପଚାରୁଛି ।''

ମି: ଫ୍ରାଙ୍କଲିନ୍ ବିରକ୍ତ ହେଲା ପରି ଉତ୍ତରକଲେ, ''ସେପରି ବିଷୟରେ ମୁଁ କିଛି କହିବାକୁ ଇଚ୍ଛାକରେନାହିଁ ।''

ଏହି ସମୟରେ ରୋଶାନା ବୁଦାଆଡ଼କୁ ଯାଉଥିବାର ମୁଁ ଦେଖିପାରିଲି । ତା' ପଛରେ ଥିଲା ମୋର ଝିଅ ପେନିଲୋପ୍ । ସେ ରୋଶାନାକୁ ଘରକୁ ଫେରିଯିବା ପାଇଁ କହୁଥିଲା । ମି: ଫ୍ରାଙ୍କଲିନ୍ ତାକୁ ଦେଖିପାରିଥିଲେ କି ନା ମୁଁ କହିପାରିବିନାହିଁ; କିନ୍ତୁ ସେ ଆମମାନଙ୍କୁ ଯେ ଦେଖିପାରିଥିଲା ଏଥିରେ ସନ୍ଦେହ ନାହିଁ । ସର୍ଜେଣ୍ଟ କଫ୍ ରୋଶାନା ଓ ପେନିଲୋପ୍ ଦୁହିଁଙ୍କୁ ଦେଖି ମଧ୍ୟ ନଦେଖିଲା ପରି ଛଳନାକଲେ ।

ସର୍ଜେଣ୍ଟ ମି: ଫ୍ରାଙ୍କଲିନ୍‌କୁ ଲକ୍ଷ୍ୟକରି କହିଲେ, ''ଆପଣ ପ୍ରକୃତ କଥା ପ୍ରକାଶକରନ୍ତୁ । ତାହାଦ୍ୱାରା ସେ ଝିଅଟିର କିଛିମାତ୍ର କ୍ଷତି ହେବନାହିଁ । ତା'ଠାରେ ଆପଣଙ୍କର ସ୍ନେହଥିଲେ ବରଂ ଆପଣ ମୋ ଉପରେ ବିଶ୍ୱାସ ରଖିବା ଉଚିତ ହେବ ।''

ମି: ଫ୍ରାଙ୍କଲିନ୍ ରାଗିଯାଇ ଖୁବ୍ ଉଚ୍ଚସ୍ୱରରେ କହିଲେ, ''ରୋଶାନା ପ୍ରତି ମୋର ତିଳେମାତ୍ର ସ୍ନେହ ନାହିଁ । ଆପଣଙ୍କର ଧାରଣା ଭୁଲ୍ । ତାର ଭଲମନ୍ଦରେ ମୋର କିଛି ଯାଏଆସେନା ।''

ମୁଁ ରୋଶାନା ଆଡ଼କୁ ଚାହିଁଥିଲି । ସେ ଯେ ମି: ଫ୍ରାଙ୍କଲିନ୍‌ଙ୍କ କଥାଗୁଡ଼ିକ ଶୁଣିଥିଲା,

Digitized by srujanika@gmail.com

ଏହା ନିଃସନ୍ଦେହ । ସେ କିଛିନକହି ପେନିଲୋପ୍ ସଙ୍ଗରେ ଘରକୁ ଚାଲିଗଲା ।

ମୁଁ ଘରକୁ ଆସି ରୋଶାନାକୁ ଖୋଜିଲି । ପେନିଲୋପ୍‌ଠାରୁ ଶୁଣିବାକୁ ପାଇଲି, ରୋଶାନା ଭିତରୁ କବାଟ ବନ୍ଦକରି ଘର ଭିତରେ ରହିଛି । ସେ କହିଲା, ''ବାପା, ରୋଶାନାର ବ୍ୟବହାର ଅଦ୍ଭୁତ । ତାକୁ ଯେତେ ବୁଝାଇଲେ ମଧ୍ୟ ସେ ବୁଝୁନାହିଁ ଯେ ମି: ଫ୍ରାଙ୍କଲିନ୍‌କୁ ପାଇବା ତା' ପକ୍ଷରେ ଅସମ୍ଭବ । ପ୍ରେମରେ ପଡ଼ି ତାର ମସ୍ତିଷ୍କ-ବିକାର ଘଟିଛି । ଶୀଘ୍ର ଜଣେ ଡାକ୍ତରଙ୍କୁ ଡକାଇବା ଦରକାର ।''

ଆମର ଗୃହ-ଚିକିତ୍ସକ ଡାକ୍ତର କାଣ୍ଡି ନିଜେ ରୋଗରେ ପଡ଼ିଥିଲେ । ତାଙ୍କର ସହକାରୀ ଡାକ୍ତର ଜେନିଙ୍ଗ୍‌ସଙ୍କୁ ଡାକିବା ଉଚିତ ମନେହେଲାନାହିଁ । ଜଣେ ଅପରିଚିତ ଡାକ୍ତରଙ୍କୁ ଦେଖିଲାମାତ୍ରେ ରୋଶାନା ଆହୁରି ବ୍ୟତିବ୍ୟସ୍ତ ହେବ । ତେଣୁ ଲେଡ଼ି ଭେରିନ୍ଦର୍‌ଙ୍କ ପରାମର୍ଶ ମାଗିବାକୁ ଗଲି । ସେତେବେଳେ ସେ ମିସ୍ ରାଚେଲ୍‌ଙ୍କ ସହିତ କଥାବାର୍ତ୍ତା ହେଉଥିଲେ । ତେଣୁ ମୁଁ ବାହାରେ ଅପେକ୍ଷା କରି ରହିଲି । ଅନେକ ସମୟ ଚାଲିଗଲା । ଦୁଇଟା ବାଜିବା ଉପରେ । ଏହି ସମୟରେ ସର୍ଜେଣ୍ଟ କଫ୍ ମୋତେ ଡାକିଲେ ।

ମୁଁ ତଳକୁ ଆସିଲାମାତ୍ରେ ପଚାରିଲି, ''ଫ୍ରିଜିଙ୍ଗ୍‌ହଲ୍‌ର ଖବର କଅଣ ?''

ସର୍ଜେଣ୍ଟ ଉତ୍ତର କଲେ, ''ଗୁରୁବାର ଦିନ ରୋଶାନା ଯାହା କରିଛି ତାହା ଜଣାପଡ଼ିଛି । ସେ ମାଲଟବି ବୋଲି ଜଣେ ଦୋକାନୀଠାରୁ କେବଳ ଗୋଟିଏ ନାଇଟ୍ ଗାଉନ୍ ମାପର ଧଳା ଥାନ କିଣିଛି ।''

ମୁଁ ପଚାରିଲି – ''କାହା ନାଇଟ୍ ଗାଉନ୍ ମାପର ?'

ସର୍ଜେଣ୍ଟ – ତା' ନିଜ ଛଡ଼ା ଆଉ କାହାର ହୁଅନ୍ତା ? ରାତି ବାରଟାଠାରୁ ତିନିଟା ମଧ୍ୟରେ ସେ କେତେବେଳେ ମିସ୍ ରାଚେଲ୍‌ଙ୍କ ଘରେ ପଶି ଚନ୍ଦ୍ରକାନ୍ତମଣିକୁ ଲୁଚାଇଦେଇଛି । ଘର ଭିତରକୁ ଯିବାବେଳେ ବା ଘରୁ ବାହାରିଆସିଲାବେଳେ ତାର ଗାଉନ୍ କବାଟରେ ଘଷିହୋଇଯାଇଛି । ଆଉ ଗୋଟିଏ ନାଇଟ୍ ଗାଉନ୍ ଯୋଗାଡ଼ ନକରିବାଯାଏ ସେ ରଙ୍ଗକୁ ଧୋଇ ସଫାକରିବାକୁ ବା ଗାଉନ୍‌ଟାକୁ ନଷ୍ଟ କରିଦେବାକୁ ସାହସ କରିପାରିନାହିଁ ।

ମୁଁ – ରୋଶାନାର ନାଇଟ୍ ଗାଉନ୍ ବୋଲି କି ପ୍ରମାଣ ଅଛି ?

ସର୍ଜେଣ୍ଟ – ସଫା ଧଳା ଥାନ କନାର ଗାଉନ୍ କିଏ ପିନ୍ଧେ – କେବଳ ଚାକର ଚାକରାଣୀ । ଯଦି ମିସ୍ ରାଚେଲ୍‌ଙ୍କ ପାଇଁ ହୋଇଥାନ୍ତା, ତେବେ ସେ ଲେସ୍ କିଣିଥାନ୍ତା, ରିବନ୍ କିଣିଥାନ୍ତା । ବର୍ତ୍ତମାନ ପ୍ରଶ୍ନ ହେଉଛି – ଆଉ ଗୋଟିଏ ଗାଉନ୍ ଯୋଗାଡ଼ କରିସାରିବା ପରେ ସେ ରଙ୍ଗଲାଗିଥିବା ଗାଉନ୍‌ଟିକୁ ନଷ୍ଟକରିନଦେଇ ଲୁଚାଇ ରଖିଛି କାହିଁକି ? ରୋଶାନାଠାରୁ ଏହା ଜଣା ନପଡ଼ିଲେ ଆମେ ଚୋରାବାଲିକୁ ଯାଇ ଖୋଜିବା । ମୁଁ ଫ୍ରିଜିଙ୍ଗ୍ ହଲ୍‌ରେ ଜଣେ କନେଷ୍ଟବଳକୁ ଜଗାଇଦେଇଛି, ସେ ରୋଶାନା ଉପରେ ନଜର ରଖିଥିବ ।

ଫ୍ରିଜିଙ୍ଗ୍‌ହଲ୍‌କୁ ନେବାପାଇଁ ମିସ୍ ରାଚେଲ୍‌ଙ୍କ ଗାଡ଼ି ଆସି ପହଞ୍ଚିଲା । ଆମେ ତାଙ୍କୁ

Digitized by srujanika@gmail.com

ବିଦାୟଦେବାପାଇଁ ପାହାଚ ଉପରେ ଛିଡ଼ାହୋଇ ରହିଲୁ । ଲେଡ଼ି ଭେରିନ୍ଦର୍ ତଳକୁ ଓହ୍ଲାଇଆସି ଆମ ପାଖରେ ଛିଡ଼ାହେଲେ; କିନ୍ତୁ ସେ କାହାରିକୁ କିଛି କହିଲେନାହିଁ । ତାଙ୍କ ପରେ ଆସିଲେ ମିସ୍ ରାଚେଲ୍ । ସେ ଖୁବ୍ ସୁନ୍ଦର ପୋଷାକ ପିନ୍ଧିଥାନ୍ତି । କିନ୍ତୁ ତାଙ୍କ ମୁହଁରେ ହସ ନଥାଏ । ସେ ମାଆଙ୍କଠାରୁ ବିଦାୟ ନେଇ କହିଲେ, ''ମାଆ, ମୁଁ ଦୋଷକରିଥିଲେ କ୍ଷମାକରିବେ ।'' ଏତିକି କହି ସେ ଗାଡ଼ି ଭିତରକୁ ପଶିଗଲେ । ସର୍ଜେଣ୍ଟ କଫ୍ ଦଉଡ଼ିଯାଇ ଗାଡ଼ିର ଦରଜା ବନ୍ଦକରିଦେଲେ । ହଠାତ୍ ମି: ଫ୍ରାଙ୍କଲିନ୍ ଗାଡ଼ି ପାଖକୁ ଆସି କହିଲେ, ''ରାଚେଲ୍, ବିଦାୟ !'' କିନ୍ତୁ ମିସ୍ ରାଚେଲ୍ ତାଙ୍କ ଆଡ଼କୁ ଟିକିଏସୁଦ୍ଧା ନଚାହିଁ ଗାଡ଼ିବାଲାକୁ ଗାଡ଼ି ଚଳାଇବାକୁ କହିଲେ ।

ମି: ଫ୍ରାଙ୍କଲିନ୍ ରାଚେଲ୍‌ଙ୍କ ବ୍ୟବହାରରେ ମର୍ମାହତ ହୋଇ ଫେରିଆସିଲେ । ଲେଡ଼ି ଭେରିନ୍ଦର୍ ମଧ୍ୟ ଦୁଃଖିତହେଲେ । ଗାଡ଼ି ଚାଲିଯିବାରୁ ମି: ଫ୍ରାଙ୍କଲିନ୍ ଲେଡ଼ି ଭେରିନ୍ଦର୍‌କୁ କହିଲେ, ''ଏବେ ମୋତେ ଏଠାରୁ ଚାଲିଯିବାକୁ ଅନୁମତି ଦିଅନ୍ତୁ ।'' ଲେଡ଼ି ଭେରିନ୍ଦର୍ ନିତାନ୍ତ ଦୁଃଖ ପ୍ରକାଶ କରି କହିଲେ, ''ଯିବ . . . କିନ୍ତୁ ଯିବା ପୂର୍ବରୁ ମୋ ସଙ୍ଗେ ଦେଖାକରିବ ।''

ମୁଁ ଓ ସର୍ଜେଣ୍ଟ କଫ୍ ପାହାଚ ଉପରେ ଛିଡ଼ା ହୋଇ ରହିଲୁ । ଲେଡ଼ି ଭେରିନ୍ଦର୍ ଓ ମି: ଫ୍ରାଙ୍କଲିନ୍ ଉପର ମହଲାକୁ ଚାଲିଗଲେ । ସର୍ଜେଣ୍ଟ କଫ୍ ମୋତେ କହିଲେ, ''ଆହୁରି କେତେ କାମ ଅଛି । ପ୍ରଥମେ ରୋଶାନାକୁ ପଚାରିବାକୁ ହେବ । କନେଷ୍ଟବଲ କୁଆଡ଼େ ଗଲା ?''

କନେଷ୍ଟବଲକୁ ଡାକିଆଣିବା ପାଇଁ ମୁଁ ଗୋଟିଏ ପିଲାକୁ ପଠାଇଲି । ଅଳ୍ପ ସମୟପରେ ପିଲାଟି ସହିତ କନେଷ୍ଟବଲ ଆସି ଜଣାଇଲା, ''ସାର୍, ଅତି ଦୁଃଖର କଥା, ଏଥିମଧ୍ୟରେ ରୋଶାନା କୁଆଡ଼େ ଖସିଯାଇଛି ।''

ସର୍ଜେଣ୍ଟ କଫ୍ କ୍ରୋଧରେ ଥରିଉଠି କହିଲେ, ''ମୁଁ ଫ୍ରିଜିଙ୍ଗ୍‌ହଲ୍‌କୁ ଯିବା ପୂର୍ବରୁ ତା' ଉପରେ ନଜର ରଖିବାକୁ କହିଯାଇଥିଲି । ତୁ କହୁଛୁ ଯେ ସେ କୁଆଡ଼େ ଖସିଗଲାଣି ! ଏହି ତ୍ରୁଟି ଅକ୍ଷମଣୀୟ । ଏଥିପାଇଁ ତୋତେ ଉପଯୁକ୍ତ ଦଣ୍ଡ ଦିଆଯିବ । ଏବେ ତୋର ଏଠାରେ ଆଉକିଛି କାମ ନାହିଁ । ତୁ ଫ୍ରିଜିଙ୍ଗ୍‌ହଲ୍‌କୁ ଫେରିଯାଆ ।''

(୧୨)

ରୋଶାନା କୁଆଡ଼େ ଚାଲିଯାଇଥିବା ଖବର ଚାକରମହଲରେ ବ୍ୟାପିଗଲା । ମାଳୀର ପୁଅ ଡଫିଠାରୁ ଆମେ ଖବର ପାଇଲୁ ଯେ ରୋଶାନା ପ୍ରାୟ ଅଧଘଣ୍ଟା ପୂର୍ବରୁ ଫାର୍ ଚୋଟାରେ ତାହା ପାଖଦେଇ ସମୁଦ୍ରକୂଳ ଆଡ଼କୁ ଯାଇଥିଲା । ସର୍ଜେଣ୍ଟ ତତ୍‌କ୍ଷଣାତ୍ ଡଫିକୁ ସଙ୍ଗରେ ନେଇ ଚୋରାବାଲି ଆଡ଼କୁ ଚାଲିଲେ । ଅଧଘଣ୍ଟାକ ପରେ ଡଫି ମୋ ପାଖକୁ ଆସି କହିଲା – ସର୍ଜେଣ୍ଟ କହିଚନ୍ତି ଶୀଘ୍ର ରୋଶାନାର ପଟେ ଜୋତା ନେଇ ଚୋରାବାଲି ପାଖକୁ ଯାଆନ୍ତୁ ।

Digitized by srujanika@gmail.com

ମୁଁ ରୋଶାନାର ପଟେ ଜୋତା ଘେନି ଚୋରାବାଲି ଅଭିମୁଖରେ ଦଉଡ଼ିଲି । ସମୁଦ୍ର-କୂଳରେ ପହଞ୍ଚିଲାବେଳକୁ ଆକାଶ ମେଘରେ ଢାଙ୍କିହୋଇଯାଇଥାଏ । ସଙ୍ଗେ ସଙ୍ଗେ ବର୍ଷା ମାଡ଼ିଆସିଲା; ମେଘ ଗର୍ଜନ ଶୁଣାଗଲା । ମୁଁ ଦେଖିଲି ସର୍ଜେଣ୍ଟ ଏକୁଟିଆ ଠିଆହୋଇଛନ୍ତି । ତାଙ୍କ ମୁହଁ ଗମ୍ଭୀର । ମୋତେ ଦେଖିଲାମାତ୍ରେ ସେ ଜୋତାପଟକ ନେଇ ବାଲିଉପରେ ପଡ଼ିଥିବା ପାଦଚିହ୍ନ ଉପରେ ରଖି ମିଳାଇଲେ । ଏଥିରୁ ସ୍ପଷ୍ଟ ଜଣାଗଲା ଯେ ତାହା ରୋଶାନାର ପାଦଚିହ୍ନ । ପାଦଚିହ୍ନକୁ ଅନୁସରଣ କରି ଆମ୍ଭେମାନେ ବାଲି ଓ ମୁଣ୍ଡିଆର ମିଳନ ସ୍ଥାନରେ ପହଞ୍ଚିଲୁ । ମୁଣ୍ଡିଆ ପରେ ଆଉ ପାଦଚିହ୍ନ ନଥିଲା । ସେଠାରୁ ଫେରିବାର ପାଦଚିହ୍ନ ମଧ୍ୟ ନଥିଲା । ତେଣୁ ଆମେ ସ୍ଥିରକଲୁ ଯେ ରୋଶାନା ସେଠାରୁ ଫେରିନାହିଁ । ଏଥିରୁ ଅନୁମାନ ହେଲା, ହୁଏତ ସେ ନୌକାରେ ସମୁଦ୍ର ଭିତରକୁ ଯାଇଥିବ ବା ଚୋରାବାଲିରେ ପୋତି-ହୋଇଯାଇଥିବ କିମ୍ବା ଚୋରାବାଲି ଅତିକ୍ରମକରି ଅନ୍ୟ ଆଡ଼କୁ ଯାଇଥିବ, ଅଥବା ସେହି ମୁଣ୍ଡିଆ ପାଖରେ କୌଣସିଠାରେ ରହିଥିବ ।

ଏହି ସମୟରେ ୟୋଲାଣ୍ଡ ଓ କେତେଜଣ ଚାକର ଖବର ବୁଝିବା ପାଇଁ ଆମ ପାଖକୁ ଆସିଲେ । ସର୍ଜେଣ୍ଟ ପାଦଚିହ୍ନକୁ ଦେଖାଇ ତାଙ୍କର ଅନୁମାନ ପ୍ରକାଶକଲେ । ୟୋଲାଣ୍ଡଠାରୁ ଜଣାଗଲା ଯେ ଏଭଳି ପାଗରେ କେହି ସମୁଦ୍ରକୁ ନୌକାରେ ଯାଇଥିବା ଅସମ୍ଭବ । ଯଦି ଚୋରାବାଲିକୁ ଯାଇଥାଏ ତେବେ ତା'ର ଅସ୍ତିତ୍ୱ ନଥିବ; କାରଣ ବାଲି ଉପରେ ଯିଏ ପଡ଼ିଥିବ ସେ ଅନନ୍ତଗର୍ଭକୁ ଚାଲିଯାଇଥିବ ।

ଆମ୍ଭେମାନେ ସମୁଦ୍ରକୂଳକୁ ଯାଉଛୁ, ଏହି ସମୟରେ ଘରର ଜଣେ ଚାକର ମୋତେ ଖଣ୍ଡିଏ ଚିଠି ବଢ଼ାଇ ଦେଇ କହିଲା, ''ପେନିଲୋପ୍ ରୋଶାନାର କୋଠରିରୁ ଏ ଚିଠିଟି ପାଇ ପଠାଇଦେଇଛନ୍ତି ।''

ଚିଠି ଉପରେ ରୋଶାନାର ଅକ୍ଷରରେ ମୋର ନାମ ଥିଲା । ମୁଁ ସଙ୍ଗେ ସଙ୍ଗେ ଚିଠିଟି ଖୋଲିଲି । ସେଥିରେ ଲେଖାଥିଲା – ''ଆପଣ ମୋର ଶୁଭାକାଙ୍‌କ୍ଷୀ । ମୋତେ ଅନେକଥର କ୍ଷମାକରିଛନ୍ତି । ଚୋରାବାଲିକି କେବେ ଆସିଲେ ମୋତେ ମନେପକାଇ ପୁଣି କ୍ଷମାଦେବେ । ଏହି ଚୋରାବାଲିରେ ମୋର କବରଖାନା ବହୁ ଦିନରୁ ମୋତେ ଅପେକ୍ଷାକରି ରହିଥିଲା । ଆଜି ମୁଁ ସେଥିରେ ଆଶ୍ରୟନେଉଛି । ଆପଣଙ୍କ ଦୟା ନିମନ୍ତେ ମୋର ଧନ୍ୟବାଦ ଗ୍ରହଣକରିବେ ।''

ଚିଠିଟି ପଢୁ ପଢୁ ମୋ ଆଖିରୁ ଲୁହଧାର ବହିଗଲା । ମୁଁ ସର୍ଜେଣ୍ଟଙ୍କୁ ରୋଶାନାର ମୃତ୍ୟୁ ସମ୍ବାଦ ଦେଇ କହିଲି, ''ଆପଣ ହିଁ ଏ ବାଳିକାଟିର ଏପରି କରୁଣ ମୃତ୍ୟୁର କାରଣ ।'' ମି: କଫ୍ ସଂକ୍ଷେପରେ କହିଲେ, ''ମି: ବେଟରେଜ୍, ଆପଣଙ୍କର ଧାରଣା ଭୁଲ । ଘରକୁ ଗଲେ ମୁଁ ସମସ୍ତ ଘଟନା ବୁଝାଇଦେଇପାରିବି ।''

ନୀରବରେ ବର୍ଷାପାଣି ସହି ଆମେ ଦୁହେଁ ଘରକୁ ଆସିଲୁ; କିନ୍ତୁ ରୋଶାନାର ମୃତ୍ୟୁ-ସମ୍ବାଦ ଆମ ଆଗରୁ ଘରେ ପହଞ୍ଚିସାରିଥିଲା । ଲେଡ଼ି ଭେରିନ୍ଦରଙ୍କ କୋଠରି ଆଗରେ

Digitized by srujanika@gmail.com

ଆମେ ପହଞ୍ଚିଲାମାତ୍ରେ ସେ ବାହାରିପଡ଼ି ମୋତେ କହିଲେ, ''ବେଟରେଜ୍, ସେ ଲୋକଟାକୁ ତାର ଫିସ୍ ଦେଇ ଏଇ ମୁହୂର୍ତ୍ତରେ ବିଦାୟ କରିଦିଅ ।'' ଲେଡ଼ି ଭେରିନ୍ଦର୍ ଯେ ନିତାନ୍ତ ଉତ୍ତେଜିତ ହୋଇଥିଲେ ଏଥିରେ ସନ୍ଦେହ ନାହିଁ । ମିଃ ଫ୍ରାଙ୍କଲିନ୍ ତାଙ୍କୁ ଶାନ୍ତ କରିବାକୁ ବୃଥା ଚେଷ୍ଟା କରୁଥିଲେ ।

ସର୍ଜେଣ୍ଟ କଫ୍ ବିନୀତ ଭାବରେ କହିଲେ, ''ଆପଣ ମୋତେ ରୋଶାନାର ମୃତ୍ୟୁ ପାଇଁ ଦାୟୀ ମନେକରୁଛନ୍ତି; କିନ୍ତୁ ସେଥିପାଇଁ ମୁଁ ଯେତିକି ଦୋଷୀ ଆପଣ ମଧ୍ୟ ସେତିକି ଦୋଷୀ । ଏଭଳି ଘଟନାରେ ଆପଣ ବିଚଳିତ ହେବାର କଥା । ସେଥିପାଇଁ ମୁଁ ଦୁଃଖିତ । ତେବେ ମୋତେ ଆଉ ଅଧଘଣ୍ଟା ସମୟ ଦିଅନ୍ତୁ । ତାହା ପରେ ଯଦି ମୋର ଅବସ୍ଥାନ ଅନାବଶ୍ୟକ ମନେକରନ୍ତି ତେବେ ମୁଁ ବିଦାୟନେଇଯିବି ।''

ଫ୍ରାଙ୍କଲିନ୍ ଉପରେ ଭରାଦେଇ ଲେଡ଼ି ଭେରିନ୍ଦର୍ ଘର ଭିତରକୁ ଚାଲିଗଲେ । ଅଧଘଣ୍ଟା ପରେ ଫ୍ରାଙ୍କଲିନ୍ ଆସି ସର୍ଜେଣ୍ଟ କଫ୍‌ଙ୍କୁ ଭିତରକୁ ଡାକିନେଲେ । ମୋତେ ଚୁପ୍ କରି କହିଲେ, ''ମୁଁ ସେଠାରେ ରହିବାକୁ ଚାହେଁନା । ହୁଏତ ସର୍ଜେଣ୍ଟ ରାଚେଲ୍‌ଙ୍କୁ ସନ୍ଦେହ କରି କିଛି କହିବେ, ମୁଁ ତାହା ସହିପାରିବି ନାହିଁ । ହୁଏତ ଗୋଟାଏ କିଛି ଅପ୍ରୀତିକର ଘଟଣା ଘଟିପାରେ ।'' ଏହାକହି ସେ ବାହାରେ ରହିଲେ । ମୁଁ ସର୍ଜେଣ୍ଟଙ୍କ ସହିତ ଭିତରେ ପ୍ରବେଶକଲି ।

ଲେଡ଼ି ଭେରିନ୍ଦର୍ କହିଲେ, ''ସର୍ଜେଣ୍ଟ କଫ୍, ମୁଁ ଆପଣଙ୍କ ପ୍ରତି ଯେଉଁ ବ୍ୟବହାର କରିଛି ସେଥିଲାଗି ପ୍ରଥମେ କ୍ଷମାମାଗୁଛି । ମୁଁ ବାସ୍ତବରେ ସେଥିପାଇଁ ଦୁଃଖିତ ।''

ସର୍ଜେଣ୍ଟ ଉତ୍ତର କଲେ, ''ଆପଣ ଉତ୍ତେଜିତ ଅବସ୍ଥାରେ ଯାହା କହିଛନ୍ତି ତାହା ମୁଁ ଭୁଲିଯାଇଛି । ଆଶାକରେ ମୋତେ କାରଣ ଦର୍ଶାଇବାକୁ ଅନୁମତି ଦେବେ । ରୋଶାନାର ମୃତ୍ୟୁ ପାଇଁ ମୁଁ ଆଦୌ ଦାୟୀ ନୁହେଁ । ଅନୁସନ୍ଧାନର ସଫଳତା ନିମନ୍ତେ ମୁଁ ତା' ପ୍ରତି ବରାବର ସହାନୁଭୂତି ଦେଖାଇଆସିଛି । ତା'ର ଆତ୍ମହତ୍ୟାର କାରଣ କୌଣସି ପ୍ରେମବ୍ୟାପାର ବୋଲି ମୁଁ ଶୁଣିଛି । ତା' ଠିକ୍ ହୋଇପାରେ; କିନ୍ତୁ ମୋର ମତ ହେଉଛି, ଚନ୍ଦ୍ରକାନ୍ତମଣି ସହିତ ସଂପୃକ୍ତ ଘଟଣାରେ ସେ ଚିନ୍ତାଗ୍ରସ୍ତ ହୋଇ ଆତ୍ମହତ୍ୟା କରିଛି । ଅବଶ୍ୟ ତା'ର ଚିନ୍ତାର ଠିକ୍ କାରଣ ମୁଁ ଏତେବେଳଯାଏ ଆବିଷ୍କାର କରିପାରିନାହିଁ; କିନ୍ତୁ ଜଣେ ବ୍ୟକ୍ତିଙ୍କୁ ପରୀକ୍ଷା କଲେ ସେକାରଣ ଜଣାପଡ଼ିଯିବ ।''

ଲେଡ଼ି ଭେରିନ୍ଦର୍ – ଆପଣ କଅଣ ରାଚେଲ୍‌କୁ ଲକ୍ଷ୍ୟକରି ଏହା କହୁଛନ୍ତି ?

ସର୍ଜେଣ୍ଟ – ହଁ, ତାଙ୍କଠାରୁ ପ୍ରକୃତ କାରଣ ଜଣାପଡ଼ିବ ।

ଲେଡ଼ି ଭେରିନ୍ଦର୍ – ଆପଣ ଯେ ରାଚେଲ୍‌କୁ ସନ୍ଦେହକରନ୍ତି ତା' ମୁଁ ଆଗରୁ ଅନୁମାନ କରିଥିଲି । ଆପଣ ଆଗରୁ ଚାଲିଯାଇଥିଲେ ଭଲହୋଇଥାନ୍ତା । କିନ୍ତୁ ଯେତେବେଳେ ରାଚେଲ୍‌କୁ ସନ୍ଦେହ କରିଥିବାର ପ୍ରକାଶକଲେଣି, ଆପଣଙ୍କର ସନ୍ଦେହ ମୋଚନ ହେବା ଦରକାର । ଆପଣ ଅନୁସନ୍ଧାନ ଚଳାନ୍ତୁ ଓ ଆପଣଙ୍କ ମତ ସ୍ପଷ୍ଟଭାବରେ ପ୍ରକାଶକରନ୍ତୁ ।

Digitized by srujanika@gmail.com

ସର୍ଜେଣ୍ଟ କଫ୍ – କିନ୍ତୁ ଘଟନାଟା ବଡ଼ ଅପ୍ରୀତିକର . . . ଦୁଃଖଜନକ ମଧ୍ୟ ।

ଲେଡ଼ି ଭେରିନ୍ଦର୍ – ଆପଣଙ୍କ ମନର କଥା ମୁଁ କହୁଛି । ଆପଣଙ୍କର ସନ୍ଦେହ ଯେ ରାଚେଲ୍ କୌଣସି ଉଦ୍ଦେଶ୍ୟରେ ମଣିଟିକୁ ଲୁଚାଇରଖି ଆମ ସମସ୍ତଙ୍କୁ ପ୍ରତାରଣା କରୁଛି ।

ସର୍ଜେଣ୍ଟ – ଆପଣଙ୍କ ଅନୁମାନ ଠିକ୍ ।

ଲେଡ଼ି ଭେରିନ୍ଦର୍ – ଦେଖନ୍ତୁ ସର୍ଜେଣ୍ଟ ! ମୁଁ ତାର ମାଆ, ତାକୁ ଭଲକରି ଜାଣେ । ସେ ଯେ ଏପରି ପ୍ରତାରଣା କରିପାରେ ତାହା ମୋର କଳ୍ପନାର ଅତୀତ । ଘଟଣାଚକ୍ରରେ ପଡ଼ି ଆପଣ ଭ୍ରାନ୍ତ ଧାରଣା ପୋଷଣ କରିଅଛନ୍ତି ।

ସର୍ଜେଣ୍ଟ – ମୋର ଏକାନ୍ତ ଅନୁରୋଧ, କେବଳ ନିଜ ଦୃଷ୍ଟିକୋଣରୁ ବିଚାରନକରି ମୋ ଭଳି ଜଣେ ଗୁଇନ୍ଦାର ଦୃଷ୍ଟିକୋଣରୁ ବିଚାରକରି ଦେଖନ୍ତୁ । ମୋର ଏ ଦିଗରେ ଯଥେଷ୍ଟ ଅଭିଜ୍ଞତା ଅଛି । ସେଥିରୁ ମୁଁ ଜାଣିଛି ଉଚ୍ଚ ଧନୀପରିବାରର ମହିଳାମାନେ ସମୟେ ସମୟେ ଲୁଚାଚୋରାରେ ଋଣ କରିଥାନ୍ତି । ସେ କଥା ସେ ନିଜର ଆତ୍ମୀୟସ୍ୱଜନଙ୍କ ନିକଟରେ ପ୍ରକାଶ କରିପାରନ୍ତି ନାହିଁ, ଅଥଚ ଋଣ ପରିଶୋଧ କରିବାକୁ ହେବ; ତେଣୁ ଘରର ବହୁମୂଲ୍ୟ ଅଳଙ୍କାର ପ୍ରଭୃତି ବନ୍ଧକ ଦେବାକୁ ବା ବିକ୍ରୟ କରିବାକୁ ବାଧହୋଇଥାନ୍ତି । ବର୍ତ୍ତମାନ କ୍ଷେତ୍ରରେ ସେହିପରି କିଛି ହୋଇଥିବା ଅନୁମାନ କରିବା ମୋ ପକ୍ଷରେ ଅନ୍ୟାୟ ନୁହେଁ ବୋଲି ଆପଣ ସ୍ୱୀକାର କରିବେ । ମୋ ସନ୍ଦେହର କାରଣ ଶୁଣନ୍ତୁ ।

ପ୍ରଥମେ ମୋର ସନ୍ଦେହ ହୋଇଥିଲା ଯେ ମଣିଟିକୁ ଘରର କୌଣସି ଚାକର ବା ଚାକରାଣୀ ଚୋରିକରି ନେଇଥିବ; କିନ୍ତୁ ମିସ୍ ରାଚେଲ୍ ମୋ ପ୍ରତି ଯେଉଁ ବ୍ୟବହାର ଦେଖାଇଲେ ସେଥିରୁ ମୋର ତାଙ୍କ ପ୍ରତି ସନ୍ଦେହହେଲା । ମଣି-ଚୋରିର ଚବିଶ ଘଣ୍ଟା ପରେ ମଧ୍ୟ ସେ ଖୁବ୍ ଉତ୍ତେଜିତ ଥିଲେ । ମି: ଫ୍ରାଙ୍କଲିନ୍‌ଙ୍କ ଉପରେ ମଧ୍ୟ ସେ ଖୁବ୍ କ୍ରୋଧ ପ୍ରକାଶକରୁଥିଲେ । ଯେଉଁମାନେ ଚୋରିର ସନ୍ଧାନ କରୁଥିଲେ, ସେମାନଙ୍କ ଉପରେ ତାଙ୍କର ବିରକ୍ତି ଦେଖି ମୋର ସନ୍ଦେହ ଜନ୍ମିଛି । ତେଣୁ ମୋର ଅନୁମାନ ମିସ୍ ରାଚେଲ୍ ଏହିପରି କୌଣସି ଋଣ ପରିଶୋଧ ପାଇଁ ମଣିଟିକୁ ବନ୍ଧକଦେଇଛନ୍ତି । ଏହି ସନ୍ଦେହରେ ପଡ଼ି ମୁଁ ସମସ୍ତଙ୍କର ପୋଷାକପତ୍ର ଦେଖିବାକୁ ଚାହିଁଥିଲି । କିନ୍ତୁ କେବଳ ମିସ୍ ରାଚେଲ୍ ରାଜି ନହେବାରୁ ସେ ପ୍ରସ୍ତାବ ବନ୍ଦରହିଲା । ଏଥର କହନ୍ତୁ କାରଣ କଅଣ ହୋଇପାରେ ?

ଲେଡ଼ି ଭେରିନ୍ଦର୍ – ଆପଣଙ୍କ ସନ୍ଦେହ ସଂପୂର୍ଣ୍ଣ ଅମୂଳକ । ଘଟଣାସ୍ରୋତରେ ଆପଣ ଭୁଲ ଦିଗରେ ଅଗ୍ରସର ହୋଇଅଛନ୍ତି ।

ସର୍ଜେଣ୍ଟ – ଠିକ୍ ବା ଭୁଲ ହେଉ, ତାହା ହିଁ ମୋର ବିଶ୍ୱାସ । ବର୍ତ୍ତମାନ ରୋଶାନା କଥା ବିଚାର କରନ୍ତୁ । ତାକୁ ମୁଁ ପ୍ରଥମେ ଏଠାରେ ଦେଖିଲାମାତ୍ରେ ଚିହ୍ନିପାରିଥିଲି । ଏଥିପୂର୍ବରୁ ସେ ଏକ ଚୋରି ଘଟନାରେ ଜେଲ୍‌ଭୋଗିଥିଲା । ତାକୁ ଦେଖି ମୋର ଧାରଣା ହେଲା, ମିସ୍ ରାଚେଲ୍ ମଣିଟି ହଜିଛି ବୋଲି ଜଣାଇବାକୁ ଚେଷ୍ଟାନକରି ଚୋରିଯାଇଛି ବୋଲି ଜଣାଇବାକୁ

Digitized by srujanika@gmail.com

ଚାହାନ୍ତି । ଚୋରିଯାଇଥିଲେ ସମସ୍ତେ ଯେ ରୋଶାନାକୁ ସନ୍ଦେହକରିବେ, ଏ କଥା ସେ ଭଲରୂପେ ଜାଣନ୍ତି । ରୋଶାନାକୁ ସନ୍ଦେହ କରିବାର ବିଶେଷ କାରଣ ଅଛି । ମିସ୍ ରାଚେଲ୍‌ଙ୍କ ଭଳି ଜଣେ ଭଦ୍ରମହିଳା ନିଜେ କାହା ପାଖରେ ଏତେ ମୂଲ୍ୟବାନ୍ ମଣି ବନ୍ଧକ ଦେଇପାରନ୍ତେ ନାହିଁ । ଏପରି ଲୋକ ସେ କିପରି ଚିହ୍ନନ୍ତେ ? ଏହି କାର୍ଯ୍ୟପାଇଁ ସେ ଜଣେ ବିଶ୍ୱସ୍ତ ମଧ୍ୟସ୍ଥର ସାହାଯ୍ୟ ଲୋଡ଼ିବା ସ୍ୱାଭାବିକ । ରୋଶାନା ଏହି ସାହାଯ୍ୟ ଦେବାକୁ ପୂରା ଉପଯୁକ୍ତ । ଲଣ୍ଡନର ଜଣେ ବିଶିଷ୍ଟ ଜହୁରୀ ସଙ୍ଗେ ତାର ପୂର୍ବରୁ କାରବାର ଥିବା କଥା ମୋତେ ଜଣାଅଛି । ତେଣୁ ରୋଶାନା ଚନ୍ଦ୍ରକାନ୍ତମଣିକୁ ସେହି ଜହୁରୀ ପାଖରେ ବନ୍ଧକ ଦେଇଥିବା ସମ୍ଭବ ।

ସର୍ଜେଣ୍ଟଙ୍କର ଏହି ସବୁ ଯୁକ୍ତି ଶୁଣି ଲେଡ଼ି ଭେରିନ୍ଦର୍ ବିଚଳିତ ହୋଇପଡ଼ିଲେ । ତାଙ୍କ ମୁହଁ ଶୁଖିଗଲା । ମିସ୍ ରାଚେଲ୍‌ଙ୍କ ପ୍ରତି ତାଙ୍କର ମଧ୍ୟ ସନ୍ଦେହ ଆସିଲା । ସର୍ଜେଣ୍ଟ କଫ୍ ତାଙ୍କ ଆଡ଼କୁ ଦୃଷ୍ଟି ନଦେଇ କହିଲେ –

"ବର୍ତ୍ତମାନ ନିଃସନ୍ଦେହ ହେବାପାଇଁ ମୁଁ ମିସ୍ ରାଚେଲ୍‌ଙ୍କ ଉପରେ ଗୋଟାଏ ପରୀକ୍ଷା କରିବାକୁ ଚାହେଁ । ମୁଁ ପୂର୍ବରୁ କିଛି ମାତ୍ର ନଜଣାଇ ହଠାତ୍ ତାଙ୍କୁ ରୋଶାନାର ମୃତ୍ୟୁ-ସମ୍ବାଦ ଦେବି । ନିଜର ବିଶ୍ୱାସୀ ଲୋକର ମୃତ୍ୟୁରେ ତାଙ୍କର ପ୍ରତିକ୍ରିୟାସ୍ୱରୂପ ସେ ସତ୍ୟ ଘଟଣା ପ୍ରକାଶକରିପାରନ୍ତି । ଏଥିପାଇଁ ଅବଶ୍ୟ ଆପଣଙ୍କ ଅନୁମତି ଆବଶ୍ୟକ ।"

ଲେଡ଼ି ଭେରିନ୍ଦର୍ – "ରାଚେଲ୍ ଉପରେ ପରୀକ୍ଷା କରିବା ବିଷୟରେ ମୁଁ ଆପଣଙ୍କ ସଙ୍ଗେ ଏକମତ । କିନ୍ତୁ ସେ ପରୀକ୍ଷାଟା ମୁଁ ନିଜେ କରିବି । ଆପଣ ବିଶ୍ୱାସ କରନ୍ତୁ, ଠିକ୍ ଆପଣ ଯେପରି ଚାହାନ୍ତି ସେହିପରି ପରୀକ୍ଷା କରାଯିବ । ଆପଣ ଏହିଠାରେ ରହିଥାନ୍ତୁ, ମୁଁ ଫ୍ରିଜିଙ୍ଗ୍‌ହଲ୍‌କୁ ଯାଉଛି । ଆଜି ରାତି ମଧ୍ୟରେ ହୁଏତ ମୁଁ ନିଜେ ଆସି ପରୀକ୍ଷାର ଫଳ ଜଣାଇଦେବି, କିମ୍ବା ପତ୍ରଦ୍ୱାରା ଜଣାଇଦେବି ।" ଏହା କହି ଲେଡ଼ି ଭେରିନ୍ଦର୍ ଫ୍ରିଜିଙ୍ଗ୍‌ହଲ୍ ଅଭିମୁଖେ ଯାତ୍ରାକଲେ ।

(୧୩)

ଲେଡ଼ି ଭେରିନ୍ଦର୍‌ଙ୍କ ପାଖରୁ ସେହି ଦିନ ସନ୍ଧ୍ୟାବେଳକୁ ଉତ୍ତର ଆସିଲା । ଗୋଟିଏ ଚିଠି ମୋ ପାଖକୁ ଲେଖାଥିଲା । ସେଥିରେ ଖଣ୍ଡିଏ ଚେକ୍ ସଂଲଗ୍ନ ଥିଲା । ଅନ୍ୟ ଚିଠିଟି ମିଃ ଫ୍ରାଙ୍କଲିନ୍‌ଙ୍କ ନାମରେ ଆସିଥିଲା । ମିଃ ଫ୍ରାଙ୍କଲିନ୍‌ଙ୍କ ପାଖକୁ ତାଙ୍କ ଚିଠିଟି ପଠାଇଦେଇ ମୋ ଚିଠିଟି ପଢ଼ିବସିଲି । ଏହି ସମୟରେ ସର୍ଜେଣ୍ଟ କଫ୍ ଆସି ପଚାରିଲେ, "ବୋଧହୁଏ ଲେଡ଼ି ଭେରିନ୍ଦର୍ ଚିଠି ଦେଇଛନ୍ତି । ମୋ ବିଷୟରେ କଅଣ ଲେଖିଛନ୍ତି ?"

ମୁଁ ଚିଠିଖଣ୍ଡ ପଢ଼ି ଶୁଣାଇଦେଲି – "ଗେବ୍ରିଏଲ୍, ସର୍ଜେଣ୍ଟ କଫ୍‌କୁ ଜଣାଇଦେବ ଯେ ମୁଁ ତାଙ୍କ ଉପଦେଶ ଅନୁସାରେ କାର୍ଯ୍ୟ କରିଛି । ତାହା ଫଳରେ ରାଚେଲ୍ ଶପଥପୂର୍ବକ ଜଣାଇଲା ଯେ ରୋଶାନା ଆମ ଘରେ ରହିବାଦିନୁ ତା' ସହିତ ରାଚେଲ୍‌ର ଖୁବ୍ କମ୍

Digitized by srujanika@gmail.com

କଥାବାର୍ତ୍ତା ହୋଇଛି । ଏକାନ୍ତରେ କେବେହେଲେ କଥାବାର୍ତ୍ତା ହୋଇନାହିଁ । ମଣି ଚୋରି ଦିନ ରାତିରେ ସେ ଦୁହିଁଙ୍କର ଆଦୌ ସାକ୍ଷାତ୍ ଘଟିନାହିଁ । ଗତ ଗୁରୁବାର ସକାଳୁ ଆଜି ଶନିବାର ଏ ପର୍ଯ୍ୟନ୍ତ ସେ ଦୁହିଁଙ୍କ ଭିତରେ କେବେ ଦେଖା-ସାକ୍ଷାତ୍ ହୋଇନାହିଁ, କିମ୍ବା ଚିଠିପତ୍ର ଦିଆନିଆ ହୋଇନାହିଁ। ମୁଁ ହଠାତ୍ ରୋଶାନାର ମୃତ୍ୟୁ ସମ୍ବାଦ ଦେଲି; କିନ୍ତୁ ସର୍ଜେଣ୍ଟ ଯାହା ଆଶାକରିଥିଲେ ସେପରି କିଛି ଘଟିଲାନାହିଁ । ତାର ଆଚରଣରେ ସେ ସନ୍ଦେହର ପାତ୍ରୀ ହୋଇଛି ବୋଲି କହିବାରୁ ସେ ସ୍ପଷ୍ଟ କରିଥିଲା ଯେ ସେ କାହାରିଠାରୁ କିଛି ଧାରକରିନାହିଁ; ତେଣୁ ମଣି ବନ୍ଧକ ଦେବା ପ୍ରଶ୍ନ ଉଠୁନାହିଁ । ବୁଧବାର ରାତିରେ ମଣିଟିକୁ ଆଲମିରାରେ ରଖିବା ପରେ ସେ ଆଉ ତାହା ଦେଖିନାହିଁ । ଏଥି ସଂଲଗ୍ନ ଚେକ୍‌ଟି ସର୍ଜେଣ୍ଟଙ୍କୁ ଦେଇ ବିଦାୟକରିଦେବ । ଏ ଚିଠିର ବିଷୟ ତାଙ୍କୁ ଜଣାଇଦେଇ କହିବ, ମୋର ଏବେ ମଧ୍ୟ ଦୃଢ଼ ବିଶ୍ୱାସ ସେ ଗୋଟାଏ ଭ୍ରମରେ ପଡ଼ିଛନ୍ତି ।''

ମୁଁ ସର୍ଜେଣ୍ଟ କଫ୍‌ଙ୍କୁ ଚେକ୍‌ଟି ଦେଲି । ସେଠାରୁ ବିଦାୟନେଇ ଯିବାବେଳେ ସେ ମୋତେ କହିଲେ, ''ମି: ବେଟେରେଜ୍, ମୁଁ ଲେଡ଼ି ଭେରିନ୍ଦର୍ କିମ୍ବା ମିସ୍ ରାଚେଲ୍ କାହାରିକୁ ଦୋଷଦେଉନାହିଁ । ମୁଁ ଏତିକି ସାବଧାନ କରି ଯାଉଛି, ଚନ୍ଦ୍ରକାନ୍ତମଣି ବ୍ୟାପାର ଏତିକିରେ ଶେଷ ହୋଇଯାଉନାହିଁ । ନିକଟ ଭବିଷ୍ୟତରେ ଆପଣ ରୋଶାନା ଯୋଲାଣ୍ଡଙ୍କ ଘରେ ଲେଖିଥିବା ଚିଠି ବିଷୟରେ ଓ ସେହି ତିନିଜଣ ଭାରତୀୟଙ୍କ ବିଷୟରେ କିଛି ଶୁଣିବାକୁ ପାଇବେ । ମୁଁ ଆପଣଙ୍କୁ ଲଣ୍ଡନର ଜଣେ ଜହରତ୍ ବ୍ୟବସାୟୀଙ୍କ କଥା କହୁଥିଲି । ତାଙ୍କର ନାମ ମି: ଲିଉକାର୍ । ତାଙ୍କ ବିଷୟରେ ମଧ୍ୟ କିଛି ଶୁଣିବାକୁ ପାଇବେ । ମୋ କଥାର ସତ୍ୟତା ଯଥାସମୟରେ ଜଣାପଡ଼ିବ ।''

ସେହି ଶନିବାର ଦିନ ସନ୍ଧ୍ୟା ଗାଡ଼ିରେ ସର୍ଜେଣ୍ଟ କଫ୍ ଓ ମି: ଫ୍ରାଙ୍କଲିନ୍ ଲଣ୍ଡନକୁ ଚାଲିଗଲେ । ଘରଟା ନିର୍ଜନ ବୋଧହେଲା । ତା' ପରଦିନ ରବିବାର ସକାଳେ ଗାଡ଼ିବାଲା ଫ୍ରିଜିଙ୍ଗ୍‌ହଲ୍‌ରୁ ଆସି ମୋତେ ଖଣ୍ଡିଏ ଚିଠି ଦେଲା । ସେଥିରେ ଲେଡ଼ି ଭେରିନ୍ଦର୍ ଲେଖିଥିଲେ ଯେ ସେ ରାଚେଲ୍‌ଙ୍କୁ ସଙ୍ଗରେ ନେଇ ଲଣ୍ଡନକୁ ଚାଲିଯାଉଛନ୍ତି । ତାଙ୍କର ଖାସ୍ ଦାସୀ ଓ ପେନିଲୋପ୍ ସବୁ ଜିନିଷପତ୍ର ନେଇ ରବିବାର ଦିନ ଲଣ୍ଡନରେ ପହଞ୍ଚିବା ଦରକାର । ଅନ୍ୟ ଚାକରମାନଙ୍କୁ ପରେ ପଠାଇଦେଲେ ଚଳିବ । ମୋତେ ଏକାକୀ ଘର ଜଗି ରହିବାକୁ ହେବ ।

ମୁଁ ଲେଡ଼ିଙ୍କର ଖାସ୍ ଦାସୀ ଓ ପେନିଲୋପ୍‌କୁ ଷ୍ଟେସନରେ ବିଦାୟଦେଇ ଫେରିଆସିଲି । ସୋମବାର ଦିନ ମୁଁ ଚିନ୍ତିତ ଭାବରେ ବଗିଚାରେ ବୁଲୁଛି; ଏହି ସମୟରେ ଛୋଟୀ ଲୁସି ମୋତେ ଡାକି କହିଲା – ''ଫ୍ରାଙ୍କଲିନ୍ ବୋଲି ଯେଉଁ ଲୋକଟା ଏଠାରେ ଥାଏ ସେ କାହିଁ ?''

ମୁଁ ଉତ୍ତର କଲି, ''ଏପରି ଭାଷାରେ କେହି ଜଣେ ଭଦ୍ରଲୋକଙ୍କ ବିଷୟରେ କିଛି କହେ ନାହିଁ । ତୁମେ କଅଣ ମି: ଫ୍ରାଙ୍କଲିନ୍ ବ୍ଲେକ୍‌ଙ୍କୁ ଖୋଜୁଛ ?'' ସେ ମୋ ନିକଟକୁ ଲାଗିଆସି ମୁଖ ବିକୃତ କରି କହିଲା, ''ମିଷ୍ଟର୍ ଫ୍ରାଙ୍କଲିନ୍ ବ୍ଲେକ୍ ନା ଖୁଣୀ ଫ୍ରାଙ୍କଲିନ୍ !

Digitized by srujanika@gmail.com

ଜାଣ, ତାରି ଯୋଗେ ରୋଶାନା ସ୍ପିଅର୍‌ମାନ୍‌ର ମୃତ୍ୟୁ ହୋଇଛି ।''

ମୁଁ ପଚାରିଲି, ''ତୁମେ ଏପରି କହିବାର କାରଣ ?''

ଲୁସି – ତୁମେ ଜାଣିଥିବ, ରୋଶାନା ମୋର ବନ୍ଧୁ । ମୁଁ ତାକୁ ବରାବର ସାହାଯ୍ୟ କରିଥାଏ । ଏଇ ଲୋକଟା ତାକୁ ଭୁଲାଇ ବାୟାଣୀ କରିଦେଲା । ତାହାକୁ ସେ ମନପ୍ରାଣ ସମର୍ପିଦେଲା । ସେ କଥା ଏ ନିଶ୍ଚୟ ଜାଣିଥିବ; କିନ୍ତୁ ଏ ଲୋକଟା ତାକୁ ଆଡ଼ଆଖିରେ ସୁଦ୍ଧା ଚାହିଁଲାନାହିଁ । ମୋତେ ରୋଶାନା କହୁଥିଲା, ''ମୁଁ ତାଙ୍କ ପାଖେ ମନପ୍ରାଣ ଅର୍ପଣ କରିଛି; ସେ ଯେବେ ମୋତେ ନଚାହିଁଲେ ତେବେ ଏ ଜୀବନ ରଖି ଲାଭ କଅଣ ?'' ମୁଁ ତାକୁ କେତେ ବୁଝାଇଲି; କିନ୍ତୁ ଆଜି ସକାଳେ ସେ ଆତ୍ମହତ୍ୟା କରିଛି । ମରିବା ଆଗରୁ ସେ ଖଣ୍ଡିଏ ଚିଠିରେ ମୋଠାରୁ ଚିରଦିନ ଲାଗି ବିଦାୟ ମାଗିନେଇଛି ।

ମୁଁ ପଚାରିଲି – ତେବେ ମି: ଫ୍ରାଙ୍କଲିନ୍‌ଙ୍କଠାରେ ତୁମର କି କାର୍ଯ୍ୟ ?

ଲୁସି – ରୋଶାନା ତାଙ୍କପାଇଁ ଖଣ୍ଡିଏ ଚିଠି ମୋ ଚିଠି ସହିତ ପଠାଇଥିଲା । ସେଇଟି ମୁଁ ତାକୁ ଦେବି ।

ମୁଁ – କାଲି ରାତିରେ ସେ ଲଣ୍ଡନ ଚାଲିଯାଇଛନ୍ତି । ଚିଠିଟି ମୋତେ ଦେଲେ ମୁଁ ତାଙ୍କ ପାଖକୁ ପଠାଇଦେବି ।

ଲୁସି – ନା, ତା' ହେବନାହିଁ – ମୁଁ ନିଜେ ଚିଠିଟି ତାଙ୍କୁ ଦେବି । ତାଙ୍କୁ କହିବ, ସେ ଯାଇ ମୋଠାରୁ ଚିଠି ନେଇଆସିବେ । ଏତିକି କହି ଲୁସି ଚାଲିଗଲା ।

ମି: ଫ୍ରାଙ୍କଲିନ୍ ନିଜେ ଆସି ଚିଠି ଖଣ୍ଡିକ ଲୁସିଠାରୁ ଆଣିବା ପାଇଁ ତାଙ୍କୁ ଚିଠି ଲେଖିବାକୁ ମୁଁ ସ୍ଥିରକଲି । ଚିଠିରେ ହୁଏତ ରୋଶାନା ଚନ୍ଦ୍ରକାନ୍ତମଣି ବିଷୟରେ କିଛି ଲେଖିଛି ବୋଲି ମୋର ଧାରଣା ହୋଇଥିଲା । କିନ୍ତୁ ପରଦିନ ମୁଁ ଫ୍ରାଙ୍କଲିନ୍‌ଙ୍କଠାରୁ ସମ୍ବାଦ ପାଇଲି ଯେ ସେ ଇଂଲଣ୍ଡ ତ୍ୟାଗକରି ବିଦେଶ ଭ୍ରମଣରେ ଯାଉଛନ୍ତି । ଇଉରୋପ ଯିବେ କି ଆମେରିକା ଯିବେ କି ଆଫ୍ରିକା ଯିବେ କିଛି ସ୍ଥିରକରିନାହାନ୍ତି । ମୋର ତାଙ୍କ ପାଖକୁ ପତ୍ର ଲେଖା ହେଇପାରିଲା ନାହିଁ । ରୋଶାନାର ଚିଠି ଲୁସି ପାଖରେ ରହିଗଲା ।

ଶନିବାର ଦିନ ଡାକରେ ଲଣ୍ଡନରୁ ଖଣ୍ଡିଏ ଖବରକାଗଜ ମୋ ପାଖରେ ପହଞ୍ଚିଲା । ଠିକଣାଟି ସର୍ଜେଣ୍ଟ କଫ୍‌ଙ୍କ ହସ୍ତାକ୍ଷରରେ ଲେଖା । ମୁଁ ଖବରକାଗଜଟି ଫିଟାଇ ଦେଖିଲି, ଗୋଟିଏ ସମ୍ବାଦର ଚାରିପାଖେ ନାଲି କାଳିରେ ଦାଗଦିଆଯାଇଛି । ସମ୍ବାଦଟି ହେଉଛି ଏହିପରି – ''ଲାମ୍ବେଥ୍ – ଲଣ୍ଡନର ବିଖ୍ୟାତ ଜହରତ୍ ବ୍ୟବସାୟୀ ମି: ସେପ୍‌ଟିମସ୍ ଲିଉକାର୍ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ ତିନିଜଣ ଭାରତୀୟ ଦିନଯାକ ତାଙ୍କୁ ବ୍ୟତିବ୍ୟସ୍ତ କରୁଛନ୍ତି । ପୋଲିସ ସେମାନଙ୍କୁ ବାହାରକରିଦେଲେ ହେଁ ସେମାନେ ବାରମ୍ବାର ଘରକୁ ଆସିବାର ଉଦ୍ୟମ କରୁଛନ୍ତି । ସେମାନେ ଭିକ୍ଷା ମାଗିବା ଛଳନାକରି ଘରଭିତରକୁ ପଶିବା ଉଦ୍ଦେଶ୍ୟରେ ଆସୁଛନ୍ତି । ମି: ଲିଉକାର୍ ସେମାନଙ୍କୁ ଚୋର ବୋଲି ସନ୍ଦେହ କରି

Digitized by srujanika@gmail.com

ଆପତ୍ତି ଜଣାଇଛନ୍ତି । ତାଙ୍କ ଘରେ ଅନେକ ବହୁମୂଲ୍ୟ ମଣିମାଣିକ୍ୟ ଅଛି । ତେଣୁ ଭାରତୀୟମାନଙ୍କ ପ୍ରତି ବିହିତ କାର୍ଯ୍ୟାନୁଷ୍ଠାନ କରାଯିବାକୁ ଲିଉକାର୍ ପ୍ରାର୍ଥନା କରିଛନ୍ତି । ମାଜିଷ୍ଟ୍ରେଟ୍ ଆଦେଶ ଦେଇଛନ୍ତି ଯେ, ଭାରତୀୟମାନେ କୌଣସି ଚୋରି ବା ଡକାୟତି କରିଥିବାର ପ୍ରମାଣ ନାହିଁ। ସେମାନେ କେବଳ ହଇରାଣ କରୁଥିବାର ଅଭିଯୋଗ ହୋଇଅଛି । ଯଦି ଭାରତୀୟମାନେ ପୁଣି ତାଙ୍କ ଘରେ ପଶିବାର ଉଦ୍ୟମ କରନ୍ତି କିମ୍ବା ହଇରାଣ କରନ୍ତି, ତେବେ ମି: ଲିଉକାର୍ ପୁନରାୟ ଦରଖାସ୍ତ କଲେ ସେମାନଙ୍କ ବିରୁଦ୍ଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ କରାଯିବ ।''

ଏଥିରୁ ଦେଖାଯିବ ଯେ ସର୍ଜେଣ୍ଟ କଫ୍ ୟର୍କଶୟାର ଛାଡ଼ିବାର ସପ୍ତାହଟିଏ ନଯାଉଣୁ ତାଙ୍କର ତିନୋଟିଯାକ କଥା ସତ୍ୟରେ ପରିଣତହେଲା । ଲୁସିଠାରୁ ରୋଶାନାର ପତ୍ର କଥା ଜାଣିଥିଲି । ଏବେ ଖବରକାଗଜରୁ ମି: ଲିଉକାର୍ ଓ ଭାରତୀୟମାନଙ୍କ କଥା ଶୁଣିବାକୁ ମିଳିଲା ।

ଏତିକିରେ ମୋର ବିବରଣୀ ଶେଷକରୁଛି । ବର୍ତ୍ତମାନ ଚନ୍ଦ୍ରକାନ୍ତମଣି ଲଣ୍ଡନରେ । ମୋର ଝିଅ ପେନିଲୋପ୍ ମୋ ପାଖକୁ ଲଣ୍ଡନରୁ ୧୮୪୮ ଓ ୧୮୪୯ ମସିହାରେ ଯେଉଁ ତିନିଖଣ୍ଡି ଚିଠି ଲେଖିଥିଲା ସେଥିରୁ ଆପଣମାନେ ଏହି ମଣି ବିଷୟରେ ଅନେକ ତଥ୍ୟ ପାଇପାରିବେ ।

(୧୪)

[ପିତାଙ୍କ ନିକଟକୁ ପେନିଲୋପ୍‌ର ତିନୋଟି ପତ୍ର ମଧ୍ୟରୁ ପ୍ରଥମ ପତ୍ର । ୧୮୪୮ ଓ ୧୮୪୯ରେ ଲିଖିତ ।]

ଆମେମାନେ ଲଣ୍ଡନରେ ଏକ ସପ୍ତାହ କଟାଇଲୁଣି । ମୁଁ ଏଠାରେ ରହି ତୁମ କଥା ଭାବୁଛି । ସମ୍ଭବତଃ ମିସ୍ ରାଚେଲ୍ ମି: ଫ୍ରାଙ୍କଲିନ୍‌ଙ୍କ କଥା ସେହିପରି ଭାବୁଥିବେ; କିନ୍ତୁ ସେ ଫ୍ରାଙ୍କଲିନ୍‌ଙ୍କୁ ଯେ ଭଲପାଆନ୍ତି ସେ କଥା କେବେହେଲେ ପ୍ରକାଶକରିନାହାନ୍ତି; ଏପରିକି ତାଙ୍କ ନାମ ସୁଦ୍ଧା ଧରନ୍ତିନାହିଁ । ବାସ୍ତବିକ୍ ରାଚେଲ୍‌ଙ୍କ ଏହି ଆଚରଣରେ ଆମେମାନେ ବିସ୍ମିତ । ଏବେ ତାଙ୍କର ଗୋଟାଏ ପରିବର୍ତ୍ତନ ଦେଖାଯାଇଛି । ସେ ଅନେକ ସମୟରେ ଗଡ଼ଫ୍ରେଙ୍କ ସହିତ କଥାବାର୍ତ୍ତା କରୁଛନ୍ତି; କିନ୍ତୁ ମୁଁ ନିଶ୍ଚୟକରି କହିପାରେ, ସେ ପ୍ରକୃତରେ ଗଡ଼ଫ୍ରେଙ୍କୁ ଆଦୌ ଭଲପାଆନ୍ତିନାହିଁ ।

ମିସ୍ ରାଚେଲ୍ ଆଜି ମୋତେ ଗୋଟିଏ କଥା କହିଛନ୍ତି; ସେ କଥାଟି ତୁମକୁ ଜଣାଇବା ଉଚିତ ମନେକରେ । ଶୁକ୍ରବାର ଦିନ ସକାଳେ ଗଡ଼ଫ୍ରେ ଲମ୍ୟାର୍ଡ୍ ଷ୍ଟ୍ରୀଟ୍‌ର ଗୋଟିଏ ବ୍ୟାଙ୍କ୍‌ରେ ଖଣ୍ଡିଏ ଚେକ୍ ଭଙ୍ଗାଇବାକୁ ଯାଇଥିଲେ । ସେ ବ୍ୟାଙ୍କ୍ ଭିତରକୁ ପଶିଗଲାବେଳକୁ ବ୍ୟାଙ୍କ୍‌ରୁ ଫେରିଆସୁଥିବା ଜଣେ ଅପରିଚିତ ଭଦ୍ରବ୍ୟକ୍ତିଙ୍କ ସହିତ ତାଙ୍କର ଧକ୍କା ହେଲା । ଭଦ୍ରଲୋକଟି ଏଥିନିମନ୍ତେ କ୍ଷମାମାଗିଲେ ଓ ଗଡ଼ଫ୍ରେ ଭଦ୍ରତା ରକ୍ଷାକରି ତାଙ୍କ ସଙ୍ଗେ ଦୁଇପଦ କଥାବାର୍ତ୍ତା ହେଲେ । ଜଣାଯାଏ ଯେ ଏହି ଭଦ୍ରଲୋକ ହେଉଛନ୍ତି ଲାୟେଥିର ଜହରତ୍ ବ୍ୟବସାୟୀ

Digitized by srujanika@gmail.com

ମି: ଲିଉକାର୍ ।

ମି: ଗଡ୍‌ଫ୍ରେ ଘରେ ପହଞ୍ଚିବାମାତ୍ରେ ଗୋଟିଏ ମଇଳା ପୋଷାକପିନ୍ଧା ପିଲାକୁ ଦେଖିଲେ । ପିଲାଟି ତାଙ୍କ ହାତକୁ ଖଣ୍ଡିଏ ଚିଠି ବଢ଼ାଇଦେଇ ଚାଲିଗଲା । ଚିଠିର ହସ୍ତାକ୍ଷର କୌଣସି ଅପରିଚିତ ଲୋକର । ନର୍ଦମ୍ବରଲାଣ୍ଡ ଷ୍ଟ୍ରୀଟ୍‌ର ଏକ ନିର୍ଦ୍ଦିଷ୍ଟ ଘରକୁ ତତ୍‌କ୍ଷଣାତ୍ ଯିବାପାଇଁ ଏହି ଚିଠିରେ ଲେଖାଥିଲା । ଏ ଘରଟି ସହିତ ମଧ୍ୟ ତାଙ୍କର ପରିଚୟ ନଥିଲା; କିନ୍ତୁ ଅନେକ ଦାତବ୍ୟ ଅନୁଷ୍ଠାନ ସହିତ ତାଙ୍କର ସମ୍ବନ୍ଧ ଥିବାରୁ ଗଡ୍‌ଫ୍ରେ ଭାବିଲେ କୌଣସି ଦାତବ୍ୟ କାର୍ଯ୍ୟରେ କେହି ତାଙ୍କୁ ସେଠାକୁ ଡାକିଥିବ ।

ନିର୍ଦ୍ଦିଷ୍ଟ ଘରପାଖେ ପହଞ୍ଚିବାମାତ୍ରେ ଜଣେ ଭଦ୍ରବ୍ୟକ୍ତି ତାଙ୍କୁ ଘରଭିତରକୁ ଡାକିନେଲା । ଘରଭିତରେ ଗୋଟିଏ ଟେବୁଲ ଉପରେ ଗୋଟିଏ ପ୍ରାଚୀନ ଭାରତୀୟ ପୋଥି ଓ ସୁନ୍ଦର ଭାବରେ ଚିତ୍ରିତ କେତେକ ଭାରତୀୟ ନକ୍‌ସା ଓ ଛବି ରହିଥିଲା । ଗଡ୍‌ଫ୍ରେ ଏହି ଟେବୁଲ ଉପରକୁ ଚାହିଁଛନ୍ତି, ହଠାତ୍ କେହିଜଣେ ତାଙ୍କୁ ବେକ ପାଖରୁ ଚିପିଧରି ମାଡ଼ିବସିଲା । ମୁହୂର୍ତ୍ତକ ଭିତରେ ତାଙ୍କ ଆଖି ବାନ୍ଧିଦିଆଗଲା ଓ ପାଟି ବନ୍ଦକରିଦିଆଗଲା । ତାଙ୍କୁ ମାଡ଼ିବସିଲା ବେଳେ ସେ କ୍ଷଣକପାଇଁ ଲୋକଟିର ହାତକୁ ଦେଖିପାରିଥିଲେ ଓ ତାହାର ରଙ୍ଗ କଳା ବୋଧହେଉଥିଲା । ପ୍ରଥମ ଲୋକ ସହିତ ଆଉ କେତେଜଣ ଥିଲେ, ତାହା ସେ ଜାଣିନଥିଲେ । ଗଡ୍‌ଫ୍ରେ ତଳେ ପଡ଼ିଗଲାକ୍ଷଣି ଦୁର୍ବୃତ୍ତମାନେ ତାଙ୍କ ପୋଷାକପତ୍ର ଖାନତଲାସ କରି ଯାହା ପାଇଲେ ତଳେ ଫିଙ୍ଗିଦେଲେ । ଗଡ୍‌ଫ୍ରେଙ୍କ ଆଖି ବନ୍ଧାହୋଇଥିବାରୁ ସେ କିଛି ଦେଖିପାରୁ ନଥିଲେ । ସେମାନେ ଏକ ବିଦେଶୀୟ ଭାଷାରେ କଥାବାର୍ତ୍ତା ହେଉଥିବାରୁ ସେ କିଛି ବୁଝିପାରୁନଥିଲେ । ତେବେ ସେମାନଙ୍କ କଥାବାର୍ତ୍ତାର ଢଙ୍ଗରୁ ତାଙ୍କର ଅନୁମାନ ହେଲା ଯେ ଦୁର୍ବୃତ୍ତମାନଙ୍କର ଆଶା ବିଫଳ ହୋଇଛି । ଏହାପରେ ସେମାନେ ଗଡ୍‌ଫ୍ରେଙ୍କୁ ଗୋଟିଏ ଚଉକି ଉପରେ ବସାଇ ତାଙ୍କୁ ତାହା ସହିତ ଦୃଢ଼ଭାବରେ ବାନ୍ଧିଦେଇ ଘରୁ ବାହାରିଗଲେ । ଗଡ୍‌ଫ୍ରେ ଘରଭିତରେ ଏକାକୀ ବନ୍ଦୀହୋଇରହିଲେ ।

ଗଡ୍‌ଫ୍ରେଙ୍କୁ ଦୁଃଖ ଓ ଅପମାନ ଅସହ୍ୟ ବୋଧହେଲା । ଦୈବାତ୍ ଘରର ମାଲିକ ଅଳ୍ପ ସମୟ ପରେ ନିଜ ସ୍ତ୍ରୀ ସହିତ ଆସି ତାଙ୍କୁ ଏହି ଦୁରବସ୍ଥାରୁ ଉଦ୍ଧାରକଲେ । ଘରର ମାଲିକ କହିଲେ, ‘‘ଗଲା କାଲି ଜଣେ ଇଂରେଜ ଭଦ୍ରଲୋକ ଉପର ମହଲାର କୋଠରିଗୁଡ଼ିକ ତିନି ଜଣ ବିଶିଷ୍ଟ ଭାରତୀୟଙ୍କ ରହିବା ସକାଶେ ସପ୍ତାହକର ଭଡ଼ା ଆଗତୁରା ଦେଇଗଲେ । ଶୁକ୍ରବାର ସକାଳେ ସେହି ତିନିଜଣ ବିଦେଶୀ ଲୋକ ଆସି ପହଞ୍ଚିଲେ । ଠିକ୍ ପାଞ୍ଚମିନିଟ୍ ପୂର୍ବେ ସେ ଦେଖିଲେ ଯେ ସେହି ବିଦେଶୀମାନେ ଉକ୍ତ ଇଂରେଜ ଭଦ୍ରବ୍ୟକ୍ତିଙ୍କ ସହିତ ଷ୍ଟାଣ୍ଡ ଆଡ଼କୁ ଯାଉଛନ୍ତି । ତାଙ୍କର ମନେପଡ଼ିଲା ଯେ ଜଣେ ଭଦ୍ରଲୋକ ଘର ଭିତରକୁ ଆସିଥିଲେ· ସେ କୁଆଡ଼େ ଗଲେ ? ସେ ଘରକୁ ଆସି ଗଡ୍‌ଫ୍ରେଙ୍କର ଅବସ୍ଥା ଦେଖି ତାଙ୍କୁ ସେଥିରୁ ମୁକ୍ତକଲେ ।

ଘରେ ପଡ଼ିଥିବା ଜିନିଷସବୁ ସଂଗ୍ରହ କରିବାରୁ ଦେଖାଗଲା ତାଙ୍କର କୌଣସି ଜିନିଷ

Digitized by srujanika@gmail.com

ଦୁର୍ବୃତ୍ତମାନେ ନେଇନାହାନ୍ତି । କେବଳ ଟେବୁଲ୍ ଉପରେ ଥିବା ପୋଥି ଓ ନକ୍ସା ପ୍ରଭୃତି ସେମାନେ ନେଇଯାଇଥିଲେ । ବାପା, ତୁମେ ଏ ଘଟଣାରୁ କଅଣ ଅନୁମାନ କରୁଛ ? ମୋର ମନେହୁଏ, ଭାରତୀୟମାନେ ଭୁଲକ୍ରମେ ଗଡ଼ଫ୍ରେଙ୍କୁ ଅନ୍ୟ କେହି ମନେକରି ତାଙ୍କଉପରେ ଏଭଳି ଅତ୍ୟାଚାର କରିଛନ୍ତି ।

ସେହିଦିନର ଆଉ ଗୋଟିଏ ପରବର୍ତ୍ତୀ ଘଟଣା ଆହୁରି ବିସ୍ମୟଜନକ । ବ୍ୟାଙ୍କ୍‌ରୁ ଯିବା ପରେ ମିଃ ଲିଉକାର୍ ବ୍ୟବସାୟ ସମ୍ପର୍କରେ ଲଣ୍ଡନର ଅନେକ ସ୍ଥାନ ବୁଲିଲେ । ଘରେ ପହଞ୍ଚି ସେ ଖଣ୍ଡିଏ ଚିଠିପାଇଲେ । ଚିଠିଟି ଗୋଟିଏ ପିଲା ଦେଇଯାଇଥିଲା । ଚିଠିରେ ତାଙ୍କର ଜଣେ ନାମଜାଦା ଗ୍ରାହକର ନାମ ଥିଲା । ସେଥିରେ ଲେଖାଥିଲା ଯେ ଉକ୍ତ ଗ୍ରାହକ ହଠାତ୍ ଲଣ୍ଡନ ଆସି ଆଲଫ୍ରେଡ୍ ପ୍ଲେସ୍‌ର ଟଟେନ୍‌ହାମ୍ ରୋଡ୍‌ରେ ରହିଛନ୍ତି । ମିଃ ଲିଉକାର୍ ଘୋଡ଼ାଗାଡ଼ିରେ ବସି ଆଲଫ୍ରେଡ୍ ପ୍ଲେସ୍‌କୁ ଗଲେ । ତାଙ୍କୁ ଜଣେ ଭଦ୍ରଲୋକ ଘର ଭିତରକୁ ଡାକିନେଲେ । ଗଡ଼ଫ୍ରେଙ୍କ ପ୍ରତି ଯେଉଁପରି ଅତ୍ୟାଚାର ହୋଇଥିଲା, ମିଃ ଲିଉକାର୍‌ଙ୍କ ପ୍ରତି ଠିକ୍ ସେହିପରି ଅତ୍ୟାଚାର କରାଗଲା । ପରେ ଘରେ ଫିଙ୍ଗାଯାଇଥିବା ଜିନିଷପତ୍ର ସଂଗ୍ରହ କରାଯିବାରୁ ଦେଖାଗଲା ଖଣ୍ଡିଏ ବ୍ୟାଙ୍କ୍ ରସିଦ ଛଡ଼ା ଅନ୍ୟ ସବୁ ଜିନିଷ ଠିକ୍ ଅଛି । ଏହି ରସିଦ୍‌ଟିରେ ଗୋଟିଏ ମୂଲ୍ୟବାନ୍ ମଣି ବ୍ୟାଙ୍କ୍‌ରେ ଜମାଦେଇଥିବାର ଲେଖାଥିଲା; କିନ୍ତୁ ଏ ରସିଦ୍‌ଟି ଡକାୟତମାନଙ୍କର କୌଣସି କାମରେ ଲାଗିନଥିବ; କାରଣ ସେଥିରେ ଲେଖାଥିଲା ଯେ ମଣିଟି କେବଳ ସ୍ୱୟଂ ମିଃ ଲିଉକାର୍‌ଙ୍କୁ ଫେରସ୍ତ ଦିଆଯିବ । ତଥାପି ମିଃ ଲିଉକାର୍ ବ୍ୟାଙ୍କ୍‌କୁ ଯାଇ ସନ୍ଧାନ ନେଲେ । ଜଣାଗଲା ଯେ କେହି ରସିଦ ଦେଖାଇ ମଣି ନେବାର ଚେଷ୍ଟାକରିନାହିଁ ।

ଏହି ଦୁଇଟିଯାକ ଘଟଣା ପୋଲିସକୁ ଜଣାଇଦିଆଗଲା । ସେମାନେ ସ୍ଥିରକଲେ ଯେ ଡକାଏତି ପାଇଁ ବନ୍ଦୋବସ୍ତ କରାଯାଇଥିଲା; କିନ୍ତୁ ଡକାୟତମାନେ ସଠିକ୍ ସମ୍ବାଦ ପାଇନଥିବାରୁ ବିଫଳ ହୋଇଛନ୍ତି । ଗଡ଼ଫ୍ରେ ଦୈବାତ୍ ବ୍ୟାଙ୍କ୍‌ରେ ମିଃ ଲିଉକାର୍‌ଙ୍କ ସହିତ କଥାବାର୍ତ୍ତା ହୋଇଥିବାରୁ ତାଙ୍କ ଉପରେ ମଧ୍ୟ ଆକ୍ରମଣ ହୋଇଛି ।

''ବାପା, ଆମେ ଏଠାରେ ଖୁବ୍ ଆନନ୍ଦରେ ଅଛୁ । ମିସ୍ ରାଚେଲ୍‌ଙ୍କ ମନ ଖୁବ୍ ପ୍ରଫୁଲ୍ଲ ଅଛି । କେବଳ ଆମର ଦୁଃଖ ସେହି ହତଭାଗିନୀ ରୋଶାନା ପାଇଁ ।''

(୧୫)

[ପେନିଲୋପ୍‌ର ଦ୍ୱିତୀୟ ପତ୍ର]

ବାପା, ଅନେକ ଦିନ ହେଲା ମୁଁ ତୁମ ପାଖକୁ ଚିଠି ଦେଇପାରିନଥିବାରୁ କ୍ଷମା ମାଗୁଅଛି । ଦୁଃଖର କଥା, ଲେଡ଼ି ଭେରିନ୍ଦର୍‌ଙ୍କ ସ୍ୱାସ୍ଥ୍ୟ ନିତାନ୍ତ ଖରାପ । ସେଥିଲାଗି ଆମେମାନେ ବିଶେଷ ଚିନ୍ତିତ; କିନ୍ତୁ ଅନ୍ୟ ଗୋଟିଏ ବିଷୟ ଜଣାଇବା ପାଇଁ ଆଜି ଏ ପତ୍ର ଲେଖୁଛି ।

Digitized by srujanika@gmail.com

ମୁଁ ଓ ମିସ୍ ରାଚେଲ୍ ମିଶି ଗୋଟିଏ ପୋଷାକ ସିଲେଇ କରୁଥିଲୁ । ଏହି ସମୟରେ ମି: ଗଡ୍‌ଫ୍ରେ ଆସି ଆମ ପାଖରେ ବସିଲେ । ମୁଁ ଚୁପ୍‌କରି ବସିଥାଏ । ମିସ୍ ରାଚେଲ୍‌ଙ୍କ ସହିତ ତାଙ୍କର ଅନେକ ବେଳଯାଏ କଥାବାର୍ତ୍ତା ହେଲା । ତାର ସାରକଥା ଲେଖୁଛି ।

ମିସ୍ ରାଚେଲ୍ – ପୋଲିସ୍ ସେ ଭାରତୀୟମାନଙ୍କ ବିଷୟରେ କଅଣ କଲେ ?

ମି: ଗଡ୍‌ଫ୍ରେ – କିଛି ହେଲେ କରିନାହାନ୍ତି ।

ମିସ୍ ରାଚେଲ୍ – ମୋର ଅନୁମାନ ଯେଉଁ ତିନିଜଣ ଆପଣଙ୍କୁ ଆକ୍ରମଣ କରିଥିଲେ, ସେଇମାନେ ହିଁ ମି: ଲିଉକାର୍‌ଙ୍କୁ ଆକ୍ରମଣ କରିଥିଲେ ।

ମି: ଗଡ୍‌ଫ୍ରେ – ଏଥିରେ ସନ୍ଦେହର କାରଣ ନାହିଁ ।

ମିସ୍ ରାଚେଲ୍ – ଶୁଣାଯାଏ, ଯେଉଁ ଭାରତୀୟ ତିନିଜଣ ଯର୍କଶାୟାରରେ ଆମ ଘରକୁ ଖେଳ ଦେଖାଇବାକୁ ଆସିଥିଲେ ଏମାନେ ସେହି ଭାରତୀୟ ।

ମି: ଗଡ୍‌ଫ୍ରେ – ହଁ, କେହି କେହି ତାହାହିଁ ସନ୍ଦେହ କରୁଛନ୍ତି ।

ମିସ୍ ରାଚେଲ୍ – ଏଇ ମି: ଲିଉକାର୍ କିଏ ? ତାଙ୍କ ବିଷୟରେ କିଛି ଜାଣିବାକୁ ମୋର ଇଚ୍ଛା ।

ମି: ଗଡ୍‌ଫ୍ରେ – ବୋଧହୁଏ ଲଣ୍ଡନର ଯେକେହି ଲୋକ ଲିଉକାର୍‌ଙ୍କ ବିଷୟରେ ମୋ ଅପେକ୍ଷା ବେଶି ଜାଣନ୍ତି । ବ୍ୟାଙ୍କ୍‌ରେ ସେଦିନ ଦୈବାତ୍ ତାଙ୍କ ସଙ୍ଗେ ମୋର ଦେଖା – ତା' ଆଗରୁ ମୁଁ ତାଙ୍କୁ ଦେଖିନଥିଲି ।

ମିସ୍ ରାଚେଲ୍ – ଶୁଣାଯାଏ, ଦୁର୍ବୃତ୍ତମାନେ ତାଙ୍କଠାରୁ ଗୋଟିଏ ବ୍ୟାଙ୍କ୍ ରସିଦ୍ ନେଇଯାଇଛନ୍ତି । କି ଜିନିଷ ପାଇଁ ଏ ରସିଦ୍ ଜାଣିଛନ୍ତି କି ?

ମି: ଗଡ୍‌ଫ୍ରେ – ମି: ଲିଉକାର୍ ଗୋଟିଏ ମୂଲ୍ୟବାନ୍ ମଣି ବ୍ୟାଙ୍କ୍‌ରେ ରଖିବାକୁ ଦେଇ ସେ ରସିଦ୍ ଆଣିଥିଲେ ।

ମିସ୍ ରାଚେଲ୍ – ଲୋକେ କହୁଛନ୍ତି ସେହି ମୂଲ୍ୟବାନ୍ ମଣିଟି ହେଉଛି ଚନ୍ଦ୍ରକାନ୍ତମଣି । ଏକଥା ଆପଣ ଶୁଣିନାହାନ୍ତି ?

ମି: ଗଡ୍‌ଫ୍ରେ – ହଁ, ମୁଁ ସେକଥା ଶୁଣିଛି । କେହି କେହି କହୁଛନ୍ତି ମି: ଲିଉକାର୍ ନିଜ ସୁବିଧା ପାଇଁ ମିଥ୍ୟାକହୁଛନ୍ତି; କିନ୍ତୁ ମି: ଲିଉକାର୍ କହନ୍ତି ଯେ ସେ ଚନ୍ଦ୍ରକାନ୍ତମଣିର ନାମ ସୁଦ୍ଧା ଶୁଣିନାହାନ୍ତି ।

ମିସ୍ ରାଚେଲ୍ – ଦୈବୀଘଟଣାବଶତଃ ଆପଣଙ୍କ ନାମ ସହିତ ମି: ଲିଉକାର୍‌ଙ୍କ ନାମର ସଂଯୋଗ ଘଟିଯାଇଛି । ତାଙ୍କ ବିଷୟରେ ଲୋକେ କି ଦୁର୍ନାମ ରଟାଉଛନ୍ତି ତାହା ତ କହିଲେ; କିନ୍ତୁ ନିଜ ଦୁର୍ନାମ ବିଷୟରେ କିଛି କହିଲେ ନାହିଁ ?

ମି: ଗଡ୍‌ଫ୍ରେ – (ଆଖିରୁ ଲୁହ ଗଡ଼ାଇ) ଯଦି ତୁମେ ମୋର ଦୁର୍ନାମ ଶୁଣିବାକୁ ଚାହଁ, ମୁଁ କହିବି – ଲୋକେ କହୁଛନ୍ତି ଚନ୍ଦ୍ରକାନ୍ତମଣି ମି: ଲିଉକାର୍‌ଙ୍କ ପାଖେ ବନ୍ଧକ ଅଛି ଓ ମୁଁ

Digitized by srujanika@gmail.com

ତାହା ବନ୍ଧକ ଦେଇଛି ।

ଏହା ଶୁଣିଲାମାତ୍ରେ ମିସ୍ ରାଚେଲ୍ ଚିତ୍କାର କରିଉଠିଲେ – "ହାୟ, ମୋରିଦୋଷରୁ ଏପରି ଘଟିଲା । ଏ ଅନ୍ୟାୟର ପ୍ରତିକାର ମୋତେ କରିବାକୁ ହେବ । ମୋଯୋଗେ ଜଣେ ନିର୍ଦ୍ଦୋଷ ଲୋକର ସର୍ବନାଶ ନହେଉ ।

ଏହି କଥୋପକଥନର ଶେଷଭାଗ ବେଳକୁ ଲେଡ଼ି ଭେରିନ୍ଦର୍ ସେଠାରେ ଉପସ୍ଥିତଥିଲେ । ଅବଶ୍ୟ ସେ ଏ କଥାବାର୍ତ୍ତାବେଳେ ଚୁପ୍‌କରି ବସିରହିଥିଲେ; କିନ୍ତୁ ରାଚେଲ୍‌ଙ୍କ ଶେଷ କେତୋଟି ବାକ୍ୟ ଶୁଣି ସେ ନିତାନ୍ତ ବିଚ୍‌ଳିତ ହୋଇପଡ଼ିଲେ । ଗୋଟିଏ ଔଷଧ ଶିଶିରୁ ଛଅଟୋପା ପାଣିରେ ମିଶାଇ ତାଙ୍କୁ ଦେବାକୁ ମୋତେ କହିଲେ । ସେତେବେଳକୁ ତାଙ୍କ ମୁହଁ ନୀଳବର୍ଣ୍ଣ ହୋଇଆସୁଥାଏ । ମୁଁ ଅତିଶୀଘ୍ର ଔଷଧ ଆଣି ତାଙ୍କୁ ପିଆଇଦେଲି । ମିସ୍ ରାଚେଲ୍ ଏହା ଦେଖିପାରିନଥିଲେ । ମି: ଗଡ଼ଫ୍ରେ କହିଲେ, "ମୋର ଏହି ଦୁର୍ନାମକୁ ଭୟନାହିଁ । ସମାଜରେ ମୋର ଆସନ ଏତେ ଉଚ୍ଚ ଯେ ଏଭଳି ଜନରବଦ୍ୱାରା ତାହା ନୀଚ ହୋଇନିବ ନାହିଁ । ହୁଏତ କେତେଟା ଦିନ ଭିତରେ ଏ ଦୁର୍ନାମ କୁଆଡ଼େ ଉଭେଇଯିବ ।"

ମିସ୍ ରାଚେଲ୍ କହିଉଠିଲେ, "ମାଆ, ମୁଁ ଏ ଦୁର୍ନାମ ବନ୍ଦକରିଦେବି । ମୁଁ ଜାଣେ କିଏ ଚନ୍ଦ୍ରକାନ୍ତମଣି ନେଇଛି । ଗଡ଼ଫ୍ରେ ସଂପୂର୍ଣ୍ଣ ନିର୍ଦ୍ଦୋଷ । ମୋତେ ଜଣେ ମାଜିଷ୍ଟ୍ରେଟ୍‌ଙ୍କ ପାଖକୁ ନେଇଯାଅ । ମୁଁ ତାଙ୍କ କୋର୍ଟରେ ଶପଥ କରି କହିବି ।"

ମିସ୍ ରାଚେଲ୍ କୌଣସି ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟକୁ ଗଲେନାହିଁ । ଗୋଟାଏ ପୁଷ୍ପପ୍ରଦର୍ଶନୀ ଦେଖିବାପାଇଁ ଗଡ଼ଫ୍ରେ ତାଙ୍କୁ ସଙ୍ଗରେ ନେଇଗଲେ । ମିସ୍ ରାଚେଲ୍‌ଙ୍କ କଥାକୁ ମୁଁ ବିଶ୍ୱାସ ନକରି ରହିପାରୁନାହିଁ । ଗୋଟାଏ ବିଷୟରେ ମୋର ସନ୍ଦେହ – ସେ କାହାକୁ ରକ୍ଷା କରିବାକୁ ଚେଷ୍ଟାକରୁଛନ୍ତି ।

ବର୍ତ୍ତମାନ ମୁଁ ଅନ୍ୟଏକ ବିଷୟ ନେଇ ଚିନ୍ତିତ । ମିସ୍ ରାଚେଲ୍ ଓ ଗଡ଼ଫ୍ରେ ପ୍ରଦର୍ଶନୀ ଦେଖିବାକୁ ଯିବାପରେ ଲେଡ଼ି ଭେରିନ୍ଦର୍ ମୋତେ ଡାକି କହିଲେ, "କେତେକ ଦିନ ହେଲା ମୋର ହୃଦ୍‌ଯନ୍ତ୍ର ନିତାନ୍ତ ଦୁର୍ବଳହୋଇପଡ଼ିଛି । ମୋର ପରମାୟୁ ଆଉ ବେଶି ନୁହେଁ । ଯେକୌଣସି ମୁହୂର୍ତ୍ତରେ ହୃଦ୍‌ପିଣ୍ଡର କ୍ରିୟା ବନ୍ଦ ହୋଇ ମୋର ମୃତ୍ୟୁ ଘଟିପାରେ । ମୁଁ ବର୍ତ୍ତମାନ ନିଜକୁ ଭାଗ୍ୟ ଉପରେ ଛାଡ଼ିଦେଇଛି । ଏକଥା ରାଚେଲ୍‌କୁ ମୁଁ ଜାଣିବାକୁ ଦେବିନାହିଁ । ଏକେ ସେ ଚନ୍ଦ୍ରକାନ୍ତମଣି ବିଷୟରେ ଚିନ୍ତିତ, ମୋର ଅବସ୍ଥା ଜଣାଇ ତାକୁ ଆହୁରି ବିବ୍ରତ କରିବା ମୋର ଆଦୌ ଇଚ୍ଛାନୁହେଁ । ତୁ ଏକଥା ଖୁବ୍ ଗୋପନ ରଖିବୁ ।

ବାପା, ମୋ ଚିନ୍ତାର କାରଣ ବୁଝିପାରୁଥିବ । ମୁଁ ଡାକ୍ତରଙ୍କୁ ପଚାରିଥିଲି । ସେ କହିଲେ, ଏ ରୋଗର କିଛି ପ୍ରତିକାର ନାହିଁ ! କେବଳ ଦେଖିବାକୁ ହେବ, ଯେପରି ସେ ଚିନ୍ତାଗ୍ରସ୍ତ ନହୁଅନ୍ତି; କିନ୍ତୁ ଆମେ କିପରି ତାଙ୍କ ଚିନ୍ତା ଦୂରକରିପାରିବୁ ? ସେ ଅଭିଶପ୍ତ ମଣି ଆମର ସବୁ ଅଶାନ୍ତିର କାରଣ ହୋଇଛି ।

Digitized by srujanika@gmail.com

(୧୬)

[ପେନିଲୋପ୍‌ର ତୃତୀୟ ପତ୍ର]

ବାପା, ମୁଁ ଗତ ଚିଠିରେ ଲେଖିଥିଲି ଯେ ମିସ୍ ରାଚେଲ୍ ଗଡ଼ଫ୍ରେଙ୍କୁ ଭଲପାଆନ୍ତିନାହିଁ; କିନ୍ତୁ ଏବେ ମୋର ଧାରଣା ସେ ତାଙ୍କୁ ଭଲପାନ୍ତି; ତା' ହୋଇନଥିଲେ ସେ ଗଡ଼ଫ୍ରେଙ୍କୁ ବିବାହ କରିବାକୁ ରାଜି ହୋଇଥାନ୍ତେ କିପରି ? ତଥାପି ମୋର ଟିକିଏ ସନ୍ଦେହ ଯେ କେବଳ ଭଲପାଇବା ଉପରେ ଏ ବିବାହ ନିର୍ଭର କରୁନାହିଁ ।

ଦିନେ ମୁଁ ମିସ୍ ରାଚେଲ୍‌ଙ୍କ ଶୋଇବାଘରେ ବସି କାମକରୁଥିଲି । ତା' ପାଖ ବୈଠକଖାନା ଘରେ ମିସ୍ ରାଚେଲ୍ ଓ ଗଡ଼ଫ୍ରେ କଥାବାର୍ତ୍ତା ହେଉଥିଲେ । ସେଥିରୁ କିଛି କିଛି ମୁଁ ଶୁଣିପାରୁଥିଲି । ପ୍ରେମ ଓ ବିବାହ ପ୍ରଭୃତି ବିଷୟରେ ଦୁହିଁଙ୍କ ଭିତରେ ଅନେକ ଯୁକ୍ତିତର୍କ ହେଲା । ଶେଷରେ ମିସ୍ ରାଚେଲ୍ ଗଡ଼ଫ୍ରେଙ୍କୁ ବିବାହ କରିବାକୁ ସ୍ୱୀକୃତିଦେଲେ । ଯାହାହେଉ ବାପା, ତୁମ କଥା ଠିକ୍ । ତୁମେ ବରାବର କହୁଥିଲ; ଗଡ଼ଫ୍ରେଙ୍କ ରୂପ, ଗୁଣ, କଥାବାର୍ତ୍ତାରେ ରାଚେଲ୍ ଭୁଲିଯିବେ – ତାହାହିଁ ହୋଇଛି । ତଥାପି କେଜାଣି କାହିଁକି, ଏ ବିବାହ ପ୍ରସ୍ତାବରେ ମୁଁ ଆନନ୍ଦ ପାଉନାହିଁ ।

ସେ ଦୁହିଁଙ୍କର ଏହିପରି କଥାବାର୍ତ୍ତା ଚାଲିଥିଲାବେଳେ ସାମୁଏଲ୍ ଦଉଡ଼ିଆସି ମିସ୍ ରାଚେଲ୍‌ଙ୍କୁ ଡାକିଲା । ତାର ମୁହଁ ପାଉଁଶିଆ ପଡ଼ିଯାଇଥାଏ, ସେ କଥା କହିପାରୁନଥାଏ । ସେ ରହି ରହି କହିଲା, ''ମାଆଙ୍କର ଚେତାବୁଡ଼ିଯାଇଛି । ଯେତେ ଚେଷ୍ଟା କଲେ ସୁଦ୍ଧା ତାଙ୍କର ଚେତା ଆସୁନାହିଁ ।''

ରାଚେଲ୍ ଓ ମୁଁ ଦଉଡ଼ିଯାଇ ଦେଖିଲୁ ଲେଡ଼ି ଭେରିନ୍ଦର୍ ବିଛଣାରେ ପଡ଼ିଛନ୍ତି । ତାଙ୍କର ଜୀବନ ଥିବାର ଲକ୍ଷଣ ଦେଖାଯାଉନଥିଲା । ପୂର୍ବରୁ ମୁଁ ତାଙ୍କର ସ୍ୱାସ୍ଥ୍ୟର ଅବସ୍ଥା ଜାଣିଥିଲି, ତେଣୁ ତାଙ୍କର ମୃତ୍ୟୁ ଘଟିଥିବା ଜାଣିପାରିଲି; କିନ୍ତୁ ମୁଁ ସେ କଥା ପ୍ରକାଶକଲିନାହିଁ । ଡାକ୍ତର ଡକାଗଲେ । ସେ ପରୀକ୍ଷା କରି କହିଲେ ଯେ ଲେଡ଼ି ଭେରିନ୍ଦର୍‌ଙ୍କର ମୃତ୍ୟୁ ହୋଇଛି ।

ବାପା, ଆଉ ଅଧିକ କ'ଣ ଲେଖିବି ? ରାଚେଲ୍‌ଙ୍କୁ ସାନ୍ତ୍ୱନାଦେବା ମୋର ପ୍ରଧାନ କର୍ତ୍ତବ୍ୟ । ଆମର ଓକିଲ ମି: ବ୍ରଫ୍‌ଙ୍କୁ ଡକାଇପଠାଇଛୁ । ସେ ଆସିଲେ ସମ୍ପତ୍ତିବାଡ଼ି ବିଷୟରେ ଯାହା କିଛି ସ୍ଥିରକରିବେ । ମି: ବ୍ରଫ୍‌ଙ୍କ ସଙ୍ଗେ କଥାବାର୍ତ୍ତା ହେବା ପରେ ମୁଁ ପୁଣି ପତ୍ର ଦେବି ।

(୧୭)

[ମି: ବ୍ରଫ୍‌ଙ୍କ ବର୍ଣ୍ଣିତ ବିବରଣ]

ମୁଁ ଏହି ବିବରଣ ଲିପିବଦ୍ଧ କରିବାର ତିନୋଟି ପ୍ରଧାନ କାରଣ ଅଛି । ପ୍ରଥମତଃ ରାଚେଲ୍‌ଙ୍କୁ ୨୧ ବର୍ଷ ହେବା ପର୍ଯ୍ୟନ୍ତ ମୁଁ ତାଙ୍କର ଆଇନସଙ୍ଗତ ଅଭିଭାବକ ରୂପେ ନିଯୁକ୍ତ ହୋଇଅଛି । ଅବଶ୍ୟ ସେ ଏଥିପୂର୍ବରୁ ବିବାହ କଲେ ମୋର ଅଭିଭାବକତ୍ୱ ଶେଷହୋଇପାରିବ ।

Digitized by srujanika@gmail.com

ଦ୍ୱିତୀୟ କାରଣ ହେଉଛି, ମିସ୍ ରାଚେଲ୍ ବ୍ୟକ୍ତିଗତ କାରଣରୁ ଗଡ଼ଫ୍ରେଙ୍କ ସହିତ ତାଙ୍କର ବିବାହ ପ୍ରସ୍ତାବ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି । ଗଡ଼ଫ୍ରେ ମଧ୍ୟ ସେହିପରି ବ୍ୟକ୍ତିଗତ କାରଣରୁ ଏହି ପ୍ରତ୍ୟାଖ୍ୟାନକୁ ସହଜରେ ଗ୍ରହଣକରିନେଇଛନ୍ତି । ଗଡ଼ଫ୍ରେଙ୍କର ବ୍ୟକ୍ତିଗତ କାରଣ କଅଣ ତାହା ମୋତେ ଉତ୍ତମରୂପେ ଜଣା ।

ତୃତୀୟତଃ ସୌଭାଗ୍ୟକୁ ହେଉ ବା ଦୁର୍ଭାଗ୍ୟକୁ ହେଉ ଚନ୍ଦ୍ରକାନ୍ତମଣି ସହିତ ମୁଁ ସଂପୃକ୍ତ ହୋଇ ପଡ଼ିଛି । ଦିନେ ମୁଁ ଅଫିସ୍‌ରେ ବସିଥିବା ସମୟରେ ଜଣେ ଭାରତୀୟ ଭଦ୍ରବ୍ୟକ୍ତି ମୋ ସଙ୍ଗେ ସାକ୍ଷାତ୍ କରିବାକୁ ଆସିଥିଲେ । ସେ ଯେ ସେହି ତିନିଜଣ ଭାରତୀୟଙ୍କର ନେତା ସେ ବିଷୟରେ ମୋର ସନ୍ଦେହ ନାହିଁ । ସେ ଯିବା ପରେ ମୋର ପ୍ରସିଦ୍ଧ ପରିବ୍ରାଜକ ମୁର୍ଥଓଏଟ୍‌ଙ୍କ ସଙ୍ଗେ ଚନ୍ଦ୍ରକାନ୍ତମଣି ବିଷୟରେ କଥାବାର୍ତ୍ତା ହେଲା ।

ପ୍ରଥମତଃ ଗଡ଼ଫ୍ରେଙ୍କ ବିବାହ ପ୍ରସ୍ତାବ ଭାଙ୍ଗିବାର କାରଣ କହୁଛି । ମିସ୍ ରାଚେଲ୍‌ଙ୍କ ପିତା ସାର୍ ଜନ୍ ଭେରିନ୍ଦର୍ ତାଙ୍କ ମୃତ୍ୟୁ ପୂର୍ବରୁ ସକଳ ସମ୍ପତ୍ତି ନିଜ ସ୍ତ୍ରୀଙ୍କ ନାମରେ ଉଇଲ୍ କରିଯାଇଥିଲେ । ବିଧବା ହେବା ପରେ ଲେଡ଼ି ଭେରିନ୍ଦର୍ ମୋତେ ଡକାଇପଠାଇଲେ ଓ ସ୍ୱାମୀଙ୍କ ମୃତ୍ୟୁର ମାତ୍ର ପନ୍ଦର ଦିନ ପରେ ସେ ନିଜେ ଏକ ଉଇଲ୍‌ଦ୍ୱାରା ମିସ୍ ରାଚେଲ୍‌ଙ୍କ ଭବିଷ୍ୟତ ପାଇଁ ବ୍ୟବସ୍ଥା କରିଦେଲେ । ଏହି ଉଇଲ୍‌ଟି ଲେଡ଼ି ଭେରିନ୍ଦର୍‌ଙ୍କ ମୃତ୍ୟୁ ପର୍ଯ୍ୟନ୍ତ ମୋ ପାଖରେ ରହିଥିଲା । ତାଙ୍କ ମୃତ୍ୟୁ ପରେ ମୁଁ ଉଇଲ୍‌ଟିକୁ ଆଇନ୍ ଅନୁସାରେ ପ୍ରମାଣିତ କରିବା ପାଇଁ ପ୍ରକ୍ଟରଙ୍କ ଅଫିସରେ ଦାଖଲକଲି । ଆଇନ୍ ଅନୁସାରେ କେତେକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଏହା ପ୍ରକ୍ଟରସ କମନସ୍ ଅଫିସରେ ରହିବାର କଥା । ଏହି ସମୟରେ ଯେକୌଣସି ବ୍ୟକ୍ତି ଏକ ଶିଲିଙ୍ଗ୍ ଫିସ୍ ଦେଇ ଏହାକୁ ଦେଖିପାରିବାର ବ୍ୟବସ୍ଥା ଅଛି । କେତେକ ଦିନ ପରେ ମୁଁ ପ୍ରକ୍ଟରଙ୍କଠାରୁ ଶୁଣିଲି ଯେ ମି: ସ୍ମଲି ବୋଲି ଜଣେ ଓକିଲ ଲେଡ଼ି ଭେରିନ୍ଦର୍‌ଙ୍କ ଉଇଲ୍ ଦେଖି କେତେକ ନୋଟ୍ ଲେଖିନେଇଅଛନ୍ତି ।

ମି: ସ୍ମଲି କି ଉଦ୍ଦେଶ୍ୟରେ କାହା ପାଇଁ ଏ ଉଇଲ୍ ଦେଖିବାକୁ ଯାଇଥିଲେ ଜାଣିନପାରି ମୁଁ ଘୋର-ସଂଶୟରେ ପଡ଼ିଲି । ମି: ସ୍ମଲି ମୋର ଜଣେ ପରିଚିତ ବନ୍ଧୁ । ତେଣୁ ମୁଁ ତାଙ୍କୁ ଦେଖାକରି ସେ କାହାପାଇଁ ଏ ଉଇଲ୍ ପରୀକ୍ଷା କରି ଦେଖିଥିଲେ ବୋଲି ପଚାରିଲି । ସେ ବିଶ୍ୱାସରେ ମୋତେ କହିଲେ – ମି: ଗଡ଼ଫ୍ରେ ଏବଲ୍‌ହ୍ୱାଇଟ୍ ମୋତେ ପଠାଇଥିଲେ । ଏଥିରୁ ମୁଁ ସବୁ କଥା ଜାଣିପାରିଲି । ଲେଡ଼ି ଭେରିନ୍ଦର୍‌ଙ୍କ ଉଇଲ୍ ଅନୁସାରେ ତାଙ୍କ ସମ୍ପତ୍ତିରେ ମିସ୍ ରାଚେଲ୍‌ଙ୍କର କେବଳ ଜୀବନସ୍ୱତ୍ୱ ଥିଲା, ଅର୍ଥାତ୍ ସେହି ସମ୍ପତ୍ତିର ଆୟରୁ ସେ ଚଳିବେ, କିନ୍ତୁ ମୂଳଧନରୁ କିଛି ଖରଚ କରିପାରିବେ ନାହିଁ କିମ୍ବା କୌଣସି ସମ୍ପତ୍ତି ବିକ୍ରୟ କରିପାରିବେ ନାହିଁ । ଲଣ୍ଡନ ଓ ୟର୍କଶାୟାରରେ ଥିବା ଘରେ ମିସ୍ ରାଚେଲ୍ ଓ ସେ ବିବାହ କଲେ ତାଙ୍କ ସ୍ୱାମୀ ମଧ୍ୟ ରହିପାରିବେ । ଲେଡ଼ି ଭେରିନ୍ଦର୍ ଯେଉଁ ସମ୍ପତ୍ତି ରଖିଯାଇଥିଲେ ତାହା କମ୍ ନୁହେଁ । ତାହାରି ଆୟରେ ମିସ୍ ରାଚେଲ୍ ଓ ତାଙ୍କର ସ୍ୱାମୀ ସ୍ୱଚ୍ଛନ୍ଦରେ ଚଳିପାରନ୍ତେ ।

Digitized by srujanika@gmail.com

ସେତେବେଳକୁ ମିସ୍ ରାଚେଲ୍‌ଙ୍କର ମି: ଗଡ଼ଫ୍ରେଙ୍କ ସହିତ ବିବାହ ପ୍ରସ୍ତାବ ଚାଲିଥାଏ । ଗଡ଼ଫ୍ରେଙ୍କ ବିଷୟରେ ମୋର ଭଲ ଧାରଣା ନଥିଲା । ମଧୁର କଥା କହି ସେ ଲୋକଙ୍କୁ ବେଶ୍ ଭୁଲାଇପାରନ୍ତି । ତାଙ୍କର ଚରିତ୍ର ଭଲନୁହେଁ । ଏପରି ଜଣେ ଲୋକକୁ ବିବାହକଲେ ରାଚେଲ୍‌ଙ୍କ ଜୀବନ ଦୁଃଖମୟ ହେବ ବୋଲି ମୋର ବିଶ୍ୱାସଥିଲା । ମୁଁ ବୁଝିପାରିଲି, କେବଳ ମିସ୍ ରାଚେଲ୍‌ଙ୍କର ବିପୁଳ ସମ୍ପତ୍ତି ପାଇବା ଆଶାରେ ମି: ଗଡ଼ଫ୍ରେ ଏହି ବିବାହ ପ୍ରସ୍ତାବ ଦେଇଛନ୍ତି ।

ମି: ସ୍କଲି ଗଡ଼ଫ୍ରେଙ୍କୁ ଉଇଲ୍‌ର ବ୍ୟବସ୍ଥା କହିବା ପରେ ଗଡ଼ଫ୍ରେ ରାଚେଲ୍‌ଙ୍କୁ ବିବାହ କରିବା ପ୍ରସ୍ତାବରେ ଦୃଢ଼ରହିଥିଲେ ବୁଝିଥାନ୍ତି ଯେ ତାଙ୍କର ରାଚେଲ୍‌ଙ୍କ ପ୍ରତି ପ୍ରକୃତ ପ୍ରେମ ଥିଲା । ତା' ନହେଲେ ଅର୍ଥଲୋଭରେ ସେ ବିବାହ କରିବାକୁ ବସିଥିଲେ ବୋଲି ବୁଝାଯାଆନ୍ତା ।

ମୁଁ ଲଣ୍ଡନ ଯାଇ ମିସ୍ ରାଚେଲ୍‌ଙ୍କୁ ପଚାରିଲି, "ଆପଣ କଅଣ ଗଡ଼ଫ୍ରେଙ୍କୁ ବିବାହ କରିବାକୁ ସ୍ଥିରକରିସାରିଛନ୍ତି ?"

ମିସ୍ ରାଚେଲ୍ – ମୁଁ ଜୀବନରେ ନିରାଶ ହୋଇ ବିବାହ କରିବାକୁ ଯାଉଛି; ହୁଏତ ବିବାହ କଲେ ଟିକିଏ ସୁଖ ପାଇପାରିବି ।

ମୁଁ – କିନ୍ତୁ ମି: ଗଡ଼ଫ୍ରେ କଅଣ ଏହି ବିବାହ ପାଇଁ ଦୃଢ଼ଭାବରେ ସ୍ଥିରକରିଛନ୍ତି ?

ମିସ୍ ରାଚେଲ୍ – ଅନ୍ତତଃ ସେ ତାହାହିଁ କହୁଛନ୍ତି । ମୁଁ ତାଙ୍କ କଥାରେ ବିଶ୍ୱାସ କରିବା ଉଚିତ ।

ମୁଁ – ମୁଁ ଆପଣଙ୍କ କଥାରେ ବିସ୍ମିତ ହେଉଛି । ବିବାହ ଜୀବନରେ ବଡ଼ ଗୁରୁତ୍ୱପୂର୍ଣ୍ଣ । ଆପଣ ଯଦି ଗଡ଼ଫ୍ରେଙ୍କ ପ୍ରେମ ବିଷୟରେ ନିଃସନ୍ଦେହ ନୁହନ୍ତି, ତେବେ ବିବାହ କରିବା ଉଚିତ ନୁହେଁ । ତାଙ୍କୁ ସନ୍ଦେହ କରିବାର କିଛି କାରଣ ଅଛି କି ?

ମିସ୍ ରାଚେଲ୍ – ମି: ବ୍ରଫ୍, ମୋର ମନେହୁଏ, ଆପଣ ଗଡ଼ଫ୍ରେଙ୍କ ବିଷୟରେ କିଛି କହିବାକୁ ଚାହାନ୍ତି – ସ୍ପଷ୍ଟଭାବରେ କହନ୍ତୁ ।

ମୁଁ ଉଇଲ୍‌ର ସମସ୍ତ ବିବରଣ ପ୍ରକାଶ କଲି । ସେ କିଛି ସମୟ ଚିନ୍ତାକରି କହିଲେ, "ମି: ବ୍ରଫ୍, ଆପଣଙ୍କର ଆମ ପରିବାର ସହିତ ଘନିଷ୍ଠ ସମ୍ବନ୍ଧ ରହିଆସିଛି । ମୁଁ ଆପଣଙ୍କଠାରେ ଖୁବ୍ ଋଣୀ । ବର୍ତ୍ତମାନ ଆପଣ ଯେଉଁ ସମ୍ବାଦ ଦେଲେ, ସେଥିରେ ମୁଁ ଆହୁରି ଅଧିକ ଋଣୀ । କୌଣସିଠାରେ ଆପଣ ମୋର ଗଡ଼ଫ୍ରେଙ୍କ ସହିତ ବିବାହ ପ୍ରସ୍ତାବ ଶୁଣିଲେ ତାହା ମିଥ୍ୟା ବୋଲି ଜଣାଇଦେବେ ।

ମୁଁ – ତେବେ କଅଣ ଆପଣ ବିବାହ ପ୍ରସ୍ତାବ ଭାଙ୍ଗିଦେଇଛନ୍ତି ?

ମିସ୍ ରାଚେଲ୍ – ନିଶ୍ଚୟ !

ତତ୍ପରଦିନ ମି: ଗଡ଼ଫ୍ରେଙ୍କ ପିତା ମୋ ପାଖକୁ ଆସି କହିଲେ – ମିସ୍ ରାଚେଲ୍ ମୋର ପୁଅକୁ ବିବାହ କରିବାକୁ ଅନିଚ୍ଛୁକ । ମୋର ପୁଅ ଏହି ସିଦ୍ଧାନ୍ତକୁ ମାନିନେଇଛି ।

Digitized by srujanika@gmail.com

ଏବେ ମୋର ଦୃଢ଼ ବିଶ୍ୱାସ ଜନ୍ମିଲା ଯେ ଗଡ଼ଫ୍ରେ ଗୁଡ଼ିଏ ନଗଦ ଟଙ୍କା ପାଇବା ଲୋଭରେ ଏହି ବିବାହ ପ୍ରସ୍ତାବରେ ରାଜିଥିଲେ; ସେ ଆଶା ପୂରଣ ହବାର ଦେଖିନପାରି ବିବାହ ପ୍ରସ୍ତାବ ଭାଙ୍ଗିଦେଲେ । ଖୁବ୍ ସମ୍ଭବ ତାଙ୍କର ବହୁତ ଟଙ୍କା ଦରକାର ଓ ତାହା ଶୀଘ୍ର ପାଇବା ତାଙ୍କର ଲକ୍ଷ୍ୟ । ବୋଧହୁଏ ସେ ଅନ୍ୟ କୌଣସି ଧନୀ ମହିଳାଙ୍କୁ ଶୀଘ୍ର ବିବାହ କରିବାର ଚେଷ୍ଟା କରିବେ । ଯାହାହେଉ, ମିସ୍ ରାଚେଲ୍ ଏହି ଅର୍ଥଲୋଭୀ ଗଡ଼ଫ୍ରେର କବଳରୁ ରକ୍ଷାପାଇଥିବାରୁ ମୁଁ ଆନନ୍ଦିତ ହେଲି ।

(୧୮)

[ମିଃ ବ୍ରଫ୍‌ଙ୍କ ବର୍ଣ୍ଣିତ ବିବରଣର ପୁନରାବୃତ୍ତି]

ଏହି ଘଟନାର କିଛି ଦିନ ପରେ ମୁଁ ଅଫିସଘରେ ବସିଥିବା ସମୟରେ ମୋର ମୋହରିର ମୋ ହାତକୁ ଖଣ୍ଡିଏ କାର୍ଡ଼ ବଢ଼ାଇଦେଇ କହିଲା, "ଏହି ବିଦେଶୀ ଭଦ୍ରଲୋକ ଆପଣଙ୍କୁ ଦେଖାକରିବାପାଇଁ ତଳେ ଅପେକ୍ଷା କରିଛନ୍ତି । କାର୍ଡ଼ଟିରେ ଗୋଟିଏ ବିଦେଶୀ ନାମ ଲେଖାଥିଲା । ତାହା ତଳକୁ ଲେଖାଥିଲା ମିଃ ଲିଉକାର୍‌ଙ୍କ ସୁପାରିଶକ୍ରମେ । ମିଃ ଲିଉକାର୍‌ଙ୍କ ଭଳି ବ୍ୟବସାୟୀ ଲୋକ ଜଣେ ବିଦେଶୀକୁ ସୁପାରିଶ କରି ମୋ ପାଖକୁ ପଠାଇଥିବା ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ମୁଁ ହଠାତ୍ କିଛି ଉତ୍ତର ଦେଇ ପାରିଲି ନାହିଁ । ମୋହରିର ମୋର ବିସ୍ମୟ ଦେଖି କହିଲା, "ଲୋକଟି ଦେଖିବାକୁ ଖୁବ୍ ଭଦ୍ର ବୋଧହେଉଛନ୍ତି । ସେ ଜଣେ ଭାରତୀୟ ବୋଲି ମୋର ବିଶ୍ୱାସ ।"

ମୁଁ ଭାବିଲି, ହୁଏତ ଏହି ଲୋକଠାରୁ ଚନ୍ଦ୍ରକାନ୍ତମଣି ବିଷୟରେ କିଛି ସନ୍ଧାନ ମିଳିପାରିବ । ତେଣୁ ମୁଁ ସେହି ଭଦ୍ରବ୍ୟକ୍ତିଙ୍କୁ ଡକାଇପଠାଇଲି । ତାଙ୍କୁ ଦେଖିଲାମାତ୍ରେ ମୋର ସନ୍ଦେହହେଲା, ଏଇ ଲୋକଟି ହେଉଛନ୍ତି ସେହି ତିନିଜଣ ଭାରତୀୟଙ୍କର ନେତା । ସେ ଖୁବ୍ ଭଦ୍ରଭାବରେ ବିଶୁଦ୍ଧ ଇଂରେଜୀରେ ମୋତେ କାର୍ଯ୍ୟ ସମୟରେ ବାଧାଦେଇଥିବାରୁ କ୍ଷମା ମାଗି ଗୋଟିଏ ଛୋଟ ପାର୍ଶଲ୍ ବାହାରକଲେ । ପାର୍ଶଲ୍‌ର ଉପର କାଗଜ ଫିଟାଇ ସେ ଗୋଟିଏ ଛୋଟ ବାକ୍ସ ବାହାରକରି ମୋ ଟେବୁଲ୍ ଉପରେ ରଖି କହିଲେ, "ମୁଁ ଆପଣଙ୍କଠାରୁ କିଛି ଟଙ୍କା କରଜ ନେବାକୁ ଆସିଛି । ସେଥିପାଇଁ ଏହି ବାକ୍ସଟି ବନ୍ଧକ ଦେବି । ସୁଧ ସହିତ ଟଙ୍କା ପରିଶୋଧ କରି ମୋ ଜିନିଷ ଫେରାଇନେବି ।"

ମୁଁ କହିଲି, "ଦେଖନ୍ତୁ, ଆପଣଙ୍କୁ ଯେଉଁ ମିଃ ଲିଉକାର୍ ସୁପାରିଶ କରିଛନ୍ତି, ସେ ଜଣେ ପ୍ରସିଦ୍ଧ ଧନୀ ଜହ୍ଵରତ୍ ବ୍ୟବସାୟୀ । ସେ ଆପଣଙ୍କୁ ନିଜେ ଟଙ୍କା ନଦେଇ ସୁପାରିଶ କରି ପଠାଇଲେ କାହିଁକି ?"

ଭାରତୀୟ ଜଣକ ଉତ୍ତର କଲେ – "ମିଃ ଲିଉକାର୍‌ଙ୍କ ପାଖେ ବର୍ତ୍ତମାନ ଟଙ୍କା ନାହିଁ ବୋଲି ସେ କହିଲେ ।"

Digitized by srujanika@gmail.com

ମୁଁ କହିଲି, ''ଆପଣ ବୃଥା କଷ୍ଟ ସ୍ୱୀକାରକରି ଏଠାକୁ ଆସିଥିବାରୁ ମୁଁ ବିଶେଷ ଦୁଃଖିତ । ମିଃ ଲିଉକାର୍ ଆପଣଙ୍କୁ ମୋ ପାଖକୁ ପଠାଇବା ଉଚିତନଥିଲା । ଓକିଲଭାବରେ ମୋତେ ବିଶ୍ୱାସ କରି କେହି କେହି ମୋ ଦ୍ୱାରା ଟଙ୍କା କରଜ ଦିଆଇଥାନ୍ତି; କିନ୍ତୁ ଅପରିଚିତ ଲୋକଙ୍କୁ ମୁଁ କରଜ ଦିଏନାହିଁ ।''

ଲୋକଟି ମୋତେ ପ୍ରବର୍ତ୍ତାଇବାପାଇଁ କିଛି ଚେଷ୍ଟା ନକରି ବାକ୍ସଟିକୁ ପୁଣି ପାର୍ଶଲ୍ ଆକାରରେ ବାନ୍ଧିଲେ ଓ ବାହାରିଯିବାକୁ ବସିଲେ । ହଠାତ୍ ରହିଯାଇ ସେ ମୋତେ ଅତି ଭଦ୍ର-ଭାବରେ ପଚାରିଲେ, ''ଅନୁଗ୍ରହ କରି ମୋତେ ଗୋଟାଏ ସମ୍ବାଦ ଦେଇପାରିବେ ? ଯଦି ଆପଣଙ୍କ ପକ୍ଷରେ ବନ୍ଧକ ରଖି ଟଙ୍କା ଦେବା ସମ୍ଭବ ହୋଇପାରିଥାନ୍ତା, ତେବେ ଏ ଦେଶର ଆଇନ ଅନୁସାରେ କେତେ ଦିନ ମଧ୍ୟରେ ମୋତେ ପରିଶୋଧ କରିବାକୁ ପଡ଼ିଥାନ୍ତା ?''

ମୁଁ କହିଲି, ''ଏ ଦେଶର ଆଇନ ହେଉଛି, କରଜ ନେବା ଦିନଠାରୁ ବର୍ଷକ ମଧ୍ୟରେ ପରିଶୋଧ କରିବାକୁ ହେବ ।''

ଲୋକଟି ମୋତେ ସମ୍ମାନ ସହକାରେ ପ୍ରଣାମକରି ବିଦାୟନେଲେ । ସେ ଯିବା ପରେ ମୁଁ ତାଙ୍କ ଆସିବାର ଉଦ୍ଦେଶ୍ୟ ବିଷୟରେ ଚିନ୍ତା କରିବାକୁ ଲାଗିଲି । ତାଙ୍କ କଥାବାର୍ତ୍ତା ଓ ଢଙ୍ଗଢାଙ୍ଗରୁ ମୋର ଧାରଣାହେଲା, ପ୍ରକୃତରେ ମୋଠାରୁ କରଜ ନେବା ତାଙ୍କର ଉଦ୍ଦେଶ୍ୟ ନଥିଲା । କରଜ ନେଲେ କେତେ ଦିନରେ ପରିଶୋଧ ଦେବାକୁ ହୁଏ ତାହାହିଁ ବୁଝିବା ପ୍ରଧାନ ଲକ୍ଷ୍ୟ ଥିଲା । ଏହି କଥାଟି ଜାଣିବାପାଇଁ ସେ ମଣିଖଚିତ ବାକ୍ସଟି ମୋତେ ଦେଖାଇଥିଲେ ମାତ୍ର । ଟଙ୍କା କରଜ ନେବା ଉଦ୍ଦେଶ୍ୟ ଥିଲେ ସେ ନିଶ୍ଚୟ ମୋତେ ସେଥିପାଇଁ ପ୍ରବର୍ତ୍ତାଇଥାନ୍ତେ । ଲୋକଟି କାହିଁକି ଆସିଥିଲା, କାହାଠାରୁ କରଜ ନେବ, ବାକ୍ସରେ ପ୍ରକୃତରେ କି ଜିନିଷ ଅଛି – ମୁଁ ଏ ସବୁର ସମାଧାନ କରିପାରିଲିନାହିଁ । ସନ୍ଧ୍ୟାବେଳକୁ ଗୋଟିଏ ଭୋଜିସଭାକୁ ଯିବା କଥା ଥିଲା । ସେଠାକୁ ଜଣେ ବିଶିଷ୍ଟ ଅତିଥି ଆସିବେ, ତାଙ୍କଠାରୁ କିଛି ସମ୍ବାଦ ମିଳିବା ଆଶାରେ ଅପେକ୍ଷା କରିରହିଲି ।

(୧୯)

[ମିଃ ବ୍ରଫ୍‌ଙ୍କ ବିବରଣୀର ପୁନରାବୃତ୍ତି]

ମୁଁ ଯେଉଁ ବିଶିଷ୍ଟ ଅତିଥିଙ୍କଠାରୁ ନୂଆ ସମ୍ବାଦ ପାଇବାର ଆଶା କରିଥିଲି ତାଙ୍କର ନାମ ହେଉଛି ମିଃ ମୂର୍ଥଓଏଟ୍ । ସେ ଭାରତବର୍ଷ ତଥା ପୃଥିବୀର ଅନେକ ଦେଶ ଭ୍ରମଣ କରିଥିଲେ । ପୁଣି ଥରେ ଭାରତର କେତେକ ସ୍ଥାନ ଭ୍ରମଣ କରି ଦେଖିବା ତାଙ୍କର ପ୍ରସ୍ତାବ ଥିଲା ।

ଭୋଜିସଭା ପରେ ଅତିଥିମାନେ ପରସ୍ପର ମଧ୍ୟରେ ଆଳାପ କରିବାକୁ ଲାଗିଲେ । ମୁଁ ମୂର୍ଥଓଏଟ୍‌ଙ୍କ ପାଖରେ ବସି ଗଳ୍ପ ଆରମ୍ଭକଲି । ରାଜନୀତି କଥା ପଡ଼ିଲା ; କିନ୍ତୁ ସେଥିରେ

Digitized by srujanika@gmail.com

ତାଙ୍କର ଆଗ୍ରହ ଥିଲା ପରି ଜଣାଗଲାନାହିଁ । ତହୁଁ ମୁଁ ଚନ୍ଦ୍ରକାନ୍ତମଣି କଥା ଉଠାଇଲି । ପ୍ରସଙ୍ଗକ୍ରମେ ଜଣେ ଭାରତୀୟ ମୋ ଅଫିସକୁ ଆସି ବନ୍ଧକ ଦେଇ ଟଙ୍କା ନେବାକୁ କହୁଥିବା କଥା ପ୍ରକାଶକଲି ।

ସେ ପ୍ରଥମେ ମୋର ପରିଚୟ ପଚାରି ଭେରିନ୍ଦର୍ ଓ ହର୍ଣ୍ଣକାଷ୍ଟଲ୍ ପରିବାର ସହିତ ମୋର ସମ୍ବନ୍ଧ ବିଷୟ ବୁଝିଲେ । ତପ୍ରେ ମୋ ପାଖକୁ ଲାଗିଆସି ପଚାରିଲେ, "ମି: ବ୍ରଫ୍, ନିକଟରେ ଭାରତୀୟମାନଙ୍କର କିଛି ସମ୍ବାଦ ପାଇଛନ୍ତି ?" ମୁଁ କହିଲି, "ଆଜି ଯେଉଁ ଜଣକ ମୋ ଅଫିସକୁ ଆସିଥିଲା, ସେ ସେଇ ତିନିଜଣଙ୍କ ମଧ୍ୟରୁ ଜଣେ ବୋଲି ମୋର ବିଶ୍ୱାସ । କିନ୍ତୁ କେତେ ଦିନରେ ଋଣ ପରିଶୋଧ କରିବା ଦରକାର ସେ କଥା ବୁଝିବାର ଉଦ୍ଦେଶ୍ୟ କଅଣ ?"

ମି: ମୁର୍ଥଓୟେଟ୍ — ଉଦ୍ଦେଶ୍ୟଟା ବୁଝିପାରିଲେ ନାହିଁ ?

ମୁଁ — ନା, ତାହା ମୋ ପକ୍ଷରେ ଗୋଟିଏ ରହସ୍ୟ ହୋଇ ରହିଛି ।

ମି: ମୁର୍ଥଓଏଟ୍ — ଆପଣ ସବୁ ଘଟନାକୁ ପରୀକ୍ଷା କରି ଦେଖିନାହାନ୍ତି ବୋଲି ଏହା ରହସ୍ୟମୟ ବୋଧହେଉଛି । ଆଚ୍ଛା, ତିନିଜଣଯାକ ଭାରତୀୟଙ୍କର ବୟସ ପ୍ରାୟ ସମାନ ନୁହେଁ କି ? ଆପଣଙ୍କ ପାଖକୁ ଯେଉଁ ଜଣକ ଆସିଥିଲା ତାର ବୟସ ପ୍ରାୟ ୪୦ ବର୍ଷ ହୋଇଥିବ । କର୍ଣ୍ଣେଲ୍ ହର୍ଣ୍ଣକାଷ୍ଟଲ୍ ଭାରତୀୟ ସୈନ୍ୟବାହିନୀରେ ଥିବା ସମୟ ସହିତ ଏ ବୟସର ତୁଳନା କରନ୍ତୁ । ଅନୁମାନ କରିପାରିବେ, ଯେଉଁ ତିନିଜଣ ଭାରତୀୟ ସେ ସମୟରେ ହର୍ଣ୍ଣକାଷ୍ଟଲ୍‌ଙ୍କ ସଙ୍ଗେ ଇଂଲଣ୍ଡକୁ ଆସିଥିବେ, ଏମାନେ ସେମାନଙ୍କର ବଂଶଧର ହୋଇଥିବେ । ସେମାନଙ୍କର ଏ ଦେଶରେ ଗୋଟାଏ ଅନୁଷ୍ଠାନ ଅଛି । ପ୍ରାୟ ଏ ଶତାବ୍ଦୀର ଆରମ୍ଭରୁ ସେମାନେ ଏହାକୁ ପୁରୁଷାନୁକ୍ରମେ ରଖିଆସିଛନ୍ତି । ଏମାନଙ୍କର ଉଦ୍ଦେଶ୍ୟ ହେଲା ଚନ୍ଦ୍ରକାନ୍ତମଣିର ପୁନରୁଦ୍ଧାର ।

ମଣିଟିକୁ ହସ୍ତଗତ କରିବାର ସୁଯୋଗ ସେମାନେ କେଉଁ ସମୟରେ ପାଇଥାନ୍ତେ, ତାହା ବିଚାର କରିବା । ହର୍ଣ୍ଣକାଷ୍ଟଲ୍‌ଙ୍କ ମୃତ୍ୟୁବେଳେ ସେମାନେ ଏହାକୁ ନେବାର ସୁବିଧା ଥିଲା, କିନ୍ତୁ ସେ ପର୍ଯ୍ୟନ୍ତ ଚନ୍ଦ୍ରକାନ୍ତମଣି ନିରାପଦରେ ଗୋଟିଏ ବ୍ୟାଙ୍କ୍‌ରେ ରହିଥିଲା । ହର୍ଣ୍ଣକାଷ୍ଟଲ୍‌ଙ୍କ ମୃତ୍ୟୁ ପରେ ତାଙ୍କ ଉଇଲ୍ ଯଥାବିଧି ପ୍ରମାଣିତ ହୋଇଥିବ । ଭାରତୀୟମାନେ ପ୍ରକ୍ଟର୍ସ କମନ୍ସ୍‌ରୁ ଉଇଲ୍‌ର ବିଷୟବସ୍ତୁ ଜାଣିପାରିଥିବେ । ଉଇଲ୍ ଅନୁସାରେ ମଣିଟି ଲେଡ଼ି ଭେରିନ୍ଦର୍‌ଙ୍କ କନ୍ୟାର ପ୍ରାପ୍ୟ ଏବଂ ମି: ବ୍ଲେକ୍ ବା ତାଙ୍କର କେହି ଲୋକ ଏହାକୁ ଆଣି ମିସ୍ ରାଚେଲ୍ ଭେରିନ୍ଦର୍‌ଙ୍କୁ ଦେବେ । ଭାରତୀୟମାନଙ୍କ ପକ୍ଷରେ ସମସ୍ୟା ହୋଇଥିବ, କେତେବେଳେ ସେମାନେ ମଣିଟିକୁ ଅପହରଣର ଚେଷ୍ଟାକରିବେ; ବ୍ୟାଙ୍କ୍‌ରୁ ଅଣାଗଲାବେଳେ କି ମିସ୍ ରାଚେଲ୍‌ଙ୍କ ହାତକୁ ଦିଆଯିବାବେଳେ ? ସେମାନେ ଦ୍ୱିତୀୟ ପନ୍ଥାଟିକୁ ନିରାପଦ ବୋଲି ମନେକରିଥିଲେ । ତାର ପ୍ରମାଣ ହେଉଛି, ୟର୍କଶାୟାରର ଭେରିନ୍ଦର୍ ପରିବାରର

Digitized by srujanika@gmail.com

ଘରପାଖେ ଭାରତୀୟ ବାଜିକରଙ୍କର ଆବିର୍ଭାବ । ଲଣ୍ଡନରେ ସେମାନଙ୍କର କେହି ବନ୍ଧୁ ଥିବେ ୯ ସେମାନଙ୍କୁ ସେଠାରେ ଖବର ଯୋଗାଉଥିବେ । କେହି ଜଣେ ବ୍ଲେକ୍‌ଙ୍କ ପିଛାଧରି ବ୍ୟାଙ୍କ୍‌କୁ ଯାଇଥିବ, ଆଉ ଜଣେ ବ୍ଲେକ୍‌ଙ୍କ ଘର ପାଖରେ ରହି ଚାକରବାକରଙ୍କଠାରୁ ଖବର ସଂଗ୍ରହ କରିଥିବ । ସେମାନେ ଖବର ପାଇଥିବେ ଯେ ଫ୍ରାଙ୍କଲିନ୍ ବ୍ଲେକ୍ ଏକା ଲେଡ଼ି ଭେରିନ୍ଦର୍‌ଙ୍କ ଘରକୁ ଯିବେ । ମି: ଫ୍ରାଙ୍କଲିନ୍ ଏହିଭଳି ଜଣେ ଲୋକକୁ ଦେଖିପାରି ନିର୍ଦ୍ଦିଷ୍ଟ ଗାଡ଼ିରେ ନଆସି ତାର ଆଗ ଗାଡ଼ିରେ ୟର୍କଶାୟାରକୁ ଚାଲିଆସିଲେ । ସୁଖର କଥା, ମି: ବେଟରେଜ୍‌ଙ୍କ ପରାମର୍ଶ ମାନି ସେ ମଣିଟିକୁ ଫ୍ରିଜିଙ୍ଗ୍‌ହଲ୍‌ର ଏକ ବ୍ୟାଙ୍କ୍‌ରେ ରଖି ଆସିଲେ ।

ମୁଁ କହିଲି, ''ଫ୍ରାଙ୍କଲିନ୍ ଯେ ମଣିଟି ଆଣି କ'ଣ କଲେ ସେମାନେ ଜାଣିପାରିନଥିବେ । ଯଦି ତାହା ଲେଡ଼ି ଭେରିନ୍ଦର୍‌ଙ୍କ ଘରେ ଅଛି ବୋଲି ସେମାନେ ଭାବିଥିଲେ, ତେବେ ମିସ୍ ରାଚେଲ୍‌ଙ୍କ ଜନ୍ମଦିନ ଉତ୍ସବ ପୂର୍ବରୁ ତାକୁ ନେବାର କିଛି ଚେଷ୍ଟା ନକଲେ କାହିଁକି ?''

ମି: ମୁର୍ଥଓଏଟ୍ – ମି: ବ୍ରଫ୍, ଭାରତୀୟମାନେ ଅଯଥା ବିପଦ ବରଣ କରିବାକୁ ଯାଆନ୍ତି ନାହିଁ । ସେମାନେ ମଣି କେଉଁଠି ଅଛି ଠିକ୍ ଜାଣିନଥିଲେ । ଏତିକି ନିଶ୍ଚିତ ରୂପେ ଜାଣିଥିଲେ ଯେ ରାଚେଲ୍‌ଙ୍କ ଜନ୍ମଦିବସରେ ମଣିଟି ତାକୁ ଦିଆଯିବ । ମି: ଫ୍ରାଙ୍କଲିନ୍‌ଙ୍କ ଭଳି ଜଣେ ବୁଦ୍ଧିମାନ୍ ଯୁବକଙ୍କ ହାତରୁ ମଣିଟିକୁ ଅପହରଣ କରିବା ଅପେକ୍ଷା ଜଣେ ଯୁବତୀ ହାତରୁ ତାହା ନେବା ସହଜ ବୋଲି ସେମାନେ ମନେ କରିବା ସ୍ୱାଭାବିକ । କେତେ ସପ୍ତାହ ଅପେକ୍ଷା କରିବା ପରେ ଜନ୍ମୋତ୍ସବ ଦିନ ସେମାନେ ୟର୍କଶାୟାରରେ ଦେଖାଦେଇଛନ୍ତି । ମିସ୍ ରାଚେଲ୍‌ଙ୍କ ପୋଷାକରେ ମଣି ଥିବାର ଦେଖିପାରିଛନ୍ତି; କିନ୍ତୁ ଠିକ୍ ସେହି ରାତିରେ ମଣିଟି ହଜିଗଲା ବା ଚୋରିଗଲା – ତେଣୁ ସେମାନଙ୍କର ଉଦ୍ୟମ ସେତିକିରେ ବନ୍ଦରହିଲା ।

ଲଣ୍ଡନର ଭାରତୀୟମାନେ ଦ୍ୱିତୀୟ ଉଦ୍ୟମ କଲେ । ଖୁବ୍ ସମ୍ଭବ ସେମାନେ ନିଜ ଲୋକଙ୍କଠାରୁ ଖବର ପାଇଥିବେ ଯେ ଚନ୍ଦ୍ରକାନ୍ତମଣି ବର୍ତ୍ତମାନ ଲଣ୍ଡନରେ । ତେଣୁ ସେ ତିନିଜଣ ଭାରତୀୟ ଫ୍ରିଜିଙ୍ଗ୍‌ହଲ୍ ତ୍ୟାଗକରି ଲଣ୍ଡନ ଚାଲିଗଲେ । ସେଠାରୁ କଅଣ ଖବର ମିଳିଲା ?

ମୁଁ କହିଲି – ସେଠାରେ ସେମାନେ ଲାମ୍ବେଥ୍‌ର ମି: ଲିଉକାର୍‌ଙ୍କୁ ବ୍ୟତିବ୍ୟସ୍ତ କରୁଥିଲେ ।

ଚନ୍ଦ୍ରକାନ୍ତମଣି ମି: ଲିଉକାର୍‌ଙ୍କ ହାତକୁ ଯାଇଥିବା ବିଷୟରେ ଆମେ ଦୁହେଁ ଏକମତ ଥିଲୁ । ମି: ମୁର୍ଥଓଏଟ୍ କହିଲେ – ଭାରତୀୟମାନେ କୌଣସିମତେ ଖବର ପାଇଥିଲେ ଯେ ଚନ୍ଦ୍ରକାନ୍ତମଣି ମି: ଲିଉକାର୍‌ଙ୍କ ହସ୍ତଗତ ହୋଇଛି, ତେଣୁ ସେମାନେ ତାଙ୍କଠାରୁ ମଣିଟି ପାଇବାର ଉଦ୍ୟମ କରିଥିଲେ । ବର୍ତ୍ତମାନ ଗୋଟିଏ ଘଟନା ଜଣାପଡୁନାହିଁ – କିଏ ମଣିଟିକୁ ୟର୍କଶାୟାରରୁ ଲଣ୍ଡନକୁ ନେଇଥିଲା ? କିଏ ତାକୁ ମି: ଲିଉକାର୍‌ଙ୍କ ପାଖେ ବନ୍ଧକଦେଲା ? ସେ ଲୋକଟି କିଏ ବୋଲି ଆପଣ ମନେକରନ୍ତି ?

ମୁଁ କହିଲି – ମୁଁ କାହାରିକୁ ସନ୍ଦେହ କରିପାରୁନାହିଁ ।

Digitized by srujanika@gmail.com

ମି: ମୁର୍ଥଓଏଟ୍ – ଗଡ୍‌ଫ୍ରେଙ୍କୁ ସନ୍ଦେହକରି ଏକ ଜନରବ ପ୍ରଚାରିତ ହୋଇଥିଲା, ଜାଣିଥିବେ ?

ମୁଁ – ହଁ, ସେ ଗୋଟାଏ ଜନରବ; ମାତ୍ର ଖୁବ୍ ନିର୍ଭରଯୋଗ୍ୟ ପ୍ରମାଣ ମିଳିଛି ଯେ ଏପରି ଜନରବ ଏକବାରେ ମିଥ୍ୟା ଓ ଅମୂଳକ ।

ମି: ମୁର୍ଥଓଏଟ୍ – ଆଚ୍ଛା, ସେ କଥା ବର୍ତ୍ତମାନ ଥାଉ – ଭାରତୀୟମାନଙ୍କ କଥା ବିଚାର କରିବା । ସେମାନେ ଲଣ୍ଡନକୁ ଯାଇ ଉଦ୍ଦେଶ୍ୟସାଧନ କରିପାରିଲେ ନାହିଁ । ମୋର ଧାରଣା, ମି: ଲିଉକାର୍‌ଙ୍କ ଦୂରଦୃଷ୍ଟି ଓ ବୁଦ୍ଧି ଯୋଗେ ସେମାନେ ଏହି ଦ୍ୱିତୀୟ ସୁଯୋଗ ମଧ୍ୟ ହରାଇଲେ । ସେ ଏତେ ଶୀଘ୍ର ମଣିଟିକୁ ନେଇ ବ୍ୟାଙ୍କ୍‌ରେ ରଖିଦେଲେ ଯେ ଭାରତୀୟମାନେ ତାଙ୍କଠାରୁ ତାହା ଚୋରିକରିବାକୁ ସମୟ ପାଇଲେ ନାହିଁ । ମି: ବ୍ରଫ୍, ତୃତୀୟ ସୁଯୋଗ କେତେବେଳେ ଆସିବ କହନ୍ତୁ ?

ମୁଁ – ଆମଭଳି ସେମାନେ ମଧ୍ୟ ଭାବିଥିବେ ଯେ ଚନ୍ଦ୍ରକାନ୍ତମଣି ବନ୍ଧକପଡ଼ିଥିବ । ତେଣୁ କେତେ ଦିନ ପରେ ଏହା ବ୍ୟାଙ୍କ୍‌ରୁ ଅଣାଯାଇପାରିବ ତାହା ମୋଠାରୁ ବୁଝିଗଲେ ।

ମି: ମୁର୍ଥଓଏଟ୍ – ବେଶ୍, ଚନ୍ଦ୍ରକାନ୍ତମଣି ବନ୍ଧକ ଦିଆଯିବାର ଠିକ୍ ବର୍ଷକ ପରେ ଭାରତୀୟମାନେ ତୃତୀୟ ସୁଯୋଗ ନେବାର ଉଦ୍ୟମ କରିବେ । କେବେ ବନ୍ଧକ ଦିଆଯାଇଛି ବୋଲି ଆପଣ ଅନୁମାନ କରୁଛନ୍ତି ?

ମୁଁ – ଗଲା ଜୁନ୍ ଶେଷ ସପ୍ତାହ ବେଳକୁ ।

ମି: ମୁର୍ଥଓଏଟ୍ – ତାହାହେଲେ ଆସନ୍ତା ବର୍ଷ ୧୮୪୯ ମସିହା ଜୁନ୍ ଶେଷ ବେଳକୁ ଚନ୍ଦ୍ରକାନ୍ତମଣି ବ୍ୟାଙ୍କ୍‌ରୁ ବାହାରିବ । ଆପଣ ସେ ତାରିଖଟା ଲେଖିରଖନ୍ତୁ । ସେତେବେଳେ ଭାରତୀୟମାନେ ନିଶ୍ଚୟ ଗୋଟାଏ କିଛି ବଡ଼ଧରଣର ଉଦ୍ୟମ କରିବେ । ସେତେବେଳକୁ ମୁଁ ଇଂଲଣ୍ଡଠାରୁ ହଜାର ହଜାର ମାଇଲ୍ ଦୂରରେ ଥିବି; କିନ୍ତୁ ଆପଣ ମୋ କଥାର ସତ୍ୟତା ପରୀକ୍ଷା କରିପାରିବେ ।

ମୋ ନୋଟ୍ ଖାତାରେ ଟିପିରଖିଲି "୧୮୪୯ ମସିହା ଜୁନ୍ ଶେଷ ସପ୍ତାହରେ ଭାରତୀୟମାନଙ୍କର କିଛି ସମ୍ବାଦ ଆଶାକରାଯାଏ ।"

ମୁଁ ଏତିକି କହି ବିଦାୟ ନେଉଛି ।

(୨୦)

[ମି: ଫ୍ରାଙ୍କଲିନ୍ ବ୍ଲେକ୍‌ଙ୍କ ବିବୃତି]

୧୮୪୯ ମସିହା ବସନ୍ତ ଋତୁର କଥା । ମୁଁ ପ୍ରାଚ୍ୟଦେଶମାନଙ୍କରେ ଭ୍ରମଣ କରୁଥିଲି । ଏହି ସମୟରେ ମି: ବ୍ରଫ୍‌ଙ୍କଠାରୁ ଖଣ୍ଡିଏ ପତ୍ର ମିଳିଲା । ସେଥିରୁ ଜାଣିଲି ଯେ ମୋର ପିତାଙ୍କର ମୃତ୍ୟୁ ହୋଇଯାଇଛି ଓ ତାଙ୍କର ବିପୁଳ ସମ୍ପତ୍ତିର ମୁଁ ଉତ୍ତରାଧିକାରୀ ହୋଇଅଛି ।

Digitized by srujanika@gmail.com

ସେଥିରେ ଇଂଲଣ୍ଡକୁ ଅବିଳମ୍ୱେ ଫେରିଆସିବା ପାଇଁ ଅନୁରୋଧ କରାଯାଇଥିଲା । ପତ୍ର ପାଇବାର ପରଦିନ ମୁଁ ଇଂଲଣ୍ଡ ଅଭିମୁଖେ ଯାତ୍ରାକଲି ।

ଲଣ୍ଡନରେ ପହଞ୍ଚିବା ପରେ ମୋର ମି: ବ୍ରଫ୍‌ଙ୍କ ସହ ସାକ୍ଷାତ ହେଲା । ତାଙ୍କଠାରୁ ଅନ୍ୟାନ୍ୟ ସମ୍ୱାଦ ସହ ଶୁଣିବାକୁ ପାଇଲି, ମିସ୍ ରାଚେଲ୍ ମାତାଙ୍କ ମୃତ୍ୟୁ ପରେ ଜନ୍ ଭେରିନ୍ଦର୍‌ଙ୍କ ବିଧବା ଭଉଣୀ ମିସେସ୍ ମେରିଡ଼ିଥ୍‌ଙ୍କ ଘରେ ପୋର୍ଟଲାଣ୍ଡ ପ୍ଲେସ୍‌ରେ ରହୁଛନ୍ତି । ଇଂଲଣ୍ଡରୁ ବିଦେଶକୁ ଫେରିଯିବାବେଳେ ରାଚେଲ୍‌ଙ୍କ ନିଷ୍ଠୁର ବ୍ୟବହାରରେ ମୁଁ ନିତାନ୍ତ କ୍ଷୁବ୍ଧ ହୋଇଯାଇଥିଲି; କିନ୍ତୁ ଏଥିମଧ୍ୟରେ ମୋର ଦୁଃଖର ତୀବ୍ରତା କମିଯାଇଥିଲା ଓ ତାଙ୍କୁ ଦେଖିବାପାଇଁ ମୋର ମନ ଅସ୍ଥିର ହେଉଥିଲା ।

ମୁଁ ପୋର୍ଟଲାଣ୍ଡ ପ୍ଲେସ୍‌ର ମେରିଡ଼ିଥ୍‌ଙ୍କ ଘରେ ପହଞ୍ଚିଲି । ଜଣେ ଚାକର ଆସି କହିଲା, ''ମିସ୍ ରାଚେଲ୍ ଘରେ ଅଛନ୍ତି କି ନା ସେ ଜାଣେନାହିଁ । ମୁଁ ମୋର ନାମଲିଖିତ କାର୍ଡ଼ଟି ଦେଇ କହିଲି, ''ଉପରେ ଥିବେ; ତାଙ୍କୁ କାର୍ଡ଼ଟି ଦେବ ।'' ଚାକରଟି ଚାଲିଗଲା ; ମାତ୍ର ଅଳ୍ପ ସମୟ ପରେ ଖବର ଦେଲା — ମିସ୍ ରାଚେଲ୍ ଘରେ ନାହାନ୍ତି; ବାହାରକୁ ଯାଇଛନ୍ତି । ମୁଁ କହିଲି, ''ସେ ଆସିଲେ ତାଙ୍କୁ କାର୍ଡ଼ଟି ଦେବ ଓ କହିଦେବ ଯେ ମୁଁ ସନ୍ଧ୍ୟା ଛଅଟାବେଳେ ପୁଣି ଆସିବି ।

ସନ୍ଧ୍ୟା ଛଅଟାବେଳକୁ ଆସି ଚାକରଠାରୁ ଶୁଣିଲି ଯେ ମିସ୍ ରାଚେଲ୍ ଘରକୁ ଫେରି ପୁଣି କୁଆଡ଼େ ଯାଇଛନ୍ତି । ସେ କାର୍ଡ଼ ପାଇଛନ୍ତି; କିନ୍ତୁ କିଛି କହିଯାଇନାହାନ୍ତି । ଏଥିରୁ ମୁଁ ବୁଝିପାରିଲି ରାଚେଲ୍‌ଙ୍କର ମୋ ପ୍ରତି ପୂର୍ବ ବିଦ୍ୱେଷ ରହିଛି, ସେ ମୋତେ ଦେଖାଦେବାକୁ ଚାହାନ୍ତିନାହିଁ । ନିତାନ୍ତ ମନଦୁଃଖରେ ମୁଁ ସ୍ଥିରକଲି ଯେ ୟର୍କଶାୟାର ଯାଇ ମି: ବେଟରେଜ୍‌ଙ୍କ ସହ ସାକ୍ଷାତ କରିବି — ହୁଏତ ରାଚେଲ୍‌ଙ୍କର ମୋ ପ୍ରତି ଏପରି ବ୍ୟବହାରର କୌଣସି କାରଣ ତାଙ୍କଠାରୁ ଜଣାପଡ଼ିବ । ଚନ୍ଦ୍ରକାନ୍ତମଣି ବିଷୟରେ ମଧ୍ୟ କିଛି ଜଣାଯାଇପାରିବ । ବୋଧହୁଏ ଏହି ମଣିର ଅପହରଣ ଫଳରେ ତାଙ୍କର ମୋ ପ୍ରତି ବିରାଗ ଜନ୍ମିଥିବ ।

ମି: ବେଟରେଜ୍ ମୋତେ ଖୁବ୍ ଆଦର ଅଭ୍ୟର୍ଥନା କଲେ । କଥା ପ୍ରସଙ୍ଗରେ ମୁଁ ଚନ୍ଦ୍ରକାନ୍ତମଣି ପ୍ରସଙ୍ଗ ଉଠାଇଲି । ସେ କହିଲେ, ''ଆଉ ଚନ୍ଦ୍ରକାନ୍ତମଣି କଥା ଉଠାଇବା ଦରକାର ନାହିଁ । ସ୍କଟ୍‌ଲାଣ୍ଡ ୟାର୍ଡ଼ର ବିଖ୍ୟାତ ଡିଟେକ୍ଟିଭ ସର୍ଜେଣ୍ଟ କଫ୍ ଯହିଁରେ ହାରିଗଲେ, ତମ-ଆମଭଳି ଲୋକ ସେଥିରେ କଅଣ ସଫଳ ହେବା ? ଆଉ ଗୋଟିଏ କଥା, ଏବେ ସର୍ଜେଣ୍ଟଙ୍କର ସାହାଯ୍ୟ ମଧ୍ୟ ମିଳିପାରିବନାହିଁ । ସେ କାର୍ଯ୍ୟରୁ ଅବସର ନେଇସାରିଲେଣି ।''

''ମାତ୍ର ଏ ସମ୍ପର୍କରେ ଗୋଟିଏ ସମ୍ୱାଦ ଦେବାକୁ ଅଛି । ଆମର ସେ ଚାକରାଣୀ ରୋଶାନା କଥା ମନେଥିବ ।''

ମୁଁ କହିଲି, ''ହଁ ଖୁବ୍ ମନେଅଛି ।''

ମି: ବେଟରେଜ୍ — ଆପଣ ଭାବୁଥିଲେ ସେ ଚନ୍ଦ୍ରକାନ୍ତମଣି ବିଷୟରେ ଆପଣଙ୍କୁ କିଛି କହିବାକୁ ଚାହୁଁଥିଲା ।

Digitized by srujanika@gmail.com

ମୁଁ – ହଁ, ମୋର ସେହିପରି ଧାରଣା ହୋଇଥିଲା । ତେବେ ତାର ଆଚରଣ ମୋତେ ଅଦ୍ଭୁତ ବୋଧହେଉଥିଲା । ସେଥିରୁ ମୁଁ ଅନୁମାନ କରୁଥିଲି ସେ ହୁଏତ ଚନ୍ଦ୍ରକାନ୍ତମଣି ନେଇଛି ।

ମି: ବେଟରେଜ୍ – ରୋଶାନା ଆତ୍ମହତ୍ୟା କରିଥିବା ସମ୍ବାଦ ନିଶ୍ଚୟ ଶୁଣିଥିବେ । ମାତ୍ର ସେ ଆପଣଙ୍କ ନାମରେ ଗୋଟିଏ ସିଲ୍‌କରା ଚିଠି ଦେଇଯାଇଛି । ଚିଠିଟି ଛୋଟୀ ଲୁସି ପାଖରେ ଅଛି – ମନେଥିବ କବସ୍‌ହୋଲ୍‌ର ସେହି କେଦଟ ଝିଅ ଲୁସି ?

ମୁଁ – ହଁ, ଲୁସିକୁ ମୁଁ ଚିହ୍ନେ; କିନ୍ତୁ ସେତେବେଳେ ମୁଁ ଲଣ୍ଡନରେ ଥିଲି । ଚିଠିଟିକୁ ମୋ ପାଖକୁ ପଠାଇଦେଇ ପାରିଥାନ୍ତେ ।

ମି: ବେଟରେଜ୍ – ତା' ସତ; କିନ୍ତୁ ଲୁସି ଚିଠିଟି ଦେଲାନାହିଁ; କହିଲା ମୁଁ ନିଜ ହାତରେ ମି: ଫ୍ରାଙ୍କଲିନ୍‌କୁ ଚିଠିଟି ଦେବି । ରୋଶାନାର ତାହା ଶେଷ ଅନୁରୋଧ ଥିଲା । ଆପଣ ନାନାଦେଶରେ ଭ୍ରମଣକରୁଥିଲେ; ତେଣୁ ଏ ସମ୍ବାଦ ମଧ୍ୟ ଦେଇପାରିନଥିଲି ।

ମି: ବେଟରେଜ୍ ଓ ମୁଁ କବସହୋଲ୍‌କୁ ଯାଇ ମି: ୟୋଲାର୍ଡ଼ଙ୍କ ଘରେ ପହଞ୍ଚିଲୁ । ମିସେସ୍ ୟୋଲାର୍ଡ଼ଙ୍କୁ ମୋର ପରିଚୟ ଦେଉଥିଲାବେଳେ ଲୁସି ରୋଷେଇଘରୁ ବାହାରିପଡ଼ିଲା । ତା'ର ବିରକ୍ତିପୂର୍ଣ୍ଣ ମୁହଁ ଓ ଛୋଟେଇ ଛୋଟେଇ ବେଗରେ ଆସିବା ଭଙ୍ଗୀରୁ ମୋର ଏକ ପ୍ରକାର ଭୟହୋଇଗଲା । ସେ ମୋ ଆଡ଼କୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ ମି: ବେଟରେଜ୍‌ଙ୍କୁ ପଚାରିଲା, ''ଏଇ ଜଣକ ଫ୍ରାଙ୍କଲିନ୍ ବ୍ଲେକ୍ ?'' ବେଟରେଜ୍ କହିଲେ, ''ହଁ, ଏ ହେଉଛନ୍ତି ମି: ଫ୍ରାଙ୍କଲିନ୍ ବ୍ଲେକ୍ ।''

ଲୁସି ପୁଣି ଘର ଭିତରକୁ ଯାଇ ମୁହୂର୍ତ୍ତକ ପରେ ଖଣ୍ଡିଏ ଚିଠି ଧରି ଆସିଲା । ସେଇଟିକୁ ମୋ ଆଖି ପାଖରେ ଦେଖାଇ କହିଲା, ''ତମ ଚିଠି ନେଇଯାଅ; ଆଉ କେବେ ମୋତେ ତମ ମୁହଁ ଦେଖାଇବ ନାହିଁ ।'' ଏହା କହି ସେ ପୁଣି ଘର ଭିତରକୁ ଚାଲିଗଲା ।

ମୁଁ ଚିଠିଟି ଧରି ଦେଖିଲି । ଉପରେ ରୋଶାନାର ଅକ୍ଷରରେ ଲେଖାଥିଲା – ''ମି: ଫ୍ରାଙ୍କଲିନ୍ ବ୍ଲେକ୍‌ଙ୍କ ଉଦ୍ଦେଶ୍ୟରେ ଲିଖିତ । ଏହାକୁ ଲୁସି ୟୋଲାଣ୍ଡ ନିଜେ ତାଙ୍କ ହାତରେ ଦେବେ ।''

ମୁଁ ସିଲ୍ ଭାଙ୍ଗି ଲଫାପାଟିକୁ ଖୋଲିଲି । ଭିତରେ ଖଣ୍ଡିଏ ଚିଠି ଥିଲା ଓ ତାହା ସହିତ ଗୋଟିଏ ନୋଟ୍ ମଧ୍ୟ ଥିଲା । ମୁଁ ଚିଠିଟି ପଢ଼ିବାକୁ ଆରମ୍ଭକଲି ।

''ମହାଶୟ,

ଆପଣଙ୍କର ଲେଡ଼ି ଭେରିନ୍ଦର୍‌ଙ୍କ ଗୃହରେ ଅବସ୍ଥାନ କାଳରେ ମୋର ଆପଣଙ୍କ ପ୍ରତି ବ୍ୟବହାରରେ ଆପଣ ବିସ୍ମିତ ହୋଇଥିବେ । ଯଦି ସେଥିର କାରଣ ଜାଣିବାକୁ ଚାହାଁନ୍ତି ତେବେ ଏଥି ସଂଲଗ୍ନ ନୋଟ୍‌ର ଉପଦେଶ ଅନୁସାରେ କାର୍ଯ୍ୟ କରିବେ ।

ଆପଣଙ୍କର ବିନୀତା ଭୃତ୍ୟା

ରୋଷାନା ସ୍ପିଅରମାନ୍

Digitized by srujanika@gmail.com

ଚିଠିଟି ପଢ଼ିସାରି ମୁଁ ନୋଟ୍‌କୁ ପଢ଼ିଲି ।

ନୋଟ୍ – "ଜୁଆର ଆସିଲାବେଳକୁ ଟୋରାବାଲି ପାଖକୁ ଯିବ । ସାଉଥ୍ ସ୍ପିଟ୍ ଆଡ଼କୁ ଦଶ ପାହୁଣ୍ଡ ଯାଇ ମୁଣ୍ଡିଆକୁ ଲଗାଇ ଖଣ୍ଡିଏ ବାଡ଼ି ରଖିବ । ବାଡ଼ିର ଅଗ ଯେପରି ଠିକ୍ କୋଷ୍ଟ ଗାର୍ଡ୍ ଷ୍ଟେସନର ପତାକାସ୍ତମ୍ଭ ଆଡ଼କୁ ରହେ ସେଥିପ୍ରତି ଦୃଷ୍ଟି ଦେବ । ଦେଖିବ, ବାଡ଼ିଟି ଯେପରି ଟୋରାବାଲିକୁ ସ୍ପର୍ଶ କରୁଥାଏ । ବାଡ଼ିଟି ପାଣିର ଯେଉଁ ଅଂଶରେ ରହିବ ତାହାକୁ ଖୋଜିଲେ ଗୋଟିଏ ଜଞ୍ଜିର ପାଇବ । ଏହି ଜଞ୍ଜିରକୁ ଧରି ଟାଣିବ ।"

ମୁଁ ଚିଠି ଓ ସେ ନୋଟ୍ ମି: ବେଟରେଜ୍‌ଙ୍କ ହାତକୁ ବଢ଼ାଇଦେଲି । ସେ ତାହା ପଢ଼ିବାମାତ୍ରେ କହିଉଠିଲେ – ମି: ବ୍ରଫ୍ କେଡ଼େ ଠିକ୍ କଥା କହୁଥିଲେ । କେଉଁଠାରେ ନାଇଟ୍ ଗାଉନ୍ ଲୁଚାହୋଇଛି ତାହା ରୋଶାନା ଲେଖିରଖିଥିବ ।

ଏବେ ସେ ଲେଖା ମିଳିଲା । ଆମେ ଦୁହେଁ ନୋଟ୍ ଅନୁସାରେ କାମ କରିବାକୁ ଲାଗିଲୁ । ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଇ ଲେଖା ଅନୁସାରେ ବାଡ଼ି ରଖିଲୁ । ପାଞ୍ଚ ମିନିଟ୍ ପରେ ଜୁଆର ଆସିଲା ଓ ଟୋରାବାଲି ଥରିଉଠିଲା । ବାଡ଼ି ତଳେ ହାତ ମାରି ମୁଁ ଶେଷରେ ଜଞ୍ଜିର ପାଇଲି । ଜଞ୍ଜିରକୁ ଧରି ଟାଣିବାରୁ କଳାରଙ୍ଗର ଗୋଟିଏ ଟିଣନଳୀ ଜଞ୍ଜିର ଶେଷରେ ବନ୍ଧାହୋଇଥିବାର ଦେଖିଲୁ । ଟିଣନଳୀରେ କଅଣ ଅଛି ଦେଖିବାକୁ ଅଧୟ ହୋଇ ମୁଁ ଖୁବ୍ ଜୋର୍‌ରେ ଏହାର ଢାଙ୍କୁଣୀକୁ ବାହାର କରିଦେଲି । ନଳୀ ଭିତରୁ ଗୋଟିଏ କନାପୁଡ଼ା ବାହାରିଲା । ତାକୁ ଫିଟାଇବା ମାତ୍ରେ ସେଥିରୁ ଖଣ୍ଡିଏ ଚିଠି ମିଳିଲା । ଚିଠି ଉପରେ ମୋର ଠିକଣା ଲେଖାଥିଲା । ଚିଠିଟି ପକେଟରେ ରଖି କନାପୁଡ଼ାକୁ ଫିଟାଇବାରୁ ଦେଖାଗଲା, ଏହା ଗୋଟିଏ ଧଳା ରଙ୍ଗର ନାଇଟ୍ ଗାଉନ୍ । ମି: ବେଟରେଜ୍ ଏହାକୁ ଚାହିଁ ରହିଥିଲେ । ହଠାତ୍ ସେ କହିଉଠିଲେ – "ଏଇ ଯେ . . . ଏଠାରେ ରଙ୍ଗର ଦାଗ୍ ଲାଗିଛି ।"

ନାଇଟ୍ ଗାଉନ୍ ମିଳିଲା; ସେଥିରେ କବାଟର ରଙ୍ଗ ଲାଗିଥିବାର ଦେଖାଗଲା । ଏବେ ଜାଣିବାର କଥା ଏଇଟି କାହାର ପୋଷାକ ? ପୋଷାକମାନଙ୍କରେ ମାଲିକର ନାମ ଲେଖାଥାଏ । ନାଇଟ୍ ଗାଉନ୍‌ଟିକୁ ଖୁବ୍ ଓଲଟପାଲଟ କରି ଦେଖିଲୁ – ଏଥିରେ ମୋର ନିଜ ନାଁ ଲେଖାଥିଲା । ମୋ ମନରେ ଯେ କି ବିସ୍ମୟ ଜାତହେଲା, ତାହା ବର୍ଣ୍ଣନା କରିହେବନାହିଁ ।

(୨୧)

[ଫ୍ରାଙ୍କଲିନ୍‌ଙ୍କ ବିବୃତିର ପୁନରାବୃତ୍ତି]

ମୁଁ ବିସ୍ମୟରେ ଏପରି ଅଭିଭୂତ ହୋଇଗଲି ଯେ ମୋର ହାତଗୋଡ଼ ଚଳିଲାନାହିଁ; ଚେତା ରହିଲା ନାହିଁ । ମି: ବେଟରେଜ୍ ମୋତେ କୌଣସିମତେ ଘରକୁ ନେଇ ଚଉକିରେ ବସାଇ କିଛି ବ୍ରାଣ୍ଡି ପିଆଇ ଦେବାରୁ ମୋର ଚେତା ଆସିଲା । ନାଇଟ୍ ଗାଉନ୍‌ଟି ଟେବୁଲ ଉପରେ ରହିଥିଲା । ତାକୁ ଦେଖି ମୁଁ କହିଉଠିଲି, "ମି: ବେଟରେଜ୍, ଶପଥ କରି କହିପାରେ

Digitized by srujanika@gmail.com

ମୁଁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ । ଚନ୍ଦ୍ରକାନ୍ତମଣି ମୁଁ ଛୁଇଁନାହିଁ . . . କିନ୍ତୁ . . . କିନ୍ତୁ . . . ମୋ ବିରୁଦ୍ଧରେ ପ୍ରମାଣ ରହିଛି ଏଇ ନାଇଟ୍ ଗାଉନ୍ ।''

ମି: ବେଟରେଜ୍ କହିଲେ, ''ବ୍ୟସ୍ତ ହୁଅନ୍ତୁ ନାହିଁ, ଏଥିରେ ନିଶ୍ଚୟ କିଛି ଗୋଟାଏ ଷଡ଼ଯନ୍ତ୍ର ରହିଛି; ତାହା ଖୋଜି ବାହାର କରିବା । ଚିଠିଟା କଅଣ କଲେ ?''

ଚିଠି କଥା ମୋର ମନେପଡ଼ିଗଲା । ପକେଟରୁ ତାହାକୁ ବାହାରକରି ପଢ଼ିବାକୁ ଲାଗିଲି । ଚିଠିଟି ଖୁବ୍ ଲମ୍ବ ଓ ଛୋଟ ଛୋଟ ଅକ୍ଷରରେ ଲେଖା । ଚିଠି ଶେଷରେ ରୋଶାନାର ସ୍ୱାକ୍ଷର ଥିଲା । ମୁଁ ପଢ଼ିବାକୁ ଆରମ୍ଭକଲି :

''ମହାଶୟ, ମୁଁ ଆପଣଙ୍କ ଆଗରେ ଗୋଟାଏ ଅନ୍ତରର କଥା ସ୍ୱୀକାର କରିବାକୁ ଚାହେଁ । ସେ କଥା ତିନୋଟି ଶବ୍ଦରେ ପ୍ରକାଶ କରାଯାଇପାରେ – ମୁଁ ଆପଣଙ୍କୁ ଭଲପାଏ ।''

ଏତିକି ପଢୁ ପଢୁ ଚିଠିଟି ମୋ ହାତରୁ ଖସିପଡ଼ିଲା । ମୁଁ ଚିତ୍କାର କରିଉଠିଲି, ''ହେ ଭଗବାନ୍ ! ଏହାର ଅର୍ଥ କ'ଣ ?''

ମି: ବେଟରେଜ୍ କହିଲେ, ''ଏଥିରେ ବିସ୍ମିତ ହୁଅନ୍ତୁ ନାହିଁ । ମୋର ଓ ପେନିଲୋପ୍‌ର ଏହିପରି ସନ୍ଦେହ ଥିଲା । ବୋଧହୁଏ ଆପଣଙ୍କୁ ପ୍ରଥମଥର ଦେଖିଲାବେଳୁ ସେ ଆପଣଙ୍କୁ ଭଲପାଇବସିଛି ।

ମୁଁ ପଢ଼ିବାକୁ ଲାଗିଲି – ''ଦିନକୁ ଦିନ ଆପଣଙ୍କ ପ୍ରତି ମୋର ପ୍ରେମ ବୃଦ୍ଧିପାଇଲା । ମୁଁ ନିଜକୁ, ନିଜର ସ୍ଥାନ, ନିଜର ବିଦ୍ୟା, ରୂପ ସବୁ ଭୁଲିଗଲି । ମୁଁ ଆପଣାକୁ ଜଣେ କୁଳୀନ ଭଦ୍ରମହିଳା ବୋଲି ମନେକଲି । ଆପଣ ମୋତେ ଚାହୁଁନଥିବାରୁ କେତେ ରାତି କାନ୍ଦି କାନ୍ଦି ଅନିଦ୍ରାରେ କଟାଇଛି । ପ୍ରେମର ସ୍ଥାନାସ୍ଥାନ ବିଚାର ନଥାଏ । ମୁଁ ପ୍ରେମରେ ପାଗଳିନୀ; କିନ୍ତୁ ଆପଣ ମୋତେ ଟିକିଏ ସୁଦ୍ଧା ଚାହାନ୍ତିନାହିଁ ।''

ଏତିକି ପଢ଼ିଲାବେଳକୁ ମୁଁ ବଡ଼ ବିଚଳିତ ହୋଇପଡ଼ିଲି । ମୋତେ ସାନ୍ତ୍ୱନା ଦେଇ ମି: ବେଟରେଜ୍ କହିଲେ, ''ଏଥିପାଇଁ ତ ଆପଣ ଦୋଷୀ ନୁହନ୍ତି – ଦୁଃଖର କାରଣ କଅଣ ? ଆଚ୍ଛା, ଆପଣ ଚିଠିଟା ମୋତେ ପଢ଼ିବାକୁ ଦିଅନ୍ତୁ । ଚନ୍ଦ୍ରକାନ୍ତମଣି ବିଷୟରେ ଯଦି କିଛି ଥାଏ ସେତିକି ଆପଣଙ୍କୁ ଶୁଣାଇଦେବି ।''

ମି: ବେଟରେଜ୍ ପଢ଼ିଗଲେ : ''ସେ ଦିନ ପୋଲିସ ରଙ୍ଗ ଲାଗିଥିବା ପୋଷାକର ଅନୁସନ୍ଧାନ କଲା । ମୁଁ ଆପଣଙ୍କ ବିଛଣା ସଜାଡ଼ିବାକୁ ଯାଇ ରଙ୍ଗଲଗା ନାଇଟ୍ ଗାଉନ୍‌ଟି ଦେଖିଲି । ମୁଁ କଅଣ କରିବି ଉପାୟ ପାଇଲି ନାହିଁ । ଏହାକୁ ଲୁଚାଇବା ଦରକାର ମନେକଲି; କିନ୍ତୁ ଠିକ୍ ଏଇଭଳି ଆଉ ଗୋଟାଏ ନାଇଟ୍ ଗାଉନ୍ ଯୋଗାଡ଼ ନକଲେ ଚଳନ୍ତାନାହିଁ । ଦେହ ଭଲନାହିଁ ବୋଲି ଛଳନାକରି ମୁଁ ରହିଗଲି । ଉପରବେଳା ଭିତରେ କନା କିଣିଲି ଓ ନିଜେ ସିଲେଇ କରି ନାଇଟ୍ ଗାଉନ୍‌ଟିଏ ତିଆରି କଲି । ସର୍ଜେଣ୍ଟ କଫ୍ ଆଉ କିଛି ଧରିପାରିନଥାନ୍ତୁ ପଛକେ ଏ କଥାଟି ଧରିପାରିଛନ୍ତି । ସର୍ଜେଣ୍ଟ କଫ୍ ଶୁକ୍ରବାର ସକାଳେ ଆମ ଘରକୁ ଆସିବା

Digitized by srujanika@gmail.com

ଆଗରୁ ମୁଁ ନୂଆ ନାଇଟ୍ ଗାଉନ୍‌କୁ ଧୋଇ, ଶୁଖାଇ, ଭାଙ୍ଗି, ଚିହ୍ନ ଦେଇ ଆପଣଙ୍କ ଡ୍ରୟର୍‌ରେ ରଖିସାରିଥିଲି ।

''ସର୍ଜେଣ୍ଟ କଫ୍ ଲଣ୍ଡ୍ରି ହିସାବ ଖାତା ଦେଖିବାକୁ ମାଗିଲେ । ମୁଁ ସେ ଖାତା ନେଇ ତାଙ୍କୁ ଦେଲି । ଏଥିପୂର୍ବରୁ ସେ ମୋତେ ଦେଖିଥିଲେ; କିନ୍ତୁ ସେ ମୋତେ ଚିହ୍ନିନଥିବାର ଛଳନା କଲେ । ସେଥିରୁ ମୁଁ ବୁଝିଲି ଯେ ତାଙ୍କର ମୋ ଉପରେ ସନ୍ଦେହ; ଯେକୌଣସି ମୁହୂର୍ତ୍ତରେ ସେ ମୋ କୋଠରି ଖାନତଲାସ୍ କରିପାରନ୍ତି । ମୋର ଚିନ୍ତା ହେଲା, କିପରି ପୁରୁଣା ନାଇଟ୍ ଗାଉନ୍‌ଟି ଘରୁ ବାହାରକରି ଲୁଚାଇବି ।

''ସେଇଟି ଆପଣଙ୍କ ନାଇଟ୍ ଗାଉନ୍; ତେଣୁ ମୋ ପକ୍ଷରେ ଏକ ପବିତ୍ର ସ୍ମୃତି । ତାକୁ ପୋଡ଼ି ନଷ୍ଟ କରିପାରିଲି ନାହିଁ । ଚୋରାବାଲି ପାଖରେ ଲୁଚାଇବାକୁ ସ୍ଥିରକଲି । ସେଇଟିକୁ ମୋ ପୋଷାକ ତଳେ ଲୁଚାଇ ଲୁସି ଘରକୁ ଗଲି । ତାରି ଘରେ ବସି ଏ ଚିଠିଟି ଲେଖୁଛି । ମିସେସ୍ ୟୋଲାଣ୍ଡଙ୍କ ଘର କଣରେ ନଳପରି ଅନେକ ଜିନିଷ ପଡ଼ିଛି । ଗୋଟିଏ ନଳରେ ଏହାକୁ ପୂରାଇଦେଲେ ଆଉ ନଷ୍ଟ ହେବ ନାହିଁ । ତପ୍ରରେ ନଳଟିକୁ ଚୋରାବାଲି ପାଖରେ ପୋତିଦେବି ।

''ମି: ଫ୍ରାଙ୍କଲିନ୍, ମୋର ମନର କଥା ଜଣାଇବା ପାଇଁ ଆଉ ଥରେ ଚେଷ୍ଟାକରିବି । ଆପଣ ମିସ୍ ରାଚେଲ୍‌ଙ୍କୁ ଯେପରି ଆଦରରେ ମଧୁର କଥା କହନ୍ତି, ସେହିପରି ମୋତେ କହିଲେ ମୁଁ କୃତାର୍ଥ ହୋଇ ପ୍ରାଣ ଧରି ରହିବି । ତା' ନହେଲେ ଏଇ ହେବ ମୋର ଶେଷ ଚେଷ୍ଟା; ତା' ସଙ୍ଗେ ମୋ ଜୀବନର ଶେଷ ମଧ୍ୟ ।''

ଚିଠିଟି ପଢ଼ା ଶେଷ ହେବାରୁ ମୁଁ ମି: ବେଟରେଜ୍‌ଙ୍କଠାରୁ ତାକୁ ଆଣି ପକେଟ୍‌ରେ ରଖିଲି । ଏହାଦ୍ୱାରା ଚନ୍ଦ୍ରକାନ୍ତମଣି ଚୋରି ବିଷୟରେ କିଛି ଜଣାଗଲାନାହିଁ । କେବଳ ମୋତେ ଆଶାକରି ଗୋଟିଏ ବାଳିକା ଆତ୍ମହତ୍ୟା କରିଥିବାରୁ ମୋ ମନରେ ଭୟଙ୍କର ଦୁଃଖ ଜାତହେଲା ।

(୨୨)

ୟର୍କଶାୟାରରେ ମୋର ଆଉ କିଛି କାମ ନଥିଲା । ମି: ବ୍ରଫ୍‌ଙ୍କ ସହିତ ପରାମର୍ଶ କରିବା ପାଇଁ ଲଣ୍ଡନକୁ ଆସିବା ସ୍ଥିରକଲି । ମି: ବେଟରେଜ୍ ମୋ ସଙ୍ଗେ ଚାଲିଚାଲି ଷ୍ଟେସନ ପର୍ଯ୍ୟନ୍ତ ଆସିଲେ । ବାଟରେ ମୁଁ ମି: ବେଟରେଜ୍‌ଙ୍କୁ ପଚାରିଲି – ''ମିସ୍ ରାଚେଲ୍‌ଙ୍କ ଜନ୍ମଦିବସ ଭୋଜିରେ ମୁଁ କଅଣ ଅତିରିକ୍ତ ମଦ ପିଇ ମାତାଲ ହୋଇଥିଲି ?''

ମି: ବେଟରେଜ୍ ଉତ୍ତରକଲେ – ''ଆଦୌ ନୁହେଁ । ଆପଣ ଯାହା ପିଇଥିଲେ ସେଥିରେ ଗୋଟାଏ ପିଲାର ସୁଦ୍ଧା ନିଶା ହୁଅନ୍ତା ନାହିଁ ।''

Digitized by srujanika@gmail.com

ତତ୍ପରେ ମୁଁ ଆଉ ଗୋଟିଏ ପ୍ରଶ୍ନ ପଚାରିଲି – ''ମି: ବେଟରେଜ୍, ମୁଁ ପଢ଼ିବା ପାଇଁ ବିଦେଶ ଯିବା ପୂର୍ବରୁ ଆପଣ ମୋତ ବରାବର ଦେଖିଆସିଛନ୍ତି। ମୁଁ କେବେ ନିଦ୍ରିତ ଅବସ୍ଥାରେ ବୁଲିବା ଆପଣ ଜାଣନ୍ତି ?''

ମି: ବେଟରେଜ୍ ଉତ୍ତରକଲେ – ''ଆପଣଙ୍କ ପ୍ରଶ୍ନର ଉଦ୍ଦେଶ୍ୟ ବୁଝିପାରୁଛି। କିପରି ଆପଣଙ୍କ ନାଇଟ୍ ଗାଉନ୍‌ରେ ରଙ୍ଗ ଲାଗିଲା ତାହା ଜାଣିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ମୁଁ ଦୃଢ଼ରୂପେ କହିପାରେ, ଆପଣ କେବେହେଲେ ସେପରି କରିନାହାନ୍ତି – କାରଣ ଅନ୍ୟ କେଉଁଠି ଅଛି। ମନେକରନ୍ତୁ, ଆପଣ ମାତାଲ ଥିବା ଅବସ୍ଥାରେ ବା ନିଦ୍ରିତ ଅବସ୍ଥାରେ ଥାଇ ମଣିଟିକୁ ନେଇଥିଲେ; କିନ୍ତୁ ମଣି ଲଣ୍ଡନକୁ ଗଲା କିପରି ? ମି: ଲିଉକାର୍‌ଙ୍କ ପାଖେ ବନ୍ଧକ ରହିଲା କିପରି ? ଏସବୁ କଅଣ ଆପଣ ଅଜ୍ଞାତରେ କରିପକାଇଲେ ? ଅସମ୍ଭବ ! ଏ ସମସ୍ୟାର ସନ୍ଧାନ ନେବାକୁ ହେବ। ମି: ବ୍ରଫ୍‌ଙ୍କ ସଙ୍ଗେ ପରାମର୍ଶ କରନ୍ତୁ, କିଛି ସନ୍ଧାନ ମିଳିପାରିବ।''

ଷ୍ଟେସନରେ ଠିକ୍ ସମୟରେ ଗାଡ଼ିରେ ବସି ଲଣ୍ଡନରେ ପହଞ୍ଚିବାମାତ୍ରେ ମୁଁ ମି: ବ୍ରଫ୍‌ଙ୍କ ଘରକୁ ଗଲି। ଆମେ ଦୁହେଁ ତାଙ୍କ ପଢ଼ାଘରେ ବସି କଥାବାର୍ତ୍ତା ହେଲୁ। ମୁଁ ତାଙ୍କୁ ମୋର ନାଇଟ୍ ଗାଉନ୍ ଓ ରୋଶାନାର ଚିଠି ଦେଖାଇ ସବୁ ଘଟନା କହିଗଲି।

ଚିଠିଟି ପଢ଼ିସାରି ମି: ବ୍ରଫ୍ କହିଲେ – ''ବ୍ୟାପାରଟା ବଡ଼ ସାଙ୍ଘାତିକ। ଏହା ସହିତ ଆପଣ ଯେପରି ସଂପୃକ୍ତ, ରାଚେଲ୍ ମଧ୍ୟ ସେହିପରି ସଂପୃକ୍ତ। ଆପଣଙ୍କ ପ୍ରତି ରାଚେଲ୍‌ଙ୍କର ବ୍ୟବହାର ଏପରି ରୁକ୍ଷ ହେବାର କାରଣ ଜଣାପଡ଼ିଗଲା। ତାଙ୍କର ବିଶ୍ୱାସ ଆପଣ ହିଁ ଚନ୍ଦ୍ରକାନ୍ତମଣି ଚୋରି କରି ନେଇଛନ୍ତି।''

''ରାଚେଲ୍ କାହିଁକି ଏପରି ବିଶ୍ୱାସକଲେ ତାହା ଜାଣିବା ଦରକାର। ସେ ବରାବର ଏ ବିଷୟରେ ଚୁପ୍ କରି ରହିଛନ୍ତି। ମୋର ମନେହୁଏ, ସେ ଯାହା ଜାଣନ୍ତି ପ୍ରକାଶକଲେ ଚନ୍ଦ୍ରକାନ୍ତମଣି ଚୋରିର ସମସ୍ତ ରହସ୍ୟ ପଦାରେ ପଡ଼ିଯିବ; କିନ୍ତୁ ତାଙ୍କ ସହିତ ଆପଣଙ୍କର କଥାବାର୍ତ୍ତା ହେବ କିପରି ?''

ମୁଁ କହିଲି, ''ମୁଁ ନିଜେ ଯାଇ ତାଙ୍କୁ ପଚାରିବି। ଆମର ଯେପରି ସାକ୍ଷାତ ହୁଏ ସେଥିପାଇଁ ଆପଣଙ୍କର ସାହାଯ୍ୟ ଦରକାର।''

ମି: ବ୍ରଫ୍ – ଆପଣ ସାକ୍ଷାତ କରିବେ ? କିପରି ?

ମୁଁ – ସେ ଆଜି ଆପଣଙ୍କର ଅତିଥି। ମୋ ବିଷୟରେ ଆପଣ ତାଙ୍କୁ କିଛି କହନ୍ତୁ ନାହିଁ। ମୁଁ ହଠାତ୍ ତାଙ୍କ ପାଖକୁ ଚାଲିଯିବି।

ମି: ବ୍ରଫ୍ – ବାଃ ! ତାର ଅର୍ଥ ମୋ ଘରେ ମୁଁ ପ୍ରତାରଣା କରି ମିସ୍ ରାଚେଲ୍‌ଙ୍କୁ ଏକ ଅପ୍ରୀତିକର ପରିସ୍ଥିତିରେ ପକାଇବି ! ନାଁ, ନାଁ, ମୁଁ ଏପରି ବିଶ୍ୱାସଘାତକତା କରିନପାରେ। ରାଚେଲ୍ କାଲି ଦିନକ ପାଇଁ ମଧ୍ୟ ଏଇଠାରେ ରହିବେ। ଆପଣ କାଲି ଉପରବେଳା

Digitized by srujanika@gmail.com

ତିନିଟାବେଳେ ଆସନ୍ତୁ । ତାଙ୍କ ସହିତ ଆପଣଙ୍କ ପାଇଁ ସାକ୍ଷାତର ବ୍ୟବସ୍ଥା କରାଇଦେବି ।

ପରଦିନ ଠିକ୍ ତିନିଟାବେଳେ ମୁଁ ମି: ବ୍ରଫ୍‌ଙ୍କ ଘରେ ପହଞ୍ଚିଲି । ଜଣେ ଚାକର ମୋତେ ଉପର ମହଲାର ଗୋଟିଏ ଛୋଟ ଡ୍ରଇଁରୁମ୍ ପାଖରେ ପହଞ୍ଚାଇଦେଲା । ଘର ଭିତରେ ମିସ୍ ରାଚେଲ୍ ପିଆନୋ ବଜାଉଥିଲେ । ମୁଁ ମନ ଦମ୍ଭ କରି ଘର ଭିତରକୁ ପାଦ ବଢ଼ାଇଲି । ମୋତେ ଦେଖିଲାମାତ୍ରେ ମିସ୍ ରାଚେଲ୍ ଛିଡ଼ାହୋଇପଡ଼ି ପାଦେ ମୋ ଆଡ଼କୁ ଆଗେଇଆସିଲେ । ମୁଁ ଭିତରୁ କବାଟ ବନ୍ଦକରିଦେଲି । ଦୁହେଁ ଦୁହିଁଙ୍କୁ କିଛି ସମୟ ଚାହିଁ ରହିଲୁ । ମୁଁ ଧୀର ସ୍ୱରରେ କହିଲି – 'ରାଚେଲ୍' !

ସତେ ଯେପରି କି ରାଚେଲ୍ ସବୁ କଥା ଭୁଲିଗଲେ; ତାଙ୍କର ମୋ ପ୍ରତି ଅନୁରାଗ ଫେରିଆସିଲା । ଦୁହେଁ ପରସ୍ପରକୁ ଆଲିଙ୍ଗନ କଲୁ; କିନ୍ତୁ ଅଳ୍ପ ସମୟ ପରେ ସେ ମୋତେ ଘୃଣାସହକାରେ ଦୂରକୁ ଠେଲିଦେଇ କହିଲେ – "ଭୀରୁ, କାପୁରୁଷ, ନୀଚ୍, ଅଧମ !"

ଏପରି ନିର୍ମମ ଗାଳି ମୋତେ ଅସହ୍ୟ ବୋଧହେଲା । ମୁଁ ନିଜକୁ ସଂଯତ କରି କହିଲି, "ରାଚେଲ୍, ମୋର ସମ୍ମାନ ତୁମ ହାତରେ ରହିଛି । ସେଥିପାଇଁ ମୁଁ ତୁମର ଏସବୁ ଗାଳି ସହିଯାଉଛି । ନହେଲେ ଏହି ମୁହୂର୍ତ୍ତରେ ଚାଲିଯାଇଥାନ୍ତି । ମୁଁ କି ଅପରାଧ କରିଛି ଯେ ମୋ ପ୍ରତି ଏପରି ଭାଷା ପ୍ରୟୋଗ କରୁଛ ?"

ମିସ୍ ରାଚେଲ୍ – ତୁମେ କଅଣ କରିଛ – ଏଭଳି ପ୍ରଶ୍ନ ପୁଣି ତୁମେ ମୋତେ ପଚାରୁଛ ?

ମୁଁ – ହଁ, ପଚାରିବାକୁପଡୁଛି ।

ମିସ୍ ରାଚେଲ୍ – ମୁଁ ଏତେବେଳଯାଏ ତୁମର ସଇତାନି ଗୁପ୍ତ ରଖିଛି । ସେଥିପାଇଁ ମୁଁ ଯଥେଷ୍ଟ ଦୁଃଖ ଭୋଗିଲିଣି । ପୁଣି ପଚାରିବାକୁ ସାହସ କରୁଛ ?

ମୁଁ – ତୁମେ ମୋ ପ୍ରତି ଘୋର ଅନ୍ୟାୟ କରିଛ । ତୁମର ସନ୍ଦେହ ଯେ ମୁଁ ଚନ୍ଦ୍ରକାନ୍ତମଣି ନେଇଛି । ତୁମର ଏଭଳି ସନ୍ଦେହର କାରଣ ମୋତେ ଜଣାଇବା ଉଚିତ ।

ମିସ୍ ରାଚେଲ୍ – ସନ୍ଦେହକରୁଛି ? ସନ୍ଦେହ କଅଣ ? ମୁଁ ସ୍ୱଚକ୍ଷୁରେ ଦେଖିଛି, ତୁମେ ଚନ୍ଦ୍ରକାନ୍ତମଣି ନେଇଛ ।

ଏହା ଶୁଣି ମୋ ତୁଣ୍ଡରୁ କଥା ବାହାରିଲାନାହିଁ । ସେ ଦ୍ୱାର ପାଖକୁ ଯାଇ କହିଲେ – "ତୁମେ କାହିଁକି ଆସି ମୋତେ ଅପମାନିତ କରୁଛ; ନିଜେ ଅପମାନିତ ହେଉଛ – କଅଣ କହୁଛ ? ଯାଅ, ଚାଲିଯାଅ ।"

ମୁଁ ତାଙ୍କ ହାତ ଧରିପକାଇ କହିଲି, "ରାଚେଲ୍, ଦିନେ ତ ପୁଣି ତମେ ମୋତେ ସ୍ନେହକରୁଥିଲ ?"

ରାଚେଲ୍ ନିଜ ହାତ ଟାଣିନେଇ ବିରକ୍ତିରେ କହିଲେ – "ମୋ ହାତ ଛାଡ଼ିଦିଅ । ତୁମକୁ ସ୍ପର୍ଶ କରିବାକୁ ଇଚ୍ଛା ହୁଏନା ।"

ତଥାପି ମୁଁ ତାଙ୍କୁ ଧୀରଭାବରେ ନେଇ ସୋଫା ଉପରେ ବସାଇଦେଲି । ପାଖରେ

Digitized by srujanika@gmail.com

ବସି ତାଙ୍କ ହାତ ଧରି କହିଲି, "ରାଚେଲ୍, ମୁଁ କଅଣ କହିବି, କିପରି କହିବି ସ୍ଥିର କରିପାରୁନାହିଁ । ତେବେ ତୁମ ପାଖେ ନିଶ୍ଚୟ ସତ କହିବି । ତୁମେ କହୁଛ – ନିଜ ଆଖିରେ ଦେଖିଛ ମୁଁ ଚନ୍ଦ୍ରକାନ୍ତମଣି ନେଇଛି । ତୁମ କଥାକୁ ମଧ୍ୟ ମୁଁ ଅବିଶ୍ୱାସ କରିପାରିବିନାହିଁ । ଈଶ୍ୱରଙ୍କ ନାମରେ ଶପଥ କରି କହୁଛି, ମୁଁ ମଣି ନେଇଥିବା କଥା ଆଦୌ ଜାଣିନାହିଁ ।"

ମୋ କଥା ସେ ଶୁଣିଲେ ବି ନାହିଁ । କେବଳ କହିଲେ, "ମୋ ହାତ ଛାଡ଼ିଦିଅ ।" ମୁଁ ପୁଣି କହିଲି, "ରାଚେଲ୍, ମୋର ଏକାନ୍ତ ଅନୁରୋଧ, ଆମେ ପରସ୍ପରଠାରୁ ବିଦାୟ ନେବା ପରଠାରୁ ମୋର ମଣି ନେବା ପର୍ଯ୍ୟନ୍ତ ଯାହା ଯାହା ଘଟିଥିଲା କୁହ ।"

ରାଚେଲ୍ – ପୁଣି ସେ ଗତ କଥା ଆଲୋଚନା କରି ଲାଭ କଅଣ ? ମୋ ହାତ ଛାଡ଼ ।

ମୁଁ – ରାଚେଲ୍, ଗୋଟାଏ କୌଣସି ବିରାଟ ଭ୍ରମ ହୋଇଛି । ଯାହା ଆମେ ସତ୍ୟ ବୋଲି ବୁଝିଛୁ, ତା' ଭିତରେ କେଉଁଠି ମିଥ୍ୟା ରହିଯାଇଛି; ଫଳରେ ଆମେ ଦୁହେଁଯାକ ଦୁଃଖଭୋଗୁଥାଇଁ । ସେଦିନ ରାତିର ଘଟଣା କହିଲେ ହୁଏତ ପ୍ରକୃତ କଥା ବାହାରିପାରିବ ।

ମୋର ଏହି କଥାରେ ସେ ନରମିଗଲେ । ସେ କହିଲେ – "ହେଉ, କଅଣ ଜାଣିବାକୁ ଚାହଁ କୁହ !"

ମୁଁ – ଆମେ ପରସ୍ପରଠାରୁ ବିଦାୟ ନେବା ପରେ କଅଣ ହେଲା ? ତୁମେ ଶୋଇବାକୁ ଗଲ ?

'ହଁ . . . '

'ତୁମେ କ'ଣ ନିଦରେ ଶୋଇପଡ଼ିଲ ?'

'ନା, ମୋତେ ନିଦ ଆସିଲା ନାହିଁ । କିଛି ସମୟ ପରେ ମୁଁ ବିଛଣାରୁ ଉଠି ବତି ଜାଳିଲି ।'

'କେତେ ସମୟ ପରେ ?'

'ପ୍ରାୟ ଘଣ୍ଟାକ ପରେ । ପ୍ରାୟ ଗୋଟାଏବେଳେ ।'

'ତୁମେ କଅଣ ତୁମ ବୈଠକଖାନାକୁ ଗଲ ?'

'ନା, ମୁଁ ବୈଠକଖାନାକୁ ଯିବାବେଳକୁ କବାଟ ପାଖରେ ଆଲୁଅ ଦେଖିଲି । ବାହାରୁ କାହାର ପାଦଶବ୍ଦ ଶୁଣିପାରିଲି ।'

'ତୁମେ କଅଣ କଲ ?'

'ମୁଁ ନିଜ ବତିଟି ଲିଭାଇଦେଲି । ମୁଁ ଭାବିଲି, ମାଆ ମଣି ବିଷୟରେ ମୋ ସଙ୍ଗେ କଥାବାର୍ତ୍ତା ହେବାକୁ ଆସୁଛନ୍ତି; କିନ୍ତୁ ମୁଁ ଚାହୁଁଥିଲି, ମୁଁ ଶୋଇଛି ବୋଲି ଜାଣିଲେ ସେ ଚାଲିଯିବେ ।'

'ବତି ଲିଭାଇ ତୁମେ କଅଣ ଶୋଇବାକୁ ଗଲ ?'

Digitized by srujanika@gmail.com

'ବିଛଣାକୁ ଯିବାବେଳକୁ ହଠାତ୍ ବୈଠକଖାନା ଘରର କବାଟ ଖୋଲିଲି । ମୁଁ ଦେଖେ ତ . . .'

'କଅଣ ଦେଖିଲ ?'

'ତୁମକୁ ଦେଖିଲି ।'

'ମୁଁ କଅଣ ପିନ୍ଧିଥିଲି ?'

'ତୁମର ନାଇଟ୍ ଗାଉନ୍ ପିନ୍ଧିଥିଲ । ହାତରେ ବତି ଧରିଥିଲ ।'

'ତୁମେ ମୋର ମୁହଁ ଦେଖିଲ ?'

'ହଁ, ସ୍ପଷ୍ଟ ତୁମ ମୁହଁ ଦେଖିଛି ।'

'ସେତେବେଳେ ମୋ ଆଖି ଖୋଲାଥିଲା ?'

'ହଁ, ସଫା ମେଲାଥିଲା ।'

'ମୋତେ ଦେଖି ତୁମେ କଅଣ କଲ ?'

'ମୁଁ କିଛି କରିପାରିଲି ନାହିଁ । ମୁଁ ଏପରି ସ୍ତମ୍ଭୀଭୂତ ହୋଇଗଲି ଯେ କିଛି କହିପାରିଲି ନାହିଁ କି ମୋ କବାଟ ସୁଦ୍ଧା ବନ୍ଦ କରିପାରିଲି ନାହିଁ ।'

'ତା'ପରେ ମୁଁ କଅଣ କଲି ?'

'ତୁମେ ସିଧା ମୋ ଭାରତୀୟ ଆଲମାରି ପାଖକୁ ଚାଲିଗଲ ।'

'ମୁଁ ଆଲମିରା ପାଖକୁ ଗଲାବେଳେ ମୋ ପିଠିପାଖ ତୁମଆଡ଼କୁ ଥିବ ? ମୁଁ କ'ଣ କରୁଥିଲି ତୁମେ କିପରି ଜାଣିଲ ?

'ତୁମେ ଜାଣ ସେ ଘରର କାନ୍ଥମାନଙ୍କରେ ବଡ଼ ବଡ଼ ଦର୍ପଣ ଖଞ୍ଜା ହୋଇଛି । ତୁମେ କଅଣ କରୁଥିଲ ମୁଁ ଦର୍ପଣରୁ ଦେଖିପାରୁଥିଲି ।'

'ଆଚ୍ଛା, ମୁଁ କ'ଣ କରିବାର ତୁମେ ଦେଖିଲ ?'

'ପ୍ରଥମେ ତୁମେ ବତିଟିକୁ ଆଲମାରି ଉପରେ ରଖିଲ । ତାହାପରେ ଆଲମାରିର ଡ୍ରୟରଗୁଡ଼ିକ ଗୋଟିଏ ପରେ ଗୋଟିଏ ଖୋଲିଲ ଓ ବନ୍ଦକଲ । ଶେଷରେ ଗୋଟିଏ ଡ୍ରୟର୍ ଭିତରୁ ଚନ୍ଦ୍ରକାନ୍ତମଣିଟି ବାହାର କରି ହାତରେ ଧରିଲ ।'

'ସଙ୍ଗେ ସଙ୍ଗେ ମୁଁ ଘର ଭିତରୁ ବାହାରିଆସିଲି ନା ଆଉ କିଛି କଲି ?'

'ନା, ସଙ୍ଗେ ସଙ୍ଗେ ବାହାରି ଆସି ନାହିଁ । ଅନେକବେଳଯାଏ ଠିଆହୋଇ ରହି ହଠାତ୍ ଚମକିପଡ଼ିଲାପରି ଘରୁ ବାହାରିଗଲ ।'

'ସେହି ସମୟଠାରୁ ସକାଳେ ମଣି ହଜିବା କଥା ଜଣାଯିବା ପର୍ଯ୍ୟନ୍ତ କିଛି ଘଟିନଥିଲା ?'

'ନା, କିଛି ଘଟିନାହିଁ ।'

'ତୁମେ ଠିକ୍ ଜାଣିଛ ଯେ କିଛି ଘଟିନାହିଁ ? ହୁଏତ ରାତିର ଶେଷ ଭାଗକୁ ତୁମକୁ ନିଦ ଲାଗିଯାଇଥିବ ?'

Digitized by srujanika@gmail.com

– 'ନା, ରାତିଯାକ ମୁଁ ଆଦୌ ଶୋଇନାହିଁ; ଏପରିକି ବିଛଣାକୁ ଯାଇନାହିଁ । ସକାଳେ ପେନିଲୋପ୍ ଆସି ଡାକିବାଯାଏ ଆଉ କିଛି ଘଟିନାହିଁ ।'

ମୁଁ ଯେତେ ପ୍ରଶ୍ନ ପଚାରିଲି ସବୁର ଉତ୍ତର ପାଇଲି । ଆଉ କ'ଣ ପଚାରିବି ସ୍ଥିର କରିନପାରି ମୁଁ ଚୁପ୍ ହୋଇରହିଲି । କିଛି ସମୟ ପରେ ରାଚେଲ୍ କହିଲେ, ''ତୁମ ପ୍ରଶ୍ନମାନଙ୍କର ଉତ୍ତର ପାଇଲ – ଏବେ କ'ଣ କହୁଛ ?'' ମୁଁ ବିରକ୍ତି ପ୍ରକାଶ କରି କହିଲି, ''ଯେତେବେଳେ ଏସବୁ କହିବାର କଥା, ସେତେବେଳେ କହିଥିଲେ ତୁମେ ମୋ ପ୍ରତି ନ୍ୟାୟବିଚାର କରିଥାନ୍ତ ।''

ରାଚେଲ୍ ମଧ ସେହିପରି ଉତ୍ତେଜିତ ସ୍ୱରରେ କହିଲେ, ''ମୁଁ ତୁମ ପ୍ରତି ନ୍ୟାୟବିଚାର କରିଥାଚି ? ଅନ୍ୟାୟ କରିଛି . . . ନା ? ସେ ଦିନ ରାତିଟି ଯେ କି ଦୁଶ୍ଚିନ୍ତାରେ, ଅନିଦ୍ରାରେ କଟାଇଛି, ତା' ମୁଁ ଜାଣେ । ତୁମେ ଯାହା କଲ, ସବୁ ଦେଖି ସୁଦ୍ଧା ମୁଁ ତୁମକୁ ଚୋରବୋଲି କଳ୍ପନା କରି ପାରିନଥିଲି । ତୁମ ପ୍ରତି ମୋର ଅତିରିକ୍ତ ମମତା ହେଉଛି ସେଥିର କାରଣ । ମୁଁ ମନେକଲି, ତୁମେ ଥଟ୍ଟାରେ ମଣିଟିକୁ ନେଇଛ; ସକାଳେ ପୁଣି ମୋତେ ଦେବ; କିନ୍ତୁ ମୁଁ ସକାଳୁ ଶୁଣିଲି, ତୁମେ ହିଁ ପ୍ରଥମେ ପୋଲିସକୁ ଖବର ଦେଇଛ । ତଥାପି ମୁଁ ତୁମର ସ୍ନେହରେ ପଡ଼ି ଭାବିଲି – ଫ୍ରାଙ୍କଲିନ୍ ସମସ୍ତଙ୍କୁ ବୋକା ବନାଇବା ପାଇଁ ଏପରି କରିଥିବେ; କିନ୍ତୁ ମୋତେ ବୋକାବନାଇବାର ଚେଷ୍ଟା କରିବେ ନାହିଁ । ତୁମେ ବାରଣ୍ଡାରେ ଥିବାର ଶୁଣି ମୁଁ ତୁମ ପାଖକୁ ଯାଇ ଯାହା କହିଥିଲି ମନେଥିବ ।''

ମୁଁ ସବୁ ମନେପକାଇଲି; କିନ୍ତୁ କିଛି କହିବା ପାଇଁ ସାହସ ହେଲାନାହିଁ । ରାଚେଲ୍ ପୁଣି କହିଲେ – ''ସେ କଥା ଭୁଲିଯାଇଛ ? ହଁ, ତୁମର ସୁବିଧା ପାଇଁ ଭୁଲିଗଲ; କିନ୍ତୁ ମୋର ଠିକ୍ ମନେଅଛି । ସତକଥା ମୋତେ କହିଦେବାପାଇଁ ମୁଁ ତୁମକୁ ଖୁବ୍ ସୁଯୋଗ ଦେଇଛି; କିନ୍ତୁ ତୁମେ ବିସ୍ମିତ ହେବାର ଛଳନା କରିଛ, ଏକବାରେ ନିର୍ଦ୍ଦୋଷ ବୋଲି ଦେଖାଇହୋଇଛ । ଆଜି ମଧ ଠିକ୍ ସେହିପରି କରୁଛ ।''

''ସେତେବେଳେ ଏ କଥା କହିଲ ନାହିଁ କାହିଁକି ?'' – ମୁଁ ପଚାରିଲି !

ରାଚେଲ୍ ଉତ୍ତରକଲେ – ''ଅନ୍ୟ ଲୋକମାନେ ସେତେବେଳକୁ ମଣି ଚୋରି କଥା ଜାଣିସାରିଥିଲେ । ସେତେବେଳେ ମୁଁ ଏ କଥା ପ୍ରକାଶ କରିଥିଲେ ତୁମେ ଆଉ ମୁହଁ ଦେଖାଇପାରିଥାନ୍ତ ? ତୁମକୁ ଏକାନ୍ତରେ କହିଥିଲେ ବା କ'ଣ ହୋଇଥାନ୍ତା ? ଏହିକ୍ଷଣି ଯେପରି ସବୁ ଅସ୍ୱୀକାର କରୁଛ, ସେତେବେଳେ ମଧ ସେହିପରି ଅସ୍ୱୀକାର କରିଥାନ୍ତ । ମୁଁ ତୁମ କଥାକୁ ସେତେବେଳେ ବିଶ୍ୱାସ କରିନଥାନ୍ତି, ବର୍ତ୍ତମାନ ମଧ ବିଶ୍ୱାସ କରୁନାହିଁ ।''

ଲଜ୍ଜା ଓ ଅପମାନରେ ମୁଁ ସଢ଼ିଗଲି । ଆଖିରୁ ଲୁହଧାର ବହିଗଲା । କବାଟ ଖୋଲି ଘରୁ ବାହାରି ଆସିଲାବେଳେ ଏତିକି କହିଲି, ''ରାଚେଲ୍, ଦିନେ ବୁଝିପାରିବ ତୁମେ ମୋ ପ୍ରତି ଘୋର ଅବିଚାରକରିଛ । ସେ ଦିନ ଯଦି ନଆସେ ମୋତେ ଆଉ ଦେଖିବାକୁ ପାଇବ ନାହିଁ ।

Digitized by srujanika@gmail.com

(୨୩)

ସେହିଦିନ ସନ୍ଧ୍ୟାବେଳେ ମି: ବ୍ରଫ୍ ଆସି ମୋତେ କହିଲେ – "ରାଚେଲ୍ ପୋର୍ଟଲାଣ୍ଡ ପ୍ଲେସ୍‌କୁ ଗଲେଣି । ମୋ ଘରେ ତୁମର ତାଙ୍କ ସହିତ ଯେଉଁ ଦେଖାହେଲା ସେଥିରେ ସେ ବିଶେଷ ବିବ୍ରତ ହୋଇପଡ଼ିଛନ୍ତି । ଅବଶ୍ୟ ମୋର ଜ୍ଞାତସାରରେ, ମୋର ଅନୁମତିରେ ଏହି ସାକ୍ଷାତ୍ ହୋଇଥିଲା; କିନ୍ତୁ ଏହାର ପରିଣାମ ଭଲହେଲାନାହିଁ । ଏଥିପାଇଁ ଆପଣଙ୍କୁ ଦୋଷ ଦେବାର କାରଣ ନାହିଁ । ମୋର ବିଶ୍ୱାସ, ବିଶ୍ରାମ ନେଲେ କେତେ ଦିନ ପରେ ତାଙ୍କର ମନ ବଦଳିଯିବ । ମୋର ଅନୁରୋଧ, ତାଙ୍କର ଦେହ ଓ ମନ ଯେପରି ଶୀଘ୍ର ଭଲହୋଇଯିବ ସେଥିରେ ଆପଣ କିଛି ବାଧା ଦେବେ ନାହିଁ ।"

ମୁଁ ଉତ୍ତର କଲି – "ସେ ବିଷୟରେ ଆପଣ ନିଶ୍ଚିନ୍ତ ରହିପାରନ୍ତି ।"

ସେ ମୋ ପାଖରେ ବସିଯାଇ କହିଲେ, "ମି: ଫ୍ରାଙ୍କଲିନ୍, ଏ କଥା ଗଲା । ବର୍ତ୍ତମାନ ଆପଣଙ୍କ ଭବିଷ୍ୟତ କଥା ବିଚାରକରାଯାଉ । ମୁଁ ବୁଝୁଛି, ଆପଣ ମଧ୍ୟ ବୁଝୁଛନ୍ତି, ଗୋଟାଏ କିଛି ଗୋଳମାଳ ହୋଇଯାଇଛି । ବର୍ତ୍ତମାନ ପାଇଁ ଆପଣ ରାଚେଲ୍‌ଙ୍କ ଗତବର୍ଷର ଜନ୍ମଦିବସର ଘଟନା ସବୁ ଭୁଲିଯାଆନ୍ତୁ; ଭବିଷ୍ୟତ କଥା ଦେଖନ୍ତୁ । ଚନ୍ଦ୍ରକାନ୍ତମଣି ଲଣ୍ଡନକୁ ଆସିଲା ପରେ କଅଣ ହେଲା ?"

"ମି: ଲିଉକାର୍‌ଙ୍କ ପାଖେ ବନ୍ଧକ ରହିଛି ।"

"ଠିକ୍ । ବର୍ତ୍ତମାନ ଜୁନ୍ ମାସର ଅଧାଅଧି । ଏଇ ମାସର ଶେଷବେଳକୁ ବନ୍ଧକର ବର୍ଷ ପୂରିଯିବ । ସେତେବେଳକୁ ବନ୍ଧକ ଦେଇଥିବା ଲୋକ ତାହା ଫେରାଇ ନେବାକୁ ଆସିବ । ତାହାହେଲେ ମି: ଲିଉକାର୍ ବ୍ୟାଙ୍କ୍‌ରୁ ମଣିଟି ବାହାର କରି ଆଣିବେ । ମୋ ମତରେ ଆମେ ଜଣେ ଲୋକକୁ ବ୍ୟାଙ୍କ୍ ପାଖରେ ଜଗାଇ ରଖିବା; ସେ ଦେଖିବ, "ମି: ଲିଉକାର୍ କାହାକୁ ମଣିଟି ଦେବେ । ସେହି ଲୋକଟି ଆପଣଙ୍କର ଏ ସବୁ ଦୁଃଖ ଅଶାନ୍ତି ପାଇଁ ଦାୟୀ ବୋଲି ବୁଝିବାକୁ ହେବ । ସେହି ଲୋକ ହିଁ ରାଚେଲ୍‌ଙ୍କର ଭ୍ରମ ଧାରଣା ଦୂରକରିପାରିବ ।"

ମୁଁ ଏ ବିଷୟରେ ମି: ବ୍ରଫ୍‌ଙ୍କ ସହିତ ଏକମତ ହୋଇ କହିଲି – "ଜୁନ୍ ମାସର ଆହୁରି ଅଧେ ଅଛି । ମୁଁ ମୋର ନିର୍ଦ୍ଦୋଷତାର ପ୍ରମାଣ ନଦେବାଯାଏ ଶାନ୍ତି ପାଇପାରିବି ନାହିଁ ।"

ମି: ବ୍ରଫ୍ ମୋତେ ଆଶ୍ୱାସନା ଦେବାକୁ ଯାଇ କହିଲେ, "ମୁଁ ଆପଣଙ୍କ ମନର ଅବସ୍ଥା ବୁଝିପାରୁଛି । ବର୍ତ୍ତମାନ କଅଣ କରିବେ ବୋଲି ଭାବୁଛନ୍ତି ?"

ମୁଁ ଉତ୍ତର କଲି, "ମୁଁ କିଛି ସ୍ଥିର କରିପାରୁନାହିଁ । ମି: କଫ୍‌ଙ୍କ ସହିତ ପରାମର୍ଶ କରନ୍ତି; କିନ୍ତୁ ସେ କାର୍ଯ୍ୟରୁ ଅବସରନେଲେଣି । ହୁଏତ ମି: ଗଡ୍‌ଫ୍ରେଙ୍କଠାରୁ କିଛି ସାହାଯ୍ୟ ପାଇପାରିବି ।"

ମି: ବ୍ରଫ୍ – "ଗଡ୍‌ଫ୍ରେ ଆପଣଙ୍କୁ ସାହାଯ୍ୟ କରିବେ । ଜାଣନ୍ତି, ସର୍ଜେଣ୍ଟ କଫ୍ ତାଙ୍କୁ

Digitized by srujanika@gmail.com

ଆଦୌ ଭଲପାଉନଥିଲେ, ସବୁବେଳେ ସନ୍ଦେହଦୃଷ୍ଟିରେ ଦେଖୁଥିଲେ । ଆହୁରି ମଧ୍ୟ ସେ ବର୍ତ୍ତମାନ ଇଂଲଣ୍ଡରେ ନାହାନ୍ତି । କାଲି ମୁଁ କ୍ଲବ୍‌ରେ ଜଣେ ବନ୍ଧୁଙ୍କୁ ଦେଖିଲି । ସେ ଗଡ଼ଫ୍ରେଙ୍କର ମଧ୍ୟ ବନ୍ଧୁ । ତାଙ୍କଠାରୁ ମୁଁ ଗଡ଼ଫ୍ରେଙ୍କ ବିଷୟରେ ଦିଓଟି ନୂଆ ଖବର ପାଇଛି ।''

ମୁଁ ଆଗ୍ରହ ସହକାରେ ପଚାରିଲି, ''କଅଣ ନୂଆ ଖବର କହନ୍ତୁ ।''

ମି: ବ୍ରଫ୍ କହିଲେ, ''ଗଡ଼ଫ୍ରେଙ୍କ ସହିତ ରାଚେଲ୍‌ଙ୍କ ବିବାହ ପ୍ରସ୍ତାବ ଭାଙ୍ଗିଯିବା ପରେ ସେ ଆଉ ଜଣେ ମହିଳାଙ୍କ ସଙ୍ଗେ ବିବାହ ପ୍ରସ୍ତାବ ସ୍ଥିରକଲେ । ଏ ମଧ୍ୟ ଜଣେ ଖୁବ୍ ଧନୀ ମହିଳା । ବିବାହର ଦିନ ପର୍ଯ୍ୟନ୍ତ ସ୍ଥିରହୋଇଗଲା; କିନ୍ତୁ ହଠାତ୍ ଏ ପ୍ରସ୍ତାବ ମଧ୍ୟ ପୂର୍ବ ପ୍ରସ୍ତାବ ପରି ଭାଙ୍ଗିଗଲା । ଏ ହେଉଛି ପ୍ରଥମ ଖବର । ''ଦ୍ୱିତୀୟ ଖବର ହେଉଛି, ଗଡ଼ଫ୍ରେଙ୍କର ଜଣେ କେହି ଆତ୍ମୀୟଙ୍କର ମୃତ୍ୟୁ ହେବାରୁ ସେ ଉତ୍ତରାଧିକାର ସୂତ୍ରେ ପାଞ୍ଚହଜାର ପାଉଣ୍ଡ ପାଇଲେ । ଏ ଟଙ୍କା ହାତକୁ ଆସିବାମାତ୍ରେ ସେ ଜଳବାୟୁ ପରିବର୍ତ୍ତନ ଓ ମନର ଫୁର୍ତ୍ତି ନିମନ୍ତେ ବିଦେଶ ବୁଲିଯାଇଛନ୍ତି । ସେ ଫ୍ରାନ୍‌ସରେ ରହିବେ ବୋଲି ଶୁଣାଯାଏ ।''

ମୁଁ କହିଲି – ତାହାହେଲେ ଗଡ଼ଫ୍ରେଙ୍କୁ ଭେଟିବାର ଆଶା ନାହିଁ । ଯାହାହେଉ ତାଙ୍କ ବିଷୟରେ କିଛି ନୂଆ ଖବର ମିଳିଲା । ଭାବୁଛି, ୟର୍କଶାୟାର ଯାଇ ସେଠାରୁ କିଛି ସମ୍ବାଦ ପାଇବାର ଚେଷ୍ଟା କରିବି ।

ମି: ବ୍ରଫ୍ ଏଥିରେ ଆଦୌ ଆପତ୍ତି କଲେନାହିଁ ।

ତପରଦିନ ମୁଁ ପ୍ରଥମେ ଫ୍ରିଜିଙ୍ଗ୍‌ହଲ୍‌କୁ ଗଲି । ରାଚେଲ୍‌ଙ୍କ ଜନ୍ମଦିବସରେ ଡାକ୍ତର କାଣ୍ଡି, ଗଡ଼ଫ୍ରେଙ୍କ ଦୁଇ ଭଉଣୀ ପ୍ରଭୃତି ଯେଉଁମାନେ ଭୋଜିରେ ଉପସ୍ଥିତ ଥିଲେ, ସେମାନେ ଫ୍ରିଜିଙ୍ଗ୍‌ହଲ୍‌ରେ ରହୁଥିଲେ । ମୁଁ ସେମାନଙ୍କ ସହିତ ଦେଖାକରିବାକୁ ସ୍ଥିରକଲି ।

ମୁଁ ଯେଉଁ ହୋଟେଲ୍‌ରେ ରହିଲି, ତାହାରି ନିକଟରେ ଗୋଟିଏ ସାହିରେ ଡାକ୍ତର କାଣ୍ଡି ରହୁଥିଲେ; ତେଣୁ ପ୍ରଥମେ ତାଙ୍କ ପାଖକୁ ଗଲି । ମୁଁ ଆଗରୁ ଶୁଣିଥିଲି ଯେ ସେ ପୀଡ଼ିତ ଅଛନ୍ତି; କିନ୍ତୁ ତାଙ୍କର ଅବସ୍ଥା ଯେ ଏତ ଖରାପ ତାହା ଭାବିନଥିଲି । ଗତ ବର୍ଷେ ହେଲା ସେ ବେମାର ପଡ଼ିଛନ୍ତି । ତାଙ୍କର ରୋଗୀମାନଙ୍କୁ ତାଙ୍କ ସହକାରୀ ଡାକ୍ତର ଏଜରା ଜେନିଙ୍ଗ୍‌ସ ଚିକିତ୍ସା କରୁଛନ୍ତି । ଡାକ୍ତର କାଣ୍ଡି ବରାବର ବିଛଣାରେ ପଡ଼ିରହୁଛନ୍ତି । ମୁଁ ଦେଖିଲି ତାଙ୍କର ବାଳ ଏକବାରେ ଧଳାପଡ଼ିଯାଇଛି; ଆଖି ଜଳକା ଦିଶୁଛି, ମୁହଁ ଶୁଖିଯାଇଛି ।

ସେ ମୋ କରମର୍ଦ୍ଦନକଲେ; କିନ୍ତୁ ମୋତେ ହଠାତ୍ ଚିହ୍ନିପାରିଲେନାହିଁ । କିଛି ସମୟ ପରେ ସେ କହିଲେ, ''ମି ବ୍ଲେକ୍, ହଁ, ତୁମକୁ ଦେଖିବାର ଇଚ୍ଛା ଥିଲା । ମିସ୍ ରାଚେଲ୍‌ଙ୍କ ଗଲା ଜନ୍ମ ଦିବସରେ . . . ''

ମୁଁ ଶୁଣିଥିଲି ଯେ ଡାକ୍ତରଙ୍କ ସ୍ମୃତିଶକ୍ତି ପ୍ରାୟ ଲୋପପାଇଛି । ତାଙ୍କଠାରୁ ଏତକ ଶୁଣି ମୁଁ ଆଶାନ୍ୱିତ ହେଲି, କିନ୍ତୁ ଅଳ୍ପ ସମୟ ପରେ ମୋର ଏହି ଆଶା ମଉଳିଗଲା । ସେ ମୋ ଆଡ଼କୁ ଚାହିଁରହି ଆଙ୍ଗୁଠି ମୋଡ଼ିହେଲେ, ସତେ ଅବା ସେ କଅଣ କହିବାକୁ ଚାହାଁନ୍ତି;

Digitized by srujanika@gmail.com

କିନ୍ତୁ କହି ପାରୁନାହାନ୍ତି ବୋଲି ମୋର ମନେହେଲା । ତାଙ୍କ ସ୍ମୃତିକୁ ଜଗାଇବାପାଇଁ ମୁଁ କହିଲି, ''ବର୍ଷେହେଲା ଆପଣଙ୍କୁ ଦେଖିନଥିଲି । ମିସ୍ ରାଚେଲ୍‌ଙ୍କ ଜନ୍ମଦିବସରେ ଆମର ଶେଷ ସାକ୍ଷାତ ହୋଇଥିଲା ।''

ଡାକ୍ତର କାଣ୍ଡି – ''ହଁ, ହଁ, ରାତିରେ ଭୋଜି ହୋଇଥିଲା – ହଁ, ଜନ୍ମୋତ୍ସବର ଭୋଜି ।''

ଏତିକି କହି ସେ ନୀରବ ରହିଲେ । ମୁଁ ଦେଖିଲି, ଡାକ୍ତର ଏହି ଭୋଜିଦିନର କୌଣସି ଘଟଣା ବିଷୟରେ କିଛି କହିବାକୁ ଚାହାଁନ୍ତି; କିନ୍ତୁ ସ୍ମୃତିଶକ୍ତିର ଅଭାବରୁ କହିପାରୁନାହାନ୍ତି । ମୁଁ ପୁଣି କହିଲି, ''ବର୍ଷକ ତଳେ ସେ ଜନ୍ମୋତ୍ସବ ଭୋଜି ହୋଇଥିଲା ।''

ଡାକ୍ତରଙ୍କ ମୁହଁ ଉଜ୍ଜ୍ୱଳ ହୋଇଆସିଲା । ସେ କହିଲେ, ''ରାଚେଲ୍‌ଙ୍କର ଜନ୍ମ ଦିବସ ! ସେ ବିଷୟରେ ମୋର କିଛି କହିବାକୁ ଅଛି ।'' ଏତିକି କହି ସେ ଶୂନ୍ୟକୁ ଚାହିଁରହିଲେ । ବୋଧହୁଏ ସେ କିଛି ମନେ ପକାଇବାକୁ ଚେଷ୍ଟାକରୁଥିଲେ । କିଛି ସମୟ ପରେ ସେ କହିଲେ, ''ଭୋଜିଟି ବେଶ୍ ଭଲ ହୋଇଥିଲା ।''

ଡାକ୍ତରଙ୍କର ଏ ଅବସ୍ଥା ଦେଖି ମୁଁ ବଡ଼ ଦୁଃଖ ଅନୁଭବ କଲି । ବିଦାୟ ନେବାକୁ ତାଙ୍କ କରମର୍ଦ୍ଦନ କଲାବେଳକୁ ସେ ପୁଣି କହିଲେ, ''ଖୁବ୍ ଭଲ ଭୋଜି – ନୁହେଁ ମି: ବ୍ଲେକ୍ ? ମୋର ତୁମକୁ କିଛି କହିବାର ଥିଲା । ଯାହାହେଉ ଦେଖାହେଲା । ମୁଁ ବଡ଼ ଖୁସିହେଉଛି ।'' ସେ ଆଉ କିଛି କହିପାରିଲେ ନାହିଁ ।

ମୁଁ ବାହାରିଆସିଲି । ମୋର ମନେହେଲା, ସେହି ଜନ୍ମଦିବସର ଭୋଜି ବିଷୟରେ କୌଣସି ଗୁରୁତର କଥା କହିବା ଡାକ୍ତରଙ୍କର ଇଚ୍ଛା, କିନ୍ତୁ ସେ ତାହା ଠିକ୍ ସ୍ମରଣ କରିପାରୁ ନାହାନ୍ତି । ମୁଁ ବଗିଚା ଫାଟକ ପାଖରେ ପହଞ୍ଚିଲାବେଳକୁ ଡାକ୍ତର ଜେନିଙ୍ଗସ୍‌ଙ୍କୁ ଭେଟିଲି । ସେ ମୋତେ କହିଲେ, ''ଡାକ୍ତର କାଣ୍ଡିଙ୍କର ଭୟଙ୍କର ପରିବର୍ତ୍ତନ ହୋଇଯାଇଛି ।''

ମୁଁ କହିଲି, ''ମି: କାଣ୍ଡିଙ୍କର ରୋଗ ଏତେ ଗୁରୁତର ବୋଲି ମୁଁ ଜାଣିନଥିଲି ।''

ଡାକ୍ତର ଜେନିଙ୍ଗସ୍ – ସେ ଯେ ଏଭଳି ରୋଗରେ ପଡ଼ି ଆଜିଯାଏ ବଞ୍ଚିରହିପାରିଛନ୍ତି, ତାହାହିଁ ଆଶ୍ଚର୍ଯ୍ୟର କଥା !

ମୁଁ – ଆଜି ତାଙ୍କର ଯେପରି ସ୍ମୃତିହୀନତା ଦେଖାଗଲା, ସବୁଦିନେ କଅଣ ସେହିପରି ଥାଏ ନା ବେଳେବେଳେ କିଛି ଉନ୍ନତି ଦେଖାଯାଏ ?

ଡାକ୍ତର ଜେନିଙ୍ଗସ୍ – ତାଙ୍କର ବିଗତ ଘଟଣାର ସ୍ମୃତି ଅତି କ୍ଷୀଣ ହୋଇଯାଇଛି । ସେ ଏ କଥା ଜାଣନ୍ତି; କିନ୍ତୁ ଅନ୍ୟମାନଙ୍କୁ ଏ କଥା ଜଣାଇନଦେବାକୁ ଚେଷ୍ଟାକରୁଛନ୍ତି । ବୋଧହୁଏ, ଆପଣ ଏହା ଲକ୍ଷ୍ୟକରିପାରିଥିବେ ।

ମୁଁ – ତାଙ୍କର କେତେକ ବିଗତ ସ୍ମୃତି ମୋ ପକ୍ଷରେ ଏକାନ୍ତ ଦରକାରୀ । ମୁଁ ତାଙ୍କର ସ୍ମୃତିକୁ ଉଦ୍‌ବୋଧନ କରିବାକୁ ଚେଷ୍ଟା କରିବାକୁ ଚାହେଁ; କିନ୍ତୁ କି ଉପାୟରେ କରିପାରିବି ?

Digitized by srujanika@gmail.com

ଡା: ଜେନିଙ୍ଗସ୍ – ତାଙ୍କର ସ୍ମୃତିକୁ ଜଗାଇବାର ଚେଷ୍ଟା ବୃଥା । ମି: କାଣ୍ଡିଙ୍କଠାରୁ କିଛି ଜାଣିବାର ଚେଷ୍ଟା ନକରି ଆପଣ ଅନ୍ୟଠାରୁ ତାଙ୍କ ମନକଥା ଜାଣିପାରନ୍ତି ।

ମୁଁ – ଆପଣ କଅଣ କହୁଛନ୍ତି ମୁଁ ବୁଝିପାରୁନାହିଁ । ଅନ୍ୟ କିଏ କିପରି ତାଙ୍କ ମନକଥା କହି ପାରିବ ?

ଡା: ଜେନିଙ୍ଗସ୍ – ଆପଣ ଅବଶ୍ୟ ଡା: କାଣ୍ଡିଙ୍କର ରୋଗର କାରଣ ଜାଣିଥିବେ । ଭୋଜି ଶେଷରେ ସେ ବର୍ଷାରେ ତିନ୍ତି ତିନ୍ତି ଘରକୁ ଆସିଲେ । ଘରେ ପହଞ୍ଚିଲାବେଳକୁ ଦେଖନ୍ତି ଜଣେ ରୋଗୀ ଦେଖିବାକୁ ଡାକରା ଆସିଛି । ପୋଷାକ ନବଦଳାଇ ସେ ସେହି ବର୍ଷାରେ ରୋଗୀ ଘରକୁ ଗଲେ । ମୁଁ ସେଦିନ ନଥିଲି । ତତ୍ପରଦିନ ଆସି ଦେଖେ ଡାକ୍ତର କାଣ୍ଡିଙ୍କ ଅବସ୍ଥା ଅତି ଖରାପ । ତାଙ୍କର ଦୁଇଜଣ ବନ୍ଧୁ ଡାକ୍ତରଙ୍କୁ ଡାକି ଦେଖାଇଲି । ସେମାନେ ରୋଗର କୌଣସି ଚିକିତ୍ସା ସ୍ଥିର କରି ପାରିଲେ ନାହିଁ । କେବଳ ସେବାଶୁଶ୍ରୂଷା ଓ ପଥ୍ୟ ଉପରେ ଦୃଷ୍ଟି ଦିଆଯାଉଛି । ମୁଁ ଦିନରାତି ତାଙ୍କର ସେବାରେ ଅଛି; କେବଳ ଦିନ ଦୁଇପ୍ରହରବେଳକୁ ତାଙ୍କ ଅବସ୍ଥା ଟିକିଏ ଭଲରହେ । ସେତିକିବେଳେ ମୁଁ ଘଡ଼ିଏ ଶୋଇପଡ଼େ । ପ୍ରତିଦିନ ସନ୍ଧ୍ୟାବେଳକୁ ତାଙ୍କର ଅବସ୍ଥା ବେଶି ଖରାପ ହୁଏ । ସେତେବେଳେ ସେ ଅର୍ଥହୀନ ପ୍ରଳାପ କରନ୍ତି । ମୋର ଏ ସବୁ କଥା କହିବାର ଗୋଟାଏ ଉଦ୍ଦେଶ୍ୟ ଅଛି । ଗୋଟାଏ ଡାକ୍ତରୀ ବିଷୟରେ ମୁଁ ଗବେଷଣା କରୁଛି । ପ୍ରଳାପ ବିଷୟରେ କେତେକ ନୂତନ ତଥ୍ୟ ମୁଁ ଆବିଷ୍କାର କରୁଛି । ସେହି ତଥ୍ୟର ସତ୍ୟତା ମୁଁ ଡା: କାଣ୍ଡିଙ୍କ ପ୍ରଳାପ ସଙ୍ଗେ ମିଳାଇ ପରୀକ୍ଷା କରୁଛି । ମୁଁ ସର୍ଟ୍‌ହାଣ୍ଡ ଲେଖା ଜାଣେ । ତାଙ୍କ ତୁଣ୍ଡରୁ ଯେଉଁସବୁ ଶବ୍ଦ ବାହାରେ ମୁଁ ତାହାକୁ ସଙ୍ଗେ ସଙ୍ଗେ ଟିପିନିଏ । ପରେ ତାହାକୁ ସାଧାରଣ ଅକ୍ଷରରେ ଲେଖେ । ପ୍ରଳାପ କଲାବେଳେ ତାଙ୍କ କଥା ଏକବାରେ ଅବୋଧ ଥାଏ – କେତେଟା ଶବ୍ଦ ବା ଖଣ୍ଡବାକ୍ୟ ମାତ୍ର । ପ୍ରଥମେ ମୁଁ ଶୂନ୍ୟସ୍ଥାନ ଛାଡ଼ିଦେଇଥାଏ । ପରେ ଅର୍ଥବୋଧକ ବାକ୍ୟ ହେବାପାଇଁ ସେ ସ୍ଥାନ ପୂରଣକରି ଡାକ୍ତରଙ୍କ ମନୋଭାବ ବୁଝିବାକୁ ଚେଷ୍ଟା କରେ ।

ଏହି ସମୟରେ ମୁଁ ପଚାରିଲି, "ଆଚ୍ଛା, ମି: ଜେନିଙ୍ଗସ୍, ଡାକ୍ତର କାଣ୍ଡି ପ୍ରଳାପ ମଧ୍ୟରେ କେବେ କିଛି ନାମ ଉଚ୍ଚାରଣ କରିଛନ୍ତି ?"

ଡା: ଜେନିଙ୍ଗସ୍ – ଏତେ ଅଧୀର ହୁଅନ୍ତୁନାହିଁ । ତାଙ୍କ ପ୍ରଳାପ ମଧ୍ୟରୁ ମୁଁ ଦୁଇଟି କଥା ଏହି ଭୋଜିଦିନର ଘଟନା ସମ୍ପର୍କରେ ପାଇଛି । ଗୋଟିଏ ହେଉଛି, ସେଦିନ ରାତିରେ ସେ କଅଣ କରିଥିଲେ, ଦ୍ୱିତୀୟତଃ, ତତ୍ପରଦିନ ସେ କଅଣ କରିବାକୁ ଇଚ୍ଛାକରିଥିଲେ ।

ମୁଁ ଆଉ ଧୈର୍ଯ୍ୟ ଧରିନପାରି କହିଲି – "ଡାକ୍ତର ଜେନିଙ୍ଗସ୍, ମୋତେ ଆଗେ ଆପଣଙ୍କର ସେ ଟିପାଖାତା ଦେଖାନ୍ତୁ !"

ମି: ଜେନିଙ୍ଗସ୍ – ତା' କିପରି ହୋଇପାରେ ? ଆପଣ ନିଜକୁ ମୋ ଅବସ୍ଥାରେ ରଖି ବିଚାର କରନ୍ତୁ । ଜଣେ ରୋଗୀର ତୁଣ୍ଡରୁ ତା' ଅଜ୍ଞାତସାରରେ ଯାହା ବାହାରିପଡ଼ିଛି,

Digitized by srujanika@gmail.com

ତାହାକୁ ବିନା କାରଣରେ ଅନ୍ୟଜଣକୁ ଦେଖାଇବା ଉଚିତ ହେବ କି ?

ମୁଁ କହିଲି, "ଯଥେଷ୍ଟ କାରଣ ଅଛି । ତାଙ୍କର କଥା ଉପରେ ମୋର ସମ୍ମାନ ନିର୍ଭରକରେ ।" ଏହା କହି ମୁଁ ଚନ୍ଦ୍ରକାନ୍ତମଣି ଚୋରି ସଂକ୍ରାନ୍ତ ସମସ୍ତ ଘଟନା ବର୍ଣ୍ଣନାକରିଗଲି ଏବଂ କହିଲି ଯେ ମୁଁ ମଣି ଆଣିଥିବା ସତ୍ୟ; କିନ୍ତୁ ମୁଁ ଅଜ୍ଞାତସାରରେ ତାହା ଆଣିଛି । ଆଣିବା ପରେ ମଣିଟି କଅଣ ହେଲା ତାହା ମଧ୍ୟ ମୁଁ ଜାଣେନାହିଁ ।"

ଡା: ଜେନିଙ୍ଗସ୍ ମୋତେ ବାଧାଦେଇ ପଚାରିଲେ, "ଆପଣ କେବେ ଅଫିମ ଖାଇଛନ୍ତି ?"

ମୁଁ ବିସ୍ମିତ ହୋଇ ଉତ୍ତରକଲି, "ନା, ଜୀବନରେ କେବେହେଲେ ମୁଁ ଅଫିମ ଖାଇନାହିଁ ।"

ପୁଣି ଜେନିଙ୍ଗସ୍‌ଙ୍କର ପ୍ରଶ୍ନ ହେଲା, "ଆପଣଙ୍କର ସେତେବେଳେ ସ୍ନାୟବିକ ଦୁର୍ବଳତା କିଛି ଥିଲା କି – ଅର୍ଥାତ୍ ନିଦ୍ରାହୀନତା, ଅସ୍ଥିରତା, ମୁଣ୍ଡବୁଲା ପ୍ରଭୃତି କିଛି ଲକ୍ଷଣ ଥିଲା କି ?"

ମୁଁ – ପୂର୍ବରୁ ମୁଁ ପ୍ରଚୁର ଧୂଆଁ ଖାଉଥିଲି; କିନ୍ତୁ ତାହା ରାଚେଲ୍‌ଙ୍କୁ ଭଲଲାଗୁନଥିବାରୁ ମୁଁ ଏକବାରେ ଧୂଆଁ ଖିଆ ଛାଡ଼ିଦେଇଥିଲି । ତେଣୁ ସେ ସମୟରେ ମୋର ଅନିଦ୍ରା ଦୋଷଥିଲା ।

ଡା: ଜେନିଙ୍ଗସ୍ – ସେ ଜନ୍ମଦିବସ ଉତ୍ସବ ରାତିରେ ଆପଣଙ୍କର ଭଲ ନିଦ ହୋଇଥିଲା କି ? ଭାବିଚିନ୍ତି ମନେପକାଇବାକୁ ଚେଷ୍ଟା କରନ୍ତୁ ।

ମୁଁ – ମୋର ଠିକ୍ ମନେପଡୁଛି, ସେଦିନ ରାତିରେ ମୋର ଗାଢ଼ ନିଦ ହୋଇଥିଲା ।

ଡା: ଜେନିଙ୍ଗସ୍‌ଙ୍କର ମୁହଁ ପ୍ରସନ୍ନ ଦେଖାଗଲା । ସେ ପ୍ରଫୁଲ୍ଲ ହୋଇ କହିଲେ, "ମି: ବ୍ଲେକ୍, ଏବେ ଦୁଇଟି ବିଷୟରେ ମୁଁ ନିଶ୍ଚିତ ପ୍ରମାଣ ପାଇଗଲି । ଡାକ୍ତର କାଣ୍ଡି ଆପଣଙ୍କୁ ଯାହା କହିବାକୁ ଚାହୁଁଥିଲେ ଅଥଚ୍ ସ୍ମରଣ କରିନପାରି କହିପାରିନଥିଲେ, ତାହା ମୋର ନୋଟ୍‌ଖାତାରେ ଅଛି । ଆହୁରି ମଧ୍ୟ ଆପଣ ଯେତେବେଳେ ବୈଠକଖାନାରେ ପଶି ମଣିଟି ନେଲେ, ସେତେବେଳେ ଆପଣ ଅଚେତନ ଅବସ୍ଥାରେ ଥିଲେ; ଅର୍ଥାତ୍ କଅଣ କରୁଥିଲେ ତାହା ଜାଣିପାରିନଥିଲେ । ଆପଣଙ୍କ ନିର୍ଦ୍ଦୋଷତାର ପ୍ରମାଣ ମୋ ହାତରେ ।"

(୨୪)

ଡା: ଜେନିଙ୍ଗସ୍ ମୋତେ ଘରକୁ ଡାକିନେଇ, ଚଉକିରେ ବସାଇ କହିଲେ, "ମି: ବ୍ଲେକ୍, ଆପଣ ମୋର ନୋଟ୍‌ଖାତା ଦେଖିବାକୁ ଖୁବ୍ ଆଗ୍ରହୀ । ସେଥିର କାରଣ ମୁଁ ବୁଝିପାରୁଛି; କିନ୍ତୁ ତା' ପୂର୍ବରୁ ମୋତେ ଆଉ ଗୋଟିଏ ପ୍ରଶ୍ନର ଉତ୍ତର ଦିଅନ୍ତୁ । ସେହି ଜନ୍ମଦିବସ ଭୋଜିବେଳେ ରାତିରେ ଆପଣଙ୍କର ଓ ଡାକ୍ତର କାଣ୍ଡିଙ୍କ ଭିତରେ ଡାକ୍ତରୀବିଦ୍ୟା ବିଷୟରେ କିଛି ଯୁକ୍ତିତର୍କ ହୋଇଥିଲା କି ?"

Digitized by srujanika@gmail.com

ମୋର ସେ ରାତିର ଘଟଣା ମନେପଡ଼ିଗଲା । ଡାକ୍ତର କାଣ୍ଡି ଡାକ୍ତରିବିଦ୍ୟାର ପ୍ରଶଂସା କରୁଥିଲେ । ମୁଁ ଡାକ୍ତରଙ୍କୁ ଥଟ୍ଟା କରି କହିଥିଲି – ଆପଣମାନଙ୍କର ବଟିକା ଓ ନାଲିପାଣିରେ ମୋର ବିଶ୍ୱାସ ନାହିଁ । ଯାହାର ଯେପରି ସ୍ୱଭାବ ସେ ସେହିପରି ଚଳିଲେ ରୋଗ ହେବନାହିଁ – ସେଥିରୁ ଟଳିଲେ ରୋଗ ହୁଏ । କିନ୍ତୁ ଡାକ୍ତର ଜିଦ୍ କରି କହିଲେ, "ନା, ଔଷଧଗୁଣରୁ ରୋଗ ଦୂର ହୁଏ ।"

ମୁଁ କହିଲି, "ମୋର ଧାରଣା ପ୍ରକୃତିରୁ ବିଚ୍ୟୁତ ହେଲେ ରୋଗ ହୁଏ; ପ୍ରକୃତିକୁ ଫେରିଆସିଲେ ରୋଗ ଚାଲିଯାଏ । ଦେଖନ୍ତୁ, ମୁଁ ଯଥେଷ୍ଟ ଧୂଆଁ ଖାଉଥିଲି । ମୋର କିଛି ଅସୁବିଧା ନଥିଲା । ମୁଁ ଧୂଆଁଖିଆ ଛାଡ଼ିବାଦିନୁ ମୋର ମୁଣ୍ଡ ବୁଲାଉଛି, ରାତିରେ ନିଦ ହେଉନାହିଁ । ମୁଁ ପୁଣି ଧୂଆଁ ଖାଇଲେ ଏ ସବୁ ଭଲହୋଇଯିବ ।" ମୁଁ ହସିହସି ଥଟ୍ଟାରେ ଏସବୁ କହୁଥିଲି, କିନ୍ତୁ ଡା: କାଣ୍ଡି ବଡ଼ ଗମ୍ଭୀର ବୋଧହେଉଥିଲେ । ଶେଷରେ ସେ କହିଲେ "କାଲି ଆପଣ ସ୍ୱୀକାର କରିବେ ଯେ ଔଷଧର ଅଦ୍ଭୁତ ଗୁଣ ଅଛି । କିନ୍ତୁ ଏହି ଯୁକ୍ତିତର୍କ ହେତୁ ଆମର ବନ୍ଧୁତାରେ କିଛି ଆଞ୍ଚ ଆସିଥିଲା ବୋଲି ମୋର ମନେହୁଏନାହିଁ ।"

ଡା: ଜେନିଙ୍ଗସ୍ – ମୋର ଆଉ ଗୋଟିଏ କଥା ପଚାରିବାକୁ ଅଛି । ସେତେବେଳେ ସେହି ମଣି ବିଷୟରେ ଆପଣଙ୍କର ବିଶେଷ ଚିନ୍ତା ଥିଲା କି ?

ମୁଁ ଉତ୍ତର କଲି – ହଁ, ଖୁବ୍ ଚିନ୍ତା ଥିଲା । ଏକେ ମଣିଟି ମୂଲ୍ୟବାନ୍; ସେଥିରେ ତାହା ଚୋରି ହେବାର ବିଶେଷ ଆଶଙ୍କା ଥିଲା । ମୁଁ ସେଥିପାଇଁ ଅତିରିକ୍ତ ସତର୍କ ଥିଲି ବୋଲି କହିପାରେ ।

ଏହାପରେ ଡା: ଜେନିଙ୍ଗସ୍ ତାଙ୍କ ନୋଟ୍ ଖାତାଟି ମୋ ହାତକୁ ବଢ଼ାଇଦେଇ କହିଲେ, "ଏହାକୁ ପଢ଼ିଲେ ଜାଣିପାରିବେ ଯେ ଆପଣ ମିସ୍ ରାଚେଲ୍‌ଙ୍କ ବୈଠକଖାନାରେ ପଶି ମଣିଟି ନେଇଛନ୍ତି; କିନ୍ତୁ ସେତେବେଳେ ଆପଣ ଏକପ୍ରକାର ସମ୍ମୋହିତ ଅବସ୍ଥାରେ ଥିଲେ; କଅଣ କରୁଛନ୍ତି ଜାଣିପାରୁନଥିଲେ । ଦ୍ୱିତୀୟତଃ ଆପଣଙ୍କୁ ନଜଣାଇ ଡା: କାଣ୍ଡି ଆପଣଙ୍କୁ ଅଫିମ ଖୁଆଇଥିଲେ । ତାଙ୍କର ଉଦ୍ଦେଶ୍ୟ ଥିଲା ଯେ ଔଷଧ ଦ୍ୱାରା ଆପଣଙ୍କର ଅନିଦ୍ରାଦୋଷ ଦୂରହେଲା ବୋଲି ପ୍ରମାଣ କରାଇଦେବେ । ଅବଶ୍ୟ ଏହା ଫଳରେ ଗୋଟିଏ ସାଙ୍ଘାତିକ ଘଟନା ଘଟିଯାଇଛି; କିନ୍ତୁ ତାଙ୍କର ଉଦ୍ଦେଶ୍ୟ ଖରାପ ନଥିଲା । ପରଦିନ ସକାଳେ ସେ ଯାଇ ଆପଣଙ୍କୁ ପ୍ରକୃତ କଥା କହିଥାନ୍ତେ । ତେଣୁ ସତ୍ୟ ଘଟନା ଆଜିଯାଏ ଲୁଚି ରହିନଥା'ନ୍ତା; କିନ୍ତୁ ଦୈବାତ୍ ସେ ରୋଗରେ ପଡ଼ିଲେ । ତା' ନୋହିଥିଲେ ଦିନକ ଭିତରେ ସତ୍ୟ କଥା ଜଣାପଡ଼ିଥାନ୍ତା । ମିସ୍ ରାଚେଲ୍ ଆପଣଙ୍କୁ ଚୋର ବୋଲି କହିନଥାନ୍ତେ ।"

ମୁଁ – ମୋର ଅଜାଣତରେ ମୋତେ କିଏ କିପରି ଅଫିମ ଖୁଆଇଲା ?

ଡା: ଜେନିଙ୍ଗସ୍ – ତା' ମୁଁ କହିପାରିବିନାହିଁ । ଡା: କାଣ୍ଡିଙ୍କ କଥାରୁ ମୁଁ ତାର ଆଭାସ ପାଇନାହିଁ । ଏବେ ମୋର ନୋଟ୍ ପଢ଼ନ୍ତୁ । ବାମ ପାଖ ପୃଷ୍ଠାରେ ଡା: କାଣ୍ଡିଙ୍କର ଅସଂଲଗ୍ନ

Digitized by srujanika@gmail.com

ଶବ୍ଦ ଓ ଖଣ୍ଡବାକ୍ୟଗୁଡ଼ିକ ତାଙ୍କ ତୁଣ୍ଡରୁ ଯେପରି ଶୁଣିଛି ସେହିପରି ଲେଖିଛି । ସେ ସବୁ ଅବୋଧ ମନେହେବ । ମଝିରେ ମଝିରେ ଅନେକ ଫାଙ୍କଅଛି । ଡାହାଣ ପାଖ ପୃଷ୍ଠାରେ ମୁଁ ବାକ୍ୟଗୁଡ଼ିକୁ ପୂର୍ଣ୍ଣକରି ଲେଖିଛି । ଶୂନ୍ୟସ୍ଥାନଗୁଡ଼ିକ ପୂରଣ ହୋଇଛି, ପଢ଼ନ୍ତୁ ।

ବାମପାଖର ଗୋଟିଏ ପୃଷ୍ଠାରେ ଲେଖାଥିଲା – ମିଷ୍ଟର୍ ଫ୍ରାଙ୍କଲିନ୍ ବ୍ଲେକ୍ – ବୁଦ୍ଧିମାନ୍ – ମେଳାପୀ – ଡାକ୍ତରି – ତାଙ୍କର ଜ୍ଞାନ – କହିଲେ – ହେଉନାହିଁ – ମୁଁ କହିଲି – ସ୍ନାୟୁ – ହୋଇଛି – ଔଷଧ – ଯୁକ୍ତି – ଡାକ୍ତରି – ତାଙ୍କର – ନାହିଁ – ଅଜାଣତରେ – ପଚିଶ ଟୋପା – ଖୁଆଇଦେବି – ଲେଡ଼ି ଭେରିନ୍ଦର – ଅଫିମ ଅର୍କ – ସେ – ନିଶ୍ଚିନ୍ତରେ – ପଡ଼ିବେ – ସକାଳେ – କହିଦେବି ।

ଡାହାଣ ପାଖରେ ଲେଖାଥିଲା – ମିଷ୍ଟର୍ ଫ୍ରାଙ୍କଲିନ୍ ବ୍ଲେକ୍ ଖୁବ୍ ବୁଦ୍ଧିମାନ୍ ଓ ମେଳାପୀ; କିନ୍ତୁ ଡାକ୍ତରିବିଦ୍ୟାରେ ତାଙ୍କର ଜ୍ଞାନ ନାହିଁ । ସେ କହିଲେ ତାଙ୍କର ନିଦ ହେଉନାହିଁ । ମୁଁ କହିଲି ଆପଣଙ୍କର ସ୍ନାୟୁ ଦୁର୍ବଳ ହୋଇଅଛି, ଔଷଧ ଖାଆନ୍ତୁ ! ତାଙ୍କର ଯୁକ୍ତି ହେଲା – ଡାକ୍ତରି ଔଷଧରେ ତାଙ୍କର ବିଶ୍ୱାସ ନାହିଁ । ତାଙ୍କ ଅଜାଣତରେ ମୁଁ ତାଙ୍କୁ ପଚିଶ ଟୋପା ଅଫିମ ଅର୍କ ପିଆଇଦେବି । ଲେଡ଼ି ଭେରିନ୍ଦର୍‌ଙ୍କ ଔଷଧ ବାକ୍ସରେ ଅଫିମ ଅର୍କ ଅଛି । ସେ ରାତିରେ ନିଶ୍ଚିନ୍ତରେ ଶୋଇପଡ଼ିବେ । କାଲି ସକାଳେ ଆସି ସବୁ କଥା କହିଦେବି ।

ମୁଁ ଡାକ୍ତର ଜେନିଙ୍ଗସ୍‌ଙ୍କର ପ୍ରଶଂସା କରି କହିଲି, "ଆପଣ ଡାକ୍ତରଙ୍କର ପ୍ରଳାପରୁ ଯେପରି ତାଙ୍କର ମନୋଭାବ ଧରିପାରିଛନ୍ତି, ଅନ୍ୟ କେହି ସେପରି କରିପାରିନଥାନ୍ତା ।"

ଡା: ଜେନିଙ୍ଗସ୍ ପଚାରିଲେ; "ଆପଣ ସେ ଦିନ ରାତିରେ ଅଫିମର କ୍ରିୟା ଫଳରେ କାର୍ଯ୍ୟ କରୁଥିଲେ ବୋଲି ବିଶ୍ୱାସ ହେଉଛି ।"

ମୁଁ – ଅଫିମର କ୍ରିୟା କଅଣ ମୁଁ ଜାଣେନାହିଁ – ତେଣୁ ସେ ବିଷୟରେ ମୋର ମତ ଦେବା ଅନୁଚିତ; କିନ୍ତୁ ଆପଣଙ୍କ ମତ ନିର୍ଭୁଲ ବୋଲି ମୋର ଦୃଢ଼ ବିଶ୍ୱାସ ।

ମି: ଜେନିଙ୍ଗସ୍ – ଆମେ ଏ ବିଷୟରେ ନିଃସନ୍ଦେହ ହେଲେ ସତ; କିନ୍ତୁ ଅନ୍ୟ ଲୋକଙ୍କର କିପରି ବିଶ୍ୱାସ ଜନ୍ମାଇପାରିବା ?

ମୁଁ – ମୁଁ କିଛି ଭାବିପାରୁନାହିଁ ।

ମି: ଜେନିଙ୍ଗସ୍ କିଛି କ୍ଷଣ ଚିନ୍ତାକରି କହିଲେ, "ଗୋଟାଏ ପରୀକ୍ଷା କରିବାକୁ ଆପଣ ପ୍ରସ୍ତୁତ ଅଛନ୍ତି ?"

ମୁଁ – ନିଜର ନିର୍ଦ୍ଦୋଷତା ପ୍ରମାଣ କରାଇବାକୁ ମୁଁ ଯାହା କିଛି କରିବାକୁ ପ୍ରସ୍ତୁତ ।

ମି: ଜେନିଙ୍ଗସ୍ – ଆପଣ ଆଉଥରେ ଠିକ୍ ସେ ଦିନ ପରି ଅଜାଣତରେ ମଣି ଚୋରିକରିବେ – ଆଉ ଦେଖିବା ପାଇଁ ନିର୍ଭରଯୋଗ୍ୟ ସାକ୍ଷୀ ରହିବେ ।

ମୁଁ ଚମକିପଡ଼ିଲି । ଏପରି ପରୀକ୍ଷା କିପରି ସମ୍ଭବ ହୋଇପାରେ ? ମି: ଜେନିଙ୍ଗସ୍ ମୋର ମନୋଭାବ ଲକ୍ଷ୍ୟକରି କହିଲେ, "ଏପରି ପରୀକ୍ଷା କରାଯାଇପାରିବ । ଆପଣ

Digitized by srujanika@gmail.com

ପୁଣି ଧୂଆଁ ଖାଉଛନ୍ତି । ଆପଣ ଏଇ ମୁହୂର୍ତ୍ତରୁ ଧୂଆଁଖାଇବା ଏକବାରେ ଛାଡ଼ିଦେଇପାରିବେ ?

"ହଁ, ଏଇ ମୁହୂର୍ତ୍ତରୁ ଛାଡ଼ିଲି ।" ଏହା କହି ହାତରେ ଧରିଥିବା ସିଗାରେଟି ଦୂରକୁ ଫିଙ୍ଗିଦେଲି ।

ମି: ଜେନିଙ୍ଗସ୍ – ଗଲାବର୍ଷ ଜୁନ୍ ମାସରେ ଆପଣଙ୍କର ଯେପରି ଅନିଦ୍ରା ହେଉଥିଲା, ଠିକ୍ ସେହିପରି ହେଲେ ଆମ ପରୀକ୍ଷାର ପ୍ରଥମ ସୋପାନ ହୋଇଯିବ । ଏହାପରେ ଚନ୍ଦ୍ରକାନ୍ତମଣି ବିଷୟରେ ଆପଣଙ୍କ ମନରେ ଚିନ୍ତା ସୃଷ୍ଟିକରାଯିବ । ଏହା ଫଳରେ ଆପଣଙ୍କ ମନୋଭାବ ଗତ ବର୍ଷର ମନୋଭାବ ଭଳି ହୋଇଯିବ । ଏହି ଅବସ୍ଥାରେ ଅଫିମ ପ୍ରୟୋଗକଲେ ଆପଣ ଗତ ବର୍ଷ ଯାହା ଯାହା କରିଥିଲେ ଠିକ୍ ତାହା କରିବେ ।

ମୁଁ – ଧରିନିଆଯାଉ ମୁଁ ଠିକ୍ ସେହିପରି କରିଛି; କିନ୍ତୁ ମୁଁ ମିସ୍ ରାଚେଲ୍‌ଙ୍କ ବୈଠକଖାନାରୁ ମଣି ନେଇଯିବା ପରେ କଅଣ କରିଥିଲି ତାହା ଅନୁମାନ କରିପାରୁଛନ୍ତି କି ?

ମି: ଜେନିଙ୍ଗସ୍ – ଖୁବ୍ ସମ୍ଭବ ଆପଣ ନିଜ ଶୋଇବାଘରକୁ ଫେରିଗଲେ । ଆପଣଙ୍କ ମନରେ ମଣିକୁ ନିରାପଦ ରଖିବାର ଚିନ୍ତା ଥିଲା; ତେଣୁ ଆପଣ ମଣିଟିକୁ ନିଜ ଶୋଇବାଘରେ କୌଣସି ସ୍ଥାନରେ ଲୁଚାଇଦେଇଥିବେ । ଦ୍ୱିତୀୟଥର ଏହି ପରୀକ୍ଷାରେ ସେହି ସ୍ଥାନର ସୂଚନା ମିଳିପାରେ ।

ମୁଁ – ଆପଣ ଅନେକ କିଛି ଆଶାକରୁଛନ୍ତି; କିନ୍ତୁ ବର୍ତ୍ତମାନ ଚନ୍ଦ୍ରକାନ୍ତମଣି ଯାଇ ଲଣ୍ଡନରେ ।

ମି: ଜେନିଙ୍ଗସ୍ ଅତ୍ୟନ୍ତ ବିସ୍ମିତ ହୋଇ କହିଲେ, "ଲଣ୍ଡନରେ ! ଲଣ୍ଡନକୁ ଗଲା କିପରି ?"

"କିପରି ଗଲା, କିଏ ନେଲା ତାହା କେହି କହିପାରିବେନାହିଁ ।" – କହି ଏଥିପରେ ମୁଁ ମି: ବ୍ରଫ୍‌ଙ୍କଠାରୁ ଯାହାସବୁ ଶୁଣିଥିଲି ବର୍ଣ୍ଣନାକରିଗଲି ।

ମି: ଜେନିଙ୍ଗସ୍ ଶୁଣିସାରି ସନ୍ଦିଗ୍ଧ ଭାବରେ କହିଲେ, "ଆପଣଙ୍କ କଥାରେ ମୋର ବିଶ୍ୱାସ ଆସୁନାହିଁ । ଭାରତୀୟମାନଙ୍କର ଧାରଣା, ଚନ୍ଦ୍ରକାନ୍ତମଣି ମି: ଲିଉକାର୍‌ଙ୍କ ପାଖେ ଅଛି । ସେମାନଙ୍କର ଏହି ଧାରଣା ଭୁଲହୋଇପାରେ । ସେ ଯାହାହେଉ, ଆମର ପରୀକ୍ଷା କରାଯାଉ । ଆପଣ ଧୂଆଁଖାଇବା ଛାଡ଼ିଦେବାରେ ସନ୍ଦେହନାହିଁ । ଏହାର ପରବର୍ତ୍ତୀ କାର୍ଯ୍ୟ ହେଉଛି – ଗତ ବର୍ଷ ଜନ୍ମଦିବସ ରାତିରେ ଆପଣ ଯେଉଁ ପରିବେଶ ଭିତରେ ଯେଉଁଠି ଥିଲେ ଠିକ୍ ସେହିପରି ପରିବେଶ ସୃଷ୍ଟିକରି ସେହିଠାରେ ରହିବେ । ସେଦିନ ରାତିରେ ଯେଉଁ ଘରେ ଶୋଇଥିଲେ ସେହି ଘରେ ଶୋଇବେ । ଏଥିପାଇଁ ମିସ୍ ରାଚେଲ୍‌ଙ୍କର ଅନୁମତି ଦରକାର ହେବ ।"

ମୁଁ – ତାଙ୍କ ସହିତ ମୋର ସମ୍ବନ୍ଧ ଏପରି ତିକ୍ତ ହୋଇଯାଇଛି ଯେ ମୋ ପକ୍ଷରେ

Digitized by srujanika@gmail.com

ତାଙ୍କୁ ଦେଖାକରିବା, ଏପରିକି ତାଙ୍କ ପାଖକୁ ଚିଠି ଦେବା ମଧ ଅସମ୍ଭବ ।

ଡା: ଜେନିଙ୍ଗସ୍ – ତାହାହେଲେ ଏ ପରୀକ୍ଷାର ପ୍ରସ୍ତାବ ବର୍ଣ୍ଣନାକରି ଆପଣଙ୍କ ପକ୍ଷରୁ ମୁଁ ତାଙ୍କର ଅନୁମତି ପ୍ରାର୍ଥନା କରିବି ।

ମୁଁ ଏଥିରେ ଆନନ୍ଦରେ ସ୍ୱୀକୃତ ହେଲି । ସେଦିନ ଜୁନ୍ ୧୫ ତାରିଖ । ମିସ୍ ରାଚେଲ୍ ତାଙ୍କର ୟର୍କଶାୟାର ଘରେ ଏହି ପରୀକ୍ଷା କରାଯିବାପାଇଁ କେବଳ ଅନୁମତି ଯେ ଦେଇଥିଲେ ତାହା ନୁହେଁ; ସେ ନିଜେ ମି: ବ୍ରଫ୍‌ଙ୍କ ସହିତ ଉପସ୍ଥିତ ରହି ପରୀକ୍ଷାର ଫଳାଫଳ ଦେଖିବାକୁ ସ୍ୱୀକୃତହେଲେ । ଏହାର ପରବର୍ତ୍ତୀ ଦଶଦିନର ଘଟନା ଡା: ଜେନିଙ୍ଗସ୍ ଲିପିବଦ୍ଧ କରିଛନ୍ତି ।

(୨୫)

[ଡା: ଜେନିଙ୍ଗସ୍‌ଙ୍କ ଲିଖିତ ବିବରଣୀ]

ଜୁନ୍ ୨୨ ତାରିଖ – ଆମର ପ୍ରସ୍ତାବ ଅନୁସାରେ ସବୁ ପ୍ରସ୍ତୁତ । ମି: ବ୍ରଫ୍, ମି: ବେଟରେଜ୍ ଓ ମିସ୍ ରାଚେଲ୍ ତିନିଜଣଯାକ ଏହି ପରୀକ୍ଷାର ଫଳାଫଳ ସ୍ୱଚକ୍ଷୁରେ ଦେଖିବାକୁ ଇଚ୍ଛା ପ୍ରକାଶ କରିଛନ୍ତି ଓ ପରୀକ୍ଷା କାର୍ଯ୍ୟରେ ଆବଶ୍ୟକ ସ୍ଥଳରେ ସାହାଯ୍ୟ କରିବାକୁ ସ୍ୱୀକୃତ ହୋଇଅଛନ୍ତି ।

ଜୁନ୍ ୨୪ ତାରିଖ – ମି: ବ୍ଲେକ୍‌ଙ୍କର ସ୍ନାୟବିକ ଦୁର୍ବଳତା ଆସିଛି । ତାଙ୍କର ନିଦ୍ରା-ହେଉନାହିଁ । ଗତ ପାହାନ୍ତାରେ ସେ ସିଗାର୍ ଥିବା ଡ୍ରୟର୍ ଖୋଲିଥିବା ସ୍ୱୀକାରକଲେ – ପୁଣି ଚେଷ୍ଟାକରି ତାକୁ ବନ୍ଦକଲେ ବୋଲି କହିଲେ ।

ଜୁନ୍ ୨୫ ତାରିଖ – ଆଜି ପରୀକ୍ଷାର ଦିନ । ମି: ବ୍ଲେକ୍ ପରୀକ୍ଷା ପାଇଁ ଉପଯୁକ୍ତ ଅବସ୍ଥାରେ ଅଛନ୍ତି ବୋଲି ମୋର ଅନୁମାନ । ସ୍ନାୟବିକ ଦୌର୍ବଲ୍ୟ ପୂରା ରହିଛି । ତାଙ୍କର ହାତ ଥରୁଛି, ଅସ୍ୱାଭାବିକ ଜିନିଷ ଦେଖିବା, ଅସ୍ୱାଭାବିକ ଶବ୍ଦ ଶୁଣିବା ପରି ଚମକିପଡୁଛନ୍ତି । ଆଜି ସନ୍ଧ୍ୟାରେ ମୁଁ ତାଙ୍କୁ ଚନ୍ଦ୍ରକାନ୍ତମଣି ବିଷୟରେ ନାନା କଥା କହିବି । ତାଙ୍କ ମନ ସେହି ମଣିର ଚିନ୍ତାରେ ପୂର୍ଣ୍ଣହେବ । ଏହାପରେ ତାଙ୍କୁ ଅଫିମଅର୍କ ଖାଇବାକୁ ଦେବି ।

ରାତି ୧୦ଟା – ଦିନ ନଅଟାବେଳେ ମି: ବ୍ରଫ୍ ଓ ମିସ୍ ରାଚେଲ୍ ଘରକୁ ଆସିଲେ; କିନ୍ତୁ ମୁଁ ବ୍ଲେକ୍‌ଙ୍କୁ ତାଙ୍କ ଶୋଇବାଘରକୁ ପଠାଇଦେଲି । ମିସ୍ ରାଚେଲ୍‌ଙ୍କୁ ଦେଖିଲେ ତାଙ୍କର ମନର ଅବସ୍ଥା ବଦଳିଯାଇପାରେ; ସେଥିପାଇଁ ଦୁହିଁଙ୍କର ଯେପରି ଦେଖାନହୁଏ ତାହାର ବନ୍ଦୋବସ୍ତ କଲି । ମିସ୍ ରାଚେଲ୍ ଖୁବ୍ ସୁନ୍ଦରୀ ଓ ବୁଦ୍ଧିମତୀ । ମି: ବ୍ଲେକ୍ ତାଙ୍କୁ ଭଲପାଇବା ସ୍ୱାଭାବିକ । ମିସ୍ ରାଚେଲ୍ ମୋତେ ଦେଖି କହିଲେ, ''ଆପଣଙ୍କୁ ମୁଁ ଜଣେ ବନ୍ଧୁ ବୋଲି ବିବେଚନାକରେ । ଫ୍ରାଙ୍କଲିନ୍‌ଙ୍କ ବିଷୟରେ ଆପଣଙ୍କ ପତ୍ର ପାଇ ମୁଁ ଅତ୍ୟନ୍ତ ଆନନ୍ଦିତ ହେଲି ଓ ନିଜେ ଏହି ପରୀକ୍ଷା ଦେଖିବାକୁ ଆଗ୍ରହୀ ହେଲି ।''

Digitized by srujanika@gmail.com

ଏହା ଶୁଣି ମୁଁ କିଛି କହିପାରିଲି ନାହିଁ । ସେ ପୁଣି କହିଲେ, ''ଆପଣ ମୋ ମନର ଘୋର ଅଶାନ୍ତି ଦୂରକରିଛନ୍ତି । ମୁଁ ଚିରକାଳ ଫ୍ରାଙ୍କଲିନ୍‌ଙ୍କୁ ଭଲପାଇଆସିଛି; କିନ୍ତୁ ଅବସ୍ଥାଚକ୍ରରେ ପଡ଼ି ମୁଁ ତାଙ୍କପ୍ରତି ନିତାନ୍ତ କଦର୍ଯ୍ୟ ଭାଷା ବ୍ୟବହାର କରିଛି । ବର୍ତ୍ତମାନ ମୁଁ ଯେପରି କି ନୂଆ ଜୀବନ ପାଇଛି । ଆଶାକରେ କାଲି ସକାଳେ ସେ ମୋତେ କ୍ଷମାକରିବେ ।''

ମୁଁ କହିଲି, ''ବର୍ତ୍ତମାନ ଆପଣ ମୋତେ ଯାହା କହିଲେ, କାଲି ସକାଳେ ଆପଣଙ୍କ ମୁହଁରୁ ସେହି କଥା ଶୁଣିଲେ ମି: ବ୍ଲେକ୍ ନିଶ୍ଚୟ ଆପଣଙ୍କୁ କ୍ଷମାଦେବେ । କାଲି ସକାଳେ କଅଣ ହେବ ସେ ବିଷୟରେ ମୁଁ ନିଶ୍ଚିନ୍ତ । ଆଜି ରାତିର ଘଟଣା ବିଷୟରେ ସେତିକି ନିଶ୍ଚିନ୍ତ ହୋଇପାରିଲେ ହେଲା ।''

ମିସ୍ ରାଚେଲ୍ ଉପର ମହଲାର ନିଜ କୋଠରିକୁ ଚାଲିଗଲେ ।

ରାତି ୨ଟା – ପରୀକ୍ଷା କାର୍ଯ୍ୟ ଶେଷହୋଇଛି । ତାହାର ଫଳାଫଳ ଲିପିବଦ୍ଧ କରୁଛି ।

ରାତି ଏଗାରଟାବେଳ ମୁଁ ମି: ବ୍ଲେକ୍‌ଙ୍କୁ ତାଙ୍କ ଶୋଇବା ଘରକୁ ପଠାଇଦେଇ ମି: ବେଟରେଜ୍‌ଙ୍କୁ ଡକାଇପଠାଇଲି । ମୋ ଉପଦେଶ ଅନୁସାରେ ସେ ଲେଡ଼ି ଭେରିନ୍ଦର୍‌ଙ୍କ ଔଷଧବାକ୍ସଟି ମିସ୍ ରାଚେଲ୍‌ଙ୍କ ବୈଠକଖାନାକୁ ନେଇଗଲେ । ତାହାପରେ ମୁଁ ମି: ବ୍ଲେକ୍‌ଙ୍କ ଶୋଇବା ଘରକୁ ଯାଇ ତାଙ୍କୁ କହିଲି, ''ମୁଁ ବର୍ତ୍ତମାନ ମି: ବ୍ଲେକ୍‌ଙ୍କ ପାଇଁ ଅଫିମ ମିଶାଇ ଔଷଧ ତିଆରିକରିବି । ଆପଣ ସେଠାରେ ଉପସ୍ଥିତ ରହିବା ଉଚିତ ।''

ଆମେ ଦୁହେଁ ମିସ୍ ରାଚେଲ୍‌ଙ୍କ ବୈଠକଖାନାକୁ ଗଲୁ । ସେତେବେଳକୁ ସେ ଘର ଭିତରେ ଅସ୍ଥିରଭାବରେ ପଦଚାଳନା କରୁଥିଲେ । ବେଟରେଜ୍ ଗୋଟିଏ କଣରେ ଥିବା ଔଷଧ ବାକ୍ସ ପାଖରେ ରହିଲେ । ମି: ବ୍ରଫ୍ ଗୋଟାଏ ଚୌକି ଉପରେ ବସିପଡ଼ିଲେ । ମିସ୍ ରାଚେଲ୍ ମୋତେ ପଚାରିଲେ, ''ଫ୍ରାଙ୍କଲିନ୍‌ଙ୍କ ଅବସ୍ଥା କିପରି ? ଏ ପରୀକ୍ଷା ସଫଳ ହେବ ତ ! ଏ ଔଷଧରେ ତାଙ୍କର କିଛି କ୍ଷତି ହେବାର ଆଶଙ୍କା ଅଛି କି ?''

ମୁଁ ତାଙ୍କର ଉଦ୍‌ବେଗର କାରଣ ବୁଝିପାରିଲି । ତାଙ୍କୁ ଆଶ୍ୱାସନା ଦେଇ କହିଲି, ''ଆସନ୍ତୁ, ମୁଁ କେତେ ପରିମାଣରେ ଅଫିମ ଦେଉଛି ଦେଖିବେ ।''

ସେ କହିଲେ – ''ଔଷଧ ଦିଆଯିବା ପରେ ମୁଁ ମୋ ଶୋଇବା ଘରେ ଅପେକ୍ଷା କରି ରହିବି – ଗଲାବର୍ଷ ମୁଁ ଠିକ୍ ଯେପରି ଥିଲି । ମୋ ଘରର କବାଟ ଟିକିଏ ମେଲା ରହିବ; ସେଇବାଟେ ମୁଁ ବୈଠକଖାନାକୁ ଚାହିଁବି । ବୈଠକଖାନାର କବାଟ ଫିଟିବାମାତ୍ରେ ମୁଁ ବତି ଲିଭାଇଦେବି । ଗଲା ଜନ୍ମଦିବସରେ ଠିକ୍ ଏହା ହିଁ ହୋଇଥିଲା ।''

ମୁଁ କହିଲି, ''ମିସ୍ ରାଚେଲ୍, ଗୋଟିଏ କଥା ମନେରଖିବେ । ନିଜର ଆବେଗକୁ ଟିକିଏ ଦମନ କରିବା ଦରକାର ।'' ସେ ଉତ୍ତରଦେଲେ, ''ନିଶ୍ଚୟ, ତାଙ୍କ ପାଇଁ ମୁଁ ସବୁ କିଛି କରିପାରେ – ଏତିକି କରି ପାରିବି ନାହିଁ ?''

ମୁଁ ଔଷଧ ବାକ୍ସରୁ ଅଫିମ ବାହାରକରି ଗୋଟିଏ ଗିଲାସରେ ଔଷଧ ପ୍ରସ୍ତୁତକଲି ।

Digitized by srujanika@gmail.com

ପକେଟ୍‌ରୁ ଖଣ୍ଡିଏ ବର୍ତ୍ତୁଳାକାର କାଚ ବାହାରକରି ମିସ ରାଚେଲ୍‌ଙ୍କୁ ଦେଇ କହିଲି, "ମନେକରନ୍ତୁ, କାଚ଼ଟି ହେଉଛି ଚନ୍ଦ୍ରକାନ୍ତମଣି । ଗଲାବର୍ଷ ମଣିଟିକୁ ଯେଉଁଠାରେ ରଖିଥିଲେ ଏହାକୁ ଠିକ୍ ସେହିଠାରେ ରଖିଦିଅନ୍ତୁ ।"

ସେ ଭାରତୀୟ ଆଲମାରି ପାଖକୁ ଯାଇ ଗୋଟିଏ ଡ୍ରୟର୍ ଭିତରେ କାଚ଼ଟିକୁ ରଖିଦେଲେ । ମୁଁ ଔଷଧ ନେଇ ମିଃ ଫ୍ରାଙ୍କଲିନ୍‌ଙ୍କୁ ଦେବାକୁ ଗଲି । ମିଃ ବେଟରେଜ୍ ଓ ମିଃ ବ୍ରଫ୍ ମୋ ପଛରେ ଚାଲିଲେ । ମିସ୍ ରାଚେଲ୍ ତାଙ୍କ ଶୋଇବାଘରକୁ ଚାଲିଗଲେ । ଆମେ ଦେଖିଲୁ, ମିଃ ଫ୍ରାଙ୍କଲିନ୍ ବିଛଣାରେ ପଡ଼ି ଏପାଖ ସେପାଖ ହେଉଛନ୍ତି । ମୁଁ ତାଙ୍କୁ ଔଷଧ ଦେଇ ଶୋଇପଡ଼ିବାକୁ କହିଲି । ବତି ଜାଳି ବିଛଣାପାଖ ଟେବୁଲ ଉପରେ ରଖିଦେଲି । ଗୋଟିଏ ଚଉକିରେ ତାଙ୍କ ଖଟତଳେ ଲୁଚି ବସି ମୁଁ ଔଷଧର କ୍ରିୟା ଲକ୍ଷ୍ୟକଲି । ସେତେବେଳକୁ ରାତି ଏଗାରଟା ବାଜି କୋଡ଼ିଏ ମିନିଟ୍ ।

ଦୁଇ ଘଣ୍ଟା ଚାଲିଗଲା । କିଛି ପରିବର୍ତ୍ତନ ଦେଖାନାହିଁ । ହଠାତ୍ ମିଃ ବ୍ଲେକ୍ ଦେହ ଉପରୁ ଚାଦରଟା ଫିଙ୍ଗିଦେଇ କହିଲେ, "ମଣିଟିକୁ ବ୍ୟାଙ୍କ୍‌ରୁ ନେଇଆସି ମୁଁ ଭୁଲ୍‌କଲି । ସେଠାରେ ଏହା ନିରାପଦରେ ଥିଲା ।" ଏହା କହି ସେ ଛିଡ଼ାହୋଇଗଲେ । ପୁଣି ଧୀର ସ୍ୱରରେ କହିଲେ, "କିଏ ଜାଣେ, ସେ ଭାରତୀୟଗୁଡ଼ାକ ଏଇ ଘରେ କେଉଁଠି ଲୁଚିଥାଇ ପାରନ୍ତି ।" ଘରର ସେପାଖ ପର୍ଯ୍ୟନ୍ତ ଚାଲିଯାଇ ସେ କହିଲେ, "ଆରେ ! ଘରଟାରେ ତାଲା ସୁଦ୍ଧା ପଡ଼ିନାହିଁ ! ଆଲମିରାର ଡ୍ରୟର୍ ଭିତରେ ଅଛି । ଡ୍ରୟର୍‌ରେ ବି ତାଲା ନାହିଁ ।" ଖଟର ଗୋଟାଏ ପାଖରେ ବସିପଡ଼ି ସେ କହିବାକୁ ଲାଗିଲେ, "ଏପରି ଜାଗାରୁ ମଣିକୁ ଯେକେହି ସହଜରେ ନେଇପାରିବ । ଓଃ, ଏପରି ଚିନ୍ତା ଘେନି ମୁଁ ଶୋଇବି କିପରି ?"

ସେ ଠିଆହୋଇ ଟେବୁଲ୍‌ର ବତି ଆଡ଼କୁ ଅନାଇଲେ । କିଛି ସମୟ ପରେ ବତିଟି ଧରି ସେ ଶୋଇବା ଘର କବାଟ ଫିଟାଇ ବାହାରକୁ ଚାଲିଗଲେ । ଆମ୍ଭେମାନେ ତାଙ୍କ ପଛେ ପଛେ ଆସିଲୁ । ଆମର ଆସିବା ସେ ଜାଣିପାରିନଥିଲେ । ସେ ସିଧା ସିଧା ମିସ୍ ରାଚେଲ୍‌ଙ୍କ ବୈଠକଖାନା ଘରକୁ ଗଲେ, କବାଟ ଫିଟାଇ ଭିତରେ ପଶିଲେ । କବାଟ ସେହିପରି ମେଲାଥାଏ । ଆମେ ଆଗ୍ରହରେ ଚାହିଁଥାଉ । ଟିକିଏ ଅପେକ୍ଷା କରି ସେ ଘର କଣରେ ଥିବା ଭାରତୀୟ ଆଲମାରି ପାଖକୁ ଗଲେ । ଆଲମାରି ଉପରେ ବତିଟି ରଖିଦେଇ ସେ ଗୋଟିକ ପରେ ଗୋଟିଏ ଲେଖାଏଁ ଡ୍ରୟର୍ ଫିଟାଇ ଖୋଜିଲେ । ଶେଷରେ ଗୋଟିଏ ଡ୍ରୟର୍‌ରୁ କାଚ଼ଟି ବାହାରକଲେ । ଏହାପରେ ବତିଟି ଧରି ଘର ମଝିଆଡ଼କୁ ଚାଲିଆସିଲେ ।

ଆମେ ନିଃଶ୍ୱାସ ବନ୍ଦକରି ଚାହିଁଥାଉ । ଏତେବେଳଯାଏଁ ସେ ଜନ୍ମଦିବସ ଘଟଣାର ପୁନରାବୃତ୍ତି କରିଆସିଥିଲେ । ନିଜ କୋଠରିକୁ ଫେରିବା ପରେ ସେ କ'ଣ କରିବେ ତାହା ଦେଖିବାକୁ ଆମେ ଚାହିଁରହିଲୁ । ସେ ବତିଟିକୁ ଗୋଟିଏ ଟେବୁଲ୍ ଉପରେ ରଖିଦେଇ କୋଠରିର ଶେଷଭାଗରେ ଥିବା ସୋଫା ଉପରକୁ ଆଉଜିପଡ଼ିଲେ । ତାଙ୍କ ହାତରୁ ସେ

Digitized by srujanika@gmail.com

କାଚଟି ଖସିପଡ଼ି କବାଟ ଆଡ଼କୁ ଗଡ଼ିଗଲା । ଫ୍ରାଙ୍କଲିନ୍ ତାକୁ ଆଣିବାର ଚେଷ୍ଟା ନକରି କେବଳ ସେ ଆଡ଼କୁ ଚାହିଁରହିଲେ । କିଛି ସମୟ ପରେ ସେ ଆଖି ବୁଜି ସୋଫା ଉପରେ ପଡ଼ିଗଲେ । ତାଙ୍କୁ ନିଦ ହେବାର ବୁଝିପାରିଲି । ସେତେବେଳକୁ ରାତି ଗୋଟାଏ ବାଜି ପଚିଶ ମିନିଟ୍ । ଆମର ପରୀକ୍ଷା ଶେଷହୋଇଗଲା ।

(୨୬)

[ଫ୍ରାଙ୍କଲିନ୍ ବ୍ଲେକ୍ଙ୍କ ପରବର୍ତ୍ତୀ ବିବରଣୀ]

ଭୋର୍‌ରୁ ଉଠିଲି । ଗତ ରାତ୍ରିରେ ମୁଁ କଅଣ କହିଥିଲି ବା କରିଥିଲି ତାହାର ଲବମାତ୍ର ମୋର ମନେନଥିଲା । ସକାଳେ ଉଠିବା ପରେ ଯାହା ସବୁ ଘଟିଲା ତାର ବିଶେଷ ବର୍ଣ୍ଣନା ଦେବା ଅନାବଶ୍ୟକ । ଏତିକି କହିଲେ ଯଥେଷ୍ଟ ହେବ, ମୋର ଓ ରାଚେଲ୍‌ଙ୍କ ଭିତରେ ଯେଉଁ ସନ୍ଦେହ ଉପୁଜିଥିଲା ତାହା ଉଭେଇଗଲା ।

ଜଳଖିଆ ଖାଇବା ପରେ ମି: କ୍ରୁଫ୍ ମୋତେ ଲଣ୍ଡନ ଯିବା କଥା ସ୍ମରଣକରାଇଦେଲେ । ବ୍ୟାଙ୍କ୍‌ରେ ଯେଉଁ ଲୋକ ଜଗିରହିଥିଲା, ସେ କଅଣ କରୁଛି ତାହା ବୁଝିବା ଦରକାର । ଆମର ଲଣ୍ଡନ ଯିବାର କାରଣ ଜାଣିପାରି ମିସ୍ ରାଚେଲ୍ ମଧ୍ୟ ଆମ ସଙ୍ଗରେ ଯିବାକୁ ବାହାରିଲେ । ଲଣ୍ଡନ ଷ୍ଟେସନ୍‌ରେ ପହଞ୍ଚିବାମାତ୍ରେ ଗୋଟିଏ ଛୋଟ ପିଲା ଆସି ମି: କ୍ରୁଫ୍‌ଙ୍କ ସଙ୍ଗେ କଥାବାର୍ତ୍ତା ହେଲା । ଏହି ପିଲାଟିର ନାମ ଗୁଜ୍‌ବେରି । ମି: କ୍ରୁଫ୍‌ଙ୍କ ପରାମର୍ଶକ୍ରମେ ସେ ଓ ମୁଁ ଦୁହେଁଯାକ ମିସ୍ ରାଚେଲ୍‌ଙ୍କୁ ପୋର୍ଟଲାଣ୍ଡ ପ୍ଲେସ୍‌ରେ ଛାଡ଼ିଆସିବା ସ୍ଥିରହେଲା । ମିସ୍ ରାଚେଲ୍ ଗୋଟିଏ ଗାଡ଼ିରେ ବସିଲେ । ଆମେ ଦୁହେଁ ଅନ୍ୟ ଏକ ଗାଡ଼ିରେ ବସିଲୁ । ପିଲାଟି ଆମ ଗାଡ଼ିର ଡ୍ରାଇଭର୍ ପାଖେ ବସିଲା ।

ମି: କ୍ରୁଫ୍ ମୋତେ କହିଲେ, "ମି: ଲିଉକାର୍‌ଙ୍କ ବିଷୟରେ କିଛି ଖବର ମିଳିଛି । ଘଣ୍ଟାକ ଆଗରୁ ସେ ଲାମେଥ୍‌ର ତାଙ୍କ ଘରୁ ଗୋଟିଏ ଗାଡ଼ିରେ ବାହାରିଯାଇଛନ୍ତି । ତାଙ୍କ ସାଥିରେ ଦୁଇଜଣ ଲୋକ ଥିଲେ । ମୋର ଗୁପ୍ତଚର ସେ ଦୁହିଁଙ୍କୁ ସାଦାପୋଷାକଧାରୀ ପୋଲିସ ବୋଲି ଚିହ୍ନିପାରିଛି । ମୋର ଅନୁମାନ, ମି: ଲିଉକାର୍ ଆଜି ବ୍ୟାଙ୍କ୍‌ରୁ ମଣିଟି ଆଣିବାକୁ ଯାଇଛନ୍ତି ।

ଆମେ ଲମ୍ବାର୍ଡ୍ ଷ୍ଟ୍ରୀଟ୍‌ର ବ୍ୟାଙ୍କ୍ ପାଖେ ପହଞ୍ଚିଲାବେଳକୁ ପାଞ୍ଚଟା ବାଜିବାକୁ କୋଡ଼ିଏ ମିନିଟ୍ ମାତ୍ର ବାକିଥାଏ । ବ୍ୟାଙ୍କ୍ ୫ଟାବେଳେ ବନ୍ଦହେବାର କଥା । ତେଣୁ କାମର ଭିଡ଼ ଲାଗିଥାଏ । ପିଲାଟି ସହିତ ଆମେ ଦୁହେଁ ବ୍ୟାଙ୍କ୍ ଭିତରେ ପ୍ରବେଶକଲୁ । ବହୁତ ଲୋକ ଯିବା ଆସିବା କରୁଥାନ୍ତି । କିଏ ଟଙ୍କା ଜମାଦେଇ ଆସୁଛି, କିଏ ଅବା ଟଙ୍କା ଉଠାଇଆଣିବାକୁ ଯାଉଛି । ମି: କ୍ରୁଫ୍‌ଙ୍କ ପାଖକୁ ଜଣେ ଲୋକ ଆସିବାରୁ ସେ ପଚାରିଲେ, "ତାକୁ ଦେଖିଲ ?"

Digitized by srujanika@gmail.com

ଲୋକଟି ଉତ୍ତରକଲା, ''ହଁ, ଅଧଘଣ୍ଟା ହେଲାଣି ସେ ଅଫିସ ଭିତରକୁ ଯାଇଛି, ଏତେବେଳଯାଏଁ ଫେରିନାହିଁ ।'' ମି: ବ୍ରଫ୍ ମୋତେ ଅପେକ୍ଷା କରିବାକୁ କହିଲେ ।

ଭାରତୀୟମାନେ କେଉଁଠାରେ ଥିବେ ବୋଲି ମୁଁ ଚାରିଆଡ଼କୁ ଚାହୁଁଥାଏ, କିନ୍ତୁ ସେମାନଙ୍କର ଦେଖା ମିଳିଲାନାହିଁ । ମୁଁ କେବଳ ଜଣେ କଳାଲୋକକୁ ଦେଖିଲି । ସେ ଜଣେ ନାବିକ ପରି ବୋଧହେଉଥିଲା । ଲୋକଟି ଖୁବ୍ ଡେଙ୍ଗା, ଯେକୌଣସି ଭାରତୀୟଠାରୁ ସେ ଆହୁରି ଅଧିକ ଉଚ୍ଚ ହେବ । ତାର ମୁହଁ ଦାଢ଼ିରେ ପୂର୍ଣ୍ଣହୋଇଥିଲା । ଏହି ସମୟରେ ଗୁଲ୍‌ବେରି ମି: ବ୍ରଫ୍‌ଙ୍କ କୋଟ୍‌କୁ ଧୀରେ ଟାଣିଦେଲା । ସେ ଯେଉଁଆଡ଼କୁ ଚାହିଁଥିଲା, ମି: ବ୍ରଫ୍ ସେହି ଆଡ଼କୁ ଚାହିଁଲେ । ଗୁଲ୍‌ବେରି ଚୁପ୍‌କରି କହିଲା – 'ଏଇ ଯେ ମି: ଲିଉକାର୍ !'

ମି: ଲିଉକାର୍ ବ୍ୟାଙ୍କ୍ ଅଫିସରୁ ବାହାରିଆସୁଥିଲେ । ତାଙ୍କ ପଛରେ ସାଦାପୋଷାକଧାରୀ ପୋଲିସ କର୍ମଚାରୀ ଦୁଇଜଣ ଥିଲେ । ମି: ବ୍ରଫ୍ କହିଲେ, ''ଗୁଲ୍‌ବେରି, ଏତିକିବେଳେ ସେ କାହାକୁ ମଣିଟି ଦେବାର ସମୟ । ଖୁବ୍ ସାବଧାନରେ ନଜର ରଖିଥାଅ ।''

ଆମ ଆଡ଼କୁ ନଚାହିଁ ମି: ଲିଉକାର୍ ଧୀରେ ଅଫିସ୍‌ଘର ବାହାର ଦରଜାଯାଏଁ ଆସିଲେ । ମୁଁ ତାଙ୍କୁ ଚାହିଁରହିଥାଏ । ହଠାତ୍ ଜଣେ ଲୋକ ତାଙ୍କ ପାଖକୁ ଲାଗିଆସିଲା ଓ ତା' ହାତକୁ ମି: ଲିଉକାର୍ କିଛି ବଢ଼ାଇଦେଲେ । ପୋଲିସ କର୍ମଚାରୀ ଦୁହେଁ ତାଙ୍କ ଦୁଇପାଖରେ ରହି ତାଙ୍କୁ ଦରଜା ବାହାରକୁ ଆଣି ଲୋକଗହଳିରେ ମିଶିଗଲେ । ମି: ବ୍ରଫ୍ ଯେଉଁ ଚରଟିକୁ ନିଯୁକ୍ତକରିଥିଲେ, ସେ ମି: ଲିଉକାର୍ ଓ ପୋଲିସ କର୍ମଚାରୀ ଦୁହିଁଙ୍କ ପଛେ ପଛେ ଚାଲିଲା ।

ଯେଉଁ ଲୋକଟି ମି: ଲିଉକାର୍‌ଙ୍କ ହାତରୁ କିଛି ନେଲାପରି ଜଣାଯାଇଥିଲା, ସେ ଗୋଟିଏ ଧୂସର ବର୍ଣ୍ଣର ପୋଷାକ ପିନ୍ଧିଥିଲା । ମୁଁ ମି: ବ୍ରଫ୍‌କୁ ଠାରି ସେହି ଲୋକଟିକୁ ଦେଖାଇଦେଲି । ମି: ବ୍ରଫ୍ ଧୀର ସ୍ୱରରେ କହିଲେ, ''ମୁଁ ମଧ ଦେଖିଛି ।'' ଏହାପରେ ସେ ଗୁଲ୍‌ବେରିକୁ ଖୋଜିଲେ – କିନ୍ତୁ ତାର ପତ୍ତା ମିଳିଲାନାହିଁ ।

ନିଜର କାମ ସାରି ଧୂସରପୋଷାକ ପିନ୍ଧିଥିବା ଲୋକଟି ଯିବାକୁ ବସିଲା । ଆମେ ଦୁହେଁ ତାର ପିଛା ଧରିଲୁ । ଗୋଟିଏ ବସ୍‌ରେ ସେ ବସିଲା; ଆମେ ମଧ ସେହି ବସ୍‌ରେ ବସିଲୁ । ଅକ୍ସଫୋର୍ଡ଼ ଷ୍ଟ୍ରୀଟ୍‌ରେ ଓହ୍ଲାଇ ସେ ଗୋଟିଏ ଔଷଧଦୋକାନରେ ପଶିଲା; ଆମେ ତା' ପଛେପଛେ ସେହି ଦୋକାନକୁ ଗଲୁ । ମି: ବ୍ରଫ୍ ଦୋକାନୀକୁ ଡାକି କିଛି କଥାବାର୍ତ୍ତାହେଲେ । ତାହାପରେ ନିରାଶଭାବରେ ମୋ ପାଖକୁ ଫେରିଆସିଲେ । ଦୋକାନରୁ ଓହ୍ଲାଇବା ପରେ ମି: ବ୍ରଫ୍ କହିଲେ, ''ମି: ବ୍ଲେକ୍, ଆମେ ନିତାନ୍ତ ନିର୍ବୋଧ । ତା' ହୋଇନଥିଲେ ଏ ଲୋକ ପଛରେ ଧାଇଁନଥାନ୍ତେ । ଦୋକାନୀଠାରୁ ବୁଝିଲି, ସେ ଲୋକଟି ଗଲା ତିରିଶ ବର୍ଷ ହେଲା ତାଙ୍କ ଦୋକାନରେ କମ୍ପାଉଣ୍ଡର କାମ କରୁଛି । ଦୋକାନର ଟଙ୍କା ଜମାକରିବାକୁ ବ୍ୟାଙ୍କ୍‌କୁ ଯାଇଥିଲା । ଚନ୍ଦ୍ରକାନ୍ତମଣି ବିଷୟ ସେ କେବେ ଶୁଣିନାହିଁ ।''

Digitized by srujanika@gmail.com

ମି: ବ୍ରଫ୍ କହିଲେ, "ଏଠାରେ କିଛି କାମ ନାହିଁ । ଚାଲ, ଆମ ଅଫିସରେ ବସି ଅପେକ୍ଷା କରିବା । ଗୁଜ୍‌ବେରି ହୁଏତ ଅନ୍ୟ କୌଣସି ଲୋକର ପିଛା ଧରି ଯାଇଛି ।"

ଆମେ ଦୁହେଁ ଗ୍ରେଜ୍ ଇନ୍ ସ୍କୋୟାର୍‌ରେ ମି: ବ୍ରଫ୍‌ଙ୍କ ଅଫିସରେ ବସିଲୁ । ଅଧଘଣ୍ଟାଏ ଯାଏଁ ଅପେକ୍ଷା କଲା ପରେ ମଧ୍ୟ ଗୁଜ୍‌ବେରି ଫେରିଲାନାହିଁ । ମି: ବ୍ରଫ୍‌ଙ୍କର ଘରକୁ ଯିବା ସମୟ ହୋଇଗଲା । ମୋର ମଧ୍ୟ ପୋର୍ଟଲାଣ୍ଡ ପ୍ଲେସ୍‌ରେ ମିସ୍ ରାଚେଲ୍‌ଙ୍କୁ ଭେଟିବାକଥା । ତେଣୁ ମୋ କାର୍ଡ଼ରେ 'ରାତି ସାଢ଼େ ଦଶଟାବେଳେ ମୋ ବସାରେ ଦେଖାହେବ' ବୋଲି ଲେଖି ଅଫିସ୍‌ରେ ଦେଇ ଆସିଲି ଓ କହିଦେଲି ଯେ ଗୋଟିଏ ପିଲା ମୋତେ ଖୋଜିଲେ ତାକୁ ଏହି କାର୍ଡ଼ ଦେବାକୁ ହେବ ।

ପୋର୍ଟଲାଣ୍ଡ ପ୍ଲେସ୍‌ରେ ମୁଁ ସନ୍ଧ୍ୟାବେଳଟି ମିସ୍ ରାଚେଲ୍ ଓ ତାଙ୍କ ମାଉସୀ ମେରି ଡିଉଙ୍କ ସହିତ କଟାଇଲି । ମୁଁ ନିଜ ଘରକୁ ଫେରିଲାବେଳକୁ ରାତି ସାଢ଼େବାରଟା । ଚାକର ମୋତେ ଖଣ୍ଡିଏ କାଗଜ ଦେଲା । ସେଥିରେ ଲେଖାଥିଲା, "ମୁଁ ଅନେକବେଳଯାଏ ଅପେକ୍ଷାକଲି । ମୋତେ ନିଦମାଡ଼ିଲାଣି । କାଲି ସକାଳ ନଅଟାଠାରୁ ଦଶଟା ମଧ୍ୟରେ ପୁଣି ଆପଣଙ୍କ ପାଖକୁ ଆସିବି ।" ଚାକରଠାରୁ ଶୁଣିଲି ଗୁଜ୍‌ବେରି ସାଢ଼େଏଗାରଟା ପର୍ଯ୍ୟନ୍ତ ଅପେକ୍ଷା କରି ଚାଲିଗଲା । ଏତେ ରାତିରେ ଆଉ କିଛି କରିବାର ଉପାୟ ନଥିଲା । ମୁଁ ଶୋଇପଡ଼ିଲି ।

ସକାଳ ନଅଟାବେଳୁ ମୁଁ ଗୁଜ୍‌ବେରିକୁ ଅପେକ୍ଷା କରି ବସିରହିଲି । ସାଢ଼େନଅଟାବେଳେ ବାହାରେ କାହାରି ପାଦଶବ୍ଦ ଶୁଣି ଭାବିଲି ଗୁଜ୍‌ବେରି ଆସୁଛି; କିନ୍ତୁ ହଠାତ୍ ମୋର କବାଟ ଖୋଲି ପଶିଆସିଲେ ସର୍ଜେଣ୍ଟ କଫ୍ । ମୁଁ ଗଭୀର ବିସ୍ମୟରେ ଉଠିପଡ଼ି ସର୍ଜେଣ୍ଟଙ୍କୁ ଅଭିବାଦନ ଜଣାଇଲି । ସେ ଚୌକିରେ ବସିଯାଇ କହିଲେ, "ମୋର ଅନୁମାନ ଠିକ୍ । ଆପଣ ଏଇଠାରେ ଥିବେ ବୋଲି ମୁଁ ଭାବି ଆସିଥିଲି । ଆପଣ ଜାଣନ୍ତି ମୁଁ ବର୍ତ୍ତମାନ ଚାକିରିରୁ ଅବସର ନେଇଛି; କିନ୍ତୁ ସେଇ ଚନ୍ଦ୍ରକାନ୍ତମଣି ବ୍ୟାପାରରେ ଏବେ ମଧ୍ୟ ମୋର ଆଗ୍ରହ ଅଛି । ଏଥିମଧ୍ୟରେ ମୋର ଦୃଢ଼ ବିଶ୍ୱାସ ହୋଇଛି ଯେ, ସେହି ମଣି ଚୋରି ଘଟଣାରେ ମୁଁ ଗୋଟାଏ ପ୍ରକାଣ୍ଡ ଭୁଲ୍ କରିଛି । ସେଇ ଭୁଲ୍ ସ୍ୱୀକାର କରିବାକୁ ମୁଁ ଆସିଛି । ଗୋଟାଏ ଭୀଷଣ ଭ୍ରମ କରିଥିବାରୁ ମୋର ଘୋର ଅନୁତାପ ହେଲା । ତେଣୁ ଆପଣଙ୍କ ସଙ୍ଗେ ଦେଖାକରିବାକୁ ଚାଲିଆସିଲି ।"

ମୁଁ ଉତ୍ତରକଲି, "ଆପଣ ଠିକ୍ ସମୟରେ ପହଞ୍ଚିଛନ୍ତି ।" ଏହା ପରେ ମୋ ଉପରେ କିପରି ପରୀକ୍ଷା କରାଯାଇଥିଲା ଓ ତାର ଫଳ କଅଣ ହେଲା, ତାହା ବର୍ଣ୍ଣନାକରିଗଲି । ଲମ୍ବାର୍ଡ଼ ଷ୍ଟ୍ରୀଟ୍ ବ୍ୟାଙ୍କ୍‌ରେ ଯାହା ଯାହା ଘଟିଥିଲା ତାହା ମଧ୍ୟ ତାଙ୍କ ଆଗେ ପ୍ରକାଶକଲି । ଡାକ୍ତର ଜେନିଙ୍ଗସ୍‌ଙ୍କର ମତ ବିଷୟରେ ସେ ଖୁବ୍ ମନୋଯୋଗ ଦେଇ ଶୁଣିଲେ । ତା'ପରେ ସେ କହିଲେ – "ଆପଣ ମଣିଟିକୁ ଆଣି ଘର ଭିତରେ କୌଣସିଠାରେ ଲୁଚାଇଥିବେ

Digitized by srujanika@gmail.com

ବୋଲି ଡାକ୍ତରଙ୍କର ମତ; କିନ୍ତୁ ମୁଁ ଏଇ ବିଷୟରେ ଭିନ୍ନ ମତ ପୋଷଣ କରେ । ମଣିଟି ଆପଣ ନିଜ କୋଠରିକୁ ନେଇଥିବା ବିଷୟରେ ମୁଁ ଡାକ୍ତରଙ୍କ ସହିତ ଏକମତ । ତାହାପରେ କଅଣ ଘଟିଛି ବୋଲି ଆପଣଙ୍କର ସନ୍ଦେହ ?''

ମୁଁ କହିଲି, ''ମୋର କିଛି ମାତ୍ର ସ୍ମରଣ ନାହିଁ ।''

ମି: କଫ୍ ମୋ ଟେବୁଲ ପାଖରେ ବସି ଖଣ୍ଡିଏ କାଗଜରେ କିଛି ଲେଖି ତାକୁ ଲଫାପାରେ ବନ୍ଦକରି ସିଲ୍ କଲେ । ତତ୍ପରେ ସେଇଟିକୁ ମୋ ହାତକୁ ବଢ଼ାଇଦେଇ କହିଲେ, ''ଏଥିରେ ମୁଁ ଚୋରର ନାମ ଲେଖିରଖିଛି । ପ୍ରକୃତ ଚୋର ଧରାନପଡ଼ିବା ପର୍ଯ୍ୟନ୍ତ ଏହାକୁ ଖୋଲିବେନାହିଁ । କାରଣ ଗତବର୍ଷ ମୁଁ ଜଣେ ନିର୍ଦ୍ଦୋଷ ଲୋକକୁ ଦୋଷୀ ବୋଲି ମନେ ମନେ ସ୍ଥିରକରିଥିଲି । ଏଥର ଯେ ସେହିପରି ଭୁଲକରିନଥିବି ତାହା କିଏ କହିବ ?''

ଏହି ସମୟରେ ଗୁଜ୍‌ବେରି ଆସି ଉପସ୍ଥିତହେଲା । ମୁଁ ତାକୁ ସର୍ଜେଣ୍ଟଙ୍କ ସହିତ ପରିଚୟ କରାଇଦେଲି । ସର୍ଜେଣ୍ଟ ତାକୁ ପଚାରିଲେ, ''ମୁଁ ଶୁଣିଲି, ତୁମେ କାଲି ବ୍ୟାଙ୍କ୍ ପାଖରୁ କୁଆଡ଼େ ଚାଲିଯାଇଥିଲ । ତୁମେ କଅଣ କରୁଥିଲ ?''

ଗୁଜ୍‌ବେରି – ମୁଁ ଜଣେ ଲୋକର ପିଛା ଧରି ଯାଇଥିଲି । ଲୋକଟି ଖୁବ୍ ଡେଙ୍ଗା, ମୁହଁରେ କଳା ଦାଢ଼ି ଅଛି । ସେ ଜଣେ ନାବିକର ପୋଷାକ ପିନ୍ଧିଥିଲା ।

ଏହି ସମୟରେ ମୁଁ କହିଲି, ''ମୁଁ ମଧ୍ୟ ସେ ଲୋକକୁ ଦେଖିଛି । ମୋର ଅନୁମାନ, ସେ ହେଉଛି ଭାରତୀୟମାନଙ୍କର ଜଣେ ଗୁପ୍ତଚର ।''

ମି: କଫ୍ ମୋ କଥା ନଶୁଣିଲା ପରି ଗୁଜ୍‌ବେରିକୁ ପଚାରିଲେ, ''ସେ ନାବିକ ପିଛା ଧରିଥିଲ କାହିଁକି ?''

ଗୁଜ୍‌ବେରି – ସେ ଲୋକ ହାତକୁ ମି: ଲିଉକାର୍ କିଛି ବଢ଼ାଇଦେବାର ମୁଁ ଦେଖିଥିଲି । ସେ କଥା ମି: ବ୍ରଫ୍‌କୁ ଜଣାଇବାର ସୁବିଧା ନଥିଲା । ନାବିକ ଜଣକ ଖୁବ୍ ବେଗରେ ଚାଲିଗଲା । ବାଧ୍ୟହୋଇ ମୁଁ ମଧ୍ୟ ତା' ପଛେ ପଛେ ଦୌଡ଼ିଲି ।

ସର୍ଜେଣ୍ଟ – ରାସ୍ତା ଉପରକୁ ଆସି କଅଣ କଲ ?

ଗୁଜ୍‌ବେରି – ନାବିକ ଗୋଟାଏ ଗାଡ଼ିରେ ବସିଲା । ମୁଁ ଗାଡ଼ି ପଛେ ପଛେ ଦୌଡ଼ିଲି ।

ଏପରି କଥାବାର୍ତ୍ତା ଚାଲିଥିବାବେଳେ ମି: ବ୍ରଫ୍‌ଙ୍କ ମୋହରିର ଆସି ପହଞ୍ଚିଲେ । ସର୍ଜେଣ୍ଟଙ୍କୁ ବାଧା ନଦେଇ ସେ ମୋହରିର ସଙ୍ଗେ ମୁଁ ଅନ୍ୟ ଏକ ଘରେ କଥାବାର୍ତ୍ତା ହେଲି । ତାଙ୍କଠାରୁ ଖବର ପାଇଲି, ମି: ବ୍ରଫ୍ ଅସୁସ୍ଥ ଥିବାରୁ ମୋ ସଙ୍ଗେ ଅନୁସନ୍ଧାନରେ ଯୋଗ ଦେଇପାରିବେ ନାହିଁ । ମୁଁ ସଙ୍ଗେ ସଙ୍ଗେ ତାଙ୍କ ପାଖକୁ ସର୍ଜେଣ୍ଟ କଫ୍‌ଙ୍କ ଆସିବା ବିଷୟ ଲେଖି ଚିଠିଦେଲି । ଆହୁରି ମଧ୍ୟ ସେଥିରେ ଉଲ୍ଲେଖ କଲି ଯେ ସର୍ଜେଣ୍ଟ ବର୍ତ୍ତମାନ ଗୁଜ୍‌ବେରିଠାରୁ ତଥ୍ୟ ସଂଗ୍ରହ କରୁଛନ୍ତି । ମୋହରିର ହାତରେ ଚିଠିଟି ଦେଇ ମୁଁ ପୁଣି ସର୍ଜେଣ୍ଟଙ୍କ ପାଖକୁ ଫେରିଆସିଲି ।

Digitized by srujanika@gmail.com

ସର୍ଜେଣ୍ଟ କପ୍ ହସି ହସି ମୋତେ କହିଲେ, ''ମି: ବ୍ଲେକ୍, ଏ ପିଲାଟି ଖୁବ୍ ଚାଲାକ୍ । ସେ ଠିକ୍ ଲୋକର ପିଛା ଧରିଥିଲା । କାଲି ରାତି ସାଢ଼େଦଶଟାବେଳେ ତାହାଠାରୁ ଆପଣ ସମ୍ବାଦ ପାଇ ପାରିଥିଲେ ବଡ଼ ସୁବିଧା ହୋଇଥାନ୍ତା; କିନ୍ତୁ ଦୁର୍ଭାଗ୍ୟର କଥା, ସେତେବେଳକୁ ଆପଣ ଘରକୁ ଆସିନଥିଲେ । ଯାହାହେଉ, ବର୍ତ୍ତମାନ ଯାହା କରାଯାଇପାରେ ତାହା କରିବା ।''

ସେ ଗୋଟିଏ ଘୋଡ଼ାଗାଡ଼ି ମଗାଇଲେ । ସେ, ମୁଁ ଓ ଗୁଜ୍‌ବେରି ଏକତ୍ର ବସି ପୂର୍ବ ଦିଗକୁ ଗାଡ଼ି ଚଳାଇଲୁ । ଏହି ଅବସରରେ ସେ ଗୁଜ୍‌ବେରିଠାରୁ ଯାହା ଶୁଣିଥିଲେ ତାହା ବର୍ଣ୍ଣନାକଲେ । ସେଥିରୁ ଜଣାଗଲା, ନାବିକ ଗୋଟିଏ ଗାଡ଼ିରେ ବସି ବ୍ୟାଙ୍କ୍‌ରୁ ବନ୍ଦରକୁ ଆସିଲା । ସେଠାରେ ସେ ଖାଇବାପାଇଁ ଗୋଟିଏ ରେଷ୍ଟୋରାଁକୁ ଗଲା । ଗୁଜ୍‌ବେରି ବାହାରେ ଜଗିରହିଥାଏ । ସେ ଲକ୍ଷ୍ୟକଲା, ରାସ୍ତାର ଆରପାଖେ ଜଣେ ମିସ୍ତ୍ରି ଅପେକ୍ଷା କରିଛି । ଅଳ୍ପ ସମୟ ପରେ ସେଇ ରାସ୍ତାରେ ଗୋଟିଏ ଗାଡ଼ି ଆସିଲା ଓ ସେ ମିସ୍ତ୍ରି ପାଖରେ ରହିଲା । କେହି ଜଣେ ଗାଡ଼ି ଭିତରୁ ଝରକା ବାଟେ ନଇଁପଡ଼ି ମିସ୍ତ୍ରିକୁ କ'ଣ କହିଲା । ଏହି ଲୋକଟି ଯେ ଜଣେ ଭାରତୀୟ ଏ ବିଷୟରେ ଗୁଜ୍‌ବେରିର ସନ୍ଦେହନାହିଁ । ଗାଡ଼ି ଚାଲିଗଲା । ରାସ୍ତାର ଏକ ପାଖରେ ଗୁଜ୍‌ବେରି ଓ ଅନ୍ୟ ପାଖରେ ମିସ୍ତ୍ରି ଅପେକ୍ଷା କରି ରହିଲେ ।

ଅଳ୍ପ ସମୟ ପରେ ନାବିକ ରେଷ୍ଟୋରାଁରୁ ବାହାରିଆସି ରାସ୍ତାରେ ଯିବାକୁ ଲାଗିଲା । ମିସ୍ତ୍ରି ଜଣକ ତା' ପଛେ ପଛେ ଚାଲିଲା । ଗୁଜ୍‌ବେରି ସେ ଦୁହିଁଙ୍କ ପଛରେ ଯାଉଥାଏ । ନାବିକ ଶୋର୍ ଲେନ୍‌ରେ ପହଞ୍ଚି ଗୋଟିଏ ହୋଟେଲ ଆଗରେ ଛିଡ଼ାହେଲା । ସେହି ହୋଟେଲର ନାମ ହୁଇଲ୍ ଅଫ୍ ଫର୍‌ଚୁନ୍ । ଟିକିଏ ପରେ ସେ ହୋଟେଲ ଭିତରକୁ ଗଲା । ମିସ୍ତ୍ରି ଓ ଗୁଜ୍‌ବେରି ମଧ୍ୟ ଭିତରକୁ ଗଲେ । ହୋଟେଲ ମାଲିକକୁ ନାବିକ ପଚାରିଲା, ''ଏଠାରେ ରହିବାକୁ ଜାଗା ମିଳିପାରିବ ?'' ହୋଟେଲବାଲା ଉତ୍ତରକଲା, ''ହଁ, ଉପର ମହଲାର ଦଶ ନମ୍ବର କୋଠରି ଖାଲିଅଛି ।'' ନାବିକ ଦଶ ନମ୍ବର ଘରକୁ ଗଲା, ଆଉ ତଳକୁ ଆସିଲା ନାହିଁ । ମିସ୍ତ୍ରି ମଧ୍ୟ କୁଆଡ଼େ ଚାଲିଗଲା । ବାଧ ହୋଇ ଗୁଜ୍‌ବେରି ଗ୍ରେକ୍ ଇନ୍‌କୁ ଆସିଲା । ସେଠାରୁ ମୋର କାର୍ଡ଼ ପାଇ ଆମ ଘରକୁ ଆସିଥିଲା; କିନ୍ତୁ ମୋର ଦେଖାନପାଇ ଚାଲିଯାଇଥିଲା ।

ସର୍ଜେଣ୍ଟ କହିଲେ, ''ଏଇ ତ ହେଲା ଘଟନା । ଗୁଜ୍‌ବେରିର କଥାରୁ ଜଣାଗଲା ଯେ ଏ ବ୍ୟାପାରରେ ପୁଣି ଭାରତୀୟମାନେ ସଂପୃକ୍ତ ହେଲେଣି । ଗୁଜ୍‌ବେରି ଆସିବା ପରେ ହୁଇଲ୍ ଅଫ୍ ଫର୍‌ଚୁନ୍‌ରେ କ'ଣ ହେଲା କାଲି ରାତିରେ ବୁଝିହୋଇଥାନ୍ତା । ସେ ସୁବିଧା ହରାଇଥାଏଁ; ତଥାପି ବର୍ତ୍ତମାନ ଯଦି କିଛି ଜଣାପଡ଼େ ତେବେ ଆମର ଭାଗ୍ୟ ଭଲ ବୋଲି କହିବାକୁ ହେବ ।''

ପ୍ରାୟ ପନ୍ଦର ମିନିଟ୍ ପରେ ଗାଡ଼ି ଶୋର ଲେନ୍‌ରେ ପହଞ୍ଚିଲା । ଗାଡ଼ିରୁ ଓହ୍ଲାଇ

Digitized by srujanika@gmail.com

ହୁଇଲ୍ ଅଫ୍ ଫର୍‌ଚୁନ୍ ହୋଟେଲକୁ ଯିବାମାତ୍ରେ ଦେଖିଲୁ ସେଠାରେ କିଛି ଘଟିଛି । ତଳ ମହଲାରେ ଜଣେ ଚାକରାଣୀ ଛଡ଼ା ଆଉ କେହି ନଥିଲେ । ତାହାଠାରୁ ଖବର ମିଳିଲା ଯେ, ହୋଟେଲ ମାଲିକ ଉପର ମହଲାକୁ ଯାଇଛନ୍ତି । ଆମେ ଉପର ମହଲା ବାରଣ୍ଡାରେ ପହଞ୍ଚିଲାବେଳକୁ ହୋଟେଲ ମାଲିକ ତଳକୁ ଆସୁଥିଲେ । ସେ ଆମ ଦେହରେ ଘଷିହୋଇ ଗଲେ । ଟିକିଏ ଅପ୍ରସ୍ତୁତ ହୋଇ ସେ କହିଲେ, "ମୁଁ ବଡ଼ ବ୍ୟତିବ୍ୟସ୍ତ । ଗୋଟାଏ ସଙ୍ଗିନ୍ ବ୍ୟାପାର ଘଟିଯାଇଛି . . . ମୋତେ କ୍ଷମାକରିବେ ।"

ସର୍ଜେଣ୍ଟ କଫ୍ ସଂକ୍ଷେପରେ ନିଜର ପରିଚୟ ଦେଇ କହିଲେ – ଜଣେ ନାବିକ କାଲି ରାତିରେ ଆପଣଙ୍କ ଏଇ ହୋଟେଲରେ ଶୋଇଥିଲେ । ତାଙ୍କ ବିଷୟରେ ମୁଁ କିଛି ଜାଣିବାକୁ ଚାହେଁ ।

ହୋଟେଲ ମାଲିକ କହିଲେ, "ସେହି ଲୋକ ହିଁ ବର୍ତ୍ତମାନ ଏ ଗଣ୍ଡଗୋଳର କାରଣ । କାଲି ରାତିରେ ଶୋଇବାକୁ ଗଲାବେଳେ କହିଲା ଯେ, ସକାଳ ସାତଟାରେ ଡାକି ମୋତେ ଉଠାଇଦେବ; କିନ୍ତୁ ଏତେବେଳଯାଏଁ ଡାକି ଡାକି ଶୁଣୁନାହାନ୍ତି । ଘର ଭିତରୁ ବନ୍ଦ ଅଛି । କବାଟ ଫିଟାଇବା ପାଇଁ ଜଣେ ବଢ଼େଇକୁ ଡକାଇଛି । ଘର ଫିଟିବାଯାଏଁ ଆପଣମାନେ ଅପେକ୍ଷାକରନ୍ତୁ ।"

ବଢ଼େଇ ଆସି କବାଟ ଫିଟାଇଲା । ହୋଟେଲ ମାଲିକ ପ୍ରଥମେ ଘର ଭିତରକୁ ଗଲା । ତା' ପଛରେ ସର୍ଜେଣ୍ଟ କଫ୍ ଓ ତାଙ୍କ ପଛକୁ ମୁଁ । ଆମମାନଙ୍କ ଛଡ଼ା ଆହୁରି ଅନେକ ଲୋକ ପଛରେ ଥିଲେ । ଆମେ ଦେଖିଲୁ, ନାବିକ ଜଣକ ପୋଷାକ ପିନ୍ଧି ଖଟ ଉପରେ ଲମ୍ବ ହୋଇ ପଡ଼ିଛି । ତା' ମୁହଁ ଉପର ଗୋଟାଏ ତକିଆ । ହୋଟେଲ ମାଲିକ ସ୍ତମ୍ଭୀଭୂତ ହୋଇଗଲା । ସର୍ଜେଣ୍ଟ କଫ୍ ଖଟ ପାଖକୁ ଯାଇ ତକିଆଟା ଉଠାଇଦେଲେ । ଦେଖାଗଲା ନାବିକଟା ମରିପଡ଼ିଛି । ସର୍ଜେଣ୍ଟ କଫ୍ କହିଲେ, "ଶୀଘ୍ର ଜଣେ ଡାକ୍ତରଙ୍କୁ ଡକାଅ, ଆଉ ପୋଲିସରେ ଖବର ଦିଅ ।"

ହୋଟେଲର ଜଣେ ଚାକର ପୋଲିସକୁ ଖବର ଦେବାକୁ ଗଲା । ଆମେମାନେ ଅପେକ୍ଷା କରି ରହିଲୁ । ଗୁଜ୍‌ବେରି ମୋତେ ଘରର ଗୋଟିଏ କଣକୁ ଡାକିନେଲା । ସେଠାରେ ଏକ ଟେବୁଲ ଉପରେ ଗୋଟିଏ ଖୋଲାଡବା ରହିଛି । ଏହି ଡବାଟି ଭାରତରେ ନିର୍ମିତ । ଡବାର ଏକ ପାଖରେ କିଛି ତୂଳା ପଡ଼ିଛି । ଆର ପାଖରେ ଖଣ୍ଡିଏ ଚିରା କାଗଜ ଥିଲା । ସେଥିରେ ଲେଖାଥିଲା – 'ଲାୟେଥ୍‌ର ସେପ୍ରିମସ୍ ଲିଉକାର୍ ନିଜେ ଏହାକୁ ନେବେ ।" ଏଥିରୁ ସ୍ପଷ୍ଟ ଜଣାଗଲା ଯେ ଗତକାଲି ଏହି ନାବିକ ପାଖରେ ଚନ୍ଦ୍ରକାନ୍ତମଣି ଥିଲା ।

ଶବଟିକୁ ଭଲକରି ଦେଖିବା ପାଇଁ ଗୁଜ୍‌ବେରି ମୋ ପାଖରେ ଗୋଟାଏ ଚୌକି ଉପରେ ଠିଆ ହୋଇଥିଲା । ସେ ମୋତେ କହିଲା, "ସର୍ଜେଣ୍ଟ ତାର ପରଚୂଳାକୁ ଟାଣିଆଣିଲେ ।" ମୁଁ ଲୋକଗହଳିରେ କିଛି ଦେଖିପାରୁନଥାଏ । ଟିକିଏ ପରେ ସେ ପୁଣି

Digitized by srujanika@gmail.com

କହିଲା, ''ହେଇଟି, ତାର ଦାଢ଼ି ବାହାରିଆସିଲା ।''

ସର୍ଜେଣ୍ଟଙ୍କ କଥା ଅନୁସାରେ ହୋଟେଲ ମାଲିକ ବାଲ୍‌ଟିଏ ପାଣି ଓ ଖଣ୍ଡିଏ ଟାୱେଲ୍ ଅଣାଇଲେ । ଗୁଡ୍‌ବେରି ମୋତେ କହିଲା, ''ଏ ଚଉକି ଉପରକୁ ଆସନ୍ତୁ, ଦେଖିବେ । ଲୋକଟା ପ୍ରକୃତରେ ନାବିକ ନୁହେଁ, ପରଚୂଲା ଦାଢ଼ି ଲଗାଇ ଛଦ୍ମବେଶ ଧରିଥିଲା । ସର୍ଜେଣ୍ଟ ତା' ମୁହଁ ଧୋଇଦେଲେଣି । ତାର ରଙ୍ଗ ଗୋରା ।''

ସର୍ଜେଣ୍ଟ ଖଟପାଖରୁ ଲୋକମାନଙ୍କୁ ଆଡ଼େଇଦେଇ ମୋତେ ଡାକି କହିଲେ, ''ଖଟ ପାଖକୁ ଆସନ୍ତୁ । ଆଗେ ସେ ସିଲ୍‌ଦିଆ ଇଫାପା ଫିଟାଇ ଦେଖନ୍ତୁ ।'' ମୁଁ ଚିଠିଟି ଖୋଲି ଦେଖିଲି । ସେଥିରେ ଲେଖାଥିଲା – 'ଗଡ଼ଫ୍ରେ ଏବଲ୍‌ଓଏଟ୍ ।'

ସର୍ଜେଣ୍ଟ କହିଲେ, ''ଏବେ ଖଟ ପାଖକୁ ଆସି ଦେଖନ୍ତୁ ଏ ଲୋକଟା କିଏ ?''

ମୁଁ ଖଟ ପାଖକୁ ନଇଁପଡ଼ି ଦେଖିଲି, ମୃତ ଲୋକଟି ହେଉଛି – ଗଡ଼ଫ୍ରେ ଏବଲ୍‌ୱେଟ୍ ।

(୨୭)

[ଫ୍ରାଙ୍କଲିନ୍ ବ୍ଲେକ୍‌ଙ୍କ ପାଖକୁ ସର୍ଜେଣ୍ଟ କଫ୍‌ଙ୍କର ୧୮୪୯ ମସିହା ଜୁଲାଇ ୩୦ ତାରିଖର ଚିଠି ।]

''ମହାଶୟ,

ଆପଣଙ୍କ ନିକଟକୁ ପତ୍ର ଦେବାରେ ବିଳମ୍ବ ଘଟିଛି, ସେଥିଲାଗି ମୋତେ କ୍ଷମା-କରିବେ । ବିଳମ୍ବର କାରଣ ଏହି ଯେ, ଗୋଟିଏ ପୂର୍ଣ୍ଣ ବିବରଣୀ ସଂଗ୍ରହ କରିବା ପାଇଁ ମୋତେ ଅପେକ୍ଷା କରିବାକୁ ପଡ଼ିଲା । ମୃତ ଗଡ଼ଫ୍ରେଙ୍କ ସମ୍ବନ୍ଧରେ ଯେଉଁସବୁ ପ୍ରଶ୍ନ ଉତ୍‌ଥାପିତ ହୋଇଥିଲା, ସେଥିରୁ ଅଧିକାଂଶର ଉତ୍ତର ଆପଣ ଏହି ବିବରଣୀରୁ ପାଇପାରିବେ ।

ନିଃସନ୍ଦେହରୂପେ ପ୍ରମାଣିତ ହୋଇଅଛି ଯେ ଗଡ଼ଫ୍ରେ ଶୋଇଥିବା ଅବସ୍ଥାରେ କେହି ବା କେଉଁମାନେ ବିଛଣାର ତକିଆରେ ତାଙ୍କୁ ମୁହଁକୁ ମାଡ଼ିବସି ତାଙ୍କୁ ହତ୍ୟାକରିଛନ୍ତି । ତାଙ୍କର ହତ୍ୟାକାରୀ ହେଉଛନ୍ତି ତିନିଜଣ ଭାରତୀୟ । ସେମାନେ ଗଡ଼ଫ୍ରେଙ୍କଠାରୁ ଚନ୍ଦ୍ରକାନ୍ତମଣି ନେବାପାଇଁ ଏହି ହତ୍ୟାକାଣ୍ଡ କରିଅଛନ୍ତି ।

କିପରି ଭାବରେ ଏହି ହତ୍ୟା କରାଗଲା ? ଗଡ଼ଫ୍ରେ ଶୋଇଥିବା କୋଠରି ପରୀକ୍ଷା କରାଯିବାରୁ ଦେଖାଯାଇଛି ଯେ ସେ ଘରର ଛାତରେ ଗୋଟିଏ ଚୋରାଦ୍ୱାର ଅଛି । ଏକ ବା ଏକାଧିକ ଲୋକ ଏହି ଚୋରାଦ୍ୱାର ବାଟେ ଘରଭିତରେ ପ୍ରବେଶକରିଥିବାର ଯଥେଷ୍ଟ ସୂଚନା ମିଳିଅଛି । ପ୍ରଶ୍ନ ହୋଇପାରେ – ସେ ବା ସେମାନେ କିପରି ଛାତ ଉପରକୁ ଆସିଲେ ? ହୋଟେଲର ସନ୍ନିକଟବର୍ତ୍ତୀ ଘରଟି ମରାମତ ହେଉଅଛି । ସେ ଘରେ ବର୍ତ୍ତମାନ କେହି ରହୁନାହାନ୍ତି । ଏ ଘରୁ ଗୋଟିଏ ନିଶୁଣି ହୁଇଲ୍ ଅଫ୍ ଫର୍‌ଚୁନ୍ ହୋଟେଲର ପଛପଟ କାନ୍ଥକୁ

Digitized by srujanika@gmail.com

ଲାଗି ରହିଥିଲା । ହତ୍ୟାକାରୀ ବା ହତ୍ୟାକାରୀମାନେ ଏହି ନିଶୁଣି ସାହାଯ୍ୟରେ ହୋଟେଲ ଛାତ ଉପରକୁ ଆସିଥିବା ନିଃସନ୍ଦେହ ।

କିଏ ବା କେଉଁମାନେ ହତ୍ୟା କରିଛନ୍ତି ?

୧ । ଭାରତୀୟମାନେ ଚନ୍ଦ୍ରକାନ୍ତମଣି ବିଷୟରେ ଯେ ଆଗ୍ରହୀ ଏହା ସମସ୍ତେ ଜାଣନ୍ତି ।

୨ । ଗୁଡ୍‌ବେରି ଗାଡ଼ି ଭିତରେ ଯେଉଁ ଭାରତୀୟ ଜଣକୁ ଦେଖିଥିଲା, ସେ ଏହି ତିନିଜଣଙ୍କ ମଧ୍ୟରୁ ଜଣେ ହୋଇଥିବା ଖୁବ୍ ସମ୍ଭବ ।

୩ । ଯେଉଁ କୋଠରିରେ ଗଡ଼ଫ୍ରେଙ୍କୁ ହତ୍ୟାକରାଯାଇଥିଲା, ସେଠାରୁ ଗୋଟିଏ ଅତି ସୂକ୍ଷ୍ମ ସୁନାତାର ମିଳିଥିଲା । ବିଶେଷଜ୍ଞଙ୍କ ମତରେ ଏହା ଭାରତରେ ନିର୍ମିତ; ଇଂଲଣ୍ଡରେ ଏ ପ୍ରକାର ତାର ମିଳେନାହିଁ ।

୪ । ସତେଇଶ ତାରିଖ ଦିନ ସକାଳେ ତିନିଜଣ ଭାରତୀୟ ଶୋର୍ ଲେନ୍‌ରେ ଦେଖାଯାଇଥିଲେ । ସେମାନେ ସେହିଦିନ ରଟରଡାମ୍‌କୁ ଯାଉଥିବା ଗୋଟିଏ ଜାହାଜରେ ବସି ଲଣ୍ଡନରୁ ଚାଲିଯାଇଛନ୍ତି ।

ଏ ସବୁ ଗଲା ଗଡ଼ଫ୍ରେଙ୍କ ମୃତ୍ୟୁ ସମ୍ପର୍କରେ । ଗଲାବର୍ଷ ସେ ଲେଡ଼ି ଭେରିନ୍ଦର୍‌ଙ୍କ ଘରକୁ ରାଚେଲ୍‌ଙ୍କ ଜନ୍ମଦିନ ଉପଲକ୍ଷ୍ୟେ ଯିବା ପୂର୍ବରୁ, ସେଠାରେ ଥିବା ଅବସ୍ଥାରେ ଓ ପରେ କଅଣ କରିଛନ୍ତି ତାହା ଉଲ୍ଲେଖ କରିବା ଆବଶ୍ୟକ ।

କିନ୍ତୁ ଏହା ପୂର୍ବରୁ ମୁଁ ବୁଝାଇଦେବାକୁ ଚାହେଁ, ଗଡ଼ଫ୍ରେଙ୍କ ଜୀବନକୁ ଦୁଇଟି ଦିଗରୁ ଦେଖିବାକୁ ହେବ – ଗୋଟିଏ ବାହାରର ଓ ଗୋଟିଏ ଭିତରର । ଲୋକସାଧାରଣରେ ସେ ଜଣେ ଧର୍ମପରାୟଣ ଓ ଦୟାଳୁ ଲୋକ ବୋଲି ପରିଚିତ; କିନ୍ତୁ ସାଧାରଣଲୋକେ ତାଙ୍କ ଭିତରର ପରିଚୟ ପାଇନଥିଲେ । ପ୍ରକୃତ ପକ୍ଷରେ ସେ ଜଣେ ବିଳାସୀ ଓ ଆମୋଦପ୍ରିୟ ଲୋକ ଥିଲେ । ସହରତଳି ଅଞ୍ଚଳରେ ତାଙ୍କର ଗୋଟିଏ ବଙ୍ଗଳା ଥିଲା; କିନ୍ତୁ ତାହା ତାଙ୍କ ନାମରେ ନଥିଲା । ସେଠାରେ ତାଙ୍କର ଜଣେ ରକ୍ଷିତା ସ୍ତ୍ରୀ ଥିଲା । ମୁଁ ଅନୁସନ୍ଧାନ କରି ଦେଖିଛି, ଏହି ବଙ୍ଗଳାଟି ବହୁମୂଲ୍ୟ ସାଜସଜ୍ଜାରେ ପରିପୂର୍ଣ୍ଣ । ସେହି ରକ୍ଷିତା ସ୍ତ୍ରୀ ପାଖରେ କେତେକ ମୂଲ୍ୟବାନ୍ ମଣିମୁକ୍ତା ରହିଛି । ଅନେକଗୁଡ଼ିଏ ଗାଡ଼ି, ଘୋଡ଼ା ଓ ଦାସଦାସୀ ସେଠାରେ ରହନ୍ତି । ଏପରି ଆଡ଼ମ୍ବରରେ ଚଳିବା ପାଇଁ ଗଡ଼ଫ୍ରେଙ୍କୁ ଯେ ବର୍ଷକୁ ଅନ୍ତତଃ କେତେ ଶହ ପାଉଣ୍ଡ ଖର୍ଚ୍ଚ କରିବାକୁ ପଡୁଥିଲା ଏଥିରେ ସନ୍ଦେହ ନାହିଁ । ଏହି ଖର୍ଚ୍ଚ ପାଇଁ ସେ ଟଙ୍କା ଆଣୁଥିଲେ କେଉଁଠାରୁ ?

ଏହି ପ୍ରଶ୍ନର ଉତ୍ତର ଦେବା ମୋ ପକ୍ଷରେ କଠିନ ହୋଇଥାନ୍ତା; କିନ୍ତୁ ଗଡ଼ଫ୍ରେଙ୍କ ମୃତ୍ୟୁ ପରେ ସରକାରଙ୍କଦ୍ୱାରା ତାଙ୍କ ଆୟବ୍ୟୟର ଅନୁସନ୍ଧାନ କରାଯାଇଅଛି । ସେଥିରୁ ଜଣାଯାଏ, କେତେ ବର୍ଷ ପୂର୍ବେ ସେ ଓ ଅନ୍ୟ ଜଣେ ସୈନ୍ୟବିଭାଗୀୟ ଅବସରପ୍ରାପ୍ତ କର୍ମଚାରୀ ଜଣେ ନାବାଳକର ଟ୍ରଷ୍ଟି ରୂପେ ନିଯୁକ୍ତ ହୋଇଥିଲେ । ନାବାଳକର ମୂଳଧନ

Digitized by srujanika@gmail.com

କୋଡ଼ିଏ ହଜାର ପାଉଣ୍ଡ ସେ ଦୁଇ ଜଣଙ୍କ ଜିମା ଥିଲା ଏବଂ ସର୍ତ୍ତ ଥିଲା ଯେ, ଏହି ଧନର ଲାଭରୁ ନାବାଳକ ପ୍ରତିବର୍ଷ ଜୁନ୍ ୨୫ ତାରିଖ ଓ ଡିସେମ୍ବର ୨୫ ତାରିଖରେ ଖର୍ଚ୍ଚପାଇଁ ତିନିଶହ ପାଉଣ୍ଡ ଲେଖାଏଁ ପାଇବ ଓ ନାବାଳକ ୨୧ ବର୍ଷ ଅତିକ୍ରମ କରି ସାବାଳକ ହେଲେ ମୂଳଧନ କୋଡ଼ିଏ ହଜାର ପାଉଣ୍ଡ ପାଇବ । ପ୍ରତିବର୍ଷ ନିର୍ଦ୍ଦିଷ୍ଟ ତାରିଖରେ ଗଡ଼ଫ୍ରେ ନାବାଳକକୁ ତାଙ୍କର ପ୍ରାପ୍ୟ ଦେଇଆସୁଥିଲେ; କିନ୍ତୁ ନିଜର ଖର୍ଚ୍ଚ ପାଇଁ ସେ ମୂଳଧନରୁ ଟଙ୍କା ଉଠାଇ ଆଣୁଥିଲେ । ଅନ୍ୟ ଟ୍ରଷ୍ଟି ଜଣକ କିଛି ବୁଝୁନଥିଲେ । ତେଣୁ ଗଡ଼ଫ୍ରେ ତାଙ୍କ ଦସ୍ତଖତ ଜାଲ୍‌କରି ଟଙ୍କା ଉଠାଉଥିଲେ । ଏହିପରି କରିବା ଫଳରେ ୧୮୪୮ ମସିହା ବେଳକୁ ସମସ୍ତ ମୂଳଧନ ସରିଗଲା । ଜୁନ୍‌ମାସ ପଚିଶ ତାରିଖ ଦିନ ଯେକୌଣସିମତେ ତିନିଶହ ପାଉଣ୍ଡ ଦେଇ ନପାରିଲେ ତାଙ୍କ ସମସ୍ତ ଦୁଷ୍କୃତି ପଦାରେ ପଡ଼ିଯିବ ।

ମିସ୍ ରାଚେଲ୍‌ଙ୍କ ଜନ୍ମଦିବସ ପଡ଼ିଲା ଜୁନ୍ ୨୧ ତାରିଖରେ । ତା' ପୂର୍ବଦିନ ଅର୍ଥାତ୍ ୨୦ ତାରିଖରେ ଗଡ଼ଫ୍ରେ ତାଙ୍କ ବାପାଙ୍କଠାରୁ ତିନିଶହ ପାଉଣ୍ଡ ଧାରମାଗିଥିଲେ । ଏଠି ଲକ୍ଷ୍ୟ କରାଯାଇପାରେ ଆଉ ଚାରିଦିନ ପରେ ତାଙ୍କର ତିନିଶହ ପାଉଣ୍ଡ ଦେବାର କଥା; କିନ୍ତୁ ତାଙ୍କ ବାପା ଧାର ଦେବାକୁ ମନା କରିଦେଇଥିଲେ ।

୨୧ ତାରିଖ ଦିନ ଗଡ଼ଫ୍ରେ ଘୋଡ଼ାରେ ବସି ଆପଣଙ୍କ ସହିତ ଲେଡ଼ି ଭେରିନ୍ଦର୍‌ଙ୍କ ଘରେ ପହଞ୍ଚିଲେ । କେତେକ ଘଣ୍ଟା ମଧ୍ୟରେ ସେ ମିସ୍ ରାଚେଲ୍‌କୁ ବିବାହ କରିବେ ବୋଲି ପ୍ରସ୍ତାବ ଦେଲେ । ସେ ଆଶା କରିଥିଲେ ଯେ ଏହି ବିବାହ ଫଳରେ ସେ ଅକ୍ଳେଶରେ ଆର୍ଥିକ ସଙ୍କଟରୁ ଉଦ୍ଧାର ପାଇପାରିବେ; କିନ୍ତୁ ମିସ୍ ରାଚେଲ୍ ତାଙ୍କୁ ବିବାହ କରିବାକୁ ନାସ୍ତିକରିଦେଲେ ।

ଏଥିରୁ ଦେଖାଯିବ ଯେ ସେହି ୨୧ ତାରିଖ ଦିନ ତାଙ୍କର ଆର୍ଥିକ ଅବସ୍ଥା ଶୋଚନୀୟ ଥିଲା । ୨୪ ତାରିଖ ମଧ୍ୟରେ ତିନିଶହ ପାଉଣ୍ଡ ତାଙ୍କୁ ଯୋଗାଡ଼ କରିବାକୁ ହେବ । ପୁଣି ୧୮୫୦ ମସିହା ଫେବ୍ରୁୟାରି ବେଳକୁ ନାବାଳକ ବୟଃପ୍ରାପ୍ତ ହେଲେ ତାକୁ କୋଡ଼ିଏ ହଜାର ପାଉଣ୍ଡ ଦେବାକୁ ହେବ ।

ମୁଁ ଓ ମି: ବ୍ରଫ୍ ମି: ଲିଉକାର୍‌ଙ୍କଠାରୁ ଗଡ଼ଫ୍ରେଙ୍କର ବିବରଣ ସଂଗ୍ରହ କରିଛୁ । ଗଡ଼ଫ୍ରେ ତାଙ୍କୁ ଚନ୍ଦ୍ରକାନ୍ତମଣି ଦେଖାଇ ବିକିବାର ଇଚ୍ଛା ପ୍ରକାଶ କରିଥିବାରୁ ସେ ଏକବାରେ ଚକିତ ହୋଇଥିଲେ । ସେ ଏହାକୁ ହାତରେ ଧରି ପରୀକ୍ଷା କରି ମନେ ମନେ କଳନା କଲେ ଯେ ଏହାର ମୂଲ୍ୟ ତିରିଶ ହଜାର ପାଉଣ୍ଡରୁ କମ୍ ହେବନାହିଁ; କିନ୍ତୁ ସେ ମୂଲ୍ୟ ବିଷୟ ନଉଠାଇ ଏହା କେଉଁଠାରୁ ସେ ପାଇଲେ ବୋଲି ପ୍ରଶ୍ନକଲେ । ଗଡ଼ଫ୍ରେ ବଡ଼ ଅଡୁଆରେ ପଡ଼ିଲେ । ତେଣୁ ସେ ସତକଥା କହିବାକୁ ବାଧହେଲେ । ତାଙ୍କ କଥାର ସାରମର୍ମ ହେଲା —

ଆପଣ ଓ ଡାକ୍ତର କାଣ୍ଡିଙ୍କ ମଧ୍ୟରେ ଡାକ୍ତରି ବ୍ୟବସାୟ ବିଷୟରେ ଯୁକ୍ତିତର୍କ ହେଲା । ଔଷଧର ଗୁଣ ଦେଖାଇବା ପାଇଁ ଡାକ୍ତର ଆପଣଙ୍କୁ କିଛି ଅଫିମ ଖୁଆଇବାକୁ ସ୍ଥିରକଲେ ।

Digitized by srujanika@gmail.com

ଏହି କାର୍ଯ୍ୟରେ ସେ ବିଶ୍ୱାସରେ ଗଡ଼ଫ୍ରେଙ୍କର ସାହାଯ୍ୟ ନେଇଥିଲେ । ଅନ୍ୟ କେହି ଏ ବିଷୟ ଜାଣିନଥିଲେ । ଆପଣଙ୍କ ପିଇବା ବ୍ରାଣ୍ଡି ସହିତ ଅଫିମ ମିଶାଯାଇଥିଲା । ଏହାପରେ ଗଡ଼ଫ୍ରେ ତାଙ୍କ ଶୋଇବା ଘରକୁ ଗଲେ । ସେ ଆପଣଙ୍କ ଶୋଇବାଘରର ପାଖଘରେ ଶୋଇଲେ । ଏ ଦୁଇ ଘର ମଝିରେ ଗୋଟିଏ ଦ୍ୱାର ଥିଲା । ଗଡ଼ଫ୍ରେ ଏହି ଦ୍ୱାର ବନ୍ଦକରି ନିଜ ବିଛଣାକୁ ଗଲେ; କିନ୍ତୁ ଅର୍ଥ ଚିନ୍ତାରେ ତାଙ୍କୁ ନିଦ ହେଲା ନାହିଁ । ଏହି ସମୟରେ ଆପଣ ନିଜକୁ ନିଜେ କିଛି କହୁଥିବାର ସେ ଶୁଣିପାରିଲେ । ସେ ଦେଖିଲେ ଆପଣ ଗୋଟିଏ ବତି ଧରି ନିଜ ଶୋଇବାଘରୁ ବାହାରିଲେ । ସେତିକିବେଳେ ଆପଣ କହିଲେ, ''କିଏ ଜାଣେ, ହୁଏତ ଭାରତୀୟମାନେ ଏଇ ଘରେ ଲୁଚିଥାଇପାରନ୍ତି ।''

ହଠାତ୍ ତାଙ୍କର ମନେହେଲା, ଆପଣଙ୍କୁ ଅଫିମ ନିଶା ଧରିଛି । ସେ ଧୀରେ ଲୁଚି ଲୁଚି ଆପଣଙ୍କ ପଛେ ପଛେ ଆସିଲେ । ଆପଣ ମିସ୍ ରାଚେଲ୍‌ଙ୍କ ବୈଠକଖାନା ଘରକୁ ଯିବାର ସେ ଦେଖିଲେ । ଆପଣ ଆଲମାରିରୁ ଚନ୍ଦ୍ରକାନ୍ତମଣି କାଢ଼ିବା ସେ ଦେଖିଥିଲେ । ମିସ୍ ରାଚେଲ୍ ମଧ୍ୟ ତାଙ୍କ କୋଠରିର ଦ୍ୱାରବାଟେ ଆପଣଙ୍କୁ ଚାହିଁଥିବାର ସେ ଦେଖିପାରିଲେ ।

ଗଡ଼ଫ୍ରେ ନିଜ କୋଠରିକୁ ଫେରିଗଲେ । ତାହାପରେ ଆପଣ ଫେରିଆସିଲେ ଓ ଦୁଇ କୋଠରିର ମଝି କବାଟ ବାଟେ ଆପଣ ତାଙ୍କୁ ଦେଖି ଏକ ବିକୃତ ସ୍ୱରରେ ଡାକିଲେ । ସେ ଆପଣଙ୍କ ପାଖକୁ ଆସିବାରୁ ଆପଣ ତାଙ୍କ ହାତକୁ ମଣିଟି ବଢ଼ାଇଦେଇ କହିଲେ, ''ଗଡ଼ଫ୍ରେ, ଏହାକୁ ନେଇ ତୁମ ବାପାଙ୍କ ବ୍ୟାଙ୍କ୍‌ରେ ରଖିଦିଅ । ଏଠାରେ ଏହା ନିରାପଦ ନୁହେଁ – ବ୍ୟାଙ୍କ୍‌ରେ ନିରାପଦରେ ରହିବ ।'' ଏହାପରେ ଆପଣ ବିଛଣାରେ ଗଡ଼ିପଡ଼ିଲେ; ନିଦଆସିଗଲା ।

ଗଡ଼ଫ୍ରେ ମଣିଟିକୁ ନେଇ ନିଜ କୋଠରିକୁ ଫେରିଗଲେ । ସେତେବେଳେ ସେ ମଣିକୁ ନେଇ କଅଣ କରିବେ ସ୍ଥିର କରିପାରି ନଥିଲେ; କିନ୍ତୁ ସକାଳେ ସେ ଦେଖିଲେ, ଗଲା ରାତିରେ ଆପଣ କଅଣ କହିଛନ୍ତି, କଅଣ କଅଣ କରିଛନ୍ତି, ସବୁ ଭୁଲିଗଲେଣି । ମିସ୍ ରାଚେଲ୍‌ଙ୍କ ଆଚରଣରୁ ଜଣାଗଲା ଯେ ସେ ଆପଣଙ୍କ ନାମ କଦାପି ପ୍ରକାଶ କରିବେନାହିଁ, ତେଣୁ ଗଡ଼ଫ୍ରେ ନିଶ୍ଚିନ୍ତରେ ମଣିଟି ରଖିପାରିବେ । ଏହା ବିଚାରି ସେ ମଣିଟିକୁ ପକେଟ୍‌ରେ ରଖିନେଲେ ।

ଏହାହିଁ ଗଡ଼ଫ୍ରେ ମି: ଲିଉକାର୍‌ଙ୍କୁ କହିଥିଲେ । ଦୁହିଁଙ୍କ ମଧ୍ୟରେ ଆଲୋଚନା ପରେ ମି: ଲିଉକାର୍ ଚନ୍ଦ୍ରକାନ୍ତମଣିକୁ ବନ୍ଧକ ରଖି ଦୁଇ ହଜାର ପାଉଣ୍ଡ କରଜ ଦେବେ ବୋଲି ରାଜିହେଲେ । କରଜ ନେବା ଦିନଠାରୁ ବର୍ଷକ ମଧ୍ୟରେ ଗଡ଼ଫ୍ରେ ତିନି ହଜାର ପାଉଣ୍ଡ ପରିଶୋଧକଲେ ମଣିଟି ଫେରିପାଇବେ; ନହେଲେ ମି: ଲିଉକାର୍ ତାର ଅଧିକାରୀ ହେବେ । ଗଡ଼ଫ୍ରେଙ୍କର ଅନ୍ୟ ଉପାୟ ନଥିଲା । ତେଣୁ ସେ ଏହି ଅନ୍ୟାୟ ସର୍ତ୍ତରେ ରାଜିହେଲେ । ପରଦିନ ନାବାଳକକୁ ତିନିଶହ ପାଉଣ୍ଡ ଦେବାକୁ ହେବ । ଚୁକ୍ତିପତ୍ର ବିଧିମତେ ଲେଖାଗଲା ।

Digitized by srujanika@gmail.com

ମି: ଲିଉକାର୍ ଗୋଟିଏ ତିନିଶହ ପାଉଣ୍ଡର ଚେକ୍ ଓ ଗୋଟିଏ ସତରଶହ ପାଉଣ୍ଡର ଚେକ୍ ଦେଲେ । ପ୍ରଥମଟିର ତାରିଖ ହେଲା ୨୩ । ୬ । ୧୮୪୮ ଓ ଅନ୍ୟଟିର ୩୦ । ୬ - ୧୮୪୮ । ମି: ଲିଉକାର୍ ମଣିଟିକୁ ବ୍ୟାଙ୍କ୍‌ରେ ରଖିଥିବା କଥା ଆପଣ ଜାଣନ୍ତି ।

ଦ୍ୱିତୀୟଥର ପାଇଁ ଗଡ଼ଫ୍ରେ ମିସ୍ ରାଚେଲ୍‌ଙ୍କୁ ବିବାହ କରିବା ପ୍ରସ୍ତାବ ଦେଇଥିଲେ । ଏଥର ମଧ ସେ ପ୍ରସ୍ତାବ ଭାଙ୍ଗିଲା । ଏଥିରେ ଗଡ଼ଫ୍ରେ ଆଦୌ ଦୁଃଖିତ ନଥିଲେ । ଏଥିର କାରଣ ସ୍ପଷ୍ଟ । ସେ ଜାଣିପାରିଥିଲେ ଯେ ଲେଡ଼ି ଭେରିନ୍ଦର୍‌ଙ୍କ ସମ୍ପତ୍ତିରେ ମିସ୍ ରାଚେଲ୍‌ଙ୍କର କେବଳ ଜୀବନସ୍ୱତ୍ୱ ଅଛି । ତେଣୁ ସେଥିରୁ ଏକାବେଳେ କୋଡ଼ିଏ ହଜାର ପାଉଣ୍ଡ ମିଳିପାରିବନାହିଁ ।

ଆପଣ ଜାଣନ୍ତି, ସେ ଆଉ ଜଣେ ଧନୀ ମହିଳାକୁ ବିବାହ କରିବାର ଉଦ୍ୟମ କରିଥିଲେ । ସେ ଚେଷ୍ଟା ମଧ ବିଫଳ ହୋଇଥିଲା । ଦୈବାତ୍ ଏହି ସମୟରେ ସେ ଜଣେ ଆତ୍ମୀୟଙ୍କଠାରୁ ଉତ୍ତରାଧିକାର ସୂତ୍ରେ ପାଞ୍ଚହଜାର ପାଉଣ୍ଡ ପାଇଗଲେ । ଏହାହିଁ ତାଙ୍କ ମୃତ୍ୟୁର କାରଣ ହେଲା । ଏଥିରୁ ସେ ତିନି ହଜାର ପାଉଣ୍ଡ ପରିଶୋଧ କରି ମି: ଲିଉକାର୍‌ଙ୍କଠାରୁ ଚନ୍ଦ୍ରକାନ୍ତମଣି ଫେରାଇ ଆଣିବାର ବ୍ୟବସ୍ଥା କଲେ । ସେ ଫ୍ରାନ୍‌ସକୁ ବୁଲିଯିବାର ପ୍ରଚାର କରିଥିଲେ; କିନ୍ତୁ ମୁଁ ଜାଣିପାରିଛି ଯେ, ସେ ପ୍ରକୃତରେ ଫ୍ରାନ୍‌ସକୁ ନଯାଇ ହଲାଣ୍ଡକୁ ଯାଇଥିଲେ । ସେଠାରେ ଚନ୍ଦ୍ରକାନ୍ତମଣିକୁ କଟାଇ କେତୋଟି ଛୋଟ ମଣି କରିବାର ବନ୍ଦୋବସ୍ତ କରି ଛଦ୍ମବେଶରେ ଇଂଲଣ୍ଡ ଫେରିଆସିଲେ । ନିର୍ଦ୍ଦିଷ୍ଟ ଦିନ ତିନିହଜାର ପାଉଣ୍ଡ ପରିଶୋଧକରି ସେ ଲିଉକାର୍‌ଙ୍କଠାରୁ ମଣିଟି ଆଣିଲେ । ତତ୍ପରଦିନ ସେ ଆମଷ୍ଟରଡାମ୍‌କୁ ଯିବାର କଳ୍ପନା କରିଥିଲେ ।

ପରିଶେଷରେ ମୁଁ କହିପାରେ, ଏବେ ସୁଦ୍ଧା ଭାରତୀୟମାନଙ୍କ ହାତରୁ ଚନ୍ଦ୍ରକାନ୍ତମଣି ଉଦ୍ଧାର କରିବାର ଆଶାଅଛି । ମୋର ବିଶ୍ୱାସ, ସେମାନେ ବର୍ତ୍ତମାନ ବିଉଲି କାଷ୍ଟଲ୍ ଜାହାଜରେ ବସି ବମ୍ବେଇକୁ ଯାଉଛନ୍ତି । ଏ ଜାହାଜ ବାଟରେ ଅନ୍ୟ କୌଣସି ବନ୍ଦରରେ ରହିବନାହିଁ । ବମ୍ବେଇ ପୋଲିସକୁ ଆଗରୁ ପତ୍ର ପଠାଇଲେ ସେମାନେ ବମ୍ବେଇରେ ଜାହାଜକୁ ଅନୁସନ୍ଧାନ କରି ଚନ୍ଦ୍ରକାନ୍ତମଣି ଉଦ୍ଧାର କରିପାରନ୍ତି ।

ଆପଣଙ୍କ ବିଶ୍ୱସ୍ତ

ରିଚାର୍ଡ୍ କଫ୍
(ଅବସରପ୍ରାପ୍ତ ଡିଟେକ୍‌ଟିଭ୍)

Digitized by srujanika@gmail.com

(୨୮)

[ବିଉଲି କାଷ୍ଟଲ୍ ଜାହାଜର କପ୍ତାନଙ୍କ ବିବୃତି]

ଗଲା ଗ୍ରୀଷ୍ମକାଳରେ ବିଉଲି କାଷ୍ଟଲ୍ ଜାହାଜ ଲଣ୍ଡନରୁ ବମ୍ବେ ଯାତ୍ରା କରିଥିଲା । ମୁଁ ସେ ଜାହାଜର କପ୍ତାନ ଥିଲି । ଯାତ୍ରୀମାନଙ୍କ ଭିତରେ ତିନିଜଣ ଭାରତୀୟ ଥିଲେ । ସେମାନଙ୍କ ବିଷୟରେ ମୁଁ ଯାହା ଜାଣେ ତାହା ଜଣାଇବାକୁ ମୋତେ ସର୍ଜେଣ୍ଟ କପ୍ ଅନୁରୋଧ କରିଅଛନ୍ତି । ମୋର ବିବରଣ ନିମ୍ନରେ ଦେଉଅଛି :

ଆମର ଜାହାଜ ବେଶ୍ ବେଗରେ ସମୁଦ୍ରରେ ଚାଲିଥିଲା, କିନ୍ତୁ ଭାରତବର୍ଷର ଖୁବ୍ ନିକଟରେ ପହଞ୍ଚିଲା ବେଳକୁ ପବନ ଆଦୌ ବହିଲା ନାହିଁ । ଜାହାଜ ଅଟକିଗଲା । ଭାରତର ଉପକୂଳଠାରୁ ଅଳ୍ପ ଦୂରରେ ଆମ୍ଭେମାନେ ଜାହାଜର ଲଙ୍ଗର ପକାଇଲୁ । ପବନ ନଥିବାରୁ ସମୁଦ୍ର ଖୁବ୍ ଶାନ୍ତଥାଏ । ଜାହାଜରେ କେତେଗୁଡ଼ିଏ ନୌକା ଥିଲା । ଯାତ୍ରୀମାନେ ନୌକାରେ ବସି ଜାହାଜର ଆଖପାଖରେ ବୁଲୁଥିଲେ; କେହି କେହି ପହଁରୁଥିଲେ । ପ୍ରତିଦିନ ସନ୍ଧ୍ୟାବେଳକୁ ନୌକାଗୁଡ଼ିକ ଜାହାଜ ଦେହରେ ବନ୍ଧା ହୋଇ ରହେ ।

ଏହିପରି ଦୁଇଦିନ ଚାଲିଗଲା । ତୃତୀୟ ଦିନ ପୂର୍ବଭଳି କେତେ ଲୋକ ନୌକା ନେଇ ବୁଲିବାକୁ ଗଲେ । ସନ୍ଧ୍ୟାବେଳକୁ ସେମାନେ ଫେରିଆସି ନୌକାଗୁଡ଼ିକୁ ଜାହାଜ ସହିତ ଛନ୍ଦିଦେଲେ । ସକାଳେ ଦେଖାଗଲା, ଗୋଟିଏ ଛୋଟ ନୌକା ନାହିଁ । ଯାତ୍ରୀମାନଙ୍କ ଭିତରୁ ସେହି ତିନି ଜଣ ଭାରତୀୟଙ୍କର ଦେଖା ମିଳିଲା ନାହିଁ । ଖୁବ୍ ସମ୍ଭବ ଅନ୍ଧାର ରାତିରେ ସେମାନେ ନୌକାରେ ବସି କୂଳକୁ ଚାଲିଯାଇଥିଲେ । କୂଳ ଖୁବ୍ ନିକଟ ହୋଇଥିବାରୁ ସେମାନଙ୍କୁ ପହଞ୍ଚିବାପାଇଁ ବେଶି ବେଳ ଲାଗିନଥିବ । ଏହାପରେ ସେହି ତିନିଜଣ ଭାରତୀୟଙ୍କର କୌଣସି ଖବର ମିଳିନାହିଁ ।

(୨୯)

[୧୮୫୦ ମସିହାରେ ମି: ବ୍ରଫ୍‌ଙ୍କ ନିକଟକୁ ଲିଖିତ ମି: ମୂର୍ଥଓଏଟ୍‌ଙ୍କ ପତ୍ର ।]

ଦୁଇବର୍ଷ ତଳେ ୟର୍କଶାୟାରରେ ଗୋଟିଏ ଜନ୍ମୋତ୍ସବ ଭୋଜିରେ ମୂର୍ଥଓଏଟ୍ ବୋଲି ଜଣେ ଲୋକ ସହିତ ଦେଖାହୋଇଥିବା କଥା ମନେଥିବ । ତାଙ୍କ ସହିତ ଆପଣଙ୍କ ଚନ୍ଦ୍ରକାନ୍ତମଣି ବିଷୟରେ ଆଲୋଚନା ହୋଇଥିଲା । ମୁଁ ହେଉଛି ସେହି ମୂର୍ଥଓୟେଟ୍ ।

ସେହିଦିନଠାରୁ ମୁଁ ଭାରତର ଉତ୍ତର ଓ ପଶ୍ଚିମ ଅଞ୍ଚଳରେ ବୁଲୁଅଛି । ପ୍ରାୟ ପନ୍ଦରଦିନ ତଳେ ମୁଁ କାଥିଆବାଡ଼ ବୋଲି ଗୋଟିଏ ଜିଲ୍ଲାକୁ ଯାଇଥିଲି । ସେଠାରେ ମୁଁ ଯାହା ଦେଖିଲି ଓ ଶୁଣିଲି ହୁଏତ ଆପଣ ବିଶ୍ୱାସ କରିବେନାହିଁ; କିନ୍ତୁ ଏହି ଘଟଣା ସହିତ ଆପଣଙ୍କର ସମ୍ପର୍କ ଥିବାରୁ ଲେଖୁଛି ।

Digitized by srujanika@gmail.com

କାଥିଆବାଡ଼ ଜିଲ୍ଲାର ଗୋଟିଏ ଜଙ୍ଗଲମୟ ଅଞ୍ଚଳରେ ସୋମନାଥ ବୋଲି ଏକ ପ୍ରାଚୀନ ସହର ଅଛି । ସେଠାରେ ହିନ୍ଦୁମାନଙ୍କର ପ୍ରସିଦ୍ଧ ସୋମନାଥ ମନ୍ଦିର ଅଛି । ମୁଁ ଏଥି ପୂର୍ବରୁ ସୋମନାଥ ସହର ଦେଖିଥିଲି, ପୁଣି ଥରେ ଏହି ସହର ଦେଖିଯିବାକୁ ଇଚ୍ଛାହେଲା । ମୁଁ ଯେଉଁଠାରେ ଥିଲି ତାହା ସୋମନାଥଠାରୁ ତିନିଦିନର ବାଟ । ମୁଁ ପାଦରେ ଚାଲି ଚାଲି ସୋମନାଥ ଆଡ଼କୁ ଆସିଲି । ବାଟରେ ଅନେକ ଲୋକ ସେହି ଦିଗରେ ଆସୁଥିବାର ଦେଖିଲି । କେତେକ ଯାତ୍ରୀଙ୍କୁ ପଚାରି ବୁଝିଲି ଯେ ସୋମନାଥରେ ଗୋଟିଏ ପ୍ରକାଣ୍ଡ ଉତ୍ସବ ହେଉଛି, ତାହା ଦେଖିବା ପାଇଁ ସେମାନେ ଯାଉଛନ୍ତି ।

ସନ୍ଧ୍ୟାବେଳକୁ ଆମ୍ଭେମାନେ ସୋମନାଥ ସହରରେ ପହଞ୍ଚିଲୁ । ସେତେବେଳେ ଆକାଶରେ ନିର୍ମଳ ଚନ୍ଦ୍ର ପଡ଼ିଥାଏ । ମୁଁ ଦେଖିଲି, ସୋମନାଥ ମନ୍ଦିର ଆଗରେ ପ୍ରକାଣ୍ଡ ଚାନ୍ଦୁଆମାନ ଟଣାଯାଇଛି । ଗୋଟାଏ ବଡ଼ ବେଦୀ ତିଆରିହୋଇଛି । ଚାରିଆଡ଼େ ଲୋକାରଣ୍ୟ ।

ଆମ୍ଭେମାନେ ଏହି ବେଦୀ ଆଡ଼କୁ ଚାହିଁଲୁ । ଏହି ସମୟରେ ତିନିଜଣ ଲୋକ ବେଦୀ ଉପରକୁ ଆସିଲେ । ୟର୍କଶାୟାରରେ ଲେଡ଼ି ଭେରିନ୍ଦର୍‌ଙ୍କ ଘରେ ମୁଁ ଯେଉଁ ଭାରତୀୟ ବାଜିକର ସଙ୍ଗେ କଥାବାର୍ତ୍ତା ହୋଇଥିଲି, ସେ ଏମାନଙ୍କ ଭିତରେ ଥିଲା । ମୁଁ ତାକୁ ସହଜରେ ଚିହ୍ନିପାରିଲି । ଅନ୍ୟ ଦୁଇଜଣ ନିଶ୍ଚୟ ତାର ପୂର୍ବସଙ୍ଗୀ ହୋଇଥିବେ । ମୋ ପାଖର ଜଣେ ଯାତ୍ରୀ ଉତ୍ସବର କାରଣ ବୁଝାଇ ଦେଇ ମୋତେ କହିଲା – 'ଏ ତିନିଜଣ ବ୍ରାହ୍ମଣ ଦେବତାଙ୍କ କାର୍ଯ୍ୟରେ ବିଦେଶ ଯାଇଥିଲେ । କାର୍ଯ୍ୟ ଶେଷରେ ସେମାନଙ୍କୁ ଦିଅଁଙ୍କର ହୁକୁମ ହୋଇଅଛି – ତୁମ୍ଭେମାନେ ତିନିଦିଗକୁ ଯାଇ ଭାରତର ତୀର୍ଥମାନ ଭ୍ରମଣକର । ଏହା ପରେ ତୁମ୍ଭେମାନେ ଯେପରି ପରସ୍ପରର ଦେଖାନପାଅ । ବିଦେଶ ଯାଇଥିବାରୁ ସେମାନେ ଏହି ପ୍ରାୟଶ୍ଚିତ୍ତ କରିବେ । ଆଜିଠାରୁ ସେମାନେ କେବଳ ତୀର୍ଥ ଭ୍ରମଣ କରି ଜୀବନ କଟାଇବେ ।'

ମୁଁ ବେଦୀ ଆଡ଼କୁ ଚାହିଁଥାଏ । ସେମାନେ ବେଦୀଉପରେ ଭୂମିଷ୍ଠ ଦଣ୍ଡବତ କରି ଉଠିଲେ । ତିନିହେଁଯାକ ତିନି ଦିଗକୁ ବାହାରିଗଲେ । ଲୋକମାନେ ସେମାନଙ୍କୁ ବାଟ ଛାଡ଼ିଦେଲେ । ସେମାନେ ଯିବାପରେ ଦେଉଳର ଦ୍ୱାରରୁ ଚାନ୍ଦୁଆ ଉଠାଇନିଆଗଲା । ଦେଉଳ ଭିତରୁ ମଧୁର ବାଦ୍ୟ ବାଜିଉଠିଲା । ମୁଁ ସୋମନାଥ ଠାକୁରଙ୍କୁ ଦେଖିପାରିଲି – ତାଙ୍କ ମସ୍ତକରେ ଚନ୍ଦ୍ରକାନ୍ତମଣି ଶୋଭାପାଉଅଛି । ତାର ଜ୍ୟୋତିରେ ମନ୍ଦିର ଆଲୋକିତ ହେଉଅଛି । ମୁଁ ଦିନେ ଏହି ମଣିକୁ ଇଂଲଣ୍ଡର ଜଣେ ମହିଳାଙ୍କ ପୋଷାକ ଉପରେ ଦେଖିଥିଲି ।

ଆଠଶହ ବର୍ଷ ପରେ ଚନ୍ଦ୍ରକାନ୍ତମଣି ତାର ସ୍ୱସ୍ଥାନକୁ ଫେରିଆସିଛି, କିନ୍ତୁ କିପରି ଆସିଛି, କିଏ ଆଣିଛି, ସେ କଥା ମୁଁ ଜାଣେନାହିଁ । ତେବେ ଏତିକି ନିଶ୍ଚିତରୂପେ କହିପାରେ – ଚନ୍ଦ୍ରକାନ୍ତମଣି ଚିରଦିନ ପାଇଁ ଇଂଲଣ୍ଡରୁ ଅନ୍ତର୍ହିତ ହୋଇଛି ।

□□□

Digitized by srujanika@gmail.com

ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

ଶିହରଣ ଓ ରୋମାଞ୍ଚ ଦେଇପାରୁଥିବା କାହାଣୀ ବହି କିଶୋରପାଠକମାନଙ୍କୁ ବିମୋହିତ କରେ । ଓଡ଼ିଆ ପିଲାଙ୍କୁ ସେଭଳି ବହି ଯୋଗାଇଦେଇଛି ବିଶ୍ୱସାହିତ୍ୟ ଗ୍ରନ୍ଥମାଳାର ଶତାଧିକ ବହି । ସେମାନେ ଏଇ ବହିଗୁଡ଼ିକ ପଢ଼ି ଆନନ୍ଦ ପାଇଛନ୍ତି, ବିଶ୍ୱସାହିତ୍ୟ ସହ ପରିଚିତ ହୋଇଛନ୍ତି ଓ ବହି ପଢ଼ିବା ଅଭ୍ୟାସ ଲାଭକରିଛନ୍ତି ।

ସବୁ ପୁସ୍ତକମେଳା ଓ ଲାଇବ୍ରେରୀରେ ଛାତ୍ର-ଛାତ୍ରୀମାନେ ଖୋଜିଛନ୍ତି ବିଶ୍ୱସାହିତ୍ୟ ଗ୍ରନ୍ଥମାଳାର ରୋମାଞ୍ଚକର ବହି । ବହୁ ବିଶ୍ୱବିଖ୍ୟାତ ବହିର ସଂକ୍ଷିପ୍ତ ସାର ଏହା ଯୋଗାଇଦିଏ । ବହୁ ଶିକ୍ଷାବିତ୍ ଏ ବହିଗୁଡ଼ିକର ଉଚ୍ଚ ପ୍ରଶଂସା କରିଛନ୍ତି । ସେମାନଙ୍କ ଭିତରୁ ଦୁଇଜଣଙ୍କ ଅଭିମତ ହେଲା –

"Biswa Sahitya Series – deserves commendation by all lovers of Oriya. By providing reading material to the adolescent child, the Publishers have earned the gratitude of all parents." (Dr. Deviprasanna Pattanaik)

"ଏହି ବହିଗୁଡ଼ିକ କିଶୋରବୟସ୍କ ଛାତ୍ର-ଛାତ୍ରୀଙ୍କ ପକ୍ଷେ ଅତୀବ ଆକର୍ଷଣୀୟ ହୋଇପାରିଛି । ଏହା ସେମାନଙ୍କ କଳ୍ପନାକୁ ଉଦ୍ଦୀପ୍ତ କରିବା ସଂଗେ ସଂଗେ ସାହିତ୍ୟ ପ୍ରତି ଅନୁରାଗ ବଢ଼ାଇଚି ।" (ଡ଼. ଜାନକୀ ବଲ୍ଲଭ ମହାନ୍ତି)

ସବୁ ପାଠକ ଓ ଅଭିଭାବକଙ୍କର ଏହାହିଁ ଅଭିମତ । ଜଣାଇଲେ ବହିଗୁଡ଼ିକର ପୂରା ତାଲିକା ପଠାଇଦେବୁ ।

ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨

Digitized by srujanika@gmail.com